# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଜାନୁୟାରୀ ୩୧/୨୦୧୯ (୧୬ ପୃଷ୍ଠା) Sambalpur, Thursday, January 31/ 2019 ★★

୧୫ଶ ଭାଗ ୪୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ଟପ୍ସରେ ପାରା-ଆଥ୍‌ଲେଟ୍ ଜୟନ୍ତୀ ବେହେରା**

ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ (ଟପ୍ସ)ରେ ସାମିଲ ହୋଇଛନ୍ତି ଓଡ଼ିଆ ପାରା-ଆଥ୍‌ଲେଟ୍ ଜୟନ୍ତୀ ବେହେରା। ୧୫

୦୨ **ଧାରାବାହିକ ପ୍ରଯୋଜନା କରିବେ ସୌନ୍ଦର୍ଯ୍ୟା ରଜନୀକାନ୍ତ**

ସୁପରଷ୍ଟାର ରଜନୀକାନ୍ତଙ୍କ ଝିଅ ସୌନ୍ଦର୍ଯ୍ୟା ଐତିହାସିକ ତାମିଲ ଉପନ୍ୟାସ 'ପନିୟିନ୍ ସେଲଭାନ'ର ଧାରାବାହିକ ନିର୍ମାଣ କରିବେ।



■ ଜଷ୍ଟିସ ଶ୍ରୀକ୍ରିଷ୍ଣା କମିଟି ରିପୋର୍ଟ ପ୍ରଦାନ

## ବ୍ୟାଙ୍କର ଆଚାର ସଂହିତା ଭାଙ୍ଗିଛନ୍ତି ଚନ୍ଦା କୋଚ୍ଛର



ଚନ୍ଦା କୋଚ୍ଛର

ମୁମ୍ବାଇ,୩୦।୧

ଭିଡିଓକନ ଋଣ ମାମଲାରେ ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ତଥା ଏମ୍‌ଡି ଚନ୍ଦା କୋଚ୍ଛରଙ୍କ ବିରୋଧରେ ତଦନ୍ତ କରୁଥିବା ଜଷ୍ଟିସ ବି.ଏନ୍.ଶ୍ରୀକ୍ରିଷ୍ଣା କମିଟି ତାଙ୍କର ରିପୋର୍ଟ ବୁଧବାର ବ୍ୟାଙ୍କ ବୋର୍ଡକୁ ପ୍ରଦାନ କରିଛନ୍ତି। ଏଥିରେ ଚନ୍ଦା ବ୍ୟକ୍ତିଗତ ସ୍ୱାର୍ଥସାଧନ ଲାଗି ବ୍ୟାଙ୍କର ଆଚାର ସଂହିତା ଉଲ୍ଲଂଘନ କରିଛନ୍ତି ବୋଲି ଦର୍ଶାଯାଇଛି। ଏହାକୁ ଆଧାରକରି ଆଇସିଆଇସିଆଇ ବ୍ୟାଙ୍କ ଚନ୍ଦାଙ୍କ ଇସ୍ତଫାକୁ ବହିଷ୍କାର ଭାବେ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି। ବ୍ୟାଙ୍କର ଆଭ୍ୟନ୍ତରୀଣ ନୀତି ଅନୁଯାୟୀ, ୨୦୦୯ ଏପ୍ରିଲରୁ ମାର୍ଚ୍ଚ ୨୦୧୮ ପର୍ଯ୍ୟନ୍ତ ତାଙ୍କୁ ପ୍ରଦାନ କରାଯାଇଥିବା ସମସ୍ତ ଭତ୍ତା, ବୋନସ, ଆର୍ଥିକ ଫାଇଦା ଆଦିକୁ ଫେରସ୍ତ ନିଆଯିବ। ଏହାଛଡ଼ା ତାଙ୍କୁ ଭବିଷ୍ୟତରେ ମିଳିବାକୁ ଥିବା ସମସ୍ତ ଫାଇଦାକୁ ମଧ୍ୟ ରୋକାଯିବ। ରିପୋର୍ଟରେ କୁହାଯାଇଛି ଯେ, ଦେଶର ଆଇନ, ବ୍ୟାଙ୍କର ସମସ୍ତ ପ୍ରକାର ନିୟମକୁ ଉଲ୍ଲଂଘନ କରି ଚନ୍ଦା ବ୍ୟକ୍ତିଗତ ସ୍ୱାର୍ଥସାଧନ ଲାଗି କାର୍ଯ୍ୟ କରିଥିଲେ। ବାର୍ଷିକ ଫଳାଫଳ ଘୋଷଣା ବେଳେ ସେ ଉଚିତ୍ ମାର୍ଗ ଆପଣାଇ ନ ଥିଲେ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଜଷ୍ଟିସ ଶ୍ରୀକ୍ରିଷ୍ଣାଙ୍କୁ ତଦନ୍ତରେ ଏକ ଆଇନ ☞ପୃଷ୍ଠା-୪

# ଖୋଳିଥିବା ଗାତରେ ନିରଞ୍ଜନ

**କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଗତ ୨୫ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିଲେ। ତାଙ୍କ ଗସ୍ତର ଠିକ୍ ୨୪ ଘଣ୍ଟା ପୂର୍ବରୁ ଘଟିଥିବା ଏକ ଖବର ରାଜ୍ୟ ରାଜନୀତିରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଏକ ଠକେଇ ମାମଲାରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ତାଙ୍କ ପୁଅ ନବଜ୍ୟୋତି ପଟ୍ଟନାୟକଙ୍କୁ ଦିଲ୍ଲୀ ପୋଲିସର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ପକ୍ଷରୁ ସମନ୍ କରାଯାଇଥିଲା। ପୂର୍ବରୁ ଅନୈତିକ ଖଣିକାରବାର ପାଇଁ ଓଡ଼ିଶା ହାଇକୋର୍ଟ ନିରଞ୍ଜନଙ୍କୁ ଏକ ହାବିଚୁଆଲ ବ୍ରାଇବ ଗିଭର(ଅଭ୍ୟାସଗତ ଲାଞ୍ଚଦାତା) ଭାବେ ଆଖ୍ୟା ଦେଇଥିବା ହେତୁ, ତତ୍କାଳୀନ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସରକାରରୁ ତାଙ୍କୁ ଇସ୍ତଫା ଦେବାକୁ ପଡିଥିଲା। ଅନ୍ୟ ଏକ ପ୍ରଚ୍ଛଦପଟରେ ଦିଲ୍ଲୀ ପୋଲିସର ଇଓଡବ୍ଲ୍ୟୁ ଯେଉଁ ମାମଲା ପାଇଁ ଉଭୟ ବାପ-ପୁଅଙ୍କୁ ସମନ୍ କରିଛି, ସେ ନେଇ କିଛି ତଥ୍ୟ ଆମ୍ଭର ହସ୍ତଗତ ହୋଇଛି, ଯାହାକୁ ନେଇ ନିମ୍ନୋକ୍ତ ରିପୋର୍ଟଟି ପରିବେଷଣ କରାଯାଇଛି।**

ନୃସିଂହ ମହାନ୍ତି

ଭୁବନେଶ୍ୱର,୩୦।୧

ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ତାଙ୍କ ପୁତ୍ର ନିଜ ଦ୍ୱାରା ୨୦୦୬ ମସିହାରେ ବିଛାଇଥିବା ଜାଲରେ ଫସିବାକୁ ଯାଉଛନ୍ତି। ନିରଞ୍ଜନ ଭାବାସୀ ଟେଲିଜେନ୍ସ ପ୍ରାଇଭେଟ୍ ଲିଃର ଅଧ୍ୟକ୍ଷ ହୋଇଥିବା ବେଳେ ତାଙ୍କ ପୁତ୍ର ସେହି କମ୍ପାନୀର ଅନ୍ୟତମ ନିର୍ଦ୍ଦେଶକ।

ଏହି କମ୍ପାନୀକୁ ଦିଲ୍ଲୀର ଦମ୍ପତି ଫରିଦ୍ ଅରିଫୁଦ୍ଦିନ ଏବଂ ଗାର୍ଗୀ ଫରିଦଙ୍କ ଦ୍ୱାରା ପ୍ରଥମେ ଆରମ୍ଭ କରାଯାଇଥିଲା। ଅଭିଯୋଗ ଅନୁଯାୟୀ କମ୍ପାନୀ ସହ ସଂଶ୍ଳିଷ୍ଟ ସମସ୍ତ ବ୍ୟକ୍ତିବିଶେଷ ମିଥ୍ୟା ଦଲିଲ ପ୍ରସ୍ତୁତ କରିଥିଲେ। ଏମିତି କି ମିଥ୍ୟା ଦଲିଲ ପ୍ରସ୍ତୁତ କରାଯାଇ ବ୍ୟାଙ୍କ୍ ଅଫ୍ ଚାଇନାରୁ ଭାବାସୀ କମ୍ପାନୀ ପାଇଁ ୧୭,୦୦୦ କୋଟି ଟଙ୍କାର ଅର୍ଥ ଅନୁମୋଦନ କରାଯାଇଥିବା ଦର୍ଶାଯାଇଛି।

ଏହି ମିଥ୍ୟା ଦଲିଲକୁ ଆୟୁଧ କରି ଓଡ଼ିଶାର ଅନ୍ୟତମ ଖଣି ବ୍ୟବସାୟୀ କମଲଜିତ୍ ସିଂ ଆଲୁୱାଲିଆଙ୍କୁ ଭାବାସୀ କମ୍ପାନୀରେ ୩୨ କୋଟି ଟଙ୍କା ନିବେଶ କରିବାକୁ ନିରଞ୍ଜନ ପ୍ରବର୍ତ୍ତାଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ସହ ଧୋକା ହୋଇଥିବା ଅନୁଭବ କରି ଆଲୁୱାଲିଆ ଦିଲ୍ଲୀ ପୋଲିସର ସହାୟତା ନେଇଥିଲେ। ବର୍ତ୍ତମାନ ଏହି ମାମଲାର ଯାଞ୍ଚ ଦିଲ୍ଲୀ ପୋଲିସର ଇଓଡବ୍ଲ୍ୟୁ କରୁଛି, ତେଣୁ ପଟ୍ଟନାୟକ ବାପ-ପୁଅ ବିବାଦକୁ ଟାଣି ହୋଇଯାଇଛନ୍ତି। ବର୍ତ୍ତମାନ ସମୟରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଅନ୍ୟ ଦଳଗୁଡ଼ିକୁ ଦୁର୍ନୀତି ପ୍ରସଙ୍ଗରେ କଡ଼ା ସମାଲୋଚନା କରୁଛନ୍ତି। ଅପରପକ୍ଷରେ ପ୍ରଦେଶ କଂଗ୍ରେସର ସଭାପତି ନିରଞ୍ଜନ ଏବଂ ତାଙ୍କ ପୁଅ ନବଜ୍ୟୋତି ସାଂଘାତିକ ଠକେଇରେ ଫସି ଯାଇଛନ୍ତି। କୋର୍ଟରୁ ନିର୍ଦ୍ଦେଶ ପାଇ ଦିଲ୍ଲୀ ପୋଲିସ ଇଓଡବ୍ଲ୍ୟୁ ଏହି ଆର୍ଥିକ ଜାଲିଆତିର ତଦନ୍ତ କରୁଛି, ଯାହାର ପ୍ରଚ୍ଛଦପଟରେ ନିକଟ ଅତୀତରେ ନିରଞ୍ଜନ ଏବଂ ନବଜ୍ୟୋତିଙ୍କୁ ଇଓଡବ୍ଲ୍ୟୁ ପକ୍ଷରୁ ସମନ କରାଯାଇଥିଲା।



ନିରଞ୍ଜନ ପଟ୍ଟନାୟକ



ନବଜ୍ୟୋତି ପଟ୍ଟନାୟକ

ଧରିତ୍ରୀର ହସ୍ତଗତ ହୋଇଥିବା କେତେକ ଦଲିଲ୍ ଅନୁଯାୟୀ, ଆଲୁୱାଲିଆ କରିଥିବା ମାମଲାର ମୁଖ୍ୟ ଅଭିଯୁକ୍ତ ଫରିଦ୍ ଅରିଫୁଦ୍ଦିନ୍‌ଙ୍କ କହିବା ହେଲା ଯେ, ୨୦୦୬ରେ ନିରଞ୍ଜନ ପଟ୍ଟନାୟକ ତାଙ୍କୁ ଖଣି ବ୍ୟବସାୟୀ କେଜେଏସ୍ ଆଲୁୱାଲିଆଙ୍କ ସହ ପରିଚୟ କରାଇଥିଲେ। ଏଥିସହିତ ତାଙ୍କୁ ନିବେଶ କରିବା ପାଇଁ ପ୍ରବର୍ତ୍ତାଇଥିଲେ। ସେଥିପାଇଁ ବର୍ତ୍ତମାନ କମ୍ପାନୀ ଏବଂ ଏହାର ମାଲିକମାନେ ଅଦାଲତର ତଦନ୍ତ ପରିସରଭୁକ୍ତ ହୋଇଛନ୍ତି। ଅପରପକ୍ଷରେ ନବଜ୍ୟୋତି ପଟ୍ଟନାୟକ ଜାଲିଆତି କରି କମ୍ପାନୀରୁ ୬ କୋଟି ଟଙ୍କା ନେଇଯାଇଥିଲେ ବୋଲି ଫରିଦ୍ ପାଲଟା ଅଭିଯୋଗ କରିଛନ୍ତି। ଯେଉଁ କାରଣରୁ କନିଷ୍ଠ ପଟ୍ଟନାୟକଙ୍କୁ ଦିଲ୍ଲୀ ପୋଲିସ ପଚରାଉଚରା ଆରମ୍ଭ କରିଛି। ବର୍ତ୍ତମାନ ପଟ୍ଟନାୟକ ପିତାପୁତ୍ର ୨୦୦୯ରୁ କମ୍ପାନୀକୁ ପରିତ୍ୟାଗ କରିସାରିଥିବା ମତ ଦେଉଛନ୍ତି। ହେଲେ କମ୍ପାନୀ ଦ୍ୱାରା ହୋଇଥିବା ଆର୍ଥିକ ଜାଲିଆତି ସେହି ସମୟରେ ହୋଇଥିଲା, ଯେବେ ନିରଞ୍ଜନ ଭାବାସୀର ଅଧ୍ୟକ୍ଷ ଏବଂ ନବଜ୍ୟୋତି ଏହାର ଅନ୍ୟତମ ପ୍ରମୁଖ ନିର୍ଦ୍ଦେଶକ ରହିଥିଲେ। ☞ପୃଷ୍ଠା-୪

| ମସିହା | ଘଟଣାବଳୀ |
|---|---|
| ୨୩.୯.୨୦୦୬ | କମ୍ପାନୀ ପାଇଁ ସଂସ୍ଥା ଏବଂ ନିବେଶକଙ୍କ ମଧ୍ୟରେ ଚୁକ୍ତି |
| ୧୭.୩.୨୦୦୮ | ସିକ୍ୟୁରିଟି ବାବଦକୁ ଅସ୍ପନ ଚୁକ୍ତି ସ୍ୱାକ୍ଷରିତ, ନିବେଶକଙ୍କୁ ୧୩୦ କୋଟି ଟଙ୍କାର ଚେକ୍ ପ୍ରଦାନ |
| ୨୦୦୬ରୁ ୨୦୦୯ | ନବଜ୍ୟୋତି ପଟ୍ଟନାୟକଙ୍କ ଦ୍ୱାରା ବେଆଇନ ଭାବେ କମ୍ପାନୀରୁ ଏହି ସମୟରେ ୬ କୋଟି ଟଙ୍କା ଉଠାଣ |
| ୨୩.୩.୨୦୦୯ | କମ୍ପାନୀର ନିର୍ଦ୍ଦେଶକ ପଦରୁ ନବଜ୍ୟୋତିଙ୍କ ଇସ୍ତଫା |
| ୨୧.୭.୨୦୧୨ | ନିବେଶକଙ୍କ ଦ୍ୱାରା ସଂସ୍ଥାର ପ୍ରତିଷ୍ଠାତା ତଥା ଅଭିଯୋଗକୁ ଲିଗାଲ ନୋଟିସ |
| ୨୭.୭.୨୦୧୨ | ଅଭିଯୁକ୍ତଙ୍କ ଦ୍ୱାରା ପଟ୍ଟନାୟକ ପିତାପୁତ୍ର ଏବଂ ସାମ୍ ପିତ୍ରୋଡାଙ୍କ ନାଁ ପ୍ରକାଶ |
| ୧୪.୧୧.୨୦୧୪ | ଦିଲ୍ଲୀ ପୋଲିସରେ ନିବେଶକଙ୍କ ଦ୍ୱାରା ମାମଲା ଦାୟର |
| ୨୨.୧୨.୨୦୧୪ | ମାମଲାର ସ୍ୱତନ୍ତ୍ର ଅନୁସନ୍ଧାନ ପାଇଁ ଇଓଡବ୍ଲ୍ୟୁକୁ ଦିଲ୍ଲୀ ପୋଲିସର ନିର୍ଦ୍ଦେଶ |
| ୨୭.୨.୨୦୧୫ | ଆକ୍ସନ ଟେକେନ୍ ରିପୋର୍ଟରେ ଇଓଡବ୍ଲ୍ୟୁ ଦ୍ୱାରା ନିରଞ୍ଜନ ଏବଂ ତାଙ୍କ ପୁତ୍ରଙ୍କ ନାଁ ପ୍ରକାଶ |
| ୪.୧.୨୦୧୭ | ସାକେତ କୋର୍ଟ ଦ୍ୱାରା ଇଓଡବ୍ଲ୍ୟୁକୁ ଏଫ୍ଆଇଆର ଦାୟର ପାଇଁ ନିର୍ଦ୍ଦେଶ |
| ୨୫.୧.୨୦୧୭ | ଇଓଡବ୍ଲ୍ୟୁ ଦ୍ୱାରା ଏଫ୍ଆଇଆର ରେଜିଷ୍ଟର |
| ୪.୧୨.୨୦୧୮ | ୬୦ ଦିନ ମଧ୍ୟରେ ତଦନ୍ତ ସାରିବାକୁ ଇଓଡବ୍ଲ୍ୟୁ ସାକେତ କୋର୍ଟର ନିର୍ଦ୍ଦେଶ |

■ ମିଶନ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ବାରିପଦାରେ ହେବ ରିଂରୋଡ୍

ବାରିପଦା ଅଫିସ,୩୦।୧

ବାରିପଦା ସହରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ୪ଟି ବଡ଼ ଘୋଷଣା କରିଛନ୍ତି। ସେଥିମଧ୍ୟରେ ରହିଛି ରିଂରୋଡ୍। ବନ୍ୟାରୁ ରକ୍ଷାକରିବା ପାଇଁ ବାରିପଦା ସହରର ଚତୁଃପାର୍ଶ୍ୱରେ ନିର୍ମାଣ ହେବ ଉକ୍ତ ରିଂରୋଡ୍। ସେହିପରି ବିଶ୍ୱ ଦରବାରରେ ମୟୂରଭଞ୍ଜ ଜିଲାକୁ ପରିଚୟ ଦେଇଛି ଛଉନୃତ୍ୟ। ଏହାର ବିକାଶ ପାଇଁ ବାରିପଦାଠାରେ ପ୍ରତିଷ୍ଠା ହେବ ଛଉନୃତ୍ୟ ଗବେଷଣା ପ୍ରତିଷ୍ଠାନ। ଅନ୍ୟ ଦୁଇ ଘୋଷଣା ହେଲା ବାରିପଦାସ୍ଥିତ ଅର୍ବାନ୍ କୋଅପରେଟିଭ ବ୍ୟାଙ୍କର ପୁନରୁଦ୍ଧାର ଏବଂ ମୟୂରଭଞ୍ଜ ଆୟୁର୍ବେଦିକ କଲେଜକୁ ସରକାରୀ କଲେଜ ଭାବେ ପରିଣତ କରିବା। ଅର୍ବାନ୍ କୋଅପରେଟିଭ ବ୍ୟାଙ୍କ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବା ସହ ଏହାର ବ୍ୟାଙ୍କିଙ୍ଗ୍ ଲାଇସେନ୍ସ ଲାଗି କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯିବ। ବାରିପଦା ଛଉ ପଡିଆରେ ଆୟୋଜିତ ମିଶନ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ ଏଭଳି ଘୋଷଣା କରିବା ସହ ୧୫୦ କୋଟି ଟଙ୍କାର ୧୧ଟି ଜନହିତକର ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଏଥିସହ ମୟୂରଭଞ୍ଜ ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମହାସଂଘଗୁଡ଼ିକୁ ମୋଟ ୪୯ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ।



ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ରାଶି ପ୍ରଦାନ କରୁଛନ୍ତି।

ବୁଧବାର ମଧ୍ୟାହ୍ନ ୧୨ଟା ୧୦ରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ବାରିପଦା ରିଜର୍ଭ ପୋଲିସ ପଡିଆରେ ପହଞ୍ଚି ସମାବେଶସ୍ଥଳକୁ ଆସିଥିଲେ। ଉଦ୍‌ଘାଟିତ ୧୧ ପ୍ରକଳ୍ପ ମଧ୍ୟରେ ଉଦଳା ବ୍ଲକର ରାଜ୍ୟ ☞ପୃଷ୍ଠା-୪

■ ପ୍ରତିଷ୍ଠା ହେବ ଛଉ ଗବେଷଣା ପ୍ରତିଷ୍ଠାନ

■ ଅର୍ବାନ୍ କୋଅପରେଟିଭ ବ୍ୟାଙ୍କର ପୁନରୁଦ୍ଧାର ହେବ

■ ୧୫୦ କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ

■ ଏସ୍‌ସିବିରେ ସି-ଆର୍ମ ମେଶିନ ଅଚଳ

# ଚିକିତ୍ସା ପାଇଁ ଘରଡିହ ବନ୍ଧା ପକାଇଲେ ନୃସିଂହ

କଟକ ଅଫିସ, ୩୦।୧

ଏସ୍‌ସିବି ମେଡିକାଲର ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗରେ ଥିବା ଗୁରୁତ୍ୱପୂର୍ଣ୍ଣ ସି-ଆର୍ମ ମେଶିନ ଅଚଳ ହୋଇପଡ଼ିଛି। ୧୫ ଦିନରୁ ଊର୍ଦ୍ଧ୍ୱ ହେବ ଅଚଳ ହୋଇପଡିଥିବା ଏହି ମେଶିନ କେବେ ସଜଡ଼ା ଯାଇ ଓ ଚିକିତ୍ସା ସେବାରେ ଲଗାଯିବ ସେ ସମ୍ପର୍କରେ ଡାକ୍ତର କିମ୍ବା ମେଡିକାଲ ପ୍ରଶାସନ ଠିକ୍ ତଥ୍ୟ ଦେଇପାରୁ ନାହାନ୍ତି। ଫଳରେ ଗୁରୁତର ରୋଗୀମାନଙ୍କୁ ଏଠାରୁ ଡିସ୍‌ଚାର୍ଜ କରାଯାଉଛି। ଏହି ରୋଗୀଙ୍କ ମଧ୍ୟରୁ କେତେଜଣ ଏବେ ଜୀବନ ବଞ୍ଚାଇବା ପାଇଁ ସି-ଆର୍ମ ମେଶିନ ଥିବା ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ମାତ୍ର ସେଠାରେ ବ୍ୟୟବହୁଳ ଚିକିତ୍ସା ପାଇଁ କିଏ ଘରଡିହ ବନ୍ଧା ପକାଇଛି ତ ଆଉ କିଏ ନିଜ ଚାଷଜମି ବିକ୍ରି କରୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେଉଁ ଘରୋଇ ମେଡିକାଲ ଏହି ଚିକିତ୍ସା କରୁଛି ସେଠାକୁ ଏସ୍‌ସିବିର ଡାକ୍ତରମାନେ ହିଁ ଯାଉଛନ୍ତି। ତେଣୁ ନିର୍ଦ୍ଦିଷ୍ଟ କେତେକ ଘରୋଇ ହସ୍ପିଟାଲର ଲାଭ ପାଇଁ ଜାଣିଶୁଣି ଏସ୍‌ସିବି ମେଡିକାଲର ଉକ୍ତ ମେଶିନକୁ ଅଚଳ କରାଯାଇଥିବା ବା ଏଥିପାଇଁ ଷଡ଼ଯନ୍ତ୍ର ରଚାଯାଇଥିବା କେତେଜଣ ସାମାଜିକ କର୍ମୀ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ଜଗତପୁର ଅଞ୍ଚଳର ସୁଦାମ ପଣ୍ଡା ଜଣ୍ଡିସରେ ଆକ୍ରାନ୍ତ ହୋଇ ଏସ୍‌ସିବିକୁ ☞ପୃଷ୍ଠା-୪

■ ଜମି ବିକିବାକୁ ଗ୍ରାହକ ଖୋଜୁଛନ୍ତି ସୁଦାମ

■ ସରକାରଙ୍କ ମାଗଣା ଚିକିତ୍ସାକୁ ନେଇ ଉଠିଲା ପ୍ରଶ୍ନ

■ ଘରୋଇ ହସ୍ପିଟାଲ, ଏସ୍‌ସିବି ଡାକ୍ତର ମାଲାମାଲ

**ଆଜିର ସମ୍ପାଦକୀୟ**

ପିମ୍ପୁଡ଼ିଙ୍କ ବିଶ୍ୱ

**ଆଜିର ମନ୍ତବ୍ୟ**

ଝୁଲା ପାର୍ଲାମେଣ୍ଟ ଏକ ବ୍ୟାଧି, ଯାହା ୩ ଦଶନ୍ଧି ଧରି ଦେଶର ବିକାଶକୁ ରୋକି ଦେଇଥିଲା।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ(ଆଇପିପିବି) ଶୁଭାରମ୍ଭ ପରଠାରୁ ଗତ ପାଞ୍ଚ ମାସ ମଧ୍ୟରେ ୧.୨୬ ଲକ୍ଷ ଟଚ୍ ପଏଣ୍ଟରେ ସେବା ପ୍ରଦାନ କରୁଛି।

- ଡାକ ବିଭାଗ


SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com

NECC NATIONAL EGG CO-ORDINATION COMMITTEE 30.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 84 | 137 | 147 |
| CTC | 86 | 140 | 150 |
| DKL | 86 | 140 | 150 |
| BDK | 88 | 142 | 152 |
| BLS | 89 | 144 | 154 |
| ANG | 86 | 140 | 150 |

*Conditions Apply
Eggs Retail Price- 51/-Dozen
Issued in the Interest of Consumers


■ ଆଜିଠାରୁ ପାର୍ଲାମେଣ୍ଟ ଅଧିବେଶନ

# ଶୁକ୍ରବାର ବଜେଟ ଉପସ୍ଥାପନ

ନୂଆଦିଲ୍ଲୀ,୩୦।୧(ପି.ଟି.)

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଗୁରୁବାର ଆରମ୍ଭ ହେଉଛି। ଲୋକ ସଭା ନିର୍ବାଚନ ପୂର୍ବରୁ ଏହା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କର ଶେଷ ବଜେଟ ହୋଇଥିବାରୁ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ଅନେକ ଲୋକାଭିମୁଖୀ ଘୋଷଣା ହୋଇପାରେ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ରାଫାଲ ଯୁଦ୍ଧବିମାନ ଚୁକ୍ତିନାମା ଏବଂ କୃଷକମାନଙ୍କ ପ୍ରତି ଅବହେଳା ଆଦି ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ସରକାରଙ୍କୁ ଘେରିବା ଲାଗି ରଣନୀତି ପ୍ରସ୍ତୁତ କରିଛି। ବର୍ତ୍ତମାନ ସରକାରଙ୍କର ଏହି ଶେଷ ଅଧିବେଶନ ଫେବୃୟାରୀ ୧୩ ପର୍ଯ୍ୟନ୍ତ ଚାଲିବ। ଗୁରୁବାର ପୂର୍ବାହ୍ନ ୧୧ଟାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ଉଭୟ ଗୃହର ମିଳିତ ଅଧିବେଶନରେ ଅଭିଭାଷଣ ରଖିବେ। ଶୁକ୍ରବାର ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଲୋକ ସଭାରେ ଅନ୍ତରୀଣ ବଜେଟ ଉପସ୍ଥାପନ କରିବେ। ଏପ୍ରିଲ-ମେ'ରେ ଲୋକ ସଭା ☞ପୃଷ୍ଠା-୪

■ ରାଫାଲ୍, କୃଷି ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ସଜବାଜ



# ଡାହାଣୀ ସନ୍ଦେହ ଉଜାଡ଼ିଦେଲା ସଂସାର

■ ୧୪ ବର୍ଷ ପରେ ବି ସ୍ୱାଭାବିକ ହୋଇନି ସାମାଜିକ ଜୀବନ

ବସନ୍ତ ଧଳ

ରାଉରକେଲା ଅଫିସ,୩୦।୧

ଭୁଲ ଥିଲା ଏତିକି ଯେ ଘରେ ଠାକୁରଙ୍କ ଫଟୋ ରଖି ସେ ଭକ୍ତିର ସହ ପୂଜାପାଠ କରୁଥିଲେ। ସଞ୍ଜ ସକାଳେ ଧୂପଦୀପ ଦେଇ ପରିବାର ଓ ଆତ୍ମୀୟଙ୍କ ମଙ୍ଗଳ କାମନା କରୁଥିଲେ। ହେଲେ ଏହି ପୂଜାପାଠ ଦିନେ ତାଙ୍କ ପାଇଁ କାଳ ହେବ, ସେ ସ୍ୱପ୍ନରେ ବି ଭାବି ନ ଥିଲେ। ଡାହାଣୀ ରୂପ ଦେଇ ଗାଁ ଲୋକେ ତାଙ୍କୁ ରାତିସାରା ଖୋଲା ଆକାଶ ତଳେ ବାନ୍ଧି ରଖିଲେ। ଅମାନୁଷିକ ଭାବେ ମାଡ଼ ମାରିଲେ। ସର୍ବ ସମ୍ମୁଖରେ ଉଲଗ୍ନ କଲେ। ବିଷ୍ଠା ଖୁଆଇଲେ। ତଥାପି ମନ ବୁଝିଲାନି, ଶାନ୍ତ ପଡ଼ିଲେନି ସେମାନେ। ନଈ ପାର୍ କରି ଗାଁରୁ ତଡ଼ି ଦେଲେ...।



ଡାହାଣୀ ସନ୍ଦେହରେ ନିର୍ଯାତିତା ହୋଇ ନିଃସଙ୍ଗ ଜୀବନ ବିତାଉଥିବା ନୁନିଙ୍କ ସହ ଆଲୋଚନା କରୁଛନ୍ତି ସାମାଜିକ କର୍ମୀ ଶାନ୍ତନୁ କୁସୁମ ଓ ଛାତ୍ରୀ ଇତିଶ୍ରୀ ସିଂ ରାଠୋର।

ଏହା କେଉଁ ବହିର ଗପ କି ସିନେମାର କାହାଣୀ ନୁହେଁ। ସୁନ୍ଦରଗଡ଼ ଜିଲା ଲାଠିକଟା ବ୍ଲକ ଟାଇଁସର ପଞ୍ଚାୟତ ପାତ୍ରାଟୋଲା ଗାଁର ଡାହାରୁ ଏକାଙ୍କ ସ୍ତ୍ରୀ ନୁନି (୫୦)ଙ୍କ ଅଙ୍ଗେନିଭା କଥା। ୧୪ ବର୍ଷ ତଳେ ନୁନିଙ୍କ ଜୀବନରେ ଘଟିଥିବା ଏହି ଘଟଣା ବର୍ଣ୍ଣନା କଲାବେଳେ ତାଙ୍କ ଆଖି ଛଳ ଛଳ ହୋଇ ଉଠିଥିଲା। ନୁନିଙ୍କୁ ସେତେବେଳେ ୩୬ ବର୍ଷ ବୟସ। ତାଙ୍କ ଜୀବନରେ ଆସିଥିଲା ଏମିତି ଏକ ଝଡ଼, ଯାହା ତାଙ୍କୁ ନିଃସଙ୍ଗ କରି ଛାଡ଼ି ଯାଇଛି। ନା ଅଛି ସ୍ୱାମୀଙ୍କ ଭଲପାଇବା ନା ପରିବାର କିମ୍ବା ଆତ୍ମୀୟ ସ୍ୱଜନ। ସମସ୍ତେ ପାଲଟି ଯାଇଛନ୍ତି ☞ପୃଷ୍ଠା-୪



"ଯେଉଁ ଅସହିଷ୍ଣୁତା ଯୋଗୁ ଗାନ୍ଧିଜୀଙ୍କୁ ହତ୍ୟା କରାଯାଇଥିଲା, ତାହା ଆଜି ଅଧିକ ଉଗ୍ର ହୋଇ ପ୍ରକାଶ ପାଉଛି।"
- ଏସ୍. ସୁଧାକର ରେଡ୍ଡୀ, ସିପିଆଇ ସାଧାରଣ ସମ୍ପାଦକ

## ସଂକ୍ଷେପରେ

### ଲୋକପାଳ ଦାବିରେ ଆନ୍ନାଙ୍କ ଅନଶନ



**ରାଲେଗାଓଁ ସିଦ୍ଧି,୩୦।୧(ପି.ଟି.):** କେନ୍ଦ୍ର ସରକାର ଲୋକପାଳ ନିଯୁକ୍ତି ପ୍ରତିଶ୍ରୁତି ପୂରଣ ନ କରିବା ଏବଂ ମହାରାଷ୍ଟ୍ର ସରକାର ରାଜ୍ୟରେ ଲୋକାଯୁକ୍ତ ଆଇନ ପ୍ରଣୟନ ନ କରିବା ପ୍ରତିବାଦରେ ସାମାଜିକ କର୍ମୀ ଆନ୍ନା ହାଜାରେ ବୁଧବାରଠାରୁ ଆମରଣ ଅନଶନ ଆରମ୍ଭ କରିଛନ୍ତି। ମହାରାଷ୍ଟ୍ର ଅହମଦନଗର ଜିଲାର ନିଜ ଗ୍ରାମ ରାଲେଗାଓଁ ସିଦ୍ଧିରେ ଥିବା ପଦ୍ମାବତୀ ମନ୍ଦିରରେ ସକାଳେ ପ୍ରାର୍ଥନା କରିବା ପରେ ଆନ୍ନା ଯୁବଛାତ୍ର ଏବଂ କୃଷକମାନଙ୍କ ସହ ଏକ ଶୋଭାଯାତ୍ରାରେ ଯାଇ ଯାଦବବାବା ମନ୍ଦିର ନିକଟରେ ଅନଶନରେ ବସିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଲୋକାଯୁକ୍ତ ପରିସରଭୁକ୍ତ କରିବା ଲାଗି ମହାରାଷ୍ଟ୍ର କ୍ୟାବିନେଟ ନିଷ୍ପତ୍ତି ନେଇଥିବାରୁ ଆନ୍ନା ଏହାକୁ ସ୍ୱାଗତ କରିଛନ୍ତି।

### 'ଟ୍ରମ୍ପ୍ ଦେଇଛନ୍ତି ମୋ ହତ୍ୟା ନିର୍ଦ୍ଦେଶ'



**ମସ୍କୋ,୩୦।୧:** ଭେନିଜୁଏଲା ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ତାଙ୍କ ଆମେରିକା ପ୍ରତିପକ୍ଷ ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଟ୍ରମ୍ପ୍ ତାଙ୍କୁ ହତ୍ୟା କରିବାକୁ ଚାହାନ୍ତି। ଏଥିପାଇଁ ସେ ପଡ଼ୋଶୀ କଲମ୍ବିଆ ସରକାର ଓ ମାଫିଆମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କୁ କିଛି ହେଲେ ସେଥିପାଇଁ ଟ୍ରମ୍ପ୍ ଓ କଲମ୍ବିଆ ରାଷ୍ଟ୍ରପତି ଇଭାନ ଡ୍ୟୁକ୍ ଦାୟୀ ରହିବେ। କିନ୍ତୁ ଆମେରିକା ନେତୃତ୍ୱ ଓ ଅନ୍ତଃ ଶତ୍ରୁଙ୍କ ସହ ଆଲୋଚନା ଲାଗି ସେ ପ୍ରସ୍ତୁତ ବୋଲି ନିକୋଲାସ୍ କହିଛନ୍ତି। ନିଜ ୬ ବର୍ଷ ଶାସନରେ ସବୁଠୁ ବଡ଼ ଚ୍ୟାଲେଞ୍ଜକୁ ସାମ୍ନା କରୁଥିବା ୫୬ ବର୍ଷୀୟ ନିକୋଲାସ୍ ଭେନିଜୁଏଲାରେ ଲାଗିରହିଥିବା ରାଜନୈତିକ ସଙ୍କଟକୁ ନେଇ ରୁଷିଆର ଆର୍ଆଇଏ ଏଜେନ୍ସିକୁ ସାକ୍ଷାତ୍କାର ଦେଇ ଏହା କହିଛନ୍ତି।

### [ଇତିହାସର ଆଇନାରେ]

### ଜାନୁୟାରୀ ୩୧ର ପ୍ରମୁଖ ଘଟଣା

୧୯୬୬ ଜାନୁୟାରୀ ୩୧ରେ ଦକ୍ଷିଣ କାଜାକସ୍ତାନର ବୈକାନୁର କସ୍ମୋଡ୍ରମ ଅନ୍ତରୀକ୍ଷ ତଟରୁ ଲୁନା-୯ ମହାକାଶଯାନ ଚନ୍ଦ୍ରକୁ ଛଡ଼ାଯାଇଥିଲା। ୨.୭ମିଟର ଲମ୍ବ, ୧୫୩୮ କେଜି ଓଜନର ଏହି ମହାକାଶଯାନ ପ୍ରଥମଥର ଚନ୍ଦ୍ର ପୃଷ୍ଠର ଫଟୋଗ୍ରାଫିକ୍ ତଥ୍ୟ ପୃଥିବୀକୁ ପଠାଇବାରେ ସଫଳ ହୋଇଥିଲା।

୧୯୯୬ ଜାନୁୟାରୀ ୩୧ରେ ଶ୍ରୀଲଙ୍କାର ରାଜଧାନୀ କଲମ୍ବୋସ୍ଥିତ ସେଣ୍ଟ୍ରାଲ୍ ବ୍ୟାଙ୍କରେ ଆତ୍ମଘାତୀ ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ୫୩ଜଣଙ୍କ ମୃତ୍ୟୁ ଘଟିଥିଲା। ୧,୪୦୦ ଆହତ ହୋଇଥିଲେ। ବ୍ୟାଙ୍କ୍‌କୁ ଟାର୍ଗେଟ୍‌ରେ ରଖି ବିସ୍ଫୋରକ ସାମଗ୍ରୀର ଏକ ଟ୍ରକ ଜରିଆରେ ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ତାମିଲ ଟାଇଗରଙ୍କ ଦ୍ୱାରା ଏହି ଆତ୍ମଘାତୀ ଆକ୍ରମଣ କରାଯାଇଥିଲା।

# ମୁହଁରେ ଲଗାମ ନାହିଁ

ସାଧାରଣ ନିର୍ବାଚନର ତାରିଖ ଘୋଷଣା ହୋଇନାହିଁ। ହେଲେ ବାକ୍‌ଯୁଦ୍ଧକୁ ନେଇ ଅନୁଭୂତ ହେଉଛି ରାଜନୈତିକ ଉଷ୍ମତା । ଭୋଟ ଯେତିକି ପାଖେଇ ଆସୁଛି ଶାସକ-ବିରୋଧୀଙ୍କ ମଧ୍ୟରେ ବଢ଼ୁଛି ସେତିକି ଆରୋପ-ପ୍ରତ୍ୟାରୋପ ଓ କାଦୁଅଫିଙ୍ଗା ପର୍ବ। କଂଗ୍ରେସ ମୁଖ୍ୟ ରାହୁଲ ଗାନ୍ଧୀ ପୁଣିଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଫାଲ ଚକ୍ରବ୍ୟୂହରେ ଛନ୍ଦି 'ପାରିକର ବାଣ' ମାରିଛନ୍ତି। ଭାଜପା 'ଚାଣକ୍ୟ' ଅମିତ୍ ଶାହ ବିରୋଧୀଙ୍କ ମହାମେଣ୍ଟକୁ ତାଚ୍ଛଲ୍ୟ କରି 'ତୁମର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କିଏ' ବୋଲି ପଚାରିଛନ୍ତି। ସେପଟେ କେନ୍ଦ୍ରମନ୍ତ୍ରୀ ଅନନ୍ତ ହେଗ୍‌ଡେ ରାହୁଲଙ୍କୁ 'ହାଇବ୍ରିଡ୍ ନମୁନା' କହି ତାଙ୍କର ଜାତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେହିପରି ୟୁପିର ଭାଜପା ବିଧାୟକ ସୁରେନ୍ଦ୍ର ସିଂ ରାହୁଲଙ୍କୁ ରାବଣ ଓ ପ୍ରିୟଙ୍କାଙ୍କୁ ସୂର୍ପଣଖା ଭାବେ ଅଭିହିତ କରି ଅରୁଚିକର ମନ୍ତବ୍ୟ ଦେଇଛନ୍ତି। ଏସବୁ ଜାତୀୟ ରାଜନୀତିକୁ ସରଗରମ କରିବାରେ ଲାଗିଛି। ନେତାଙ୍କ ମନ୍ତବ୍ୟରୁ ମନେହେଉଛି ସତେଯେମିତି କାହା ମୁହଁରେ ଲଗାମ ନାହିଁ।

## ■ ମହାମେଣ୍ଟ କ୍ଷମତାକୁ ଆସିଲେ
## ଦିନକୁ ଜଣେ ପ୍ରଧାନମନ୍ତ୍ରୀ:ଶାହ

**କାନପୁର,୩୦।୧(ପି.ଟି.)**



ବିରୋଧୀଙ୍କ ପ୍ରସ୍ତାବିତ ମହାମେଣ୍ଟ କ୍ଷମତାକୁ ଆସିଲେ ଦିନକୁ ଜଣେ ଲେଖାଏ ନେତା ପ୍ରଧାନମନ୍ତ୍ରୀ ହେବେ। ସପ୍ତାହର ୬ ଦିନରେ ଜଣେ ଜଣେ ନୂଆ ନେତା ପ୍ରଧାନମନ୍ତ୍ରୀ ଆସନରେ ବସିବେ ଏବଂ ରବିବାର ଦେଶ ଶୋଇପଡ଼ିବ ବୋଲି ବୁଧବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ସମାଲୋଚନା କରିଛନ୍ତି।

ଗତ ୧୯ରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଆବାହକତ୍ୱରେ କୋଲକାତାରେ ବିରୋଧୀ ଦଳଗୁଡ଼ିକ ଏକାଠି ହୋଇ ମୋଦି ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇଥିଲେ। ସେପଟେ ଶାହଙ୍କ ପଶ୍ଚିମବଙ୍ଗରେ ପ୍ରଚାରକୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାର ବିରୋଧ କରୁଥିବାରୁ ଭାଜପା କର୍ମୀ ଓ ନେତା ମନଇଚ୍ଛା ମନ୍ତବ୍ୟ ଦେବାରେ ଲାଗିଛନ୍ତି। ଏହି କ୍ରମରେ ଉତ୍ତରପ୍ରଦେଶର କାନପୁର ଭାଜପାର ବୁଥ୍ ସ୍ତରୀୟ କର୍ମୀଙ୍କୁ ସମ୍ବୋଧିତ କରି ଶାହ କହିଛନ୍ତି, ବିରୋଧୀ ଦଳଗୁଡ଼ିକ ସ୍ପଷ୍ଟକରିବା ଉଚିତ ଯେ ସେମାନଙ୍କ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କିଏ। ଯଦି ମହାମେଣ୍ଟ ସରକାର ଗଢ଼େ ତେବେ ମାୟାବତୀ ସୋମବାର, ଅଖିଳେଶ ଯାଦବ ମଙ୍ଗଳବାର, ମମତା ବୁଧବାର, ଶରଦ ପାୱାର ଗୁରୁବାର, ଏଚ୍.ଡି. ଦେବେଗୌଡ଼ା ଶୁକ୍ରବାର ଏବଂ ଏମ୍.କେ. ଷ୍ଟାଲିନ୍ ଶନିବାର ପ୍ରଧାନମନ୍ତ୍ରୀ ହେବେ। ରବିବାର ଛୁଟିଦିନ ଥିବାରୁ ଦେଶ ଶୋଇଯିବ। ସେମାନେ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ହେଲେ ସେମାନଙ୍କ ପାଖରେ ଜଣେ ସର୍ବସମ୍ମତ ନେତା ନାହାନ୍ତି। ସବୁଠୁ ବଡ଼ ନିଯୁକ୍ତି ପାଇଁ ଅନେକ ପ୍ରାର୍ଥୀ ଥିବାରୁ ବିଭ୍ରାନ୍ତି ସୃଷ୍ଟି ହେଲାଣି। ହେଲେ ଏନ୍‌ଡିଏର ଏକମାତ୍ର ପସନ୍ଦ ନରେନ୍ଦ୍ର ମୋଦି ବୋଲି ଶାହ କହିଛନ୍ତି।

## 'ବାୟୁସେନାକୁ ବିକି ଦେଇଛନ୍ତି ମୋଦି'



**ନୂଆଦିଲ୍ଲୀ,୩୦।୧(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ବାୟୁସେନାକୁ ବିକ୍ରି କରିଦେଇଛନ୍ତି। ଏହାସହ ସେ ନିଜ ବନ୍ଧୁ ତଥା ବ୍ୟବସାୟୀ ଅନିଲ ଅମ୍ବାନୀଙ୍କୁ ୩୦,୦୦୦ କୋଟି ଟଙ୍କା ଦେଇ ଯୁବପିଢ଼ିଙ୍କ ସୁଯୋଗ ଚୋରି କରିଛନ୍ତି ବୋଲି ବୁଧବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି।

ପଣଜୀରେ ଗୋଆ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ପ୍ରତିରକ୍ଷାମନ୍ତ୍ରୀ ମନୋହର ପାରିକରଙ୍କୁ ଭେଟିବାର ଦିନକ ପରେ ରାହୁଲ ପୁଣିଥରେ ରାଫାଲ ପ୍ରସଙ୍ଗ ଉଠାଇ ପ୍ରଧାନମନ୍ତ୍ରୀଙ୍କୁ ଘେରିବାକୁ ଉଦ୍ୟମ କରିଛନ୍ତି। ଯୁବ କ୍ରାନ୍ତି ଯାତ୍ରାର ଉଦ୍‌ଯାପନୀ ଅଧିବେଶନରେ ଯୋଗଦେଇ ରାହୁଲ କହିଛନ୍ତି, ମୋଦି କର୍ନାଟକ ଓ ଓଡ଼ିଶାର ଯୁବତୀ ଯୁବକମାନଙ୍କ ସୁଯୋଗକୁ ଚୋରି କରି ୩୦ ହଜାର କୋଟି ଟଙ୍କା ଅନିଲ ଅମ୍ବାନୀଙ୍କୁ ଦେଇଛନ୍ତି ବୋଲି ସାରା ଦେଶ ଜାଣିଛି। ରାଫାଲ ସମ୍ପର୍କିତ ସତକୁ ମୋଦି ଚପାଇ ଦେଇପାରିବେ ନାହିଁ। ସେ ରାତିରେ ଶୋଇ ପାରିବେ ନାହିଁ। ମୋଦି ଯେତେବେଳେ ଶୋଇବାକୁ ଯିବେ, ତାଙ୍କ ସାମ୍ନାକୁ ରାଫାଲ ଯୁଦ୍ଧବିମାନର ଚିତ୍ର ଓ ବାୟୁସେନାର ଶହୀଦଙ୍କ ଛବି ଆସିବ ବୋଲି ରାହୁଲ କହିଛନ୍ତି। ରାହୁଲ ଆହୁରି କହିଛନ୍ତି, ସେ ବୁଧବାର ପାରିକରଙ୍କୁ ଭେଟିଥିଲେ। ପ୍ରଧାନମନ୍ତ୍ରୀ ଯୁଦ୍ଧବିମାନ କିଣା ଚୁକ୍ତିରେ ପରିବର୍ତ୍ତନ ଆଣିବାବେଳେ ତାଙ୍କର ପରାମର୍ଶ ନେଇ ନ ଥିବା ତତ୍କାଳୀନ ପ୍ରତିରକ୍ଷାମନ୍ତ୍ରୀ ପାରିକର କହିଛନ୍ତି ବୋଲି ରାହୁଲ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ରାହୁଲଙ୍କ ଏଭଳି ମନ୍ତବ୍ୟକୁ ପାରିକର ନିନ୍ଦା କରିଛନ୍ତି। ରାହୁଲ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଉଭୟଙ୍କ ମଧ୍ୟରେ ହୋଇଥିବା ୫ ମିନିଟର ସାକ୍ଷାତ ବେଳେ ରାଫାଲ ପ୍ରସଙ୍ଗରେ କିଛି ଆଲୋଚନା ହୋଇନାହିଁ ବୋଲି ପାରିକର ସ୍ପଷ୍ଟ କରିଛନ୍ତି। ଜଣେ ଅସୁସ୍ଥ ବ୍ୟକ୍ତିଙ୍କୁ ଭେଟି ରାଜନୈତିକ ଫାଇଦା ହାସଲ କରିବା ଅନୁଚିତ ବୋଲି ରାହୁଲଙ୍କ ଉଦ୍ଦେଶ୍ୟରେ ପାରିକର ଏକ ପତ୍ର ଲେଖିଛନ୍ତି।

## 'ପ୍ରିୟଙ୍କା ସୂର୍ପଣଖା'

**ବାଲିଆ,୩୦।୧(ପି.ଟି.)**



ସୁରେନ୍ଦ୍ର ସିଂ

ଉତ୍ତରପ୍ରଦେଶସ୍ଥିତ ବାଲିଆର ଭାଜପା ବିଧାୟକ ସୁରେନ୍ଦ୍ର ସିଂ ପୁଣି ଏକ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାରେ। ସେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଭଉଣୀ ତଥା ଏଆଇସିସିର ନବନିଯୁକ୍ତ ସାଧାରଣ ସମ୍ପାଦକ (ପୂର୍ବ ୟୁପି ପ୍ରଭାରୀ) ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ସୂର୍ପଣଖାଙ୍କ ସହ ତୁଳନା କରିଛନ୍ତି। ବିଧାୟକ ସୁରେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହେଉଛନ୍ତି ରାମାୟଣର ରାମ। ରାହୁଲ ରାବଣ ଓ ତାଙ୍କ ଭଉଣୀ ପ୍ରିୟଙ୍କା ହେଲେ ସୂର୍ପଣଖା। ରାମଙ୍କ ବିରୋଧରେ ସୂର୍ପଣଖାଙ୍କୁ ରାବଣ ଲଢ଼ାଉଛନ୍ତି। ରାମ ଲଙ୍କା ଜୟ କରିବା ନିଶ୍ଚିତ ବୋଲି ସୁରେନ୍ଦ୍ର ସମାଲୋଚନା କରିଛନ୍ତି।

## 'ରାହୁଲ ହାଇବ୍ରିଡ୍ ନମୁନା'

**ନୂଆଦିଲ୍ଲୀ,୩୦।୧:** ଅନନ୍ତ କୁମାର ହେଗ୍‌ଡେ। ଜଣେ କେନ୍ଦ୍ରମନ୍ତ୍ରୀ ଭାବେ ଯେତିକି ପରିଚିତ ନୁହନ୍ତି, ବାରମ୍ବାର ବିବାଦୀୟ ମନ୍ତବ୍ୟକୁ ନେଇ ତା'ଠୁ ବେଶି ଚର୍ଚ୍ଚିତ। ହିନ୍ଦୁ ମହିଳାଙ୍କୁ ଛୁଇଁଲେ ହାତ କାଟି ଦିଆଯିବ ବୋଲି ମନ୍ତବ୍ୟ ଦେବା ପରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବିରୋଧରେ ବିଷୋଦ୍‌ଗାର କରିଛନ୍ତି ହେଗ୍‌ଡେ। ସେ କହିଛନ୍ତି, ରାହୁଲଙ୍କ ଧର୍ମକୁ ନେଇ କିଛି ସୂଚନା ନାହିଁ। ତାଙ୍କ ବାପା ଜଣେ ମୁସଲମାନ ଓ ମା' ଖ୍ରୀଷ୍ଟିୟାନ। ହେଲେ କଂଗ୍ରେସ ନେତାମାନେ ରାହୁଲଙ୍କୁ ପଇତାଧାରୀ ବ୍ରାହ୍ମଣ ବୋଲି ମିଛ କହୁଛନ୍ତି। ପ୍ରକୃତରେ ରାହୁଲ ଏକ ହାଇବ୍ରିଡ୍ ନମୁନା। ଏଭଳି ପ୍ରସଙ୍ଗଗୁଡ଼ିକୁ ଆମେ ବୁଝିପାରୁଛୁ। କିନ୍ତୁ ସେହି ଖାଲି-ମସ୍ତିଷ୍କଧାରୀ ମଣିଷ କିଛି ଜାଣି ପାରୁନାହାନ୍ତି। ଏଭଳି ହାଇବ୍ରିଡ୍ ନମୁନା ସାରା ବିଶ୍ୱର କୌଣସି ଲାବରେଟୋରିରେ ଦେଖିବାକୁ ମିଳନ୍ତି ନାହିଁ। ବାପ-ପୁଅ ଭିନ୍ନ ଭିନ୍ନ ପ୍ରକାର। ଏପରି କେବଳ କଂଗ୍ରେସର ପ୍ରୟୋଗଶାଳାରେ ତୁମେ ଦେଖିବାକୁ ପାଇବ ବୋଲି ହେଗ୍‌ଡେ ସମାଲୋଚନା କରିଛନ୍ତି।



ଅନନ୍ତ କୁମାର ହେଗ୍‌ଡେ



ନୂଆଦିଲ୍ଲୀର ରାଜଘାଟସ୍ଥିତ ଗାନ୍ଧିଜୀଙ୍କ ସମାଧିପୀଠରେ ବୁଧବାର ୭୧ତମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ।

## ■ ଏସ୍‌ସି/ଏସ୍‌ଟି ଆଇନରେ ସଂଶୋଧନ
## ସ୍ଥଗିତାଦେଶକୁ ସୁପ୍ରିମକୋର୍ଟଙ୍କ ନା

**ନୂଆଦିଲ୍ଲୀ, ୩୦।୧(ପି.ଟି.)**

ଅନୁସୂଚିତ ଜାତି (ଏସ୍‌ଟି)/ଅନୁସୂଚିତ ଜନଜାତି (ଏସ୍‌ଟି) ଅଧିନିୟମର ସଂଶୋଧନ ଉପରେ ସ୍ଥଗିତାଦେଶ ଦେବାକୁ ସୁପ୍ରିମକୋର୍ଟ ବୁଧବାର ପୁଣିଥରେ ମନା କରିଦେଇଛନ୍ତି। ଉକ୍ତ ଅଧିନିୟମର ସଂଶୋଧନରେ ଅନ୍ତରୀଣ ଜାମିନ ବ୍ୟବସ୍ଥା ନାହିଁ। କୋର୍ଟ ଏହି ସଂଶୋଧନକୁ କାଏମ ରଖିବା ସହ କେନ୍ଦ୍ର ସରକାରଙ୍କ ରିଭ୍ୟୁ ପିଟିଶନ୍ ସମେତ ଅନ୍ୟାନ୍ୟ ଆବେଦନର ଶୁଣାଣି ଫେବୃୟାରୀ ୧୯ରେ କରିବାକୁ ଧାର୍ଯ୍ୟ କରିଛନ୍ତି। ଏହି ପ୍ରସଙ୍ଗରେ ସବିଶେଷ ଶୁଣାଣି ହେବା ଆବଶ୍ୟକ ବୋଲି ଜଷ୍ଟିସ୍ ୟୁ.ୟୁ. ଲଳିତ କହିଛନ୍ତି। ଏସ୍‌ସି/ଏସ୍‌ଟି ଅଧିନିୟମରେ ସଂଶୋଧନକୁ ଚ୍ୟାଲେଞ୍ଜ କରିଥିବା ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିକାଶ ସିଂ କୋର୍ଟରେ ଉପସ୍ଥିତ ହୋଇ ତୁରନ୍ତ ଏହା ଉପରେ ସ୍ଥଗିତାଦେଶ ଲାଗି ଦାବି କରିଥିଲେ। କୋର୍ଟ ପୂର୍ବରୁ ମଧ୍ୟ ଏହି ମାମଲା ଉପଯୁକ୍ତ ଖଣ୍ଡପୀଠରେ ଶୁଣାଣି ନ ହେବା ପର୍ଯ୍ୟନ୍ତ ଏହା ଉପରେ ସ୍ଥଗିତାଦେଶ ଦେବାକୁ ମନା କରିଦେଇଥିଲେ। ଏଥିସହିତ ପିଟିଶନ୍ ଉପରେ ସରକାରଙ୍କୁ ଜବାବ ମାଗିଥିଲେ।

ଏସ୍‌ସି/ଏସ୍‌ଟି ଅଧିନିୟମର ଅପବ୍ୟବହାର ରୋକିବା ଲାଗି ସର୍ବୋଚ୍ଚ ଅଦାଲତ ଏହି ଆଇନରେ ଗିରଫ ଉପରେ ଗତବର୍ଷ ମାର୍ଚ୍ଚ ୨୦ରେ କଟକଣା ଆଣିଥିଲେ। କୌଣସି ଅଭିଯୋଗ ଉପରେ ହଠାତ୍ କାହାକୁ ଗିରଫ କରାଯାଇପାରିବ ନାହିଁ ବୋଲି ଅଦାଲତ କହିଥିଲେ। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ବିରୋଧରେ ଅଗଷ୍ଟ ୯ରେ ସରକାର ପାର୍ଲାମେଣ୍ଟରେ ଏକ ବିଲ୍ ଗୃହୀତ କରାଇଥିଲେ ଯେଉଁଥିରେ ଅନ୍ତରୀଣ ଜାମିନ ବ୍ୟବସ୍ଥାକୁ ହଟାଇ ଦିଆଯାଇଥିଲା।

## ■ ୨୦୦୮ ଆସାମ ବିସ୍ଫୋରଣ ମାମଲା
## ୧୦ ଜଣଙ୍କୁ ଆଜୀବନ ଜେଲ

**ଗୁଆହାଟୀ,୩୦।୧(ପି.ଟି.)**



ରଞ୍ଜନ ଦୈମାରୀ

୨୦୦୮ ଆସାମ ସିରିଏଲ ବିସ୍ଫୋରଣ ମାମଲାରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ଜାତୀୟ ବୋଡୋଲାଣ୍ଡ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏନ୍‌ଡିଏଫବି) ମୁଖ୍ୟ ରଞ୍ଜନ ଦୈମାରୀଙ୍କ ସମେତ ୧୦ ଜଣଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ବୁଧବାର କଡ଼ା ସୁରକ୍ଷା ମଧ୍ୟରେ ସ୍ୱତନ୍ତ୍ର ସିବିଆଇ ବିଚାରପତି ଅପରେଶ ଚକ୍ରବର୍ତ୍ତୀ ଦଣ୍ଡ ଘୋଷଣା କରିଥିଲେ। ଅନ୍ୟ ଯେଉଁମାନେ ଆଜୀବନ ଜେଲ୍‌ଦଣ୍ଡ ପାଇଛନ୍ତି ସେମାନେ ହେଲେ, ଜର୍ଜ ବୋଡୋ, ବି. ଥରାଇ, ରାଜୁ ସର୍କାର, ଅଞ୍ଚାଇ ବୋଡୋ, ଇନ୍ଦ୍ର ବ୍ରହ୍ମା, ଲୋକୋ ବାସୁମତାରୀ, ଖର୍ଗେଶ୍ୱର ବାସୁମତାରୀ, ଅଜୟ ବାସୁମତାରୀ ଏବଂ ରାଜେନ ଗୋୟାରୀ। ଅନ୍ୟ ୩ ଅପରାଧୀଙ୍କୁ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଥିବାବେଳେ ଜେଲ୍‌ଦଣ୍ଡ ଭୋଗି ସାରିଥିବା ୨ ଜଣଙ୍କୁ ମୁକ୍ତ କରି ଦିଆଯାଇଛି। ୨୦୦୮ ଅକ୍ଟୋବର ୩୦ରେ ଆସାମର ବିଭିନ୍ନ ସ୍ଥାନରେ ୯ଟି ବିସ୍ଫୋରଣରେ ୮୮ ନିହତ ହୋଇଥିଲେ।

## ଫୁର୍‌ସତ

## ରାହତ୍ ଫତେ ଅଲି ଖାନଙ୍କୁ ଇଡି ନୋଟିସ



**ନୂଆଦିଲ୍ଲୀ:** ବିଦେଶୀ ମୁଦ୍ରା ନିୟମ ଉଲ୍ଲଂଘନ ନେଇ ପାକିସ୍ତାନୀ ଗାୟକ ରାହତ ଫତେ ଅଲି ଖାନ ଏବଂ ତାଙ୍କ ମ୍ୟାନେଜର ମାରୁଫ୍ ଅଲିଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନୋଟିସ ଜାରି କରିଛି। ୨୦୧୧ରେ ଦିଲ୍ଲୀ ବିମାନବନ୍ଦରରୁ ସେମାନଙ୍କ ନିକଟରୁ ୧.୨୪ ଲକ୍ଷ ୟୁଏସ୍ ଡଲାର ଜବତ ହୋଇଥିଲା। ସେହିପରି ଖାନ ଭାରତରେ ବିଭିନ୍ନ ବେଆଇନ ଉତ୍ସରୁ ଇଭେଣ୍ଟ ମ୍ୟାନେଜରଙ୍କ ସହାୟତାରେ ୩୪୦,୦୦୦ ଡଲାର ଗ୍ରହଣ କରିଥିବାବେଳେ ମ୍ୟାନେଜର ମାରୁଫ୍‌ଙ୍କ ଜରିଆରେ ୨୨୫,୦୦୦ ଡଲାର ଭାରତ ବାହାରକୁ ନେଇଯିବାରେ ସକ୍ଷମ ହୋଇଥିଲେ। ଏହି ବିଦେଶୀ ମୁଦ୍ରା ଚୋରା କାରବାରକୁ ଆଧାର କରି ପାକିସ୍ତାନୀ ନାଗରିକ ଖାନ୍ ଏବଂ ତାଙ୍କ ମ୍ୟାନେଜର ମାରୁଫ୍‌ଙ୍କୁ କାରଣ ଦର୍ଶାଅ ନୋଟିସ ପଠାଯାଇଥିବା ଇଡିର ଅଧିକାରୀ ଜଣାଇଛନ୍ତି। ଖାନ୍ ପ୍ରାୟ ୨.୬୧ କୋଟିର ବେହିସାବ ବିଦେଶୀ ମୁଦ୍ରା ଅନୈତିକ ଉପାୟରେ ଠୁଳ କରିଥିବା ଛାନ୍‌ଭିନରୁ ଜଣାପଡ଼ିଛି। ଖାନ୍ ଇଭେଣ୍ଟ କାର୍ଯ୍ୟକ୍ରମର ଅଧିକାଂଶ ପେ'ମେଣ୍ଟ କ୍ୟାସ୍ (ନଗଦ ଟଙ୍କା) ଆକାରରେ ଗ୍ରହଣ କରିଥିଲା ବେଳେ ବିଭିନ୍ନ ଉତ୍ସ ମାଧ୍ୟମରେ ଉକ୍ତ ଟଙ୍କା ୟୁଏସ୍ ଡଲାରରେ ପରିବର୍ତ୍ତନ କରାଯାଇଥିବା ତଦନ୍ତରୁ ସ୍ପଷ୍ଟ ହୋଇଛି। ଏପରି ସ୍ଥଳେ ବିଦେଶୀ ମୁଦ୍ରା ପ୍ରବନ୍ଧନ ଅଧିନିୟମ (ଫେମା) ଆକ୍ଟ ଅଧୀନ ପାକିସ୍ତାନରେ ରହୁଥିବା ବଲିଉଡ଼ର ପ୍ଲେବ୍ୟାକ୍ ସିଙ୍ଗର୍ ଖାନ୍ ଏବଂ ତାଙ୍କ ମ୍ୟାନେଜର ମାରୁଫ୍‌ଙ୍କ ବିରୋଧରେ ଇଡି ପକ୍ଷରୁ ମାମଲା ରୁଜୁ ହୋଇଥିବା କୁହାଯାଇଛି।

## ଧାରାବାହିକ ନିର୍ମାଣ କରିବେ ରଜନୀକାନ୍ତଙ୍କ ଝିଅ

**ମୁମ୍ବାଇ:** ସୁପରଷ୍ଟାର ରଜନୀକାନ୍ତଙ୍କ ଝିଅ ସୌନ୍ଦର୍ଯ୍ୟା ଐତିହାସିକ ତାମିଲ ଉପନ୍ୟାସ 'ପନିୟିନ୍ ସେଲଭାନ'ର ଧାରାବାହିକ ନିର୍ମାଣ କରିବେ। ଷ୍ଟ୍ରିମିଙ୍ଗ୍ ପ୍ଲାଟଫର୍ମ ଏମ୍‌ଏକ୍ସ ପ୍ଲେୟାରର ସହଭାଗିତାରେ ସୌନ୍ଦର୍ଯ୍ୟା ତାଙ୍କର ମେ' ୬ ଏଣ୍ଟରଟେନ୍‌ମେଣ୍ଟ ସହଯୋଗରେ ଏହି ମେଗା ଧାରାବାହିକ ପ୍ରସ୍ତୁତ କରିବାକୁ ଯାଉଥିବା ଜଣାଇଛନ୍ତି। ଭାରତ ଇତିହାସରେ ଚୋଳ ରାଜବଂଶର ଲମ୍ବା ରାଜୁତି ସମୟର ସାମାଜିକ ଏବଂ ରାଜନୈତିକ ପୃଷ୍ଠଭୂମି ଉପରେ ଆଧାରିତ ତାମିଲ ସାହିତ୍ୟର ସର୍ବାଧିକ ଲୋକପ୍ରିୟ ଉପନ୍ୟାସ 'ପନିୟିନ୍ ସେଲଭାନ'ର ଡିଜିଟାଲ ମେଗା ଧାରାବାହିକ ଡ୍ରାମା ଦର୍ଶକଙ୍କୁ ନିଶ୍ଚିତ ଆନ୍ଦୋଳିତ କରିବ ବୋଲି ସୌନ୍ଦର୍ଯ୍ୟା କହିଛନ୍ତି।



ସୌନ୍ଦର୍ଯ୍ୟା
ରଜନୀକାନ୍ତ






ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବା ସହ ସକାଳେ କୁହୁଡ଼ିଆ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୦ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୪ | ୯.୬ |
| ଚାନ୍ଦବାଲି | ୨୫.୬ | ୧୩.୦ |
| କଟକ | ୨୭.୦ | ୧୦.୫ |
| ପାରାଦ୍ୱୀପ | ୨୪.୭ | ୧୫.୨ |
| ଭୁବନେଶ୍ୱର | ୨୬.୮ | ୧୦.୮ |
| ଗୋପାଳପୁର | ୨୭.୦ | ୧୫.୦ |
| ପୁରୀ | ୨୬.୦ | ୧୫.୦ |
| ଅନୁଗୋଳ | ୨୫.୯ | ୬.୬ |
| ବାରିପଦା | ୨୪.୬ | ୯.୫ |
| ଝାରସୁଗୁଡ଼ା | ୨୫.୧ | ୭.୬ |
| କେନ୍ଦୁଝର | ୨୩.୮ | ୭.୪ |
| ସମ୍ବଲପୁର | ୨୬.୫ | ୭.୮ |
| ସୁନ୍ଦରଗଡ଼ | --- | ୧୨.୦ |
| ହୀରାକୁଦ | ୨୫.୦ | ୧୦.୧ |
| ତାଲଚେର | --- | ୧୦.୩ |
| ଭବାନୀପାଟଣା | ୨୫.୦ | ୮.୫ |
| ବଲାଙ୍ଗୀର | ୨୫.୭ | ୧୩.୦ |
| କୋରାପୁଟ | ୨୫.୦ | ୮.୬ |
| ଫୁଲବାଣୀ | --- | ୬.୩ |
| ଟିଟିଲାଗଡ଼ | --- | ୧୧.୫ |
| ମାଲକାନଗିରି | ୨୯.୬ | ୮.୫ |
| ସୋନପୁର | ୨୫.୮ | ୭.୬ |
| ଦାରିଙ୍ଗବାଡ଼ି | ୨୩.୦ | ୪.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

**TRADEMARK & COPYRIGHT CAUTION NOTICE**

Baazar Kolkata — LADIESWEAR MENSWEAR KIDSWEAR ACCESSORIES
বাজার কোলকাতা — LADIESWEAR MENSWEAR KIDSWEAR ACCESSORIES
ବଜାର କୋଲକାତା — LADIESWEAR MENSWEAR KIDSWEAR ACCESSORIES

Our Client, M/s. Baazar Retail Limited of 493B G.T. Road, Ware House No. M-7, Bengal Jute Mill Industries Compound, Howrah – 711102, West Bengal, India, brings to the Notice of members of the public and trade including distributors, dealers and retailers of Menswear, Ladieswear, Kidswear, Readymade Garments, Apparel and Accessories and Household Products, that they are the sole and exclusive owner and proprietor of the trademark BAAZAR KOLKATA, in respect of Ladieswear, Menswear, Kidswear, Readymade Garments, Apparel, Accessories, Household Products and Retail Stores and other allied and cognate goods and services. The said Trademark and Copyright has acquired reputation and goodwill by virtue of unmatchable quality of goods and service and use since 2002.

Our client has taken steps and obtained trademark registration for its trademarks and labels as represented above under the Trade Marks Act, 1999 and thus the marks are protected under the statute.

Our client has noticed some unscrupulous concerns and persons using our client's well-known trademark to wrongfully project to the consumers, their association with our client's trademarks and copyrights.

All concerned are hereby asked to take note that our client will take strict civil and criminal action against any person or entity found to use the aforesaid trademark or copyright or any other mark, label or domain name deceptively similar thereto.

**The consumers, media, merchant bankers and service providers are hereby alerted against such misrepresentation and are requested to bring to the Notice of our client instances of such illegal acts. This would enable our client to institute appropriate action against such firms/companies/entities who are not only causing loss and damage to our client, but are acting to the prejudice of the public as well.**

**GOLDFINN TECHNOLOGIES**
International Trademark, Copyright & Patent Attorneys
38/4, Nabapally, P.O. : Joka, Near Ranjannagar, Kolkata - 700104
E-mail : legal@goldfinn.com; legal@baazarkolkata.com | Ph : 09874710123

## ସଂକ୍ଷେପରେ

ନାବାଳିକା ଗଣବଳାତ୍କାର ଘଟଣା

### ଗଞ୍ଜାମ ଏସ୍‌ପିଙ୍କୁ ଜବାବ ତଲବ

**କଟକ ଅଫିସ, ୩୦।୧:** ଗଞ୍ଜାମ ଜିଲା କବିସୂର୍ଯ୍ୟନଗରର ନାବାଳିକା ଗଣବଳାତ୍କାର ଘଟଣାରେ ଗଞ୍ଜାମ ଏସ୍‌ପିଙ୍କୁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଜବାବ ତଲବ କରିଛନ୍ତି। ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବା ନିମନ୍ତେ କମିଶନଙ୍କ ପକ୍ଷରୁ ନୋଟିସ ଜାରି ହୋଇଛି। ସୂଚନାଥାଉକି, କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ ଜଣେ ୮ ବର୍ଷର ନାବାଳିକା ଗଣବଳାତ୍କାରର ଶିକାର ହୋଇଥିଲେ। ପୀଡ଼ିତା ପରିବାରକୁ କ୍ଷତିପୂରଣ ଓ ଅଭିଯୁକ୍ତଙ୍କୁ ଗିରଫ ଦାବିରେ କଂଗ୍ରେସ ପକ୍ଷରୁ ମାନବାଧିକାର କମିଶନରେ ମାମଲା ରୁଜୁ ହୋଇଥିଲା। କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ଏହି ମାମଲା ରୁଜୁ କରିଥିଲେ।

ହାଲ୍ ଅର୍ଥ ବିଭାଗରେ ଦୁର୍ନୀତି ଘଟଣା

### ୪ ଠିକାଦାର, କର୍ମଚାରୀଙ୍କ ଘରେ ସିବିଆଇ ଚଢ଼ାଉ

ସେମିଳିଗୁଡ଼ା/ସୁନାବେଡ଼ା, ୩୦।୧(ସ୍ୱ.ପ୍ର.) କୋରାପୁଟ ଜିଲା ସୁନାବେଡ଼ା ସ୍ଥିତ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍)ର ଅର୍ଥ ବିଭାଗରେ ଦୁର୍ନୀତି ମାମଲାର ଖୋଳତାଡ଼ କରିଛି ସିବିଆଇ। ବୁଧବାର ପୂର୍ବାହ୍ନରେ ସିବିଆଇର ୧୧ ଜଣିଆ ଟିମ୍ ହାଲ୍ ଠିକା କର୍ମଚାରୀଙ୍କ ଘର ଓ କାର୍ଯ୍ୟାଳୟରେ ପହଞ୍ଚି ସନ୍ଧ୍ୟା ପର୍ଯ୍ୟନ୍ତ ତଦନ୍ତ କରିଛି। ସୂଚନା ଅନୁଯାୟୀ, ହାଲ୍ ଅର୍ଥ ବିଭାଗରେ ଶ୍ରମିକ ନିଯୁକ୍ତି ନେଇ ବିନା କାଗଜପତ୍ରରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ୧୦ ଜଣଙ୍କୁ ପୋଲିସ ଖୋଜୁଛି। ଏଥିରେ ହାଲ୍‌ର ଅଧିକାରୀ ଓ ଅନ୍ୟ କେତେଜଣ ଠିକାଦାର ରହିଛନ୍ତି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଅର୍ଥ ବିଭାଗର ପୂର୍ବତନ ମ୍ୟାନେଜର ଭବେନ ମୈତ୍ର ନିଜ ଘରେ ଟଙ୍କା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ି ଅନେକ ଦିନ ହେଲା ଫେରାର ରହିଛନ୍ତି। ବୁଧବାର ସିବିଆଇ ଟିମ୍ ଠିକାଦାର ଓ କର୍ମଚାରୀ ବିପ୍ରଚରଣ ମହାରଣା, ଜଗନ୍ନାଥ ଆପଟ, ମମତା ପାଢ଼ୀ, ଜ୍ୟୋତି ପାଢ଼ୀଙ୍କ ଘରେ ଚଢ଼ାଉ କରିଛି। ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ଜବତ କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ୫ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଜଣାପଡ଼ିଥିବା ବେଳେ ପ୍ରକୃତରେ ଏହି ଦୁର୍ନୀତି ୪୪ କୋଟି ଟଙ୍କା ପାଖାପାଖି ହେବ ବୋଲି ଅନୁମାନ କରାଯାଉଛି। ମୁଖ୍ୟ ଅଭିଯୁକ୍ତ ଧରାପଡ଼ିବା ପରେ ହିଁ ଦୁର୍ନୀତିର ପ୍ରକୃତ ପରିମାଣ ଜଣାପଡ଼ିବ।




ନକଟିଗୁଡ଼ା ହତ୍ୟା ମାମଲା

## ୩ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ଧର୍ମଗଡ଼,୩୦।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ନକଟିଗୁଡା ଗ୍ରାମର ବହୁ ଚର୍ଚ୍ଚିତ ହେମନ୍ତ ଶବର ହତ୍ୟା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି । ଧର୍ମଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ରାମକୃଷ୍ଣ ଚୌଧୁରୀ ଏହି ମାମଲାର ବିଚାର କରି ୩ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ।

ମାମଲାର ବିବରଣୀ ଅନୁଯାୟୀ, ୨୦।୧୨।୨୦୧୫ ତାରିଖରେ ଜୁନାଗଡ଼ ଥାନା ଅନ୍ତର୍ଗତ ନକଟିଗୁଡାର ହେମନ୍ତ ଶବରଙ୍କ ସହ ସେହି ଗାଁର ବିଭୀଷଣ ଶବର, ସ୍ତ୍ରୀ ଖମ୍ବେ ଶବର ଏବଂ ପୁଅ ଦେବେନ୍ଦ୍ର ଶବରଙ୍କ ଝଗଡା ହୋଇଥିଲା । ଏହାକୁ ହେମନ୍ତଙ୍କ ଝିଆରୀ ପ୍ରତିରୋଧ କରିବାରୁ ବିଭୀଷଣଙ୍କ ପରିବାର ଲୋକେ ମିଳିତ ଭାବେ ତାଙ୍କୁ ଏକ ଖୁରରେ ଆକ୍ରମଣ କରିଥିଲେ। ତାଙ୍କୁ ବଞ୍ଚାଇବାକୁ କକା ହେମନ୍ତ ଦୌଡି ଆସିବାରୁ ବିଭୀଷଣ ପରିବାର ଲୋକେ ତାଙ୍କୁ ମଧ୍ୟ ଏକ ଧାରୁଆ ଖୁରରେ ଆକ୍ରମଣ କରିଥିଲେ । ଶେଷରେ ତାଙ୍କ ତଣ୍ଟିକୁ କାଟି ପକାଇଥିଲେ । ଫଳରେ ଘଟଣାସ୍ଥଳରେ ହିଁ ହେମନ୍ତଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ଜୁନାଗଡ଼ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ମାମଲା ଗତ ୩ ବର୍ଷ ଧରି ଚାଲିଥିବା ବେଳେ ବୁଧବାର ଧର୍ମଗଡ଼ ଅତିରିକ୍ତ ଜିଲା ଦୌରା ଜଜ୍ ଏହାର ଚୂଡାନ୍ତ ରାୟ ଶୁଣାଇଛନ୍ତି । ସମସ୍ତ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଆଧାର କରି ଧର୍ମଗଡ ଅତିରିକ୍ତ ଜିଲା ଦୌରା ଜଜ୍ ଅଭିଯୁକ୍ତ ବିଭୀଷଣ, ଖମ୍ବେ ଏବଂ ଦେବେନ୍ଦ୍ରଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ କେସକୁ ସରକାରୀ ଓକିଲ ଧୀରେନ୍ଦ୍ରନାଥ ପାତ୍ର ପରିଚାଳନା କରୁଥିଲେ ।

# ରାଜକୋଷକୁ ଡୁବାଇବ ନୂଆ ଘୋଷଣା

**ଭୁବନେଶ୍ୱର,୩୦।୧(ବ୍ୟୁରୋ)**

- ରଣଭାର ଟପିବ ୯୦ ହଜାର କୋଟି
- ମିଳୁନି କେନ୍ଦ୍ର ସହାୟତା
- ବଢ଼ୁଛି ଖୋଲା ବଜାର ଋଣ ଚାପ

ନିର୍ବାଚନକୁ ଆଖିରେ ରଖି ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ, କଳିଆ ଭଳି ଗୋଟିଏ ପରେ ଗୋଟିଏ ନୂଆ ଯୋଜନା ରାତ୍ରୀରେ ୫ ଟଙ୍କିଆ ଆହାର, ଅଙ୍ଗନୱାଡ଼ି କର୍ମୀଙ୍କ ପାଇଁ ସହାୟତା ରାଶି ବୃଦ୍ଧି, ବୃଦ୍ଧା ବୃଦ୍ଧଙ୍କ ଭତ୍ତା ବୃଦ୍ଧି, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିନା ସୁଧରେ ଆର୍ଥିକ ସହାୟତା ଆଦି ଘୋଷଣା କରି ଚାଲିଛନ୍ତି। ଏଥିସହିତ ସରକାରୀ କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ହାରରେ ଦରମା ଦେବା ନେଇ ରାଜକୋଷ ଉପରେ ଆର୍ଥିକ ବୋଝ ବଢ଼ି ଚାଲିଛି। ଏହାକୁ ଭରଣା କରିବାକୁ ରାଜସ୍ୱ ଆୟ କୁଳୋଉ ନ ଥିବାରୁ ସରକାର ଋଣ ଉପରେ ଅଧିକ ନିର୍ଭରଶୀଳ ହୋଇଛନ୍ତି। ଏଥିଯୋଗୁ ରାଜ୍ୟର ଋଣ ଭାର ମଧ୍ୟ ତୀବ୍ର ଗତିରେ ଉପରମୁହାଁ ହେବାରେ ଲାଗିଛି। ଅର୍ଥ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୮-୧୯ ଆର୍ଥିକ ବର୍ଷ ଶେଷବେଳକୁ ରାଜ୍ୟର ଋଣଭାର ୯୧ ହଜାର ୯୫୦କୋଟିକୁ ଟପିଯିବ। ଯାହାକି ରାଜ୍ୟର ସାମଗ୍ରିକ ଘରୋଇ ଉତ୍ପାଦର (ଜିଏସଡିପି)୨୧ ପ୍ରତିଶତ। ପ୍ରାଥମିକ ଆକଳନ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ରାଜ୍ୟର ଜିଏସଡିପି ୪.୪୫ ଲକ୍ଷ କୋଟି ଛୁଇଁବ ବୋଲି ଅନୁମାନ କରାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ ୨୦୧୭-୧୮ରେ ରାଜ୍ୟର ଋଣ ଭାର ୭୬,୪୮୩.୬୮ କୋଟି ଥିଲା। ସେହି ବର୍ଷ ରାଜ୍ୟ ସରକାର ୧୪,୩୪୮.୨୨ କୋଟି ଟଙ୍କା ଋଣ କରିଥିଲେ। ସେଥିରୁ ଖୋଲାବଜାରରୁ ୮ ହଜାର କୋଟି ଟଙ୍କା ଅଣାଯାଇଥିଲା। ୧୯୯୯-୨୦୦୦ରେ ରାଜ୍ୟର ଋଣ ଭାର ୧୮,୧୦୦କୋଟି ଟଙ୍କା ଥିବାବେଳେ ୨୦୦୯-୧୦ରେ ୩୭ ହଜାର ୭୩୦ କୋଟି ଏବଂ ୨୦୧୪-୧୫ରେ ୪୩,୨୭୩ କୋଟି ଥିଲା। ୨୦୧୮-୧୯ରେ ବିତ୍ତୀୟ ନିଅଣ୍ଟ ଜିଏସଡିପିର ୩.୪ ପ୍ରତିଶତ ହେବ ବୋଲି ଅର୍ଥ ବିଭାଗ ଆକଳନ କରିଛି। ଚଳିତ ବର୍ଷ ୧୨ ହଜାର କୋଟି ଟଙ୍କା ଖୋଲା ମାର୍କେଟରୁ ଉଠାଇବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି । କେନ୍ଦ୍ର ସରକାର କେନ୍ଦ୍ରୀୟ ଯୋଜନା ଗୋଟିଏ ପରେ ଗୋଟିଏ ବନ୍ଦ କରିଚାଲିଥିବାବେଳେ ଅନୁଦାନ ଲଗାତର ହ୍ରାସ କରି ଚାଲିଛନ୍ତି। ଅନ୍ୟ ପଟେ କେନ୍ଦ୍ର ସରକାର ରାଜ୍ୟକୁ ଋଣ ଯୋଗାଇବା ନେଇ ମଧ୍ୟ କୁଣ୍ଠାବୋଧ କରୁଛନ୍ତି। କେନ୍ଦ୍ର ସରକାରଙ୍କ ନିକଟରୁ ସହାୟତା ନ ପାଇ ରାଜ୍ୟ ସରକାର ଏବେ ଖୋଲା ବଜାରରୁ ଋଣ ଆଣିବାକୁ ବାଧ୍ୟ ହେଉଛନ୍ତି। ଫଳରେ ଅଧିକ ସୁଧରେ ଖୋଲା ବଜାରରୁ ଅଧିକ ଋଣ ଉଠାଣ ରାଜ୍ୟ ପାଲଟିଛି।

ମିଳିଥିବା ସୂଚନା ଅନୁଯାୟୀ କେନ୍ଦ୍ର ସରକାର, ଷ୍ଟେଟ ପ୍ରୋଭିଡେଣ୍ଟ ଫଣ୍ଡ(ଏସପିଏଫ), ନ୍ୟାଶନାଲ ସ୍ମଲ ସେଭିଂ ସ୍କିମ ଫଣ୍ଡ (ଏନଏସଏସଏସଏଫ) ଋଣ ଯୋଗାଣ ହ୍ରାସ ପାଇ ଚାଲିଛି। ୧୯୯୫-୯୬ରୁ ୨୦୧୮ ମାର୍ଚ୍ଚ ୩୧ ମଧ୍ୟରେ ବଜାରରୁ ଋଣ ଉଠାଣ ୧୦ ଗୁଣାରୁ ଅଧିକ ହୋଇଛି। ୧୯୯୫-୯୬ରେ ଖୋଲା ବଜାରରୁ ରାଜ୍ୟ ସରକାର ୨୩୮୦ କୋଟି ଟଙ୍କା ଉଠାଇଥିବା ବେଳେ ଏହି ପରିମାଣ ଏବେ ୨୪ ହଜାର କୋଟିରେ ପହଞ୍ଚିଲାଣି। କେନ୍ଦ୍ରରେ ଭାଜପା ପରିଚାଳିତ ଏନଡିଏ ସରକାର କ୍ଷମତାସୀନ ହେବା ପରଠାରୁ ଅର୍ଥାତ୍ ୨୦୧୪-୧୫ରୁ କେନ୍ଦ୍ରୀୟ ଅନୁଦାନ ଲଗାତର ହ୍ରାସ ପାଇ ଚାଲିଛି । ୮ଟି କେନ୍ଦ୍ରୀୟ ଯୋଜନା ସମ୍ପୂର୍ଣ୍ଣ ବନ୍ଦ ହୋଇଥିବାବେଳେ ୨୯ରୁ ଉର୍ଦ୍ଧ୍ୱ ଯୋଜନାରେ କେନ୍ଦ୍ର ଅଂଶଧନ ୩୦ରୁ ୪୦ ପ୍ରତିଶତ ହ୍ରାସ ପାଇଛି। ରାଜ୍ୟ ସରକାର ଯେତେସବୁ ଋଣ କରୁଛନ୍ତି ସେଥିରୁ ୭୫ ପ୍ରତିଶତ ଖୋଲା ବଜାରରୁ ଆହରଣ କରୁଛନ୍ତି ବୋଲି ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। କେନ୍ଦ୍ର ସରକାରଙ୍କ ନିକଟରୁ ରାଜ୍ୟକୁ ୮ହଜାର କୋଟିରୁ କମ ଋଣ ସହାୟତା ମିଳୁଥିବାବେଳେ ଖୋଲା ବଜାରରୁ ୪ ଗୁଣା ଅଧିକ ଉଠାଇବାକୁ ରାଜ୍ୟ ସରକାର ବାଧ୍ୟ ହେଉଛନ୍ତି । ଏସପିଏଫରୁ ରାଜ୍ୟ ସରକାର ୨୧ ହଜାର ୭୦୦ କୋଟି ଟଙ୍କା ଋଣ ଉଠାଇଛନ୍ତି। ସେଥିରେ କର୍ମଚାରୀମାନଙ୍କ ଅବଦାନ କମ୍ ରହୁଥିବାରୁ ଏହି ଋଣ ହ୍ରାସ ପାଇବାରେ ଲାଗିଛି। ଜେନେରାଲ ପ୍ରୋଭିଡେଣ୍ଟ ଫଣ୍ଡ(ଜିପିଏଫ) ପରିମାଣ ମଧ୍ୟ କମି ଚାଲିଛି। କାରଣ ନୂତନ ନିଯୁକ୍ତି ପାଉଥିବା କର୍ମଚାରୀମାନଙ୍କର ଜମାରାଶି ଜିପିଏଫରେ କଟୁ ନାହିଁ। ସେହି କର୍ମଚାରୀମାନେ ଜାତୀୟ ପେନ୍‌ସନ ଯୋଜନା(ଏନପିଏସ)ରେ ସାମିଲ ହୋଇଛନ୍ତି। ଏଥିପାଇଁ ଏସପିଏଫ ଜମା କମିବାରେ ଲାଗିଛି। ଏନଏସଏସ୍ଏଫ ରାଜ୍ୟ ସରକାରଙ୍କର ଅନ୍ୟ ଏକ ମୁଖ୍ୟ ଋଣ ଆହରଣ ଉତ୍ସ ହୋଇଥିଲେ ମଧ୍ୟ ସେଥିପାଇଁ ରାଜ୍ୟ ସରକାରଙ୍କୁ ଅଧିକ ସୁଧ ଦେବାକୁ ପଡ଼ିଥାଏ। ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ଏନଏସଏସଏଫରୁ ୧୧ ହଜାର କୋଟି ଟଙ୍କା ଋଣ ଉଠାଇଛନ୍ତି। ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷରେ ୨୮,୫୫୦ କୋଟି ନିଜସ୍ୱ ଟିକସରୁ ଏବଂ ଅଣ ଟିକସରୁ ୧୦ ହଜାର ୩୦୦ କୋଟି ଟଙ୍କା ପାଇବେ ବୋଲି ଆକଳନ କରିଛନ୍ତି। ଦ୍ରବ୍ୟ ଓ ସେବା ଟିକସ(ଜିଏସଟି) କ୍ଷତିପୂରଣ ବାବଦରେ ଏ ପର୍ଯ୍ୟନ୍ତ ୧୩୨୬ କୋଟି ଟଙ୍କା ପାଇଥିବା ବେଳେ ୨୦୧୯ ମାର୍ଚ୍ଚ ଶେଷ ଆଡ଼କୁ ୩୫୦ କୋଟି ଟଙ୍କା ପାଇବାକୁ ଲକ୍ଷ୍ୟ ରଖିଛନ୍ତି।

ଫିସକାଲ ରେସପନସିବିଲିଟି ଆଣ୍ଡ ବଜେଟ ମ୍ୟାନେଜମେଣ୍ଟ(ଏଫଆରବିଏମ) ଆକ୍ଟ ଅନୁଯାୟୀ ରାଜ୍ୟ ସରକାର ଜିଏସଡିପିର ୩.୫ ପ୍ରତିଶତ ଋଣ କରି ପାରିବେ। ଏଫଆରବିଏମ ନର୍ମ ଅନୁଯାୟୀ ରାଜ୍ୟର ଋଣ ସୀମା ଅତିକ୍ରମ କରି ନାହିଁ ବୋଲି ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ବଳାତ୍କାର ପରେ ପୀଡ଼ିତାଙ୍କୁ ରାସ୍ତାରେ ଫିଙ୍ଗି ଦୁର୍ବୃତ୍ତ ଚମ୍ପଟ

- ସ୍ଥାନୀୟ ଲୋକଙ୍କ ଦ୍ୱାରା ଯୁବତୀ ଉଦ୍ଧାର: ପୋଲିସର ତନାଘନା

**ବୀରମହାରାଜପୁର,୩୦।୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଧର୍ମଶାଳା ଫାଣ୍ଡି ଅଞ୍ଚଳରେ ବୁଧବାର ଅପରାହ୍ନରେ ଜଣେ ୨୬ ବର୍ଷୀୟ ଯୁବତୀଙ୍କୁ ବଳାତ୍କାର କରାଯାଇଛି। ଉଲୁଣ୍ଡା ବ୍ଲକ ଅଞ୍ଚଳର ଏହି ଯୁବତୀ ଧର୍ମଶାଳା ବ୍ୟାଙ୍କରୁ କାମସାରି ଫେରୁଥିବା ବେଳେ ବଳାତ୍କାରର ଶିକାର ହୋଇଛନ୍ତି। ବଳାତ୍କାର ପରେ ଅଭିଯୁକ୍ତ ପୀଡ଼ିତାଙ୍କୁ ଧର୍ମଶାଳା ଛକଠାରୁ ୧ କିଲୋମିଟର ଦୂର ରାସ୍ତା ପାର୍ଶ୍ୱରେ ଫିଙ୍ଗିଦେଇ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ। ବୀରମହାରାଜପୁର ଥାନା ଆଇଆଇସି କୁଶ ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ପୀଡ଼ିତାଙ୍କୁ ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ପରେ ଡାକ୍ତରୀମାଇନା ପାଇଁ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନା ନିଆଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁକରି ତନାଘନା ଚଳାଇଛି। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ଅଭିଯୁକ୍ତ ଧରାପଡ଼ି ନ ଥିବା ଜଣାପଡ଼ିଛି।

- ଆଇଆଇଟି ବମ୍ବେ ସହ ଉଚ୍ଚଶିକ୍ଷା ବିଭାଗର ବୁଝାମଣାପତ୍ର ସ୍ୱାକ୍ଷର

## ରାଜ୍ୟର ୧୦୦ ମହାବିଦ୍ୟାଳୟରେ 'ସ୍ପୋକେନ୍ ଟ୍ୟୁଟୋରିଆଲ'

**ଭୁବନେଶ୍ୱର,୩୦।୧(ବ୍ୟୁରୋ)**

- ବିନା ଦେୟରେ ପଢ଼ିପାରିବେ ପିଲା
- ଡିଜିଟାଲ ଲର୍ନିଂ କ୍ଷେତ୍ରରେ ନୂଆ ସୁଯୋଗ

ନ୍ୟାଶନାଲ ଡିଜିଟାଲ ଲାଇବ୍ରେରି, ଭର୍ଚୁଆଲ ଲ୍ୟାବ୍‌ସ ଢାଞ୍ଚାରେ ରାଜ୍ୟରେ ଆରମ୍ଭ ହେବ 'ସ୍ପୋକେନ୍ ଟ୍ୟୁଟୋରିଆଲ'। ଆସନ୍ତା ଶିକ୍ଷାବର୍ଷଠାରୁ ରାଜ୍ୟର ୧୦୦ଟି ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ନୂଆ ପ୍ରକଳ୍ପର ଶୁଭାରମ୍ଭ କରାଯିବ। ଏଥିପାଇଁ ଆଇଆଇଟି ବମ୍ବେ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛି ରାଜ୍ୟ ଉଚ୍ଚଶିକ୍ଷା ବିଭାଗ। ଏହି ପ୍ରକଳ୍ପ ଦ୍ୱାରା ଉଚ୍ଚଶିକ୍ଷା ବିଭାଗ ଅନ୍ତର୍ଗତ କଲେଜର ଛାତ୍ରୀଛାତ୍ରମାନେ କମ୍ପ୍ୟୁଟର ସଫ୍ଟୱେର ଏବଂ ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ବିଭିନ୍ନ ବିଷୟରେ ଶିକ୍ଷା ଗ୍ରହଣ କରିପାରିବେ। ଏ ନେଇ ବୁଧବାର ଇଉ୍କଳ ଅଡିଟୋରିୟମ୍‌ଠାରେ ଉଚ୍ଚଶିକ୍ଷା ବିଭାଗ ଏବଂ ଆଇଆଇଟି, ବମ୍ବେ ପରିଚାଳିତ ସ୍ପୋକେନ୍ ଟ୍ୟୁଟୋରିଆଲର ଜାତୀୟ ସଂଯୋଜକଙ୍କ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସଙ୍କ ଉପସ୍ଥିତିରେ ବିଭାଗ ତରଫରୁ ଅତିରିକ୍ତ ଶାସନ ସଚିବ ଡ. ପାର୍ଥସାରଥି ମିଶ୍ର ଏବଂ ସ୍ପୋକେନ୍ ଟ୍ୟୁଟୋରିଆଲ ତରଫରୁ ଶ୍ୟାମା ଆୟାର ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି।

ଡିଜିଟାଲ ଯୁଗରେ ପଢ଼ିବା ଏବଂ ପଢ଼ାଇବା ଦୁଇଟି ଯାକର କନ୍‌ସେପ୍ଟ ବଦଳିଥିବା ବେଳେ କ୍ଲାସ୍‌ରୁମ୍ ଓ ବହିରୁ ବାହାରି ଶିକ୍ଷା କ୍ଷେତ୍ର ବ୍ୟାପକ ହୋଇଛି। ଇ-ଲର୍ନିଂ ଛାତ୍ରୀଛାତ୍ରଙ୍କ ପାଇଁ ଏକ ନୂଆ ସୁଯୋଗ ସୃଷ୍ଟି କରିଛି। ଭିତ୍ତିଭୂମି ଓ ଅଧ୍ୟାପକ ଅଭାବ ଭାରତୀୟ ଶିକ୍ଷା ବ୍ୟବସ୍ଥାର ପ୍ରମୁଖ ସମସ୍ୟା ହୋଇଥିବା ବେଳେ ଡିଜିଟାଲ ପ୍ଲାଟଫର୍ମ ଏହାର ସମାଧାନର ବାଟ ପାଲଟିଛି। ଏଭଳିସ୍ଥଳେ ରାଜ୍ୟ ସରକାର ଡିଜିଟାଲ ଟେକ୍ନୋଲୋଜି ସହାୟତାରେ ଉଚ୍ଚଶିକ୍ଷାରେ ସଂସ୍କାର ଆଣିବାର ପ୍ରଚେଷ୍ଟା କରିଛନ୍ତି। ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ବା ଇନ୍‌ଫରମେଶନ ଆଣ୍ଡ କମ୍ୟୁନିକେଶନ ଟେକ୍ନୋଲୋଜି(ଆଇସିଟି)ର ବ୍ୟବହାର କରି ଉଚ୍ଚ ଗୁଣବତ୍ତାଯୁକ୍ତ ଇ-ଲର୍ନିଂ କେଣ୍ଟେଣ୍ଟ ଉପଲବ୍ଧ କରିବାକୁ ସରକାର ଯୋଜନା କରିଛନ୍ତି। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଅଧୀନ ନ୍ୟାଶନାଲ ମିଶନ ଅନ୍ ଏଜୁକେଶନ ଥ୍ରୋ ଆଇସିଟି(ଏନ୍‌ଏମ୍‌ଇଆଇସିଟି) ଦ୍ୱାରା ହୋଇଥିବା ନ୍ୟାଶନାଲ ଡିଜିଟାଲ ଲାଇବ୍ରେରି, ଭର୍ଚୁଆଲ ଲ୍ୟାବ୍‌ସ, ଏନ୍‌ପିଟିଇଏଲ୍, ଜିଆଇଏଏନ୍ ଓ ସ୍ୱୟମ୍ ଭଳି ପ୍ରକଳ୍ପ ଢାଞ୍ଚାରେ ଏହି 'ସ୍ପୋକେନ୍ ଟ୍ୟୁଟୋରିଆଲ' ହେବ। ଆଇଆଇଟି ବମ୍ବେ ଦ୍ୱାରା ଏହାର ଡିଜାଇନ୍ ଏବଂ ବିକାଶ କରାଯିବ। ଉଭୟ ଅଡିଓ ଏବଂ ଭିଡିଓ ମାଧ୍ୟମରେ ଛାତ୍ରୀଛାତ୍ର ଏଠାରୁ ବିଭିନ୍ନ ବିଷୟରେ ଶିକ୍ଷା ଗ୍ରହଣ କରିପାରିବେ।

ବର୍ତ୍ତମାନ ଏହି ପ୍ରକଳ୍ପ ରାଜ୍ୟର ୧୦୦ଟି ଡିଗ୍ରୀ କଲେଜରେ ଲାଗୁ କରାଯିବ। ଛାତ୍ରୀଛାତ୍ରମାନେ ବିନା କୌଣସି ଦେୟରେ ଏହି ପାଠ୍ୟକ୍ରମରେ ଶିକ୍ଷା ଗ୍ରହଣ କରିପାରିବେ। ଏଥିଲାଗି ଆବଶ୍ୟକ ସମସ୍ତ ପାଠ୍ୟ ଉପକରଣ ଓଡ଼ିଆ ସମେତ ୨୨ଟି ଭାଷାରେ ଉପଲବ୍ଧ ହେବ। ଟ୍ରେନିଂ ଶେଷ ହେବା ପରେ ଅନ୍‌ଲାଇନ୍ ଟେଷ୍ଟ କରାଯାଇ ପ୍ରଶିକ୍ଷଣ ନେଇଥିବା ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଦିଆଯିବ। ଏହା ପରବର୍ତ୍ତୀ ସମୟରେ ପିଲାମାନଙ୍କ ନିଯୁକ୍ତି ପ୍ରକ୍ରିୟାରେ ବିଶେଷ ସହାୟକ ହୋଇପାରିବ।




ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସଙ୍କ ଉପସ୍ଥିତିରେ ବୁଝାମଣାପତ୍ର ସ୍ୱାକ୍ଷର କରାଯାଉଛି।



## ସଂକ୍ଷେପରେ

### କନ୍ୟାଶ୍ରମରେ ଛାତ୍ରୀଙ୍କ ମୃତ୍ୟୁ, ଜଣେ ଗୁରୁତର

**ସୋର, ୩୦।୧(ଡି.ଏନ୍.ଏ.):** ସୋର ଅଞ୍ଚଳରେ ଥିବା ଏକ କନ୍ୟାଶ୍ରମରେ ଜଣେ ଛାତ୍ରୀଙ୍କ ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଛି। ମୃତ ଛାତ୍ରୀ ହେଲେ କମରପୁର ଗ୍ରାମର ଲାଲ ହାଁସଦାଙ୍କର ୮ବର୍ଷର ଝିଅ ହେମାଜନୀ ହାଁସଦା। ସେ ମଙ୍ଗଳବାର ସନ୍ଧ୍ୟାରେ ହଠାତ୍ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସଙ୍ଗେ ସଙ୍ଗେ କନ୍ୟାଶ୍ରମ ତରଫରୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେହିପରି ଅନ୍ୟ ଜଣେ ଛାତ୍ରୀ ସରସ୍ୱତୀ ମଳିକ ଗୁରୁତର ଅବସ୍ଥାରେ ସୋର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏ ସମ୍ପର୍କରେ କେତେକ ଅନ୍ତେବାସିନୀ କହିଛନ୍ତି ଯେ, ମଙ୍ଗଳବାର ଜଣେ ଅନ୍ତେବାସୀଙ୍କର ପରିବାର ଲୋକେ ବରକୋଳି ଆଣିଥିଲେ। ସେହି ବରକୋଳିକୁ କେତେଜଣ ମିଶି ଖାଇଥିଲେ। ଏହାପରେ ଏହି ଘଟଣା ଘଟିଥିବା କୁହାଯାଉଛି। ଛାତ୍ରୀଙ୍କ ମୃତ୍ୟୁକୁ ନେଇ ସୋର ଡାକ୍ତରଖାନାରେ ପ୍ରବଳ ଭିଡ଼ ହୋଇଥିଲା। ସୋର ପୋଲିସ, ତହସିଲଦାର ଦେବୀପ୍ରସନ୍ନ ଦାସ ପହଞ୍ଚି ତଦନ୍ତ କରିଛନ୍ତି। ବାଲେଶ୍ୱର ଶିଶୁ ମଙ୍ଗଳ କମିଟି ଘଟଣାସ୍ଥଳରେ ପହଞ୍ଚିଥିଲା। ସୋର ପୋଲିସ ଶବ ଜବତ କରି ଥାନାରେ ମାମଲା (ନଂ. ୭/୧୯) ରୁଜୁ କରିଛି।

### ମେ' ୧୨ରେ ଓଜେଇଇ

**ଭୁବନେଶ୍ୱର,୩୦।୧(ବ୍ୟୁରୋ):** ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ଆସନ୍ତା ମେ' ୧୨ରେ ଅନୁଷ୍ଠିତ ହେବ। ଏମ୍‌ବିଏ, ଏମ୍‌ସିଏ, ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ, ଇଣ୍ଟିଗ୍ରେଟେଡ୍ ଏମ୍‌ସିଏ, ଏମ୍ ଟେକ୍, ଏମ୍ ଟେକ୍(ପାର୍ଟଟାଇମ୍), ଏମ୍ ପ୍ଲାନ୍, ଏମ୍ ଆର୍କ, ଏମ୍ ଫାର୍ମା, ବି ଫାର୍ମା, ଲାଟେରାଲ ଏଣ୍ଟ୍ରି ବି ଟେକ୍ ଆଦି ପାଠ୍ୟକ୍ରମରେ ନାମଲେଖା ପାଇଁ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ଜାନୁୟାରୀ ୩୦ରୁ ମାର୍ଚ୍ଚ ୨୦ ତାରିଖ ମଧ୍ୟରେ ଛାତ୍ରଛାତ୍ରୀ ଓଜେଇଇ ଅଫିସିଆଲ୍ ୱେବ୍‌ସାଇଟ୍‌ରେ ଅନ୍‌ଲାଇନ୍‌ରେ ଫର୍ମ ପୂରଣ କରିପାରିବେ। ମାର୍ଚ୍ଚ ୨୫ ମଧ୍ୟରେ ଫି' ଦାଖଲ କରିବାର ଶେଷ ତାରିଖ ରହିଥିବା ବେଳେ ଏପ୍ରିଲ ୨୦ରୁ ଛାତ୍ରୀଛାତ୍ରମାନେ ନିଜ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ଚଳିତବର୍ଷ ମଧ୍ୟ ଏମ୍‌ବିଏ, ଏମ୍‌ସିଏ, ଏମ୍ ଟେକ୍, ଏମ୍ ପ୍ଲାନ୍, ଏମ୍ ଆର୍କ, ଏମ୍ ଫାର୍ମା ଭଳି ସମସ୍ତ ମାଷ୍ଟର ଡିଗ୍ରୀ ପାଠ୍ୟକ୍ରମ ପାଇଁ କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ(ସିବିଟି) ମୋଡ୍‌ରେ ପରୀକ୍ଷା ହେବ। ସେହିଭଳି ଇଣ୍ଟିଗ୍ରେଟେଡ୍ ଏବଂ ଲାଟେରାଲ ଏଣ୍ଟ୍ରି ପାଠ୍ୟକ୍ରମ ପାଇଁ 'ପେନ୍ ଆଣ୍ଡ ପେପର' ମୋଡ୍‌ରେ ପରୀକ୍ଷା ଅନୁଷ୍ଠିତ ହେବ। ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ, ବିଭିନ୍ନ ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ସ୍ଥାନ ସଂରକ୍ଷଣ ରହିବ ଏବଂ ରାଜ୍ୟ ବାହାରର ଛାତ୍ରୀଛାତ୍ରମାନେ କେବଳ ଘରୋଇ କଲେଜ ଓ ଘରୋଇ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବାର ସୁଯୋଗ ପାଇପାରିବେ।

■ ଜବାବ ମାଗୁଛି ଓଡ଼ିଶା ସମାବେଶ

# '୧୯ବର୍ଷର ସରକାରକୁ ୧୯ରେ ସଫା କରିବାକୁ ହେବ'

**ପୁରୀ ଅଫିସ,୩୦।୧**

ପୁରୀ ହେଉଛି ପବିତ୍ର ମାଟି। ଏହି ମାଟିରେ ଦିନେ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ ଏବଂ ଚାଖି ଖୁଣ୍ଟିଆଙ୍କ ପରି ସୁଯୋଗ୍ୟ ସନ୍ତାନ ଜନ୍ମ ନେଇଥିଲେ। ଏହି ମାଟି ପ୍ରତି ସଦାସର୍ବଦା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ରହିଛି। ତେଣୁ ଏହି ମାଟିରୁ ଆମେ ସଂକଳ୍ପ ନେବା। ୧୯ ବର୍ଷର ଭ୍ରଷ୍ଟାଚାରୀ, ଦୁର୍ନୀତିଖୋର, ଅପାରଗ, ସ୍ଥାଣୁ ଓ ମିଛୁଆ ସରକାରକୁ ୧୯ରେ ସଫା କରିବା ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ପୁରୀ ସଦର ନିର୍ବାଚନମଣ୍ଡଳୀ ଛଇତନା ମେଳଣ ପଡ଼ିଆରେ ବୁଧବାର ଆୟୋଜିତ ଜବାବ ମାଗୁଛି ଓଡ଼ିଶା ସମାବେଶରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ, ବିଶ୍ୱ ପ୍ରସିଦ୍ଧ କୋଣାର୍କ, ଶ୍ରୀମନ୍ଦିର, ବିଶୁ ମହାରଣାର କାହାଣୀ, ଧର୍ମପଦର ବଳିଦାନର ସ୍ୱାକ୍ଷର ବହନ କରୁଥିବା ଏହି ଜିଲା ଆଜି ସବୁକ୍ଷେତ୍ରରେ ଅବହେଳିତ। ଅର୍ଦ୍ଧାଧିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନାହାନ୍ତି। ସବୁ ଘରକୁ ପାଇପ ଯୋଗେ ପିଇବା ପାଣିର ବ୍ୟବସ୍ଥା ନାହିଁ, ଲୋକଙ୍କୁ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ମିଳୁନି। ଜଳସେଚନ ବ୍ୟବସ୍ଥା ତଦ୍ରୂପ। ଯେତିକି ପାଣି ସମୁଦ୍ରକୁ ବହିଯାଉଛି ତାକୁ ଯଦି ରଖିବାର ବ୍ୟବସ୍ଥା ହୁଅନ୍ତା ତେବେ ଏ ଜିଲାର ଚାଷୀ ସମଗ୍ର ଭାରତବର୍ଷକୁ ପନିପରିବା ଯୋଗାଇପାରନ୍ତା। କୁମ୍ଭକର୍ଣ୍ଣ ନିଦରେ ଶୋଇଥିବା ନବୀନ ପଟ୍ଟନାୟକଙ୍କ ସରକାରକୁ ଆଜି ଜବାବ ମାଗିବାର ବେଳ ଆସିଛି ବୋଲି କହିଥିଲେ ଧର୍ମେନ୍ଦ୍ର। ଏଠି ଶିକ୍ଷକଙ୍କୁ ଦରମା ଦେବା ପାଇଁ ସରକାରଙ୍କ ପାଖରେ ପଇସା ନାହିଁ। କିନ୍ତୁ ମୁମ୍ବାଇରୁ ଶାହାରୁଖ୍ ଖାଁ ଏବଂ ସଲମାନ ଖାନ୍‌ଙ୍କୁ ଆଣି ନଚାଇ ଓଡ଼ିଆ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି।



ଛଇତନା ମେଳଣ ପଡ଼ିଆରେ ଅନୁଷ୍ଠିତ 'ଜବାବ ମାଗୁଛି ଓଡ଼ିଶା' ସମାବେଶରେ ମଞ୍ଚାସୀନ ଭାଜପା ନେତୃମଣ୍ଡଳୀ।

■ ଓଡ଼ିଶାରେ ଯୁବକମାନଙ୍କ ପାଇଁ ସୁଯୋଗ ନାହିଁ
■ ପୁରୀ ଜିଲାର ଚାଷୀ ଭାରତକୁ ପନିପରିବା ଯୋଗାଇପାରିବେ
■ ଜାତୀୟ ରାଜପଥ ତିଆରିରେ ରାଜ୍ୟ ସରକାର ଅସହଯୋଗ କରୁଛନ୍ତି

ମୋଦି ସରକାର ବିଭିନ୍ନ ପ୍ରକଳ୍ପ ପାଇଁ ଓଡ଼ିଶାକୁ ୫ଲକ୍ଷ ୧୩ ହଜାର କୋଟି ଟଙ୍କା ଦେଇଛନ୍ତି। ଏଥିସହ କେନ୍ଦ୍ର ସରକାର ଘରେ ଘରେ ପାଇଖାନା ନିର୍ମାଣ ପାଇଁ ଅର୍ଥ ଦେଉଛନ୍ତି। ହେଲେ ହିତାଧିକାରଙ୍କ ଠାରୁ ୨ ହଜାର ଟଙ୍କା ପିସି ଆଦାୟ କରାଯାଉଛି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ର ସରକାର ଦେଢ଼ଲକ୍ଷ ଟଙ୍କା ଲେଖାଏଁ ଦେଇଛନ୍ତି। ମାତ୍ର ଓଡ଼ିଶାର ୪୦ ଭାଗ ଲୋକଙ୍କର ଘର ତିଆରି ହୋଇପାରି ନାହିଁ। ଟଙ୍କିକିଆ ଚାଉଳ ହିତାଧିକାରୀ ତାଲିକାରେ ବଡ଼ବଡ଼ିଆଙ୍କ ନାଁ ରହିଥିବା କହିଥିଲେ ଧର୍ମେନ୍ଦ୍ର। ଓଡ଼ିଶାରେ ଜାତୀୟ ରାଜପଥ ଅଧିକ ଯୋଡ଼ା ଯାଇଛି। କିନ୍ତୁ ରାଜ୍ୟ ସରକାର ଏହି ରାସ୍ତା ତିଆରି କରାଇବାରେ ସହଯୋଗ କରୁନାହାନ୍ତି। ସେହିପରି କେନ୍ଦ୍ର ସରକାର ଓଡ଼ିଶା ଉପକୂଳ ରାଜପଥର ପରିକଳ୍ପନା କରିଛନ୍ତି। ୪୧୫ କିମି ଉପକୂଳ ରାଜପଥ ହେଲେ ଓଡ଼ିଶା ଅର୍ଥନୀତିରେ ବଡ଼ ପରିବର୍ତ୍ତନ ହେବ। ଏହାର ଏକ ବଡ଼ ଭାଗ ପୁରୀ ଜିଲା ଦେଇ ଯିବ। ଏହି ଜିଲାର ଜନପ୍ରତିନିଧି ମାନେ କେନ୍ଦ୍ର ସରକାରଙ୍କ ଏହି ପ୍ରକଳ୍ପକୁ ଭଣ୍ଡୁର କରିବା ଲାଗି ଚେଷ୍ଟା ଜାରି ରଖିଛନ୍ତି।

ଓଡ଼ିଶାରେ ଖଣିଜ ସମ୍ପଦ ଭରପୂର ଥିଲେ ମଧ୍ୟ ଯୁବକମାନଙ୍କ ପାଇଁ ସୁଯୋଗ ନାହିଁ। ଯେଉଁଥିପାଇଁ କାକଟପୁର ସମୁଦ୍ରକୂଳିଆ ଅଞ୍ଚଳର ଶିକ୍ଷିତ ଯୁବକ ଆଜି ରାଜସ୍ଥାନର ହୋଟେଲରେ କାମ କରୁଛନ୍ତି। ଏହା ହେଉଛି ନବୀନ ସରକାରଙ୍କ ବାସ୍ତବ ଚିତ୍ର ବୋଲି ଧର୍ମେନ୍ଦ୍ର କହିବା ସହ ନୂଆ ଓଡ଼ିଶା ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ସମାବେଶରେ କୃଷ୍ଣଚନ୍ଦ୍ର ଜଗଦ୍ଦେବ, କୃଷ୍ଣଚନ୍ଦ୍ର ପଣ୍ଡା, ରମାରଞ୍ଜନ ବଳିୟାରସିଂ, ଓମ୍‌ପ୍ରକାଶ ମିଶ୍ର ପ୍ରମୁଖ ଦଳୀୟ ନେତୃବୃନ୍ଦ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।

# ଚଳନ୍ତା ବାଇକ୍ ଉପରକୁ ଗୁଳିମାଡ଼, ଯୁବକ ଗୁରୁତର

■ ଗ୍ରାମରେ ଉତ୍ତେଜନା, ଭଙ୍ଗାରୁଜା

**ବାଲେଶ୍ୱର ଅଫିସ, ୩୦।୧**

ବାଲେଶ୍ୱର ସହଦେବଖୁଣ୍ଟା ଥାନା ଫୁଲାଡ଼ି ଛକସ୍ଥିତ ବଳଙ୍ଗନଦୀ ଲୁହା ପୋଲ ନିକଟରେ ବୁଧବାର ରାତି ପ୍ରାୟ ସାଢ଼େ ୭ଟାରେ ଏକ ଚଳନ୍ତା ବାଇକ ଉପରକୁ ଗୁଳିମାଡ ହୋଇଛି। ଘଟଣାସ୍ଥଳରେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଏହି ଘଟଣା ପରେ ଗୁଳିମାଡର ଶିକାର ହୋଇଥିବା ଯୁବକଙ୍କ ପରିବାର ଓ ଗ୍ରାମବାସୀ ସାନଦହପଡ଼ା ଗାଁରେ ପଶି ଭଙ୍ଗାରୁଜା କରିଛନ୍ତି।

ଦହପଡ଼ା ପଞ୍ଚାୟତ କଣ୍ଟାବଣିଆ ଗ୍ରାମର ବିରଞ୍ଚି ଦାସ (୩୨) ଫୁଲାଡ଼ି ଛକରୁ ଏକ ବୁଲେଟ୍‌ରେ ଘରକୁ ଫେରୁଥିଲେ। ସେ ଲୁହା ପୋଲ ପାରି ହେବା ପରେ ପଛପଟୁ ୨ ଜଣ ଦୁର୍ବୃତ୍ତ ଅନ୍ୟ ଏକ ବାଇକ୍‌ରେ ଆସି ତାଙ୍କ ଉପରକୁ ଗୁଳିଚାଳନା କରିଥିଲେ। ବିରଞ୍ଚିଙ୍କ ପିଠିରେ ଗୁଳି ବାଜିବାରୁ ସେ ଘଟଣାସ୍ଥଳରେ ପଡ଼ି ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ସେଠାରେ ପହଞ୍ଚିବା ପୂର୍ବରୁ ଦୁର୍ବୃତ୍ତମାନେ ଟାଉନ୍ ଭିତରକୁ ପଶିଯାଇ ଫେରାର୍ ହୋଇଯାଇଥିଲେ। ବିରଞ୍ଚିଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ଜୀବନ ସଙ୍କଟାପନ୍ନ ରହିଛି। ଏହାକୁ କେନ୍ଦ୍ର କରି ବିରଞ୍ଚିଙ୍କ ପରିବାର ଓ ୫୦ରୁ ଊର୍ଦ୍ଧ୍ୱ ସମର୍ଥକ ଉକ୍ତ ପଞ୍ଚାୟତ ସାନଦହପଡ଼ା ଗାଁରେ ପଶି ଜଗନ୍ନାଥ ପ୍ରଧାନଙ୍କ ଘର ଉପରେ ଆକ୍ରମଣ କରିଛନ୍ତି। ଘରର ଫାଟକ ଭାଙ୍ଗି ଭିତରକୁ ପଶିବା ସହ ଆସବାବପତ୍ର ଭାଙ୍ଗିରୁଜି ନଷ୍ଟ କରି ଦେଇଛନ୍ତି। ପାଖରେ ଥିବା ଏକ ବାଇକ୍‌କୁ ମଧ୍ୟ ସେମାନେ ଭାଙ୍ଗି ଦେଇଥିବାର ଜଣାପଡ଼ିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗ୍ରାମରେ ପାଟ୍ରୋଲିଂ ଜାରି ରଖିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବାର ଜଣାପଡ଼ିଛି।

### ଜଗିଙ୍କୁ ସ୍ୱାଧିକାର କମିଟିକୁ ଡକାଇବାକୁ ବିରୋଧ

# ବିଧାନସଭା ସ୍ୱାଧିକାର କମିଟିରୁ ଇସ୍ତଫା ଦେଲେ କନକବର୍ଦ୍ଧନ ସିଂଦେଓ

**ଭୁବନେଶ୍ୱର,୩୦।୧(ବ୍ୟୁରୋ)**

ବିଧାନସଭା ଖବର ପ୍ରସାରଣକୁ ନେଇ ବିଧାନସଭା ସ୍ୱାଧିକାର କମିଟି ଓଟିଭି ନିର୍ଦ୍ଦେଶିକା ଜଗି ମଙ୍ଗତ ପଣ୍ଡାଙ୍କୁ ସମନ କରିଥିଲା। ଜଗି ଜାନୁୟାରୀ ୨୮ ତାରିଖରେ କମିଟି ନିକଟରେ ବ୍ୟକ୍ତିଗତ ହାଜର ହୋଇ ପକ୍ଷ ରଖିଥିଲେ। ଏହାକୁ ବିରୋଧ କରି ସ୍ୱାଧିକାର କମିଟିର ସଦସ୍ୟ ତଥା ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ କମିଟିରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫା ପତ୍ର ବୁଧବାର ବିଧାନସଭା ବାଚସ୍ପତି ପ୍ରଦୀପ କୁମାର ଅମାତଙ୍କୁ ପ୍ରଦାନ କରିଛନ୍ତି। କେ.ଭି ତାଙ୍କ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଓଟିଭି ଦ୍ୱାରା ପ୍ରସାରଣ କରାଯାଇଥିବା ଏକ ଖବରକୁ ନେଇ ୨୦୧୮ ନଭେମ୍ବର ୨୦ ତାରିଖରେ ବିଧାନସଭାରେ ଏକ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣିଥିଲେ। ଏହାକୁ ବିରୋଧ କରି ବାଚସ୍ପତିଙ୍କ ଦ୍ୱାରା ୨୦୧୮-୧୯ ପାଇଁ ଗଠନ କରାଯାଇଥିବା ସ୍ୱାଧିକାର କମିଟିର ସଦସ୍ୟ ପଦବୀରୁ ଇସ୍ତଫା ଦେଉଥିବା ଉଲ୍ଲେଖ କରିଛନ୍ତି। ଓଟିଭି ଖବର ପ୍ରସାରଣ କରି ବିଧାନସଭାର ମର୍ଯ୍ୟାଦାହାନି କରିଥିବା ବାହିନୀପତି ଦର୍ଶାଇଥିଲେ। ତେବେ ଏଥିରେ ସେ ଉକ୍ତ ଚ୍ୟାନେଲର ପରିଚାଳନା ନିର୍ଦ୍ଦେଶିକାଙ୍କୁ କମିଟି ସମ୍ମୁଖରେ ହାଜର କରାଇବାକୁ ଉଲ୍ଲେଖ କରି ନ ଥିଲେ। ଗଣମାଧ୍ୟମ ମାଲିକଙ୍କୁ ଡକାଇବାର ବ୍ୟବସ୍ଥା ନାହିଁ। ସ୍ୱାଧିକାର କମିଟିକୁ ସମ୍ପାଦକ କିମ୍ବା ଖବରଦାତାଙ୍କୁ ଡକାଯାଇ ଥାଏ। ସେହିପରି ଚ୍ୟାନେଲର ସମ୍ପାଦକ କିମ୍ବା ରିପୋର୍ଟରଙ୍କୁ ଡକାଯାଇ ପାରିଥାଆନ୍ତା। ଏହା ନ କରି ଉକ୍ତ ଚ୍ୟାନେଲର ନିର୍ଦ୍ଦେଶିକାଙ୍କୁ ଡକାଯାଇଛି। ଜଗି ଓଡ଼ିଶାର ଜଣେ ଖ୍ୟାତନାମା ମହିଳା ଉଦ୍ୟୋଗୀ। ତାଙ୍କୁ ସର୍ବସାଧାରଣରେ ଅପମାନିତ କରାଯାଇଛି। ମହିଳା ବିରୋଧୀ ଏବଂ ରାଜନୈତିକ ବିଦ୍ୱେଷ ଭାବ ରଖି ଏଭଳି କରାଯାଇଛି ବୋଲି କେ.ଭି ବାଚସ୍ପତିଙ୍କୁ ଦେଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ଉକ୍ତ କାରଣ ଦର୍ଶାଇବା ସହ କମିଟିର ସଦସ୍ୟ ହୋଇଥିଲେ ମଧ୍ୟ ତାଙ୍କ ପ୍ରତି ଅନ୍ୟାୟ କରାଯିବା ସହ ଏହା ସ୍ୱାଧୀନ ଭାବେ କାର୍ଯ୍ୟ କରୁ ନାହିଁ ଅଭିଯୋଗ ଆଣି ଇସ୍ତଫା ଦେଇଥିବା କେ.ଭି ଉଲ୍ଲେଖ କରିଛନ୍ତି।

ଏଠାରେ ସୂଚନା ଯୋଗ୍ୟ ଯେ କମିଟିରେ ହାଜର ହୋଇ ଫେରିବା ପରେ ଜାଣିଶୁଣି ତାଙ୍କୁ ତାଙ୍କ ଟିଭି ଚ୍ୟାନେଲକୁ ହଇରାଣ ଓ ବଦନାମ କରିବାକୁ ଉଦ୍ୟମ କରାଯାଉଥିବା ଜଗି ଅଭିଯୋଗ କରିଥିଲେ। ତାରା ମଧ୍ୟ କମିଟିକୁ ଡକାଯିବା ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସେ କହିଥିଲେ ଯେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବକୁ ଉଠେଇ ନେବାକୁ ବାଚସ୍ପତିଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହା ସତ୍ତ୍ୱେ ପୁଣି ଡକାଯିବାକୁ ନେଇ ସେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ।

# ଘର ମାଲିକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

**ଖୋର୍ଦ୍ଧା ଅଫିସ,୩୦।୧**

ଖୋର୍ଦ୍ଧା ଆଦର୍ଶ ଥାନା ବାଘମାରୀ ଫାଣ୍ଡି ସିମୋର ଛକରେ ଘଟିଛି ବୀଭତ୍ସ ହତ୍ୟାକାଣ୍ଡ। ଏକ ନିର୍ମାଣାଧୀନ କୋଠାଘରେ ଘରର ମାଲିକ କଣ୍ଟାମଳିମ ଗାଁର ସତ୍ୟବ୍ରତ ପାତ୍ର ଓରଫ ତପୁ (୨୫)ଙ୍କୁ ମଙ୍ଗଳବାର ରାତିରେ ହତ୍ୟା କରାଯାଇଛି। ହତ୍ୟା କରାଯାଇଥିବା ଘରର କାନ୍ଥରେ ହତ୍ୟାର କାରଣ ଲେଖି ବାହାରପଟ କବାଟରେ ତାଲାମାରି ହତ୍ୟାକାରୀ ଫେରାର ହୋଇଯାଇଛନ୍ତି। ଘରର କେୟାର୍‌ଟେକର ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ମୃତକଙ୍କ ବାପା ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (୨୮/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ରକ୍ତଭିଜା ଟାଙ୍ଗିଆକୁ ଜବତ କରାଯାଇଛି। ପ୍ରାଥମିକ ତଦନ୍ତରୁ ଏହି ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବା ନେଇ ପୋଲିସ ସନ୍ଦେହ କରୁଛି।

କଣ୍ଟାମଳିମ ଗାଁର ସତ୍ୟବ୍ରତଙ୍କର ସିମୋର ଛକ ନୂଆ ଘରେ ନରେନ୍ଦ୍ର ବୋଲି ଜଣେ ଯୁବକ କେୟାର୍‌ଟେକର ଭାବେ କାର୍ଯ୍ୟ କରନ୍ତି। ନରେନ୍ଦ୍ର ସବୁବେଳେ ମଦ ପିଅନ୍ତି। ନରେନ୍ଦ୍ରଙ୍କ ମଦ ପିଇବାକୁ ସତ୍ୟବ୍ରତ ବାରମ୍ବାର ବାରଣ କରୁଥିଲେ। ମଦ ପିଇବାକୁ ବାରଣ କରିବାରୁ ନରେନ୍ଦ୍ର ସତ୍ୟବ୍ରତଙ୍କୁ ହତ୍ୟା କରିଥିବା କୁହାଯାଉଛି। ମଙ୍ଗଳବାର ରାତିରେ ନରେନ୍ଦ୍ର ମଦ ପିଇ ଆସିଥିଲେ। ମଦ ପିଇବା ଘଟଣାକୁ ନେଇ ନରେନ୍ଦ୍ର ଓ ସତ୍ୟବ୍ରତଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ସେ ଉତ୍କ୍ଷିପ୍ତ ହୋଇ ସତ୍ୟବ୍ରତଙ୍କୁ ଟାଙ୍ଗିଆରେ ବେକକୁ ହାଣି ଦେଇଥିବା ସନ୍ଦେହ କରାଯାଉଛି। ଏଥିରେ ତାଙ୍କ ବେକ ପ୍ରାୟ ୭୦ ପ୍ରତିଶତ କଟି ଯାଇଛି। ସବୁଠାରୁ ବଡକଥା ଘର ନିର୍ମାଣ ଶେଷ ହୋଇଥିଲେ ସତ୍ୟବ୍ରତଙ୍କ ବିବାହ ହୋଇଥାନ୍ତା। ତାଙ୍କ ନିର୍ବନ୍ଧ ଜଟଣୀ କୁସୁମାଟି ଗାଁରେ ଶେଷ ହୋଇସାରିଛି। ଏଭଳିସ୍ଥଳେ ହତ୍ୟାକାରୀ କାନ୍ଥରେ ଅଙ୍ଗାରରେ ଲେଖିଛନ୍ତି ମୁଁ ତାଙ୍କୁ ଏତିକି କହିଥିଲି। ମୁଁ ଯଦି ମଦ ଖାଇଲି ତୁମେ ବେଶ୍ୟା ବାଡିକି ଯାଉଛ। ବାବା ଟିକେ ଦୟାକରି ଶୁଣନ୍ତୁ ଆପଣଙ୍କ ପୁଅ ମୋ ପ୍ରତି ଅନ୍ୟାୟ କରିଛି। ମୁଁ କିଛି ନେଇନି କେବଳ ମୁଦିଟି ନେଇଛି ବୋଲି ଲେଖା ରହିଛି। ଏ ନେଇ ମୃତକଙ୍କ ବାପା ଗୋପାଳ କୁହନ୍ତି, ପୁଅ ସତ୍ୟବ୍ରତ ଭୁବନେଶ୍ୱରରୁ ଅଟୋରେ ରଙ୍ଗ ପଠାଇ ମଙ୍ଗଳବାର ସନ୍ଧ୍ୟାରେ ଘରକୁ ଫେରିଥିଲେ। ଘରେ ଖାଇପିଇ ଶୋଇଥିଲେ। ଘରେ ଥିବା ନରେନ୍ଦ୍ର ପୁଅ ସତ୍ୟବ୍ରତ ଏକାଠି ଥିଲେ। ଘରର ୩ଟି ଚାବି ସତ୍ୟବ୍ରତ, ନରେନ୍ଦ୍ର ଓ ତାଙ୍କ ପାଖରେ ଥିଲା। ମଦ ପିଇବାକୁ ନେଇ ସତ୍ୟବ୍ରତ ବିଭିନ୍ନ ସମୟରେ ନରେନ୍ଦ୍ରଙ୍କୁ ବାରଣ କରୁଥିଲେ। ଘରର କାର୍ଯ୍ୟ ଶେଷ କରି ବୁଧବାର ପୂର୍ବାହ୍ନରେ ନୂଆ ଘରକୁ ବାଇକ୍ ଯୋଗେ ଯାଉଥିବାବେଳେ ତରତୁଆ ନିକଟରେ ନରେନ୍ଦ୍ରଙ୍କୁ ଚାଲିକରି ଯିବାର ଦେଖିବାକୁ ପାଇଥିଲି। ଘରର ରଙ୍ଗ ହେବାକୁ ଥିବାବେଳେ କୁଆଡେ ଯାଉଛୁ ପଚାରିବାରୁ ମିସ୍ତ୍ରିଙ୍କୁ ଟଙ୍କା ଦେବାକୁ ଯାଉଛି କହି ନରେନ୍ଦ୍ର ଚାଲି ଯାଇଥିଲେ। ପୁଅଙ୍କୁ ନ ପାଇ ଘରର ତାଲା ଭାଙ୍ଗି ଦେଖିଲା ବେଳକୁ ଘରେ ସତ୍ୟବ୍ରତଙ୍କ ମୃତଦେହ ପଡି ରହିଥିଲା ବୋଲି ଗୋପାଳ କହିଛନ୍ତି।



■ ହତ୍ୟାର କାରଣ କାନ୍ଥରେ ଲେଖି ହତ୍ୟାକାରୀ ଫେରାର
■ କେୟାର୍‌ଟେକରଙ୍କ ସମ୍ପୃକ୍ତି ଅଭିଯୋଗ
■ ରକ୍ତଭିଜା ଟାଙ୍ଗିଆ ଜବତ

### ମୁଖ୍ୟମନ୍ତ୍ରୀଙ୍କୁ ଚିଟ୍‌ଫଣ୍ଡ ଭୂତ ଘାରିଛି: ଲେଖାଶ୍ରୀ

**ଭୁବନେଶ୍ୱର, ୩୦।୧(ବ୍ୟୁରୋ)**

ବାରିପଦା ଛଉ ପଡିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ନିଃସହାୟତା ବୁଧବାର ସାଢେ ୪କୋଟି ଓଡିଆ ଦେଖିଛନ୍ତି ବୋଲି ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ଦଳୀୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କୁ ଚିଟ୍‌ଫଣ୍ଡର ଭୂତ ଘାରିଛି। ମୟୂରଭଞ୍ଜ ଏମ୍‌ପି ରାମଚନ୍ଦ୍ର ହାଁସଦା ସରକାରୀ କାର୍ଯ୍ୟକ୍ରମକୁ ନିମନ୍ତ୍ରିତ ହେଲେନାହିଁ। କାଳେ ଚିଟ୍‌ଫଣ୍ଡର କାଳିମା ଦେହରେ ଲାଗିବ ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ସଭାରୁ ତାଙ୍କୁ ଦୂରରେ ରଖାଗଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ବାରିପଦା ଆସିଥିଲେ। ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ମୟୂରଭଞ୍ଜ ଏମ୍‌ପି ପ୍ରଧାନମନ୍ତ୍ରୀଙ୍କ ସହ ମଞ୍ଚରେ ବସିଥିଲେ। ଜଣେ ଦୁର୍ନୀତିଗ୍ରସ୍ତଙ୍କୁ ଦୂରରେ ରଖିବା ଚିନ୍ତା ନା ଓଡିଶା ସରକାରଙ୍କ ପୃଷ୍ଠପୋଷକତାରେ ଲୋକଙ୍କ କଷ୍ଟ ଅର୍ଜିତ ଅର୍ଥକୁ ଲୁଟ କରିଥିବା ହାଁସଦାଙ୍କୁ ପାଖରେ ବସାଇଲେ କାଳେ ଜନବିରୋଧର ଶିକାର ହେବେ ସେଥିପାଇଁ ସାମ୍ବିଧାନିକ ବ୍ୟବସ୍ଥାକୁ ପ୍ରତ୍ୟାଖ୍ୟାନ କରିବାକୁ ଯୋଜନା କରାଯାଇଥିଲା। ରାଜ୍ୟ ସରକାର ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ମାଧ୍ୟମରେ ମହିଳାମାନଙ୍କୁ ପଇସା ବାଣ୍ଟିବାକୁ ଯାଉଛନ୍ତି ବୋଲି ଲେଖାଶ୍ରୀ କହିଛନ୍ତି।





# ସୁନା ଦୋକାନରୁ ୧୫ ଲକ୍ଷର ଗହଣା ଲୁଟ୍

**ରାଜନଗର,୩୦।୧(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜନଗର ଅଞ୍ଚଳର ସବୁଠୁ ଜନଗହଳିପୂର୍ଣ୍ଣ ରାସ୍ତା ହଂସୁଆ ସେତୁ ଠାରୁ ମାତ୍ର ଶହେ ଫୁଟ ଦୂରରେ ଥିବା ଏକ ସୁନା ଦୋକାନରୁ ବୁଧବାର ପୂର୍ବାହ୍ନରେ ଦୁର୍ବୃତ୍ତମାନେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଲୁଟି ନେଇଛନ୍ତି। ଏ ନେଇ ଦୋକାନ ମାଲିକ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ସିସି ଟିଭି ଫୁଟେଜକୁ ଆଧାର କରି ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି।

ହଂସୁଆ ସେତୁ ନିକଟ ଗୁପ୍ତି ମୁଖ୍ୟରାସ୍ତାର ପାର୍ଶ୍ୱରେ ଶ୍ରୀମତୀ ଅଳଙ୍କାର ଓ କଂସାବାସନ ଦୋକାନ ରହିଛି। ସକାଳ ସାଢେ ୯ଟା ସମୟରେ ଏହି ଦୋକାନର ମାଲିକ ପଟ୍ଟାମୁଣ୍ଡାଇ ବ୍ଲକର ନାରାୟଣ କୁଣ୍ଡ ଦୋକାନ ଖୋଲି ଭିତରକୁ ଯାଇଥିଲେ। ଏହି ସମୟରେ ତାଙ୍କୁ ମୋଟର ସାଇକେଲରେ ପିଛା କରୁଥିବା ଦୁଇଜଣ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ଦୋକାନ ମଧ୍ୟକୁ ଯାଇଥିଲେ। ସେ ଭିତରେ ପଶି ବିଭିନ୍ନ ଅଳଙ୍କାର ଦେଖିଥିଲେ। ପରେ ରୁପାର ପାଉଁଜି ଦେଖାଇବାକୁ କହିଥିଲେ। ପ୍ରଥମ ଦୁର୍ବୃତ୍ତଙ୍କ ଇଙ୍ଗିତରେ ବାହାରେ ପ୍ରସ୍ତୁତ ରହିଥିବା ଅନ୍ୟ ଜଣକ ଦୋକାନ ମଧ୍ୟକୁ ପ୍ରବେଶ କରିବା ସହିତ ସୁନା ଅଳଙ୍କାର ଦେଖିଥିଲେ। ଏହି ସମୟରେ ନାରାୟଣ ରୁପାର ପାଉଁଜି କାଢିବା ବେଳେ ପ୍ରଥମ ଦୁର୍ବୃତ୍ତ ଦୋକାନରୁ ଚତୁରତାର ସହିତ ୪୨୦ ଗ୍ରାମର ସୁନା ଅଳଙ୍କାର ଥିବା ଡବାକୁ ଉଠାଇ ଆଣି ସହଯୋଗୀଙ୍କ ସହ ଚମ୍ପଟ ମାରିଥିଲେ। ନାରାୟଣ ନିଜର ଏକ ସୁନା ଅଳଙ୍କାର ଡବା ନ ପାଇ ବାହାରକୁ ଆସି ଚୋରି ହୋଇଥିବା କହି ପାଟି କରିଥିଲେ। ଚିତ୍କାର ଶୁଣି ପାଖ ଦୋକାନୀ ଓ ସାଧାରଣ ଲୋକେ ସେଠାରେ ପହଞ୍ଚି ଚୋରି ହେବା କଥା ଜାଣିବା ପରେ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଅଳଙ୍କାର ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜକୁ ଅନୁଧ୍ୟାନ କରିଥିଲେ। ଏଥିରେ ଦୁଇଜଣ ଦୁର୍ବୃତ୍ତଙ୍କ ଚେହେରା ଦେଖିବାକୁ ମିଳିଥିଲେ ହେଁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସେମାନଙ୍କ ପତ୍ତା ମିଳିନାହିଁ। ରାଜନଗର ଆଇଆଇସି ସୁକାନ୍ତ କୁମାର ପାତ୍ର ପଟ୍ଟାମୁଣ୍ଡାଇ, ମହାକାଳପଡା, କେନ୍ଦ୍ରାପଡା ହେଡକ୍ୱାର୍ଟରକୁ ଏ ନେଇ ସୂଚନା ଦେବା ସହ ରାସ୍ତା ସିଲ୍ କରିଥିଲେ। ଗତ ୨୧ ତାରିଖରେ ରାଜନଗର ବ୍ଲକର କଣ୍ଡିରାରେ ଘଟିଥିବା ଗୁଳିକାଣ୍ଡ ଓ ପୋଲିସ ଏନକାଉଣ୍ଟର ଭୟ ସାଧାରଣ ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ଆଜି ଦିବାଲୋକରେ ରାଜନଗର ବଜାରରୁ ଚୋରିହେବା ଘଟଣା ନେଇ ଆତଙ୍କ ଖେଳିଯାଇଛି।

■ ରଘୁନାଥପାଲି ବିଧାୟକଙ୍କ ବିରୋଧରେ ନିର୍ବାଚନୀ ମାମଲା

# ନିଷ୍ପତ୍ତି ନେବେ ନିର୍ବାଚନ କମିଶନର

**କଟକ ଅଫିସ, ୩୦।୧**

ସୁନ୍ଦରଗଡ଼ ଜିଲା ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ବିରୋଧରେ ନିର୍ବାଚନୀ ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି। ନିୟମାନୁଯାୟୀ ଯଦି ନିର୍ବାଚନକୁ ନେଇ କୌଣସି ମାମଲା ଚାଲିଥାଏ ତେବେ ନିର୍ବାଚନରେ ବ୍ୟବହୃତ ଇଭିଏମ୍‌ଗୁଡ଼ିକୁ ସ୍ୱତନ୍ତ୍ର ଭାବେ ସଂରକ୍ଷିତ କରି ରଖାଯାଇଥାଏ। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ସୁନ୍ଦରଗଡ଼ ଜିଲାପାଳ ରଘୁନାଥପାଲି ନିର୍ବାଚନମଣ୍ଡଳୀର ୨୦୧୪ ନିର୍ବାଚନରେ ବ୍ୟବହୃତ ଇଭିଏମ୍‌ଗୁଡ଼ିକୁ ସଂରକ୍ଷଣ ମୁକ୍ତ କରି ସେଗୁଡ଼ିକୁ ନେବା ନିମନ୍ତେ ହାଇକୋର୍ଟରେ ଆବେଦନ କରିଥିଲେ। ଆବେଦନର ଶୁଣାଣି କରି ବିଚାରପତି ବି.ଆର୍. ଷଡଙ୍ଗୀ ଏହି ନିଷ୍ପତ୍ତି ନିର୍ବାଚନ କମିଶନର ନେବେ ବୋଲି ଆଦେଶ ଦେଇଛନ୍ତି। ସୂଚନାଥାଉକି, ବିଧାୟକ ସୁବ୍ରତ ତରାଇ ୨୦୧୪ରେ ଭୋଟରଙ୍କୁ ଅର୍ଥ ଦେଇ ନିର୍ବାଚନ ଜିତିଥିବା ନେଇ ହାଇକୋର୍ଟରେ ମାମଲା ହୋଇଥିଲା। ଅସାଧୁ ଉପାୟରେ ବିଧାୟକ ନିର୍ବାଚନ ଜିତିଥିବାରୁ ତାଙ୍କ ସଭ୍ୟପଦ ରଦ୍ଦ କରିବାକୁ ଜଗବନ୍ଧୁ ବେହେରା ନାମକ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଦାରିଙ୍ଗବାଡ଼ିରେ ପୁଣି ତୁଷାରପାତ

■ **ଗୋଟିଏ ଦିନରେ ୭ ଡିଗ୍ରୀ ଖସିଲା ପାରଦ, ଅସହ୍ୟ ଶୀତ**

**ଦାରିଙ୍ଗବାଡି,୩୦।୧(ଡି.ଏନ.ଏ.)**

ଓଡ଼ିଶାର କଶ୍ମୀର କନ୍ଧମାଳ ଜିଲା ଦାରିଙ୍ଗବାଡିରେ ପୁଣି ଶୀତ ବୃଦ୍ଧି ପାଇବା ସହ ବୁଧବାର ତୁଷାରପାତ ହୋଇଛି। ଗତ ୩ଦିନ ହେଲା ଅଞ୍ଚଳରେ କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା ଲାଗିରହିଥିଲା। ମଙ୍ଗଳବାର ପାଗରେ ପରିବର୍ତ୍ତନ ଆସିବା ସହ ସନ୍ଧ୍ୟାରେ ଶୀତ ବୃଦ୍ଧି ପାଇଥିଲା। ଦାରିଙ୍ଗବାଡ଼ିରେ ମଙ୍ଗଳବାରର ତାପମାତ୍ରା ୧୧ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ବୁଧବାର ଏହା କମି ୪ ଡିଗ୍ରୀରେ ପହଞ୍ଚିଛି। ଗୋଟିଏ ଦିନରେ ୭ଡିଗ୍ରୀ ପାରଦ ଖସିବା ଚଳିତ ବର୍ଷ ପାଇଁ ପ୍ରଥମ ଘଟଣା।

ହଠାତ୍ ତୁଷାରପାତ ଯୋଗୁ ଶୀତ ବୃଦ୍ଧି ପାଇବା ସହ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇପଡୁଛି। ଦାରିଙ୍ଗବାଡିର ବି.ଡକେବାଡି ଅଞ୍ଚଳ ସମେତ ବିଦ୍ୟୁତ୍ କାର୍ଯ୍ୟାଳୟ, କଫିବଗିଚା, କିଲାବାଡି ଫ୍ଲାହେରୀ, ସିମନବାଡି, ସିଆଁଙ୍ଗବାଲି, ଭ୍ରମରବାଡି, ଗ୍ରୀନବାଡି, ଦନେକବାଡି ଆଦି ଅଞ୍ଚଳରେ ଅଧିକ ତୁଷାରପାତ ହୋଇଛି। ଦାରିଙ୍ଗବାଡିକୁ ଆସିଥିବା ପର୍ଯ୍ୟଟକ ତୁଷାରପାତର ମଜା ନେଇଥିଲେ। ଏଭଳି ତୁଷାରପାତ ପ୍ରଥମଥର ପାଇଁ ଦେଖୁଥିବା କହିଛନ୍ତି ପଶ୍ଚିମବଙ୍ଗ ପର୍ଯ୍ୟଟକ ଦେବାଚାର୍ଯ୍ୟ ବୋଷ। ପର୍ଯ୍ୟଟକ ଶୀତ ଓ ତୁଷାରପାତର ମଜା ନେଉଥିବା ବେଳେ ସ୍ଥାନୀୟ ଲୋକେ ବିଶେଷ କରି ବୃଦ୍ଧାବୃଦ୍ଧ ବେଶ୍ ହଇରାଣ ହେଉଛନ୍ତି।

ସୂଚନାଯୋଗ୍ୟ, ଡିସେମ୍ବର ୩୦ ଏବଂ ୩୧ରେ ଦାରିଙ୍ଗବାଡିରେ ପାରଦ ୩ ଡିଗ୍ରୀ ତଳକୁ ଖସିବା ସହ ଜିଲାର ବିଭିନ୍ନ ସ୍ଥାନରେ ତୁଷାରପାତ ହୋଇଥିଲା।



ଦାରିଙ୍ଗବାଡିର ବି.ଡକେବାଡି ଅଞ୍ଚଳରେ ତୁଷାରପାତ।



ବୟସ ଯେତେବେଳେ ମନୁଷ୍ୟର ଭୋଗ କରିବାର ସାମର୍ଥ୍ୟକୁ ଊଣା କରିଦେବାରେ ଲାଗିଥାଏ, ସେତିକିବେଳେ ସେ ଅଧିକ ଭୋଗର ଇଚ୍ଛାକରେ।
- ବୁଦ୍ଧଦେବ

## ସଂକ୍ଷେପରେ

### ସମ୍ବଲପୁରର ୪ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପୁରସ୍କୃତ

**ସମ୍ବଲପୁର,୩୦।୧(ବ୍ୟୁରୋ)**- ସମ୍ବଲପୁର ମହାନଗର ନିଗମର ମାନେଶ୍ୱର, ଧନକଉଡା, କ୍ଷେତରାଜପୁର, ଚାଆଁରପୁର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପରେ ପୁରସ୍କୃତ ହୋଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏହି ଘୋଷଣା କରାଯାଇଛି । ସୁସ୍ଥ ବାତାବରଣ, ସଫା ସୁତୁରା, ହାଇଜେନିକ ତଥା ସମସ୍ତ ପ୍ରକାର ସୁବିଧା ଥିବାରୁ ଏହି ପୁରସ୍କାର ମିଳିଛି। ଗୋଟିଏ ସ୍ୱାସ୍ଥ୍ୟକେନ୍ଦ୍ରକୁ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ରାଶି ପ୍ରଦାନ କରାଯିବ। ଓଡିଶାର ୪୦ ସହରାଞ୍ଚଳ ସ୍ୱାସ୍ଥ କେନ୍ଦ୍ର ମଧ୍ୟରୁ ସମ୍ବଲପୁର ଜିଲାର ୪ଟି ନାମ ରହିଛି।

### ଶର୍ଟ ସର୍କିଟ ଯୋଗୁ ପଞ୍ଜାବ ବ୍ୟାଙ୍କରେ ଅଗ୍ନିକାଣ୍ଡ

**ସମ୍ବଲପୁର,୩୦।୧(ବ୍ୟୁରୋ)**- ସମ୍ବଲପୁର ଭିଏସଏସ ମାର୍ଗ ପଞ୍ଜାବ ନାଶନାଲ ବ୍ୟାଙ୍କରେ ବୁଧବାର ନିଆଁ ଲାଗିଛି । କର୍ମଚାରୀଙ୍କଠାରୁ ଖବର ପାଇଁ ୨ଟି ଦମକଳ ପହଞ୍ଚି ଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ । ପ୍ରଥମେ ବିଦ୍ୟୁତ ସରାବରହ ବନ୍ଦ କରିବା ସହ ନିଆଁ ଲାଗିଥିବାର କାରଣ ଖୋଜିଥିଲେ । ସଟ ସର୍କିଟ ଯୋଗୁ ନିଆଁ ଲାଗି ଧୁଆଁ ହୋଇଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସନ୍ଦେହ କରିଛି। ଘଟଣା ସ୍ଥଳରେ ଟାଉନ ଥାନା ପୋଲିସ ପହଞ୍ଚିଥିଲା। ତେବେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଅଗ୍ନିଶମ ବିଭାଗ କହିଛି ।

### ଟ୍ରକ୍-ବାଇକ୍ ଧକ୍କାରେ ଜଣେ ମୃତ

**ସମ୍ବଲପୁର,୩୦।୧(ବ୍ୟୁରୋ)**-ସମ୍ବଲପୁର ଅଇଁଠାପାଲି ଛକରେ ଏକ କୋଇଲା ବୋଝେଇ ଟ୍ରକ ଓ ସ୍କୁଟି ଧକ୍କା ହୋଇ ଦୁର୍ଘଟଣା ଘଟିଛି । ଏଥିରେ ନାକଟିଦେଉଳ ଗ୍ରାମର ବୃଷଭାନୁ ପ୍ରଧାନଙ୍କ ମୃତ୍ୟୁ ଘଟିଛି। ପୋଲିସ ଥାନାରେ ଏକ ମାମଲା ରୁଜୁ କରିଛି । ଟ୍ରକ (ନଂ ଓଡି-୧୯-ସି ୨୪୧୨) ଓ ସ୍କୁଟି (ଓଡି-୧୫ସି ୧୭୩୯) ଜବତ କରିଛି । ଟ୍ରକ ଡ୍ରାଇଭର ଅଟକ ଅଛନ୍ତି। ତେବେ ଏହି ଘଟଣାକୁ ନେଇ ରାସ୍ତା ଅବରୋଧ କରାଯାଇଥିଲା । ଅଇଁଠାପାଲି ଛକରେ ଲାଇଟ ବ୍ୟବସ୍ଥା, ହମ୍ପ ନିର୍ମାଣ କରିବା, ଅଧିକ ଟ୍ରାଫିକ ପୋଲିସ ମୁତୟନ କରିବାକୁ ଲୋକେ ଦାବି କରିଥିଲେ । ଏସ୍‌ଡିପିଓ ଭବାନୀ ଶଙ୍କର ଉଦଗାତା ଲୋକଙ୍କ ସହ ଆଲୋଚନା କରିଥିଲେ । ଶୀଘ୍ର ଲାଇଟ୍ ବ୍ୟବସ୍ଥା କରିବା ସହ ଅଧିକ ଟ୍ରାଫିକ ପୋଲିସ ମୁତୟନ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଏହି ଘଟଣାରେ ଆଉ ଜଣେ ଆହତ ହୋଇ ଜିଲା ସଦର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ।




ନାକଟିଦେଉଳ କଲେଜରେ ବୁଧବାର ଗାନ୍ଧିଜୀଙ୍କ ତିରୋଧାନ ଦିବସରେ ମଞ୍ଚାସୀନ ଅତିଥି (ବାମ) । ରେଙ୍ଗାଲି ଖିଣ୍ଡା ମାତୃଭୂମି ସଙ୍ଗଠନ କର୍ମକର୍ତ୍ତା ବାପୁଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

# ତିରୋଧାନ ଦିବସରେ ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୩୦।୧ (ବ୍ୟୁରୋ)**

ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ବୁଧବାର ଜିଲା କଂଗ୍ରେସ କମିଟି ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଶ୍ୱିନୀ ଗୁରୁ ଗାନ୍ଧୀଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହାପରେ କଂଗ୍ରେସ ନେତା ଓ କର୍ମୀମାନେ ମହାତ୍ମାଗାନ୍ଧୀଙ୍କ ବଳିଦାନ ବିଷୟରେ ଆଲୋଚନା କରିଥିଲେ। ଆସଫ ଅଲ୍ଲି ଖାନ୍, ନିରଞ୍ଜନ ତ୍ରିପାଠୀ, ବିଜୟ ଭୂୟାଁ, ଜଗଦିଶ ନନ୍ଦ, ସୁରେଶ୍ୱର ମିଶ୍ର, ଅଶୋକ ବେରିହା, ଆଶୁତୋଷ ସ୍ୱାଇଁ, ମହମ୍ମଦ ଅଜଗର, ମହମ୍ମଦ ଜୁବେର, ଜୟରାମ ବନିଆଁ, ଲାଲମୋହନ ସାଠିଆ, କୃଷ୍ଣ ସୁନା, ଦିନବନ୍ଧୁ ପରିଡା, ସରୋଜ କାନ୍ତ ମିଶ୍ର ବକ୍ତବ୍ୟ ପ୍ରଦାନ କରିଥିଲେ ।

**ରେଙ୍ଗାଲି, (ଡି.ଏନ.ଏ.):** ରେଙ୍ଗାଲି ବ୍ଲକ ଖିଣ୍ଡା ମାତୃଭୂମି ସ୍ୱଚ୍ଛାସେବୀ ସଂଗଠନ ଆନୁକୂଲ୍ୟରେ ଖିଣ୍ଡା ଛକସ୍ଥିତ କାର୍ଯ୍ୟାଳୟରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପୂଣ୍ୟ ତିଥିରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ୨୬ ତାରିଖରେ ଜାମ୍ମୁକାଶ୍ମୀରରେ ଆତଙ୍କବାଦୀମାନଙ୍କ ସହିତ ଗୁଳି ବିନିମୟରେ ଶହୀଦ ହୋଇଥିବା ଓଡିଆ ଯବାନ ଶହୀଦ ହେମନ୍ତ କୁମାର ପଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପୀତାମ୍ବର ବିଶ୍ୱାଳ, ଧୀରେନ୍ଦ୍ର ପ୍ରଧାନ, ବିଜୟ ଭୋଇ, ରମେଶ ତିୱାରୀ, ଚିନ୍ମୟ ସାହୁ, ଅମିତ ନାଗ, ସନତ ସାହୁ, ସତ୍ୟବ୍ରତ ପାଣ୍ଡେ, ଶରତ ଭୋଇ, ଅମରେଶ ସାହୁ, ବିକାଶ ସ୍ୱାଇଁ, ଶିବାଜୀ ସ୍ୱାଇଁ, ଯଶକେତନ ଭୋଇ, ରମେଶ ମିଶ୍ର, ସୁନିତ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

**ନାକଟିଦେଉଳ, (ଡି.ଏନ.ଏ.):** ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ବୁଧବାର ଜାତିର ଜନକ ମାହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ଶହୀଦ ଦିବସ ପାଳିତ ହୋଇଛି । ଅଧ୍ୟାପକ ଶେଷଦେବ ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ ଯୋଗଦେଇ ଅହିଂସା ନୀତି ଉପରେ ବକ୍ତବ୍ୟ ରଖିଥିଲେ। ଶେଷଦେବ ବିଶ୍ୱାଳ, ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା, ଶ୍ୱେତାଶ୍ରୀ ପ୍ରଧାନ, ଅଧ୍ୟାପକ ମନମୋହନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ହିଣ୍ଡାଲ୍‌କୋ କଲୋନୀରେ ମକରମେଳା

**ସମ୍ବଲପୁର, ୩୦।୧ (ବ୍ୟୁରୋ)**

କସ୍ତୁରବା ମହିଳା ସମିତି ପକ୍ଷରୁ ହିଣ୍ଡାଲ୍‌କୋ ମେନ କଲୋନୀଠାରେ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ହିଣ୍ଡାଲ୍‌କୋ କ୍ଲଷ୍ଟର ମୁଖ୍ୟ ରାଜେଶ କୁମାର ଗୁପ୍ତା ମୁଖ୍ୟଅତିଥି, ଦିବ୍ୟାଂଶି ମହିଳା ମଣ୍ଡଳ ସଭାନେତ୍ରୀ ଅର୍ଚ୍ଚନା ଗୁପ୍ତା, ସ୍ମେଲଟର୍ ମୁଖ୍ୟ ଜେପି ନାୟକ, କମ୍ପ୍ଲେକ୍ସ ମାନବସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀ, ପାୱାର ଇଞ୍ଜିନିୟରିଂ ମୁଖ୍ୟ ଅରୁଣ କୁମାର ସିଂ, ବରିଷ୍ଠ ଜେନେରାଲ ମ୍ୟାନେଜର ରାକେଶ ପ୍ରତାପ ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମିତି ସଭାନେତ୍ରୀ ଗିତାରାଣୀ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦିକା ଇତିଶ୍ରୀ ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ରଞ୍ଜିତା ପଣ୍ଡା ମଞ୍ଚ ସଂଯୋଜନା କରିଥିବା ବେଳେ ସଂଯୁକ୍ତା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

ରଞ୍ଜନ କୁମାର ହୋତା, ଦିବାକର ମହାନନ୍ଦ, ଦୀପକଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ରାଜଗୁରୁ ଆତ୍ମସ୍ୱରୂପ ଆଚାର୍ଯ୍ୟ, ଶୁଭଶ୍ରୀ ଶତପଥୀ, ଅଙ୍କିତା ସାହାଣୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମକରମେଳାର ଦ୍ୱିତୀୟ ଦିନରେ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ପ୍ରମୋଦ କୁମାର ସ୍ୱାଇଁ ବିବରଣୀ ଉପସ୍ଥାପନ କରିଥିଲେ । ଏହି ମେଳାରେ ରାଜ୍ୟ ଓ ରାଜ୍ୟ ବାହାର ୧୫ଟି ନୃତ୍ୟ ଦଳ ସାମିଲ ଥିଲେ । ଅମିତ କୁମାର ଖଟେଇଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ହିଣ୍ଡାଲକୋ ପରିଚାଳନା ବିଭାଗ ମହିଳା ସମିତି ସଭ୍ୟା, ହିଣ୍ଡାଲକୋ କର୍ମଚାରୀ ଓ କଲୋନୀର ଯୁବକମାନେ ମେଳା ପରିଚାଳନାରେ ସହଯୋଗ କରିଥିଲେ ।




ଅତିଥିମାନେ ହିଣ୍ଡାଲକୋ ମେନ୍ କଲୋନୀରେ ମକରମେଳାର ଶୁଭାରମ୍ଭ କରୁଛନ୍ତି ।

### ବାର୍‌ହା ମାଂସ ସହ ୨ ଶିକାରୀ ଗିରଫ

**ବଲାଙ୍ଗୀର ଅଫିସ, ୩୦।୧**

ବଲାଙ୍ଗୀର ମଠଖାଇ ସଂରକ୍ଷିତ ଜଙ୍ଗଲରେ ବନବିଭାଗର ଚଢ଼ାଉ ବେଳେ ବାର୍‌ହା ମାଂସ ସହ ୨ ଶିକାରୀ ଗିରଫ ହୋଇଛନ୍ତି। ସେମାନେ ହେଲେ ଖର୍ଲିକାନୀ ଗାଁର ନନ୍ଦକିଶୋର କୁଅଁର (୬୦) ଓ ମନୋଜ ତୁମନିଆ (୩୮)। ଚଢାଉ ବେଳେ କର୍ମଚାରୀମାନେ ବାର୍‌ହା ମାଂସ ରାନ୍ଧୁଥିବା ଅବସ୍ଥାରେ ୨ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ସେମାନଙ୍କ ଠାରୁ ପ୍ରାୟ ୫ କେଜି ବାର୍‌ହା ମାଂସ ଓ ଏକ ଟଙ୍ଗିଆ ଜବତ କରାଯାଇଛି।

### ଗଞ୍ଜେଇ ବେପାରୀ ଗିରଫ

**ବଲାଙ୍ଗୀର ଅଫିସ, ୩୦।୧**

ସୋମବାର ରାତିରେ ୩ ଜଣ ନିଶାସକ୍ତ ଯୁବକ ଏକ ନିର୍ଦ୍ଦିଷ୍ଟ ଖବରକାଗଜର ପ୍ରସାଦ ନିର୍ବାହୀ ପ୍ରତାପ ଚନ୍ଦ୍ର ମହାପାତ୍ରଙ୍କୁ ଛୁରୀ ଭୁସି ହତ୍ୟା କରିବା ଘଟଣାକୁ ନେଇ ବଲାଙ୍ଗୀର ସହରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସହରରେ ଅବାଧ ନିଶା କାରବାର ବୃଦ୍ଧି ପାଇଥିବା ବିଭିନ୍ନ ମହଲରୁ ଅଭିଯୋଗ ହେବାପରେ ଟାଉନ୍ ପୋଲିସ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି । ବୁଧବାର ଗାନ୍ଧୀନଗରପଡ଼ାରେ ପାନ ଦୋକାନ କରି ଗଞ୍ଜେଇ ବେପାର କରୁଥିବା । ବିଭୂତିପଡାର ଗୋପାଳ ବେହେରାଙ୍କୁ ଗିରଫ କରିଛି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏରେଣ୍ଡା କେରେଣ୍ଡା କୋଳି**
**କଉଡ଼ି ନ ଦେଲେ ନ ଦେବି କାଳି**
**ଶାଶୁଘର ଦେବେ ଗାଳି ।**

ସାଧାରଣତଃ ଦୋକାନୀମାନେ ନଗଦ ବେପାର ଉପରେ ଜୋର ଦେଇଥାନ୍ତି। କୌଣସି ଗରାଖ ଆସି ବାକି ମାଗିଲେ ମନା କରିଦେଇଥାନ୍ତି। ପଇସା ନ ଦେଲେ ଜିନିଷ ଦେବେନି ବୋଲି କହିଥାନ୍ତି। ବାକି ଦେଲେ ଶାଶୁଘର ଲୋକେ ଗାଳି ଦେବା ଭୟରେ ବୋହୂ କୋଳି ଭଳି ଅଳ୍ପ ମୂଲ୍ୟର ଜିନିଷ ମଧ୍ୟ ଦେବାକୁ ଅମଙ୍ଗ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏଇ କଥାକୁ**
**ନାଆ ପେଲିଦେଲି କଲିକତାକୁ ।**

କେତେକ ବ୍ୟକ୍ତି କୌଣସି କଥାକୁ ସେତେଟା ଗୁରୁତ୍ୱ ଦେଇ ନ ଥାନ୍ତି। ଏଇ ସାମାନ୍ୟ କଥାଟା ହୋଇପାରିବନି ଯେ ଏତେ ଚିନ୍ତା ବୋଲି କଲି ଫୁଙ୍କାରରେ ଉଡେଇ ଦେଇଥାନ୍ତି। କଥାକୁ ଗୁରୁତର ସହକାରେ ନ ନେଇ ବେପରୁଆ ମନୋଭାବ ପୋଷଣ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଖଟିରେ ଖଟିରେ...

### ସବୁ ବନ୍ଧା ହେବ

ଆରେ ହେଇ ମୁଁ ଶୁଣୁଛି କୁଆଡେ, ଏଥର ରାତିଯାକ ତୁମ ଉପର ମହଲା କୋଠରି ଖୋଲା ରହିବ। ଆଉ ତୁମମାନଙ୍କ କେଇଜଣ ହେଭିୱେଟ୍ ଭାଇ କୁଆଡେ ଏଥର ସେଇଠି ଯାଇ ଶୋଇବେ। ଆମ ରମାଦେବୀ କଲେଜ ସାମ୍ନାର ଚା ଖଟିରେ ଜଣେ ଗେରୁଆ ଦଳର ଭାଇ ଏମନ୍ତ ଢଙ୍ଗରେ ଶଙ୍ଖ ଦଳର ଜଣେ ମହାଶୟଙ୍କୁ ଇଙ୍ଗିତ କରୁଥାଆନ୍ତି। ଆଉ କହୁଥାଆନ୍ତି, ହଁ ମ, ଏଥିରେ ଖରାପ କ'ଣ ? ଇଲେକ୍ସନ ପାଖଟା, ଏବେ ଲୋକେ ଶୁଆଇ ଦେଇ ନ ଥାଆନ୍ତେ, ଯଦି ଏତେ ଭଲ ସୁବିଧା ମିଳୁଛି ତେବେ ଖରାପଟା କ'ଣ । ଗେରୁଆ ବାବୁଙ୍କ ଏଇ କେଇପଦ କଥା ଶୁଣି ଶଙ୍ଖ ମହାଶୟ ରକ୍ତ ଚାଉଳ ଚୋବାଇବା ଭଳି ଦାନ୍ତ କଟମଟ କରୁଥାଆନ୍ତି। ଆଉ ରାଗି କହିଲେ, ଆମ ଭାଇମାନେ ସିନା ରକ୍ଷା ପାଇବାକୁ ଉପର ମହଲା ପଳାଇବେ। ହେଲେ ତୁମ ଗେରୁଆ ଭ୍ରାତାମାନେ କୋଉଠି ଶୋଇବେ ହୋ ? ଜମା ଉତ୍ତର ନାହିଁ, ଆଗକୁ ଏମିତି ହବ ଯେ, ଗୋଟେ ପରେ ଗୋଟେ ସବୁ ବନ୍ଧା ହେବ। ତୁମେ ଯେତେ ଖେଳ କଲେ ବି ଏଥର ଶଙ୍ଖ ବାଜିବା ନିଶ୍ଚିତ।

### ବାଃ ବାଃରେ ରାଜନୀତି

ପାପୁଲିଦଳର ହାଇକମାଣ୍ଡ ଓଡ଼ିଶା ବୁଲିଯିବା ପରେ କର୍ମୀ ଉତ୍ସାହିତ ଜଣାପଡୁଛନ୍ତି। ହେଲେ ସେହି ଉତ୍ସାହ କେତେ ଆସନ ଜିତାଇବ, ତାହା ଜଣା ପଡ଼ିନାହିଁ। ଏହିକଥା ବର୍ତ୍ତମାନ ଖଟିରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି। ମାଷ୍ଟରକ୍ୟାଣ୍ଟିନ ଚା ଖଟିରେ ରବିବାର ଏହି ସମ୍ପର୍କରେ ଆଲୋଚନା ଚାଲିଥାଏ। ଯାଜପୁରର ଜଣେ ବରିଷ୍ଠ କର୍ମୀ କହିଲେ, ଏଥର ୮୦ ଆସନ ସୁନିଶ୍ଚିତ। ଏକଥା ଶୁଣି ଅନ୍ୟ ସଦସ୍ୟଙ୍କ ହଜମ ହେଲା ନାହିଁ। ସେ ଛିଗୁଲେଇ ଯାଜପୁର ବ୍ୟକ୍ତିଙ୍କୁ କହିଲେ, ହାଇକମାଣ୍ଡ ପରା ଦେଶର ମୁଖିଆ ହେବେ। ତେଣୁ ତାଙ୍କର ଲୋକ ସଭା ଆସନ ଦରକାର। ଗଲା ଥରକ ତ ଖମ୍ଭଆଳୁ ପାଇଥିଲେ, ଏଥର କେତେ ସେ କଥା କୁହ। ଏକଥା ଶୁଣି ଯାଜପୁର ବ୍ୟକ୍ତିଙ୍କ ମୁଣ୍ଡ ଟିଣ। ସେ କହିଲେ, କାହିଁ ଆମକୁ ତ ସେ କଥା କୁହାଯାଇନି। ୮୦ ବିଧାୟକ ଜିତିଲେ ପାପୁଲି ରାଇଜ ମୁଖିଆ ରାଇଜ ମୁଖ୍ୟ ହେବେ। ଲୋକ ସଭାରୁ କ'ଣ ମିଳିବ। ଏକଥା ଶୁଣି ଅନ୍ୟ ବ୍ୟକ୍ତିଜଣକ କହିଲେ, ତା ମାନେ ପ୍ରଚାର କରିବେ ହାଇକମାଣ୍ଡ, ଫଳ ପାଇବେ ଖଣି ମାନ୍ୟବର। ବାଃ ବାଃରେ ରାଜନୀତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
9065013355, 9162431749
Bukaro malepur, jamui Bihar-811313

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free 18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 I www.goldcash.co
Visit the Nearest Gold Cash Branch in your City

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ
fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 15000ରୁ 45000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7250664722, 7718760748
Bukaro malepur, jamui Bihar-811313

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ ୬ ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

BALAJI FINANCE LTD.
(SINCE 1986)
GOLD MEDALIST
ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ଶିକ୍ଷା, ଗୃହ ଋଣ ଆଦି ସବୁ ପ୍ରକାର ଋଣର ସୁବିଧା ନିଅନ୍ତୁ।
୨୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଯୋଗାଯୋଗ କରନ୍ତୁ
9458728306
9458728290
LIG36, HARIPURA, Haripura Ward, ITARSI Tehsil, ITARSI, Distt.- Hoshangabad (M.P.)-461115



ଉପାସନା ସେତିକିବେଳେ ସଫଳ ହୁଏ, ଯେତେବେଳେ ଜଣେ ଅହିଂସା ଉପରେ ସିଦ୍ଧିଲାଭ କରେ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଖୃଣ୍ଡା ରାମମନ୍ଦିର ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଧମା, ୩୦।୧ (ଡି.ଏନ.ଏ.)-ମାନେଶ୍ୱର ବ୍ଲକ ଧମା ପଞ୍ଚାୟତର ଖୃଣ୍ଡା ଗ୍ରାମରେ ଥିବା ରାମମନ୍ଦିରର ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଛି । ଡ. କୃଷ୍ଣକେଶବ ଷଡଙ୍ଗୀ ଓ ସହଯୋଗୀ ହେମନ୍ତ ମହାପାତ୍ର ରାମକଥା ଉପରେ ପ୍ରବଚନ ଦେଇଥିଲେ। କର୍ତ୍ତା ଭାବେ ଉଦ୍ଧବଚରଣ ମହାପାତ୍ର ଓ ସୌଦାମିନୀ ଦାୟିତ୍ୱ ନିର୍ବାହ କରିଥିଲେ। ବ୍ୟାସଦେବ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଯଜ୍ଞକାର୍ଯ୍ୟକୁ ଶୁକଦେବ ତ୍ରିପାଠୀ, ଶୁଶ୍ରିତ ଷଡଙ୍ଗୀ, ଗୋପବନ୍ଧୁ ରଥ ଓ ସନ୍ତୋଷ ଦାସ ପ୍ରମୁଖ ପରିଚାଳନା କରିଥିଲେ।

### ଧମାରେ ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପନ୍ନ

ଧମା, ୩୦।୧ (ଡି.ଏନ.ଏ)- ସ୍ଥାନୀୟ ଧର୍ମେଶ୍ୱର ବାବା ମନ୍ଦିର ପ୍ରାଙ୍ଗଣରେ ୭ ଦିନ ବ୍ୟାପି ଚାଲିଥିବା ରୁଦ୍ର ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପନ୍ନ ହୋଇଛି । ସ୍ୱାମୀ ସତ୍ୟ ପ୍ରଜ୍ଞାନନନ୍ଦଜୀ ମହାରାଜ ପ୍ରବଚନ ଦେଇଥିଲେ । ୧୬ଜଣ ଭକ୍ତ ସପତ୍ନୀକ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଡ. ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟକର୍ତ୍ତା ଭାବେ ଯୋଗଦେଇ ହୋମଯଜ୍ଞ ସମ୍ପାଦନ କରିଥିଲେ । ବଂଶୀଧର ମିଶ୍ର ଓ ସଚ୍ଚିଦାନନ୍ଦ ପ୍ରସାଦ ମିଶ୍ର, ପ୍ରଣବ ମିଶ୍ର, ଜଗଦୀଶ ଦାଶ ଓ ଦୁଷ୍ମନ୍ତ ଶତପଥୀ ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସାତୁପାଲିରେ ହନୁମାନ ମନ୍ଦିର ପ୍ରତିଷ୍ଠା ଦିବସ

ଚିପିଲିମା, ୩୦।୧ (ଡି.ଏନ.ଏ.)- ଧନକଉଡା ବ୍ଲକ ବସନ୍ତପୁର ପଞ୍ଚାୟତ ସାତୁପାଲି ଛକରେ ହନୁମାନ ମନ୍ଦିର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ମନୋଜ ପାଣିଗ୍ରାହୀ ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। କର୍ତ୍ତା ଭାବରେ ଡାକ୍ତର ଅନନ୍ତ ହୋତା ସପତ୍ନୀକ ଦାୟିତ୍ୱ ସମ୍ପାଦନ କରିଥିଲେ। କୃଷ୍ଣଚନ୍ଦ୍ର ପ୍ରଧାନ, ଦେବେନ୍ଦ୍ର କର୍ଣ୍ଣ, କୋଷାଧ୍ୟକ୍ଷ ତ୍ରିଲୋଚନ ପ୍ରଧାନ, ବଳରାମ ପ୍ରଧାନ, ସୁରେଶ ଛନ୍ଦ, ସୁଶାନ୍ତ ସିଂହ, ରାଜୀବଲୋଚନ ମିଶ୍ର, ଶିବ ପାତ୍ର, ଅର୍ଜୁନ ମିଶ୍ର, ବିଶ୍ୱ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ୫୦ ଲିଟର ରନ୍ଧାମଦ ଜବତ: ୨ ଗିରଫ

ବାମରା, ୩୦।୧ (ସ୍ୱ.ପ୍ର.)- ସମ୍ବଲପୁର ଜିଲା ଗୋବିନ୍ଦପୁର ପୋଲିସ ବେଆଇନ ମଦ କାରବାର ଅଭିଯୋଗରେ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ୫୦ ଲିଟର ରନ୍ଧାମଦ ଓ ଏକ ବାଇକ ଜବତ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ସୁନ୍ଦରଗଡ ଜିଲା କୁତୁରା ଥାନା ଅନ୍ତର୍ଗତ ବିରିଙ୍ଗାଟୋଲି ଗ୍ରାମର ବିଜୟ ଜୟପୁରିଆ (୨୭) ଓ ମିଶ୍ର କାଲଟା (୨୮) । ଏମାନେ ସାଲବିରାରୁ ବିରିଙ୍ଗାଟୋଲିକୁ ଏକ ବାଇକ ଯୋଗେ ବେଆଇନ ରନ୍ଧାମଦ ଚାଲାଣ କରୁଥିଲେ। ହେଲେ ବମ୍ପଇ ଗ୍ରାମ ପାଖରେ ପୋଲିସ ଏମାନଙ୍କୁ ଧରିଥିଲା।

### ନାବାର୍ଡ ପକ୍ଷରୁ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

ପଡିଆବାହାଲ, ୩୦।୧ (ଡି.ଏନ.ଏ.)- ସମବାୟ ଚାଷୀମାନଙ୍କୁ ସଚେତନ କରାଇ କୃଷି କ୍ଷେତ୍ରରେ ନିପୁଣ ଜ୍ଞାନ କୌଶଳ ସମ୍ପର୍କରେ ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିମିଟିଡ ସମଲେଶ୍ୱରୀ ଶାଖା ପକ୍ଷରୁ ନୂଆମୁରା ସମବାୟ ସମିତିଠାରେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହା ନାବାର୍ଡ ଆନୁକୂଲ୍ୟରେ ହୋଇଥିଲା। ନୂଆମୁରା ସମବାୟ ସମିତିର ସଭାପତି ପ୍ରଭାକର ସାହୁଙ୍କ ଅଧକ୍ଷତାରେ ସମ୍ପାଦକ ରାଧାକାନ୍ତ ଭୋଇ, ବାହାମ ସମବାୟ ସମିତିର ସମ୍ପାଦକ ସନାତନ ଠେଲା, ପରମାଣପୁର ସହ ସମ୍ପାଦକ ବିଭୁତିଭୂଷଣ ସାହୁ ଏଥିରେ ଯୋଗ ଦେଇଥିଲେ। ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ ପରିଚାଳକ କୃଷ୍ଣଚନ୍ଦ୍ର ସାହୁ ଓ ସହ ପରିଚାଳକ ଚନ୍ଦନ ଦାସ କେସିସି, ଏଟିଏମ ଓ ଅନଲାଇନ ଟ୍ରାଞ୍ଜାକଶନ୍ ସମ୍ପର୍କରେ ସମବାୟ ସମିତି ଉପରେ ନିର୍ଭରଶୀଳ କୃଷକମାନଙ୍କୁ ବୁଝାଇଥିଲେ। ନାବାର୍ଡ ଦ୍ୱାରା ପରିଚାଳିତ ଏହି ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଚାଷୀମାନେ ଏହାକୁ ପ୍ରଶଂସା କରିଥିଲେ।

# ଗ୍ରାମସଭା ଗଠନ ପାଇଁ ପଥରଗଡ଼ା ଉତ୍ସବ

■ ପେସା ଆଇନ, ଜଙ୍ଗଲ ଅଧିକାର, ଗ୍ରାମସଭାର କ୍ଷମତା ଉପରେ ସଚେତନତା ସଭା

ବାମରା, ୩୦।୧ (ସ୍ୱ.ପ୍ର.)



ପଥରଗଡ଼ା ଉତ୍ସବରେ ମଞ୍ଚାସୀନ ଅତିଥି।

ବାମରା ବ୍ଲକ ରବଗା ପଞ୍ଚାୟତ ଜୁରାପାଲି ଗ୍ରାମରେ ଗ୍ରାମସଭା ଗଠନ ପାଇଁ ପାରମ୍ପାରିକ ପଥରଗଡା ଉତ୍ସବ ଅନୁଷ୍ଠିତ ହୋଇଛି। ପେସା ଆଇନ, ଜଙ୍ଗଲ ଅଧିକାର ଓ ଗ୍ରାମସଭାର କ୍ଷମତା ଉପରେ ସଚେତନ କରାଯାଇଛି। ଜୁରାପାଲି ପ୍ରାଥମିକ ବିଦ୍ୟାଳୟ ପଡିଆଠାରେ ଲୋକମୁକ୍ତି ସଂଗଠନ ଆନୁକୂଲ୍ୟରେ ଏହି ସଭାର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ସଂଗଠନ ଉପଦେଷ୍ଟା ଅନନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପେସା ଆଇନ ୧୯୯୬, ଗ୍ରାମ ପଞ୍ଚାୟତ ସଂଶୋଧନ ଆଇନ ୧୯୯୭, ପଞ୍ଚାୟତ ଅଧିନିୟମ ବିଷୟ ଓ ଗ୍ରାମସଭାର ମହତ୍ତ୍ୱ ଉପରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ପେସା ଆଇନ କାର୍ଯ୍ୟକର୍ତ୍ତା ବାସିଲ ଏକ୍କା ଯୋଗଦେଇଥିଲେ। ଜଳ, ଜମି ଓ ଜଙ୍ଗଲ ଉପରେ ସ୍ଥାନୀୟ ଆଦିବାସୀଙ୍କ ହକ ଥିବା ବେଳେ ସମ୍ବିଧାନର ପଞ୍ଚମ ଅନୁସୂଚୀରେ ଏହାର ବର୍ଣ୍ଣନା କରାଯାଇଥିବା ନେଇ ସେ ବିଶେଷ ତଥ୍ୟ ପ୍ରଦାନ କରିଥିଲେ । ସମ୍ବିଧାନର ପଞ୍ଚମ ଅନୁଚ୍ଛେଦ ସହ ଆଦିବାସୀଙ୍କୁ ବିଭିନ୍ନ ଅଧିକାର ଦିଆଯାଇଥିବା ଅନୁଚ୍ଛେଦ ଗୁଡିକ ଲେଖା ହୋଇଥିବା ଏକ ପଥରକୁ ପୋତି ପଥରଗଡାର ଶୁଭାରମ୍ଭ କରିଥିଲେ । ଆଦି ହକ ଜନ ସଂପର୍କ ସମିତିର ଆବାହକ ସୁନୀଲ ଖାଲକୋ, କାର୍ଯ୍ୟକର୍ତ୍ତା କିରଣ କୁଜୁର, ଲୋକମୁକ୍ତି ସଂଗଠନର ଜିନିତ ସମାଦ, ଉମାକାନ୍ତ ନାଏକ, ନାବର କୁଲୁ, ଅବ୍ରାହ୍ମ କୁଲୁ, ସିଷ୍ଟର ସେରୋଫିନା, ବୃନ୍ଦାବନ ନାଏକ, ମୋତିଲାଲ କାକ, ମଦେଷ୍ଟା ଡୁଙ୍ଗଡୁଙ୍ଗ, ରଶ୍ମି ସୋନିଆ ଡୁଙ୍ଗଡୁଙ୍ଗ ପ୍ରମୁଖ ଯୋଗ ଦେଇଥିଲେ । ଡମିନିକ ଡୁଙ୍ଗଡୁଙ୍ଗ ମଞ୍ଚ ପରିଚାଳନା କରିଥିଲେ । ଜୁରାବାହାଲ ଜଙ୍ଗଲ ଜମି ଅଧିକାର କମିଟି ସଭାପତି ଅଜୟ ଏକ୍କା ଧନ୍ୟବାଦ ଦେଇଥିଲେ । ମହିଳାମାନଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା ।



ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

## ବୁଦୁଲା ଟୁର୍ନାମେଣ୍ଟ: ଗରିଆବାହାଲ ଚାମ୍ପିୟନ

ରେଙ୍ଗାଲି, ୩୦।୧ (ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଘିଚାମୁରା ପଞ୍ଚାୟତ ଅନ୍ତର୍ଗତ ବୁଦୁଲା ଗ୍ରାମର ତ୍ରିରଙ୍ଗା କ୍ଲବ ପକ୍ଷରୁ ତିନି ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଗରିଆବାହାଲ ଏବଂ କାତିକେଲା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଗରିଆବାହାଲ ଦଳ ବିଜୟ ଲାଭ କରିଛି। ନାଉରୀ ନାଏକ, ଜିଲା ପରିଷଦ ସଭ୍ୟ ତିରୋଜ ହେଡେଞ୍ଜା, ପମି ଅଗ୍ରୱାଲ, ନବୀନ ପଧାନ, ମନୋରଞ୍ଜନ ଥାପା, ଜଗନ୍ନାଥ ମେହେର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ଜଗଦୀଶ ସାହୁ, ରବିନ ସାହୁ, ଗୋପାଳ ସାହୁ, ଉତ୍ସବ ଷଣ୍ଢ ପ୍ରମୁଖ ସହଯୋଗ କରିଥିଲେ।

## ହୀରାକୁଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ

ହୀରାକୁଦ, ୩୦।୧ (ଡି.ଏନ.ଏ)

ହୀରାକୁଦ ସରକାରୀ ଉଚ୍ଚ ବିଦ୍ୟାଳୟ ଅଡିଟୋରିୟମଠାରେ ମୋ ସ୍କୁଲ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଜିଲା ସ୍କୁଲ ଅବସରପ୍ରାପ୍ତ ଶିକ୍ଷକ ଧରଣୀଧର ପ୍ରଧାନ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟର ଗୁରୁତ୍ୱ ଏବଂ ଆଦର୍ଶ ଛାତ୍ରୀଛାତ୍ର ହେବା ପାଇଁ ଉଦ୍‌ବୋଧନ ଦେଇଥିଲେ । ପୁରାତନ ଛାତ୍ର ସଂସଦର ସଭାପତି ଅଶୋକ ମିଶ୍ର, ଉପସଭାପତି ଡା. ରାଜକୁମାର ବଡପଣ୍ଡା, ସମ୍ପାଦକ ସୁରେନ୍ଦ୍ର କୁମାର ଚୌବେ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଏମ ଖମାରୀ ମଞ୍ଚାସୀନ ଥିଲେ । ପୁରାତନ ଛାତ୍ର ସଂସଦ ତରଫରୁ ସ୍କୁଲର ବିଭିନ୍ନ ବର୍ଗରେ ବକ୍ତୃତା, ଚିତ୍ରାଙ୍କନ, ଗୀତ, ନାଚ ପ୍ରତିଯୋଗିତା କରାଯାଇଥିଲା । କୃତୀ ଛାତ୍ରୀଛାତ୍ରମାନଙ୍କୁ ମୋ ସ୍କୁଲ ଅଭିଯାନରେ ପୁରସ୍କୃତ କରାଯାଇଥିଲା । ପୁରାତନ ଛାତ୍ର ବୀରେନ୍ଦ୍ର କୁମାର ଜେନା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । କନିଷ୍ଠ ବର୍ଗରେ ତାପସ ପାଢ଼ୀ, ସୁମନ୍ତ ଦାଣ୍ଡି, ସିମାଦ୍ରି ପାଇକରାଏ, ପ୍ରିନ୍ସ ସିଂ, ଶିବଶଙ୍କର ମେହେର, ତନୁଜା ମୁଖୀ, ସଦାଶିବ ନାୟକ, ସିନିୟର ଗ୍ରୁପରେ ହରିପ୍ରିୟା ସୁନା, ଶକ୍ତି ମିଶ୍ର, ଦେବରାଜ ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ବବୁଲୁ ନାଗ, ସତ୍ୟଜିତ ନାୟକ ପୁରସ୍କୃତ ହୋଇଥିଲେ। ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ପୁରାତନ ଛାତ୍ରମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୁରାତନ ଛାତ୍ର ଘନଶ୍ୟାମ ବର୍ତ୍ତିଆ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।




ହୀରାକୁଦ ସରକାରୀ ଉଚ୍ଚ ବିଦ୍ୟାଳୟ ଅଡିଟୋରିୟମଠାରେ ମୋ ସ୍କୁଲ ଅଭିଯାନରେ ମଞ୍ଚାସୀନ ବ୍ୟକ୍ତିବିଶେଷ।

### ତୁଳସୀ ଦାସ ମାହାଣାଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି ସଭା

ରେଙ୍ଗାଲି, ୩୦।୧ (ଡି.ଏନ.ଏ.)

ରେଙ୍ଗାଲିର ଡ. ତୁଳସୀଦାସ ମାହାଣାଙ୍କ ପରଲୋକରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବସନ୍ତ ନାଏକ ସଭାପତିତ୍ୱ କରିଥିବା ବେଳେ ଅନ୍ତର୍ଯ୍ୟାମୀ ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦୁର୍ଗାପ୍ରସାଦ ନାଥ, ରାମସାହାୟ ପଣ୍ଡା, ଶଶିଭୂଷଣ ସାହୁ, ବିଶିକେଶନ ପଣ୍ଡା, ଉଦୟ ଚନ୍ଦ୍ର ସାହୁ, ବାଳକୃଷ୍ଣ ସାହୁ, କ୍ଷୀରୋଦ ସିଂଦେଓ, ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ବିନୋଦ ବିହାରୀ ନନ୍ଦ, ବିଶ୍ୱକେଶନ ବିଶ୍ୱାଳ, ବିପିନ ବିଶ୍ୱାଳ, ରମେଶ ସାହୁ, ବସନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସୁରଜମଲ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଜିତ କୁମାର ସେନ, ଡ. ମନୋଜ କୁମାର ପଣ୍ଡା, ରାଜୀବ କୁମାର ମିଶ୍ର, ବାବୁଲାଲ ଅଗ୍ରୱାଲ, ଯୁଗଳ ଅଗ୍ରୱାଲ, ସୁବାଷ ସିଂ, ଜଗନ୍ନାଥ ପଣ୍ଡା, ପ୍ରଶାନ୍ତ ପଣ୍ଡା, ଶ୍ରୀମତି ଷଣ୍ଢ, ଲକ୍ଷ୍ମୀନାରାୟଣ ସାହୁ, ଡ. ଅର୍ଜୁନ ନାୟକ, ଡ. ଅଶୋକ ନାୟକ, ବୃନ୍ଦାବନ ସାହୁ, ତାରାକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।




କରଙ୍ଗାମାଲରେ ଅନୁଷ୍ଠିତ ପୋଲିସର ଜନ ସମ୍ପର୍କ ଶିବିରରେ ଉପସ୍ଥିତ ଅତିଥି।

## କରଙ୍ଗାମାଲରେ ପୋଲିସ ପକ୍ଷରୁ ଜନସମ୍ପର୍କ ଶିବିର ଆୟୋଜିତ

କୁଚିଣ୍ଡା, ୩୦।୧ (ଡି.ଏନ.ଏ)

କୁଚିଣ୍ଡା ଥାନା ଅନ୍ତର୍ଗତ କରଙ୍ଗାମାଲରେ ସମ୍ବଲପୁର ଜିଲା ପୋଲିସ ପକ୍ଷରୁ ଜନସମ୍ପର୍କ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଡିଆଇଜି ସତ୍ୟବ୍ରତ ଭୋଇ, ଅତିଥି ଭାବରେ ଏସ୍‌ପି ସଞ୍ଜୀବ ଆରୋରା, ଏସ୍‌ଡିପିଓ ନୃପଚରଣ ଡନସନା, କୁଚିଣ୍ଡା ଥାନା ଅଧିକାରୀ ପ୍ରକାଶ କୁମାର କର୍ଣ୍ଣ ଯୋଗ ଦେଇଥିଲେ। ଉପସ୍ଥିତ ଗ୍ରାମବାସୀଙ୍କୁ ମୁଖ୍ୟଅତିଥି ଭୋଇ ପୋଲିସ ଏବଂ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ବୃଦ୍ଧି ପାଇଁ ଏହି ଶିବିର ଆୟୋଜନ କରାଯାଇଛି ବୋଲି ସୂଚନା ଦେଇ କୌଣସି ବି ଆଇନଗତ ସମସ୍ୟାରେ ପଡିଲେ ଭୟଶୂନ୍ୟ ହୋଇ ପୋଲିସର ସହଯୋଗ ନେବାକୁ ପରାମର୍ଶ ଦେଇଥିଲେ । ଏହି ଶିବିରରେ ଉପସ୍ଥିତ ଗ୍ରାମବାସୀମାନଙ୍କୁ କମ୍ବଳ, ପୋଷାକ, ଛତା, ଚପଲ, ଟର୍ଚ୍ଚ ଲାଇଟ, ସୋଲାର ଲାଇଟ, ସ୍କୁଲ ବ୍ୟାଗ, ଖାତା ଏବଂ ଖେଳ ସାମଗ୍ରୀ ଇତ୍ୟାଦି ବଣ୍ଟନ କରାଯାଇଥିଲା ।

## ସମ୍ପୂର୍ଣ୍ଣ କୁଷ୍ଠମୁକ୍ତ କୁଚିଣ୍ଡା ଉପଖଣ୍ଡ ଲକ୍ଷ୍ୟ

କୁଚିଣ୍ଡା, ୩୦।୧ (ଡି.ଏନ.ଏ)

କୁଚିଣ୍ଡା ଉପଜିଲାପାଳ ବିଶ୍ୱରଞ୍ଜନ ନାୟକଙ୍କ ସଭାପତିତ୍ୱରେ ସ୍ପର୍ଶକୁଷ୍ଠ ସଚେତନତା ଓ କୁଷ୍ଠରୋଗ ଚିହ୍ନଟ ଅଭିଯାନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଡିଏମ୍‌ଓ ଦୀପକ ନାଥ କୁଷ୍ଠରୋଗ ଉପରେ ଆଲୋଚନା କରିବା ସହ ୩ବର୍ଷର ନୂତନ ରୋଗୀ ଚିହ୍ନଟର ବିବରଣୀ ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁଥିବା ସୁବିଧା ସୁଯୋଗ ସମ୍ବନ୍ଧରେ ଆଲୋଚନା କରିଥିଲେ । ଉପଜିଲାପାଳ କୁଚିଣ୍ଡା ଉପଖଣ୍ଡକୁ ସମ୍ପୂର୍ଣ୍ଣ କୁଷ୍ଠମୁକ୍ତ କରିବା ପାଇଁ ନିଜର ବକ୍ତବ୍ୟ ରଖିଥିଲେ।

ଫେବୃୟାରୀ ୧୫ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଏବଂ ପୁରୁଷ ସ୍ୱେଚ୍ଛାସେବୀମାନେ ଘରକୁ ଘର ଯାଇ ସମସ୍ତ ପରିବାର ବର୍ଗଙ୍କୁ ପରୀକ୍ଷା କରିବେ । ସନ୍ଦେହ ଯୁକ୍ତ କୁଷ୍ଠରୋଗୀଙ୍କ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇ ଏମଡିଟି ଔଷଧ ପ୍ରଦାନ କରାଯିବ। ଏଥି ନିମନ୍ତେ ୨୦ଜଣ ଅଙ୍ଗନୱାଡି କର୍ମୀ, ୨୦ଜଣ ପୁରୁଷ ସ୍ୱେଚ୍ଛାସେବୀ, ୪ଜଣ ସ୍ୱାସ୍ଥ୍ୟକର୍ମୀ ଓ ୨ଜଣ ଡାକ୍ତର ନିୟୋଜିତ ହେବେ । କୁଷ୍ଠରୋଗ ସଚେତନତା ନିମନ୍ତେ ଫେବୃୟାରୀ ୧୩ ତାରିଖରୁ ଶାମ୍ବରଥ ପ୍ରଚାର ଅଭିଯାନରେ ବାହାରିବ ବୋଲି ସୂଚନା ଦିଆଯାଇଛି। ତେବେ ଏହି ବୈଠକରେ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଦୀପକ ନାଥ, ଡା. ପଦ୍ମଲୋଚନ ମହନ୍ତ, ଡା. ସୁଜ୍ଞାନ ପଟେଲ, ସିଡିପିଓ ସାବିତ୍ରୀ କୁମୁରା, ଏସଡିଆଇପିଆରଓ ସ୍ୱରାଜ ଶିଶା, କୁଷ୍ଠ ନିରାକରଣ କର୍ମଚାରୀ ଜଗନ୍ନାଥ ବେହେରା, ମହିଳା ସ୍ୱାସ୍ଥ୍ୟ ସୁପରଭାଇଜର ସୁଷମା ପ୍ରଧାନ, ହସ୍ପିଟାଲ ମ୍ୟାନେଜର ଦୀପକ ନନ୍ଦ, ରୀପନ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

### ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ପ୍ରଦାନ

ଚିପିଲିମା, ୩୦।୧ (ଡି.ଏନ.ଏ.)

ବୁର୍ଲା ଗଣ୍ଡା ସମାଜ କଲ୍ୟାଣ ପରିଷଦ ପକ୍ଷରୁ ବୁର୍ଲା ସରକାରୀ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଅମ୍ବେଡ଼କର ଛକରେ ଖାତା, କଲମ, ପେନ୍, ପେନସିଲ ଆଦି ପ୍ରଦାନ କରାଯାଇଛି । ନିହାଲ ସିଂ, ଜୟ ଲୁହା, ମହାବୀର ଦୀପ, ବାବୁଲୁ ଛୁରିଆ, କୃଷ୍ଣଚନ୍ଦ୍ର ବାଗ, ଚନ୍ଦ୍ରମଣି ବାଗ, ନାରାୟଣ ସୁନା, କୁନୁ ଛତ୍ରିଆ, ନୀଳାଞ୍ଚଳ ସୁନା, ସୁଧାଂଶୁ ନାଏକ, ପୁରନ୍ଦର ସୁନା ପ୍ରମୁଖ ଉପସ୍ଥିତ ଥିଲେ।

## ଇପିଏଫ ପେନସନ ବୃଦ୍ଧି କରାଯାଉ

ହୀରାକୁଦ, ୩୦।୧ (ଡି.ଏନ.ଏ.)

ଇପିଏଫ ପେନସନରଙ୍କ ଏକ ଜରୁରୀ ବୈଠକ ଭିଏସଏସ କଲୋନୀର ଏଫ ୮/୭ରେ ସୁଧାଂଶୁ ଶେଖର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ହୀରାକୁଦ ଇଣ୍ଡଷ୍ଟ୍ରିଆଲ୍ ୱାର୍କ୍ସ ରିରୋଲିଂ ମିଲ୍ସ ଓ ସେଣ୍ଟ୍ରାଲ ଷ୍ଟୋରର ଅବସରପ୍ରାପ୍ତ ଶ୍ରମିକ ମାସିକ ଇପିଏଫ ପେନସନ୍ ବୃଦ୍ଧି କରିବା ସଙ୍ଗେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରାଜ୍ୟ ସରକାର ଲାଗୁ କରିବା ପାଇଁ ଦାବି କରିଛନ୍ତି । ବର୍ତ୍ତମାନ ଭାରତ ବର୍ଷରେ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରମିକ ମାତ୍ର ୧ହଜାର ଟଙ୍କା ମିଳୁଥିବାରୁ ବିଭିନ୍ନ ସ୍ତରରେ ଏହି ଶ୍ରମିକମାନେ ପରିଣତ ବୟସରେ ଆର୍ଥିକ ଅନାଟନର ଶିକାର ହେଉଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ୨୦୧୬ ଅକ୍ଟୋବର ୪ରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ସର୍ବନିମ୍ନ ପେନସନ ୭୫୦୦ ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ଏହାକୁ କାର୍ଯ୍ୟକାରୀ କରାଯାଉ ନାହିଁ ବୋଲି ଏଥିରେ କୁହା ଯାଇଛି। ତେବେ ଏହି ଜରୁରୀ ବୈଠକରେ ଉପେନ୍ଦ୍ରନାଥ ଦାସ, ସୁବାଷ ଚନ୍ଦ୍ର ପଣ୍ଡା, ନାଥ ଦେହୁରୀ, ବିନୟ କୁମାର ସୁନା, ପ୍ରସନ୍ନ ପୋଢ଼, ବିପ୍ରଚରଣ ଖଟେଇ, ଫଗୁନ ହରିଜନ, ପୂର୍ଣ୍ଣଚନ୍ଦ୍ର କର, ନାରାୟଣ ସାହୁ, କାମାକ୍ଷା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

## ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ଜୋନସ୍ତରୀୟ ବନ୍ଧୁମିଳନ

ପଡିଆବାହାଲ, ୩୦।୧ (ଡି.ଏନ.ଏ.)

ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାନେଶ୍ୱର ବ୍ଲକ ଜୋନ-୨ରେ ବନ୍ଧୁମିଳନ ଉତ୍ସବ ପୂର୍ବତନ ସରପଞ୍ଚ ଶିବ ସାହୁଙ୍କ ସଭାପତିତ୍ୱରେ ସାହାସପୁରଠାରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ଡକରା, ଧମା, ଦେଓଗାଁ, ହୁମା, ବରଗାଁ, ସାହାସପୁର, ବଦୁଆପାଲି ଅଞ୍ଚଳରୁ ପ୍ରାୟ ୩୦୦ ମାନ୍ୟଗଣ୍ୟ ଭଦ୍ରବ୍ୟକ୍ତି ଓ ମହିଳା ଯୋଗ ଦେଇଥିଲେ । ଏହି ବନ୍ଧୁମିଳନ ସଭାରେ ସାଂପ୍ରତିକ ସାମାଜିକ, ଆର୍ଥୀକ ତଥା ଅଞ୍ଚଳର ରାଜନୈତିକ ସ୍ଥିତି ସହିତ ସମସ୍ୟା ଗୁଡିକ ଉପରେ ଆଲୋଚନା ହୋଇଥିଲା । ଏହି ଅବସରରେ ସାହାସପୁର ପୂର୍ବତନ ସରପଞ୍ଚ ପର୍ଶୁରାମ ଭୋଇ, ଧମାର ପୂର୍ବତନ ସରପଞ୍ଚ ମହେନ୍ଦ୍ର ସେଠ, ବିଜେଡି ବ୍ଲକ ମହିଳା ସଭାନେତ୍ରୀ ସରଜିନୀ ଭୋଇ, ବ୍ଲକ କଂଗ୍ରେସ ସଭାପତି ଧରଣୀ ସାହୁ, ସମାଜବାଦୀ ନେତା ରାଧାକାନ୍ତ ବହିଦାର, ତପନ ଗୁରୁ, ସମାଜସେବୀ ଜୟଲାଲ ବେହେରା, ରାମନାରାୟଣ ନାୟକ, ବରିଷ୍ଠ ଓକିଲ ହେରମ୍ବ ଚନ୍ଦ୍ର ଦାନୀ, ରୋହିତ ଲହରିଆ, ନରସିଂହ ସାହୁ, ଡା, ଜ୍ୟୋତିପ୍ରକାଶ ପଣ୍ଡା, ଯତିନ୍ଦ୍ର ସିଂ, ପୂର୍ବତନ ବ୍ଲକ ବିଜେଡି ସଭାପତି ସୁବାସ ପଧାନ, ସଂଗୀତା ସାଲମା, ଜୟ ବେହେରା, ଅଶୋକ ଭୋଇ, ଉଦେକର କ୍ଷେତୀ, ଶେଷଦେବ ରଣା, ଭକ୍ତବନ୍ଧୁ ସାହୁ, ଶେଖ ଆଲ୍ଲାଉଦ୍ଦିନ, ରମଣୀ ମାଝୀ ପ୍ରମୁଖ ଯୋଗ ଦେଇଥିଲେ।

## ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କଲେ କୁନି ବୈଜ୍ଞାନିକ

ବାମରା, ୩୦।୧ (ସ୍ୱ.ପ୍ର.)

ବାମରାସ୍ଥିତ ମଡର୍ଣ୍ଣ ପବ୍ଲିକ ସ୍କୁଲର ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି । ସ୍କୁଲ ଅଧ୍ୟକ୍ଷ ରତନେଶ୍ୱର ସିଂଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୋଟ ୯୨ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା । ଏଥିରେ ପ୍ଲାଷ୍ଟିକ ଓ ବର୍ଯ୍ୟବସ୍ତୁର ପୁନଃ ବ୍ୟବହାର ପ୍ରକଳ୍ପରେ ପିହୁ ଅଗ୍ରୱାଲ ପ୍ରଥମ, ତାପ ନିୟନ୍ତ୍ରଣ କୁଲିଙ୍ଗ ଓ ହିଟିଂ ପ୍ରକଳ୍ପରେ ଦିପାନସୁ ବିନ୍ଦଲ ଓ ଫୋଟୋସାନଥେଟିକ ପ୍ରକଳ୍ପରେ ଶକ୍ତି ସ୍ୱରୂପ ବାଘ ତୃତୀୟ ସ୍ଥାନ ଗ୍ରହଣ କରିଥିଲେ। ଏଥିରେ ଅତିଥି ଭାବେ ଅବସରପ୍ରାପ୍ତ କ୍ୟାପଟେନ୍ ଶଶିଭୂଷଣ ସେଠୀ ଓ ଶିକ୍ଷାବିଦ ଦେବାନନ୍ଦ ବହିଦାର ଯାଗ ଦେଇଥିଲେ । ପ୍ରମୋଦ ଦିକ୍ଷିତ, ବିକାଶ ଦୁବେ ଓ ସନ୍ଧ୍ୟା ମହାନନ୍ଦିଆ ବିଚାରକ ଭାବେ ଯୋଗ ଦେଇଥିଲେ।




କୁନି ବୈଜ୍ଞାନିକମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

**ସଂକ୍ଷେପରେ**

## ଲାୟନ୍ସ କ୍ଲବରେ ବିଶ୍ୱ କୁଷ୍ଠରୋଗ ଦିବସ

ସମ୍ବଲପୁର, ୩୦।୧ (ବ୍ୟୁରୋ)- ବିଶ୍ୱ କୁଷ୍ଠରୋଗ ଦିବସ ଲକ୍ଷ୍ମୀଡୁଙ୍ଗୁରି ଅଞ୍ଚଳରେ ପାଳିତ ହୋଇଯାଇଛି । ଏହି ଅବସରରେ ହୀରାକୁଦ ଲାୟନ୍ସ କ୍ଲବ ପକ୍ଷରୁ ଲକ୍ଷ୍ମୀଡୁଙ୍ଗୁରି ସ୍ଥିତ କୁଷ୍ଠରୋଗ କଲୋନୀବାସୀଙ୍କୁ ନୂଆଁବସ୍ତ୍ର ପ୍ରଦାନ କରାଯାଇଥିଲା । ଲାୟନ୍ସ କ୍ଲବ ଡିଷ୍ଟ୍ରିକ ଗଭର୍ଣ୍ଣର ଦୁର୍ଗାପ୍ରସାଦ ଶର୍ମା ଯୋଗ ଦେଇଥିଲେ । ହୀରାକୁଦ ଲାୟନ୍ସ କ୍ଲବ, ପରିବାର, ଆଲୁମିନିସିଟି, ବୁର୍ଲା, ହୀରାକୁଦ ଲାୟନ୍ସ କ୍ଲବର ସଭ୍ୟାସଭ୍ୟ ଯୋଗ ଦେଇଥିଲେ । ବିକାଶ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଧମାରେ ଆଇନ ସଚେତନତା ଶିବିର

ସମ୍ବଲପୁର, ୩୦।୧ (ବ୍ୟୁରୋ)- ଆଇନ ସେବା ପ୍ରାଧିକରଣ ପକ୍ଷରୁ ବୁଧବାର ସମ୍ବଲପୁର ଜିଲା ଧମା ମଥୁରାପ୍ରସାଦ ହାଇସ୍କୁଲଠାରେ ଆଇନସେବା ପ୍ରାଧିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା ଜଜ ମଳୟ ରଞ୍ଜନ ଦାଶ ଶିବିର ପରିଚାଳନା କରିଥିଲେ । ଧମା ହାଇସ୍କୁଲ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ପ୍ରଧାନ, ସିଭିଲ କୋର୍ଟ ରେଜିଷ୍ଟ୍ରାର୍ ବିବସ୍ୱତ ଗୌତମ, ଶିକ୍ଷକ ପାର୍ଥସାରଥି ପ୍ରଧାନ ଯୋଗଦେଇ ନାଗରିକମାନଙ୍କ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ । ଜିଲା ଆଇନସେବା ପ୍ରାଧିକରଣ ସଚିବ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ

ସମ୍ବଲପୁର, ୩୦।୧ (ବ୍ୟୁରୋ)- ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୧ତମ ଜନ୍ମୋତ୍ସବ ବୁଧବାର ଧନକଉଡା ନିକଟସ୍ଥ ସତସଙ୍ଗବିହାରଠାରେ ଅନୁଷ୍ଠିତ ହୋଇଯାଇଛି । ଦେଓଘର ସତସଙ୍ଗ ଆଶ୍ରମର ସହସମ୍ପାଦକ ଡା. ବିନାୟକ ମହାପାତ୍ର ଜନ୍ମୋତ୍ସବ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କଟକ ସତସଙ୍ଗ ବିହାରର ସମ୍ପାଦକ ଡମ୍ବରୁଧର ଦାସଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା । ଜିତେନ୍ଦ୍ର କୁମାର ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଶ୍ରୀଧରସୁନ୍ଦର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଠାକୁରଙ୍କ ବିଷୟରେ ଆଲୋକପାତ କରିଥିଲେ । ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବାର୍ଷିକ ସ୍ମରଣୀକା ସୁଦର୍ପଣ ଉନ୍ମୋଚିତ କରିଥିଲେ । ଏହି ଅବସରରେ କୀର୍ତ୍ତନ, ଯଜ୍ଞ, ସାଂସ୍କୃତିକ କାର୍ଯ୍ୟକ୍ରମ, ମାତୃ ସମ୍ମିଳନୀ, ଚିକିତ୍ସକ ସମ୍ମିଳନୀ, ମାଗଣା ଚିକିତ୍ସା ଶିବିର ହୋଇଥିଲା ।

## ଏନ୍‌ଏସ୍‌ସିବି କଲେଜରେ ଆଲୋଚନାଚକ୍ର

ସମ୍ବଲପୁର, ୩୦।୧ (ବ୍ୟୁରୋ) ନେତାଜୀ ସୁବାଷ ଚନ୍ଦ୍ର ବୋଷ (ଏନଏସସିବି) କଲେଜରେ ମଙ୍ଗଳବାର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ହରିଶଙ୍କର ସାହୁଙ୍କ ସଭାପତିତ୍ୱରେ 'ସମୟର ମୂଲ୍ୟ' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ରେଭେନ୍ସା ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ପ୍ରଫେସର ସଞ୍ଜୟ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଛାତ୍ର ସମାଜ ସମୟର ମୂଲ୍ୟ ବୁଝି ସେହି ଅନୁସାରେ ନିଜକୁ ଭବିଷ୍ୟତର ସମ୍ଭାବନା କରି ପ୍ରସ୍ତୁତ କରିବାକୁ ସେ ଆହ୍ୱାନ ଦେଇଥିଲେ । ବାଣିଜ୍ୟ ବିଭାଗ ଅଧ୍ୟାପକ ଡ. ବିଶ୍ୱମୋହନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ କରିବେନି ଓକିଲ




ସମ୍ବଲପୁର ଜିଲା ଓକିଲ ସଂଘ ପକ୍ଷରୁ ସାଧାରଣ ପରିଷଦ ବୈଠକରେ ଉପସ୍ଥିତ କର୍ମକର୍ତ୍ତା (ବାମ)। ବୈଠକରେ ଯୋଗ ଦେଇଥିବା ସଂଘର ସଦସ୍ୟମାନେ ।

- ସାଧାରଣ ପରିଷଦ ବୈଠକ
- ସବୁଜ ସଙ୍କେତ ଆଶାରେ ଓକିଲ
- ଆଲୋଚନା ପାଇଁ ଜିଲାପାଳଙ୍କ ପ୍ରତିଶ୍ରୁତି
- ସମ୍ବଲପୁରରେ ବିକାଶ ହେଉଛି ତେଣୁ ସମର୍ଥନ

ସମ୍ବଲପୁର,୩୦।୧(ବ୍ୟୁରୋ)

୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର ଗସ୍ତରେ ଆସୁଛନ୍ତି। ଭିଏସଏସ ଷ୍ଟାଡିୟମରେ ଯୁବ ସମାବେଶରେ ସେ ଯୋଗ ଦେବା ସହ ମହାନଦୀ ଉପରେ ନବ ନିର୍ମିତ ପୋଲ ଉଦ୍‌ଘାଟନ କରିବେ। ତେବେ ମୁଖ୍ୟମନ୍ତ୍ରୀଙ୍କୁ ଏହି ଗସ୍ତକୁ ଓକିଲସଂଘ ବିରୋଧ କରିବ ବୋଲି ଯେଉଁ ନିଷ୍ପତ୍ତି ହୋଇଥିଲା ସେଥିରେ ପରିବର୍ତ୍ତନ ହୋଇଛି। ପଶ୍ଚିମ ଓଡିଶାବାସୀ ମୁଖ୍ୟମନ୍ତ୍ରୀଙ୍କ ପାଖରୁ କିଛି ସବୁଜ ସଙ୍କେତ ଆଶା କରୁଛନ୍ତି । ହାଇକୋର୍ଟ ସ୍ଥାୟୀ ବେଞ୍ଚ ପାଇଁ କିଛି ପ୍ରତିଶ୍ରୁତି ଓ ଜନସାଧାରଣଙ୍କ ଦାବି ଉପରେ ମୁଖ୍ୟମନ୍ତ୍ରୀ ଘୋଷଣା କରି ପାରନ୍ତି ବୋଲି ଆଶା କରାଯାଉଛି । ଅନ୍ୟପଟେ ସମ୍ବଲପୁରରେ ଅନେକ ବିକାଶମୂଳକ କାମର ଉଦ୍‌ଘାଟନ ଓ କିଛି ନୂଆ ପ୍ରକଳ୍ପର ଶିଳାନ୍ୟାସ କରାଯିବ। ତେଣୁ ୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତକୁ ଜିଲା ଓକିଲ ସଂଘ ପକ୍ଷରୁ ବିରୋଧ କରାଯିବ ନାହିଁ ବୋଲି ଏବେ ନିଷ୍ପତ୍ତି ହୋଇଛି । ବୁଧବାର ଜିଲା ଓକିଲ ସଂଘ ଉପସଭାପତି ବେଦବ୍ୟାସ ସାଥୁଙ୍କ ଅଧ୍ୟକ୍ଷତାରେ ସାଧାରଣ ପରିଷଦ ବୈଠକରେ ସର୍ବ ସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ସହ ସଙ୍ଘକୁ ନେଇ ଆଲୋଚନା କରିବା ପାଇଁ ଜିଲାପାଳ ସମର୍ଥ ବର୍ମା ପ୍ରତିଶ୍ରୁତି ଦେଇଛନ୍ତି । ଏହି ଆଲୋଚନା ସଫଳ ହେବ ଓ ମୁଖ୍ୟମନ୍ତ୍ରୀ କିଛି ଘୋଷଣା କିରିବେ ବୋଲି ଜିଲା ଓକିଲ ସଂଘ ଆଶା କରୁଥିବା ଜିଲା ଓକିଲ ସଂଘ କ୍ରିୟା ଅନୁଷ୍ଠାନ କମିଟି ଅଧ୍ୟକ୍ଷ ପ୍ରଦୀପ ବହିଦାର କହିଛନ୍ତି। ତେବେ ଓକିଲ ସଂଘ ପ୍ରତିଦିନ ଭଳି ସେଦିନ ମଧ୍ୟ ଆନ୍ଦୋଳନ କରିବ । ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ । ନିର୍ବାଚନ ପାଇଁ କୋଡ ଅଫ କଣ୍ଡକ୍ଟ ଘୋଷଣା ହେବା ପରେ ମଧ୍ୟ ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଛି। ଏହି ବୈଠକରେ ସାଧାରଣ ସମ୍ପାଦକ ପ୍ରବୀଣ ସିଂଦେଓ, ଯୁଗ୍ମ ସମ୍ପାଦକ ଅନୁପ ତରିଆ, ସହ ସମ୍ପାଦକ ଦୀପକ କୁଅଁର, କାର୍ଯ୍ୟକାରୀ ସଦସ୍ୟ ମହେନ୍ଦ୍ର ବଡେଇ, ସବିନୟ ପୂଜାରୀ, ପ୍ରଶାନ୍ତ କର, ସୁରେଶ୍ୱର ମିଶ୍ର ବକ୍ତବ୍ୟ ଦେଇଥିଲେ । ସୂଚନାଯୋଗ୍ୟ ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ସେପ୍ଟେମ୍ବର ୫ ତାରିଖଠାରୁ ଆନ୍ଦୋଳନ ଜାରି ରହିଛି। ବୁଧବାର ଆନ୍ଦୋଳନକୁ ୧୪୮ ଦିନ ପୂରିଥିବା ବେଳେ ରିଲେ ଅନଶନ ୭୩ ଦିନରେ ପହଞ୍ଚିଛି ।

## ଲାୟନ୍ସ କ୍ଲବରେ ଶୋକସଭା

ସମ୍ବଲପୁର, ୩୦।୧ (ବ୍ୟୁରୋ)

ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଜର୍ଜ ଫର୍ଣ୍ଣାଣ୍ଡିସଙ୍କ ବିୟୋଗରେ ବୁଧବାର ଲାୟନ୍ସ କ୍ଲବ ସଭା କକ୍ଷରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ପରିଚାଳନାରେ ଶୋକସଭା ହୋଇଥିଲା । ଏସଡିଏ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି, ପୂର୍ବତନ ସମ୍ବଲପୁର ଲୋକସଭା ଏମପି ଭବାନୀଶଙ୍କର ହୋତା ସ୍ମୃତିଚାରଣ କରିଥିଲେ। ଏଥିରେ ସହରର ବିଭିନ୍ନ ଅଞ୍ଚଳରୁ ଜନସାଧାରଣ ସାମିଲ ଥିଲେ ।

## ଭାନୁ ମାଝିଙ୍କ ଉପରୁ ନିଲମ୍ବନ ଆଦେଶ ହଟିଲା

ନୂଆପଡା ଅଫିସ,୩୦।୧-

ନୂଆପଡା ଜିଲା ପରିଷଦର ବର୍ତ୍ତମାନର ଉପାଧ୍ୟକ୍ଷ ଅର୍ଥାତ ପୂର୍ବରୁ ଜିଲା ଯୁବ ବିଜେଡି ସଭାପତି ଭାବେ କାର୍ଯ୍ୟରତ ଥିବା ଭାନୁପ୍ରତାପ ସିଂ ମାଝିଙ୍କ ଉପରୁ ରାଜ୍ୟ ସୁପ୍ରିମୋ ନବୀନ ପଟ୍ଟନାୟକ ନିଲମ୍ବନ ଆଦେଶ ହଟାଇଥିବା ରାଜ୍ୟ ସମ୍ପାଦକ ବିଜୟ ନାଏକ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି । ମଙ୍ଗଳବାର ସ୍ଥାନୀୟ ସର୍କିଟ ହାଉସରେ ଆହୂତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ସଭ୍ୟ ମାଝି ଏହା କହିଛନ୍ତି। ଦଳ ତାଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କରିଥିଲା । ବର୍ତ୍ତମାନ ସେ ଏଥିରୁ ମୁକ୍ତ । ଦଳ ତାଙ୍କୁ ଯାହା ନିର୍ଦ୍ଦେଶ କରିବେ ତାକୁ ସେ ବହନ କରିବେ । ସେ ଦଳ ପାଇଁ ସମର୍ପିତ ବୋଲି କହିଛନ୍ତି ।

# ଜିଏମୟୁ ବାର୍ଷିକ କ୍ରୀଡାରେ ମୌସୁମୀ, ସୁଦୀପ୍ତ ଚାମ୍ପିୟନ



ଜିଏମୟୁ ଖେଳ ପଡିଆରେ ଚାଲିଥିବା ୪ର୍ଥ ବାର୍ଷିକ କ୍ରୀଡା ପ୍ରତିଯୋଗିତାର ଦୌଡ ଇଭେଣ୍ଟ ।

ସମ୍ବଲପୁର, ୩୦।୧ (ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ର ୪ର୍ଥ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅମୃତ ବିହାର ପରିସରସ୍ଥ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ବାଳିକା ବର୍ଗରେ ସୌସୁମୀ ସାହୁ ଓ ବାଳକରେ ସୁଦୀପ୍ତ ଡୁଙ୍ଗଡୁଙ୍ଗ ଚାମ୍ପିୟନ ଟ୍ରଫି ହାସଲ କରିଛନ୍ତି । କୁଳପତି ପ୍ରଫେସର ଅତନୁ କୁମାର ପତି, ଆର୍ନ୍ତଜାତୀୟ ମାଷ୍ଟର୍ସ ଆଥଲେଟ ନମିତା ପଟେଲ, ରେଖା ଦେ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀମାନଙ୍କୁ ପୁରସ୍କୃତ କରିଥିଲେ । ଉପ କୁଳ ସଚିବ ଉମାଚରଣ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ । କ୍ରୀଡା ସଂସଦର ପ୍ରଦୀପ କୁମାର ହରିପାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡ. ପ୍ରଶାନ୍ତି ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିବାଜୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ୨ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମରେ ୨ଶହ ଛାତ୍ରୀଛାତ୍ର ୨୦ଟି ଇଭେଣ୍ଟରେ ଭାଗ ନେଇଥିଲେ । ଜିଲା କ୍ରୀଡା ସଂଘ ଆଥଲେଟିକ୍ ସମ୍ପାଦକ ସୁନ୍ଦରମଣୀ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉଦ୍‌ଘାଟନୀ ଉତ୍ସବକୁ ଜିଏମୟୁ ପିଜି କାଉନସିଲ ଅଧ୍ୟକ୍ଷ ସଦନ କୁମାର ପଲଙ୍କ ପରିଚାଳନାରେ ହୋଇଥିଲା । ଏଥିରେ ଅନ୍ତର୍ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟ କ୍ରୀଡାବିତ ଆର୍ତ୍ତତ୍ରାଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ।

# ଯୁବ ବିଜେଡିର ଜୋନସ୍ତରୀୟ ବୈଠକ

ସମ୍ବଲପୁର, ୩୦।୧ (ବ୍ୟୁରୋ)

ଯୁବ ବିଜେଡିର ଜୋନସ୍ତରୀୟ ବୈଠକ ବୁଧବାର ପାନ୍ଥନିବାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଯୁବ ବିଜେଡି ରାଜ୍ୟ କାର୍ଯ୍ୟାକାରୀ ତଥା ଜୋନ ସଭାପତି ସଞ୍ଜିତ ମହାନ୍ତିଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସମ୍ବଲପୁର, ଦେବଗଡ, ଝାରସୁଗୁଡା, ବରଗଡ ଓ ସୁନ୍ଦରଗଡ ଜିଲାର କର୍ମୀ ଓ ନେତା ସାମିଲଥିଲେ। ଏହି ଅବସରରେ ଜୋନସ୍ତରୀୟ କର୍ମକର୍ତ୍ତା ଘୋଷଣା କରାଯାଇଥିଲା । ତନ୍ମୟ ଦାଶ, ମୋତିଲାଲ ମହନ୍ତ, ଲକ୍ଷ୍ମୀ ମହାପାତ୍ର, ପ୍ରବୀଣ ବେହେରା, ଦିଲୀପ ପାତ୍ର, ଅନୁପ ପୁରୋହିତ ଉପସଭାପତି ଭାବେ ରହିଛନ୍ତି । ସେହିପରି ୯ଜଣ ସାଧାରଣ ସମ୍ପାଦକ, ୧୧ ଜଣ ସମ୍ପାଦକ, ୬ଜଣ ଯୁଗ୍ମ ସମ୍ପାଦକ ଓ ଜଣେ ମିଡିଆ ପ୍ରଭାରୀ ରହିଛନ୍ତି । ୫ଟି ଜିଲାକୁ ନେଇ ଗଠିତ ଏହି ଜୋନରେ ୧୯ଟି ବିଧାନସଭା ନିର୍ବାଚନୀ ମଣ୍ଡଳି ରହିଛି । ତେଣୁ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ନେତା ଓ କର୍ମୀମାନେ ତୃଣମୂଳ ସ୍ତରରୁ ସାଂଗଠାନିକ କାମ କରିବାକୁ ବୈଠକରେ ଆହ୍ୱାନ ଦିଆଯାଇଛି ।



ସମ୍ବଲପୁରରେ ଯୁବ ବିଜେଡି ଜୋନସ୍ତରୀୟ ବୈଠକରେ ନୂତନ କର୍ମକର୍ତ୍ତା ଓ ସଭ୍ୟମାନେ ।

# ଭିସୁଟ ଶିକ୍ଷକ ସଂଘର ନିର୍ବାଚନ

ସମ୍ବଲପୁର, ୩୦।୧ (ବ୍ୟୁରୋ)

ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ) ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏହି ନିର୍ବାଚନରେ ୧୮୮ ଜଣ ସଭ୍ୟ ସାମିଲ ଥିଲେ। ସିଭିଲ ଇଞ୍ଜିନିୟରିଂ ବିଭାଗ ଡ. ରମାକାନ୍ତ ପାଣିଗ୍ରାହୀ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇଥିଲେ । ପ୍ରଫେସର ପ୍ରକାଶ ଚନ୍ଦ୍ର ସ୍ୱାଇଁ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ସେହିପରି ଡ. ମାନସ କବାଟ ଓ ଡ. ପାଣ୍ଡବ ପାତ୍ର ଉପସଭାପତି, ଡ. ହରିଶ କୁମାର ସାହୁସମ୍ପାଦକ, ଡ. ଅରୁଣ କୁମାର ବାରିକ ଓ ଗୌତମ ବେହେରା ଯୁଗ୍ମସମ୍ପାଦକ, ଡ. ପି ଲକ୍ଷ୍ମୀ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି ।




ଭିସୁଟ ଶିକ୍ଷକ ସଂଘର ନିର୍ବାଚନରେ ବିଜୟୀ କର୍ମକର୍ତ୍ତାମାନେ ।

# ଦେଶୀଭାଟି, ବିଦେଶୀ ମଦ ଦୁକାନ ବନ୍ଦ୍ ଦାବି

**ସମ୍ବଲପୁର ମହାନଗର ନିଗମ ୱାର୍ଡ ନଂ.୪୦**

- ଗୁଲୁଣ୍ଡିପାଲିବାସୀକର ଉଲ୍‌ଗୁଲାନ୍‌ର ଚେତାବନୀ
- ପାସେ କଲେଜ, ଡାକ୍ତରଖାନା ରହିଛେ
- କେନ୍‌ଥେଇ ମିଲ୍‌ଲା ଅନୁମତି ତାର ତଦନ୍ତ୍ ହେଉ।

ସମ୍ବଲପୁର,୩୦।୧(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ୱାର୍ଡ ନଂ.୪୦ର ମାନେଶ୍ୱର-ଗୁଣ୍ଡେରପୁର ରାସ୍ତା ତରେ ଥିବାର ବିଦେଶୀ ମଦ ଦୁକାନ ଆର ଗୁଲୁଣ୍ଡିପାଲି ଗାଁର ରାସ୍ତା ତରେ ଥିବାର ଦେଶୀ ମଦଭାଟିକେ ବନ୍ଦ୍ କରବାକେ ଅଂଚଲବାସୀ ଦାବି କରିଛନ୍। ଇଥିରଲାଗି ଗୁଲୁଣ୍ଡିପାଲି ଆର ଆସର ପାସର ଗାଁରେ ଲୁକ୍‌କର ଅସନ୍‌ତୋଷ ବଢ଼ତେଲ ଯାଉଛେ। ଦେଶୀ ମଦଭାଟି ଆର ବିଦେଶୀ ମଦ ଦୁକାନକେ ବନ୍ଦ୍ କରାଯାଉ ନାଇଁ ହେଲେ ଉନିଆ କେନ୍‌ଆଡ଼େ ଉଠେଇ ନିଆଯାଉ ବଲି ଅଂଚଲବାସୀ ଦାବି କରିଛନ୍। ଯଦି ପରଶାସନ ଆମର ଦାବି ନାଇଁ ଶୁନ୍‌ଲା, ଇଟା ଆଏବାର ଦିନେ ଉଲ୍‌ଗୁଲାନ୍‌ର ରୂପ ନେବା ବଲି ଗୁଲୁଣ୍ଡିପାଲି ଗାଁବାସୀ ଚେତାବନୀ ଦେଇଛନ୍। ସେମାନକର ଅଭିଯୋଗ ହେଲା, ମାନେଶ୍ୱର-ଗୁଣ୍ଡେରପୁର ମୁଖିଆ ରାସ୍ତା ଗୁଲୁଣ୍ଡିପାଲି ଛକେ ବିଦେଶୀ ମଦ ଦୁକାନ ଅଛେ। ସେନ୍‌ତା ଗାଁର ରାସ୍ତା ତରେ ଦେଶୀ ମଦଭାଟି ଅଛେ। ଫିଦିନ ବିଦେଶୀ ମଦ ଦୁକାନ ଆର ଦେଶୀ ଭାଟି ଆଘେ ଅସାମାଜିକ ଲୋକ୍ ଠୋଲ୍ ହେଉଛନ୍। ସେମାନେ ଖୁଲାରେ ମଦ ପଉଛନ୍, ଯେନ୍‌ତା କି ରାସ୍‌ତାରେ ଯାଆସ କରୁଥିବାର ଲୋକ୍, ଗାଁବାସୀ ଭିନେ ଭିନେ ସମିଆରେ ଅସବିଧାର ସାମନା କରୁଛନ୍। ଇ ରାସ୍‌ତାରେ ମହିଲା, ସ୍କୁଲ, କଲେଜର ପିଲା ଟୁକେଲମାନେ ଯିବାର ଆଏବାର କରୁଛନ୍। ସେନ୍‌ତା ଅନେକ ସମିଆରେ ଇ ରାସ୍‌ତାରେ ନାଇଁହେବାର ଘଟନାମାନ ଘଟିଥିବାର ନଜିର ଅଛେ। ଇ ରାସ୍‌ତାରେ ଫିଦିନ୍ ଶହ ଶହ ଲୋକ୍ ସହରାଞ୍ଚଳ ପ୍ରାଥମିକ ଡାକ୍‌ତରଖାନାକେ ଯିବାର ଆଏବାର କରୁଛନ୍। ସେମାନେ ବି ମଦୁଆମାନକର ଆବ୍‌ଡ଼େ ପଡ଼ି ହଇରାନ ହରକତ ହେଉଛନ୍। ଥାନୀୟ ଲୋକ୍ ଇ ସମସିଆ ବାବ୍‌ଦେ ବାରବାର ପରଶାସନକେ ଗୁହାରି କରି ନିରାଶ ହେଇଛନ୍। ଯେନ୍‌ତା କି ଅଂଚଲବାସୀକର ଭିତରେ କୁହୁଳୁଥିବାର ରାଗ୍‌ଟା ଗୁଟେ ବଡ଼ଭାରି ଉଲ୍‌ଗୁଲାନର ରୂପ ନେବାକେ ଯାଉଛେ। ପୁଲିସର ପେଟ୍ରୋଲିଂ ବି ଠିକ୍ ହିସାବେ ନାଇଁ ହେଉଥିବାର ଅଂଚଲବାସୀ ଅଭିଯୋଗ କରିଛନ୍। କେତେ ଛାତ୍ରୀଛାତ୍ର ନିଜର ନାଁକେ ଗୁପତ୍ ରଖି କହିଛନ୍ ଯେ, ଇ ରାସ୍‌ତାରେ ଯିବାର ଆଏବାର ଲାଗି ଡର ଲାଗୁଛେ। ମଦ ଦୁକାନ ସାମନାରେ ସବୁବେଲେ ଅସାମାଜିକ ଲୁକ୍‌କର ଭିଡ଼ ଲାଗିରହୁଛେ। ଗଲା ଆଏଲା ବେଲେ ଖରାପ୍ ଭାଷାରେ କମେଣ୍ଟ ମାରୁଛନ୍। ଆମେ ପାଠ୍‌ପଢ଼ି ଆସୁଛୁଁ, କାହାରି ସଂଗେ ଗାଲି ଗୁଲମାଲ ଲାଗବାର ଲାଗି ନୁହେ, ସେଥିରଲାଗି ଖୁଲାଖୁଲି ବିରୋଧ ବି କରି ନାଇଁ ହେବାର । ଜିଲା ପରଶାସନ ଇ ଦିଗେ ପଦକ୍ଷେପ ନେବାର କଥା ବଲି ସେମାନେ କହିଛନ୍। ଇ ବାବ୍‌ଦେ ସମ୍ବଲପୁର ଏସପି ସଞ୍ଜିବ ଆରୋରାଙ୍କୁ ପଚରାଲାରୁ ନିୟମିତ ପେଟ୍ରୋଲିଂ ବେବସ୍‌ତା କରି ମଦ ଦୁକାନ ଆର ଭାଟି ସାମ୍‌ନାରେ ଅସାମାଜିକ ଲୁକ୍‌କର ଜମା ହେବାରଟାକେ ବନ୍ଦ୍ କରାଯିବା ବଲି ସେ କହିଥିଲେ ।

# ନିଯୁକ୍ତିରେ ପାତରଅନ୍ତରର ପ୍ରତିବାଦ




ବୁଧବାର ସମ୍ବଲପୁର ସିଡିଏମ୍‌ଓଙ୍କ ସହ ଭାଜପା ଯୁବମୋର୍ଚ୍ଚା କର୍ମୀମାନେ ଆଲୋଚନା କରୁଛନ୍ତି (ବାମ)। ସିଡିଏମଓ ଅଫିସ ସମ୍ମୁଖରେ ଷ୍ଟାଫନର୍ସ, ଷ୍ଟାଫନର୍ସ ଏନପିଏଚସିଇ ଓ ଏଏନଏମରେ ଆବେଦନ କରିଥିବା ପ୍ରାର୍ଥୀନୀମାନେ ।

ସମ୍ବଲପୁର, ୩୦।୧ (ବ୍ୟୁରୋ)

ସ୍ଥାନୀୟ ନିଯୁକ୍ତି ଦାବିରେ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ବୁଧବାର ପୂର୍ବାହ୍ନ ୧୧ଟାରେ ସମ୍ବଲପୁର ସିଡିଏମଓ ଅଫିସ ଘେରାଉ କରାଯାଇଥିଲା । ଜିଲା ସ୍ୱାସ୍ଥ୍ୟ ସମିତି, ଜାତୀୟ ସ୍ୱାସ୍ଥ୍ୟ ମିଶନରେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରି ଅନ୍ୟ ଜିଲାର ଯୁବତୀ ଯୁବକଙ୍କୁ ନିଯୁକ୍ତି ଦିଆଯାଉଛି । ଏହା ବନ୍ଦ କରିବାକୁ ଆନ୍ଦୋଳନକାରୀ ଦାବି କରିଥିଲେ । ଏହାପରେ ସିଡିଏମଓ ଡା. କଲ୍ୟାଣ କୁମାର ଗୁପ୍ତାଙ୍କ ସହ ଆଲୋଚନା ହୋଇଥିଲା। ଆନ୍ଦୋଳନକାରୀ ସମ୍ବଲପୁର ଜିଲା ସକାଶେ ବାହାରିଥିବା ପଦବୀରେ ସ୍ଥାନୀୟ ନିଯୁକ୍ତି ଦେବାକୁ ଅଡି ବସିଥିଲେ । ସିଡିଏମଓ ଗୁପ୍ତା ଜିଲାପାଳ ସମର୍ଥ ବର୍ମାଙ୍କ ସହ ଆଲୋଚନା କରିଥିଲେ । ଏହାପରେ ଷ୍ଟାଫନର୍ସ, ଷ୍ଟାଫନର୍ସ ଏନପିଏଚସିଇ ଓ ଏଏନଏମ ପଦବୀର ଭେରିଫିକେସନ୍ କାର୍ଯ୍ୟ ବନ୍ଦ ହୋଇଥିଲା। ଜିଲା ସଭାପତି ରିକନ ପଟ୍ଟନାୟକଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା । ଅଶ୍ୱିନୀ ମାଝୀ, ସୌମିତ୍ର ଜତି, ହରିହର ପଣ୍ଡା ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ ।



ଜୀବନରେ ଭୟ କରିବାର କିଛି ନାହିଁ। କେବଳ ଜୀବନକୁ ବୁଝିପାରିଲେ ଭୟ ଆପେ ଦୂର ହୋଇଯିବ।

- ମେରି କ୍ୟୁରୀ

**ସଂକ୍ଷେପରେ**

## ଏମ୍ଏସ୍ପି, ସ୍ୱତନ୍ତ୍ର ପାହ୍ୟା ଓ ମହିଳା ସ୍ଥାନ ସଂରକ୍ଷଣକୁ ବିଜେଡି ପ୍ରସଙ୍ଗ କରିବ

ନୂଆଦିଲ୍ଲୀ,୩୦।୧: ଷୋଡ଼ଶ ଲୋକ ସଭାର ଶେଷ ଅଧିବେଶନ ଗୁରୁବାର ଆରମ୍ଭ ହେଉଥିବାବେଳେ ବିଜୁ ଜନତା ଦଳ (ବିଜେଡି) ଏମ୍ଏସ୍ପି, ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଏବଂ ମହିଳା ସ୍ଥାନ ସଂରକ୍ଷଣକୁ ପ୍ରସଙ୍ଗ କରିବ ବୋଲି କହିଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) କ୍ୱିଣ୍ଟାଲ ପ୍ରତି ୨୯୩୦ ଟଙ୍କା କରିବା, ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅନ୍ୟାନ୍ୟ ଦାବି ଦଳ ପକ୍ଷରୁ ଉଠାଯିବ ବୋଲି ଲୋକ ସଭାରେ ବିଜେଡି ସଂସଦୀୟ ଦଳ ନେତା ଭର୍ତ୍ତୃହରି ମହତାବ କହିଛନ୍ତି। ଧାନ ଏମ୍ଏସ୍ପି ବୃଦ୍ଧି ଦାବିରେ ବିଜେଡି ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଅଧିବେଶନରେ ସେହି ପ୍ରସଙ୍ଗ ଉଠାଇବା ସହ ପ୍ରାକୃତିକ ବିପର୍ଯ୍ୟୟ ପ୍ରସଙ୍ଗରେ ଆଲୋଚନା ପାଇଁ ନୋଟିସ୍ ଦିଆଯାଇଛି ବୋଲି ଭର୍ତ୍ତୃହରି କହିଛନ୍ତି। ଗତ ଅଧିବେଶନରେ ଉକ୍ତ ପ୍ରସଙ୍ଗ ତାଲିକାଭୁକ୍ତ ହୋଇଥିଲେ ମଧ୍ୟ ଆଲୋଚନା ହୋଇପାରି ନ ଥିଲା। ଏହା ବ୍ୟତୀତ ରାଜ୍ୟ ବିଧାନସଭା ଏବଂ ପାର୍ଲାମେଣ୍ଟରେ ମହିଳାଙ୍କ ଲାଗି ସ୍ଥାନ ସଂରକ୍ଷଣ ଏବଂ ପୋଲାଭରମ୍ ପ୍ରସଙ୍ଗ ମଧ୍ୟ ଉଠାଯିବ। ୧୩ ତାରିଖରେ ଶେଷ ହେବାକୁ ଥିବା ଏହି ଅଧିବେଶନରେ ମୋଟ ୧୦ଟି କାର୍ଯ୍ୟଦିବସ ରହିଛି। ତେଣୁ ଓଡ଼ିଶା ସ୍ୱାର୍ଥ ସମ୍ବଳିତ ସମସ୍ତ ପ୍ରସଙ୍ଗ ଉଠାଇବାକୁ ଉଦ୍ୟମ କରାଯିବ। କେନ୍ଦ୍ର ସରକାରଙ୍କ ପାଖରେ ୬୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅନୁଦାନ ବକେୟା ପଡିରହିଥିବାବେଳେ ସେଥିପାଇଁ ଚାପ ପକାଇବେ ବୋଲି ଭର୍ତ୍ତୃହରି କହିଛନ୍ତି।

# ବେକାରି ସମସ୍ୟା ନେଇ ୭ରେ ବିଧାନସଭା ଘେରିବ ଯୁବମୋର୍ଚ୍ଚା

ଭୁବନେଶ୍ୱର, ୩୦।୧(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଯୁବମାରଣ ନୀତି, ରୋଜଗାର ପ୍ରଦାନରେ ବିଫଳତା, ଓଡିଆ ଯୁବତୀ, ଯୁବକଙ୍କୁ ସ୍ୱରୋଜଗାର କରିବାରେ ବିଫଳ ହେବା ବିରୋଧରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଆସନ୍ତା ୭ରେ ବିଧାନସଭା ଘେରାଉ କରାଯିବ । ଏହାସହ ସେମାନେ ସେମାନଙ୍କ ସାର୍ଟିଫିକେଟ୍ ରାଜ୍ୟ ସରକାରଙ୍କୁ ଫେରାଇବେ ବୋଲି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଟଙ୍କଧର ତ୍ରିପାଠୀ କହିଛନ୍ତି । ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଟଙ୍କଧର କହିଛନ୍ତି ଯେ, ଦୀର୍ଘ ୧୯ବର୍ଷ ଧରି ରାଜ୍ୟରେ ବେକାରି ସମସ୍ୟା ବୃଦ୍ଧି ପାଇଛି । ଓଡିଶାର ଯୁବତୀ, ଯୁବକମାନଙ୍କୁ ନିଯୁକ୍ତି ନ ଦେଇ ନିଯୁକ୍ତି ମେଳା ନାଁରେ ରାଜ୍ୟ ସରକାର ଲକ୍ଷାଧିକ ଟଙ୍କା ହଡପ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୋଟିଏ ପଟେ ରାଜ୍ୟର ବିକାଶକୁ ନେଇ ଡିଣ୍ଡିମ ପିଟୁଥିବାବେଳେ ଅନ୍ୟପଟେ ଯୁବକମାନେ ଏଠି କାମ ନ ପାଇ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ବିଶେଷ କରି ଯୁବପିଢିଙ୍କୁ ନିଯୁକ୍ତି ଦେବାରେ ସରକାର ବାଧକ ସାଜିଥିବା ଟଙ୍କଧର ଅଭିଯୋଗ କରିଛନ୍ତି । ଦୀର୍ଘ ବର୍ଷ ଶାସନରେ ବିଜେଡି ରହିବା ସତ୍ତ୍ୱେ ଯୁବତୀ, ଯୁବକମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିପାରିଲେ ନାହିଁ । ସରକାରୀ ସ୍ତରରେ ବିଭିନ୍ନ ବିଭାଗରେ ପଦବୀ ଖାଲି ପଡିଛି । ସେହିପରି ରାଜ୍ୟ ସରକାର ବିଭିନ୍ନ ଶିଳ୍ପମାନଙ୍କ ସହ ଏମ୍ଓୟୁ କରି ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦେଇନାହାନ୍ତି । ଅନ୍ୟପଟେ ରାଜ୍ୟ ସରକାର ଏନ୍ଟିପିସି, ଜାତୀୟ ରାଜପଥ, ତୈଳ ଗଚ୍ଛିତ କେନ୍ଦ୍ର ଆଦି ପ୍ରକଳ୍ପକୁ ଆଗକୁ ନେବାରେ ବାଧକ ସାଜିଛନ୍ତି ବୋଲି ଟଙ୍କଧର ଅଭିଯୋଗ କରିଛନ୍ତି । ସମାଜର ସବୁଠାରୁ ବଡ ବର୍ଗ ଯୁବସମାଜଙ୍କୁ ନବୀନ ସରକାର ଧୋକ୍କା ଦେଇଚାଲିଛନ୍ତି । ଯେଉଁ ପର୍ଯ୍ୟନ୍ତ ରାଜ୍ୟ ସରକାର ଯୁବକମାନଙ୍କୁ ନିଯୁକ୍ତି ଯୋଗାଇନାହାନ୍ତି ସେ ପର୍ଯ୍ୟନ୍ତ ଯୁବମୋର୍ଚ୍ଚା ଆନ୍ଦୋଳନ ଜାରି ରଖିବ ବୋଲି ଟଙ୍କଧର କହିଛନ୍ତି।

# ଜଳିଗଲା ୩୫ଲକ୍ଷ ଟଙ୍କାର କପା

ଜେକେପୁର, ୩୦।୧(ଡି.ଏନ୍.ଏ)

ରାୟଗଡା ଜିଲା ସଦର ବ୍ଲକ୍ କୁମୁଟିପେଣ୍ଠ ପଞ୍ଚାୟତ ଅଧୀନ ହନୁମାନ ନଗରସ୍ଥିତ ଜଗନ୍ନାଥ ମିଲ୍ରେ ବୁଧବାର ଭୋର ପ୍ରାୟ ୪ଟାବେଳେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର କପା ପୋଡି ପାଉଁଶ ହୋଇଯାଇଛି ।କର୍ମଚାରୀମାନେ ନିଆଁ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଖବରପାଇ ୫ଟି ଦମକଳ ଗାଡ଼ି କପା କାରଖାନା ନିକଟକୁ ଆସିଥିଲା। ୩ଘଣ୍ଟାରୁ ଊର୍ଦ୍ଧ୍ୱ ସମୟଧରି ପାଣି ସିଞ୍ଚନ କରାଯିବାପରେ ନିଆଁକୁ ଆୟତ୍ତ କରାଯାଇ ପାରିଥିଲା । କପାଗୁଡିକର ପ୍ରୋସେସିଂ ସରି ବେଲ୍ ହୋଇ ବିକ୍ରି ପାଇଁ ରଖାଯାଇଥିଲା। ମହାରାଷ୍ଟ୍ରରୁ ଆସିଥିବା ବେପାରୀମାନେ ଗୁରୁବାର କପା ନେଇଥାନ୍ତେ। ୧୫୦ରୁ ଊର୍ଦ୍ଧ୍ୱ ବେଲ୍ ପୋଡି ନଷ୍ଟ ହୋଇଥିବା କପା କାରଖାନା ମାଲିକ ମୂରଲିକ୍ରିଷ୍ଣା ସୂଚନା ଦେଇଛନ୍ତି। ଗୋଟିଏ ବେଲର ଦାମ ୨୩ହଜାର ଟଙ୍କା ବୋଲି ସେ କହିଛନ୍ତି। ନିଆଁ ଲାଗିବାର କାରଣ ଶର୍ଟସର୍କିଟ କିମ୍ବା ଅନ୍ୟକିଛି ତାହା ତଦନ୍ତ ପରେ ଜଣାପଡିବ ବୋଲି ଅଗ୍ନିଶମ ବିଭାଗ କର୍ମଚାରୀ ପୀତାମ୍ବର ସାହୁ କହିଛନ୍ତି।

ସୂଚନାଯୋଗ୍ୟ ଯେ, ହନୁମାନ ନଗର ଅଞ୍ଚଳରେ ୫ଟି

**ଜଗନ୍ନାଥ କପା ମିଲ୍ରେ ନିଆଁ**

କପା ମିଲ୍ ରହିଛି। ୨୦୧୦ରୁ ପ୍ରତ୍ୟେକ ବର୍ଷ ଏଠାରେ ଥିବା ମିଲ୍ଗୁଡିକରେ କୌଣସି କାରଣରୁ ନିଆଁ ଲାଗିଥାଏ। ଅଗ୍ନି ନିର୍ବାପକ ବ୍ୟବସ୍ଥା ପ୍ରତି ମିଲ୍ ମାଲିକମାନେ ଆଖି ବୁଜି ଦେଉ ଥିବାରୁ ବିଭିନ୍ନ ସମୟରେ ଏଭଳି ଘଟଣାର ପୁନରାବୃତ୍ତି ଘଟୁଛି। ଅଗ୍ନି ନିର୍ବାପକ ବ୍ୟବସ୍ଥା ନ ଥାଇ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କିଭଳି ଅନୁମତି ଦିଆଯାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ୧ମାସ ପୂର୍ବେ ଏଠାରେ ଥିବା ହନୁମାନ କପା ମିଲ୍ରେ ମଧ୍ୟ ଅଗ୍ନିକାଣ୍ଡ ଘଟିଥିଲା। ତେବେ ଚାଷୀଙ୍କ ଠାରୁ ସଂଗ୍ରହ ହୋଇଥିବା କପା ମଧ୍ୟରୁ ଖରାପ ହୋଇପଡିଥିବା ଓ ଅବ୍ୟବହୃତ କପାରେ ଖୋଦ ମିଲ ମାଲିକମାନେ ନିଆଁ ଲଗାଉଥିବା ଅଭିଯୋଗ ହୋଇଛି। ଅଗ୍ନିକାଣ୍ଡ ଦେଖାଇ କୋଟି କୋଟି ଟଙ୍କାର ବୀମା ହଡପ କରାଯାଉଥିବା କେତେକ ଚାଷୀ ନିଜ ନାମ ପ୍ରକାଶ ନ କରି କହିଛନ୍ତି। ୯ବର୍ଷ ଧରି ସବୁବେଳେ ନିଆଁ ଲାଗୁଥିଲେ ମଧ୍ୟ ସ୍ଥିତି ସୁଧାରିବା ପାଇଁ ଉଦ୍ୟମ ହେଉନାହିଁ। ପଡୋଶୀ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରୁ ବ୍ୟବସାୟୀ ଆସି ଏଠି କପା ମିଲ୍ କରି ଏହିଭଳି କାଣ୍ଡ କରୁଥିବା କୁମୁଟିପେଣ୍ଠ ଓ ଦେବଦୋଳା ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ମୋଦି ସରକାରଙ୍କ ବିରୋଧରେ ମାଓବାଦୀ ପୋଷ୍ଟର

ନୂଆପଡା ଅଫିସ,୩୦।୧



ମାଓବାଦୀ ପୋଷ୍ଟର ।

ନୂଆପଡ଼ା ଜିଲା କୋମନା ଥାନା ଅନ୍ତର୍ଗତ ବରକୋଟ ଜଙ୍ଗଲତଳି ଅଞ୍ଚଳରେ ଏକ ଗଛରେ ଲାଗିଥିବା ସିପିଆଇ ମାଓବାଦୀ ଓଡିଶା ଡିଭିଜନର ଏକ ବଡ ଲାଲ ପୋଷ୍ଟରକୁ ପୋଲିସ ଜବତ କରିଛି। ଏଥିରେ ସରକାରଙ୍କ ଅପରେଶନ ସମାଧାନକୁ ବିରୋଧ କରାଯାଇଛି। ପୁଣି ବ୍ରାହ୍ମଣ ହିନ୍ଦୁ ଫାସିବାଦୀ ଚନ୍ତାଧାରାକୁ ମୋଦି ସରକାର ସମର୍ଥନ କରୁଛି । ତେଣୁ ତାଙ୍କୁ ମାଓବାଦୀ ସଙ୍ଗଠନ ବିରୋଧ କରୁଥିବା ପୋଷ୍ଟରରେ ଉଲ୍ଲେଖ ରହିଛି । ବୁଧବାର ସକାଳେ ଏଠାରେ ମରାଯାଇଥିବା ପୋଷ୍ଟର ବିଷୟରେ କୋମନା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିଛି। ସୂଚନାଯୋଗ୍ୟ ଯେ, ମଙ୍ଗଳବାର ଭଇଁଷାଦାନୀରେ ବିଜୁ ଗାଁ ଗାଡି ଏକ୍ସପ୍ରେସ ବସରେ ମାଓବାଦୀମାନେ ବ୍ୟାନର ପୋଷ୍ଟର ମାରିବା ଚବିଶ ଘଣ୍ଟା ନ ପୂରୁଣୁ କୋମନା ଥାନା ଅଞ୍ଚଳରେ ପୁଣି ଏଭଳି ଏକ ଘଟଣା ପୋଲିସର ଆଖିରୁ ନିଦ ହଜାଇ ଦେଇଛି ।


**STATE COUNCIL FOR TECHNICAL EDUCATION & VOCATIONAL TRAINING, ODISHA**
**ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା**

No. 570/ Dt. 29.01.2019

**TENDER FOR HIRING OF MANPOWER ON OUTSOURCING BASIS**

No. 107-KK: Sealed tenders are invited from reputed Manpower Agencies / Service Providers having related experience for providing Manpower service on outsourcing basis for the day to day official work of SCTE & VT, Odisha. The Tender document can be downloaded from the Council website - http:/sctevtodisha.nic.in/en/ w.e.f. 29.01.2019.

For details please visit the Council website.

44002/11/0016/1819 **Sd./- Vice Chairman**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUNDARGARH**

**CORRIGENDUM**

**REQUEST FOR PROPOSAL FOR SUPPLY & INSTALLATION OF CCTV CAMERA/OTHER ACCESSORIES RELATED TO CCTV & MAINTENANCE OF CCTV CAMERA**

**(ସି.ସି.ଟିଭି କ୍ୟାମେରା ଯୋଗାଣ ଏବଂ ସ୍ଥାପନୀକରଣ ଓ ଅନ୍ୟାନ୍ୟ ସାମଗ୍ରୀ ସମ୍ବନ୍ଧେ ବିଜ୍ଞାପନ)**

**No.: 287/DHH/SNG** **Date: 29.01.2019**

No.: 826-E: The interested Agency/Firms are requested to submit RFP for **Supply & Installation of CCTV Camera/other accessories related to CCTV & Maintenance of CCTV Camera**. The Agency/Firms must be a registered licence for above work/valid GST/TAN/PAN/Experience of working in the related field for minimum of three years/local CP Plus authorized firm/agency/dealer will be given preference. The proposal will be sent through Speed Post/Regd. Post in the address of CDM & PHO CUM DISTRICT MISSION DIRECTOR, SUNDARGARH which is to be submitted on or before Dt.08.02.2019. The RFP must be subscribed in the envelope as **"Application for Supply & Installation of CCTV Camera/ other accessories related to CCTV & maintenance of CCTV Camera at DHH, Sundargarh".** The details may be obtained from the district website **www.sundargarh.nic.in**. The authority reserves right for cancellation/ modifications of the selection without assigning any reason thereof.

**Sd./- Chief District Medical & Public Health Officer, Sundargarh**

10100/11/0076/1819

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**SOUTHERN CIRCLE RURAL WORKS, SUNABEDA**
**NATIONAL COMPETITIVE BIDDING THROUGH e-Procurement**

e-mail - serwsbd2003@yahoo.com

No.363 Dt.22.01.2019

No.1460-O

1 Name of the work : Construction / upgradation of roads under PMGSY & their Maintenance or 5 years under PMGSY.
2 Total No. of packages : 67 Nos. (Percentage Rate Tender).
3 Estimated Cost : Varies from Rs.52.11 Lakhs to Rs 1461.03 Lakhs.
4 Class of contractor : "B" Class, "A" Class, Special Class and super Class (as per annexure).
5 Period of Completion : Three to Six Calendar months
6 Cost of Tender Paper : Rs. 10,000.00 per set (Non Refundable) only in shape of DD in favour of OSRRA payable at Bhubaneswar.
7 EMD Required : 2% of estimated cost of the package duly pledged in favour of Executive Engineer of the concerned Rural Works Division.
8 Original Bid Cost, EMD, Affidavit regarding correctness of documents, along with other relevant documents submission on or before **26.02.2019 up to 5.00PM.**
9. Period of availability of tenders on-line / Date & time of bidding on-line / last date of seeking clarification / Date of opening of tender papers. : The details are as follows.

| Procurement Officer | Bid identification No. | Availability of tender on line for bidding | | Last Date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Southern Circle, Sunabeda | SERWSCSBD -Online- 22/2018-19 | 01.02.2019 at 11.00AM | 21.02.2019 up to 5.00 P.M. | 20.02.2019 up to 2.00 P.M. | 22.02.2019 at 11.00 AM | 28.02.2019 at 11.00 AM |

1. Further details can be seen from the e-procurement portal http://pmgsytenders.gov.in
2. Any Corrigendum / Addendum will be displayed in the above e-tender web site.

25045/11/0027/1819 **Sd./- Superintending Engineer, Southern Circle RW, Sunabeda**

**QUOTATION CALL NOTICE**

No.106-KK: Sealed quotations are invited for disposal of old Answer Books and Drawing Sheets and other unusable forms lying in the Store Room of this Council. The last date for submission of quotation is 07.02.2019 upto 2.00 P.M. and the Quotation will be opened on the same day at 4.00 P.M. for further details, visit the website- **"http://sctevtodisha.nic.in"**.

44002/11/0015/1819 **Sd./- Vice-Chairman**

**OFFICE OF THE EXECUTIVE ENGINEER KENDRAPARA (R&B) DIVISION, KENDRAPARA**

E-mail ID: eernbkdp@gmail.com
Tel. (06727)- 220268, Fax No.(06727) - 220862

**GOVERNMENT OF OSISHA**

**"e" procurement Notice**

**e-procurement Notice for Building works**

No.1186-B

**Bid Identification No. E.E., R & B KDP-37/2018-19**

| | | | |
|---|---|---|---|
| 1. | No. of work | :- | 01 No. (Building) |
| 2. | Estimated cost | :- | Rs. 73,13,622.00 |
| 3. | Period of completion | :- | 08 (Eight) calendar months |
| 4. | Date & time of sale & receipt of bid document | :- | From 10.00 AM of 30.01.2019 to 5 PM of 13.02.2019 |
| 5. | Last date / time of receipt of bids | :- | 5 PM of 13.02.2019 |
| 6. | Date & time of opening of bids | :- | 11.00 AM of 14.02.2019 |
| 7. | Name and address of the Officer Inviting Bid | :- | Executive Engineer, Kendrapara (R&B) Division, Kendrapara |

Further details with any addendum, corrigendum, cancellation can be seen from the State Govt. portal **"https://tendersorissa.gov.in"**.

**Sd./- (Er. P.K. Mohanty) Executive Engineer, Kendrapara (R&B) Division**

34097/11/0022/1819

**ODISHA LIFT IRRIGATION CORPORATION LTD.**
**(A Government of Odisha Undertaking)**
**OFFICE OF THE EXECUTIVE ENGINEER, L. I. DIVISION, ROURKELA**
**e-mail I.D. : eeolicrourkela@gmail.com**

No. CAD-1334

ଜାତୀୟ ଇଲେକ୍ଟ୍ରୋନିକ ମାଧ୍ୟମ ଦ୍ୱାରା ସଂଗ୍ରହ ପ୍ରତିଯୋଗିତାମୂଳକ ନିଲାମ

**National Competitive Bidding Through e-Procurement**
**Identification No. EEOLICRKL-15/18-19, Dt. 28.01.2019**

**ନିର୍ବାହୀ ଯନ୍ତ୍ରୀ, ଉଠାଜଳସେଚନ ବିଭାଗ, ରାଉରକେଲାଙ୍କ ନିଲାମ ଡାକ ଚିହ୍ନଟ ବିଜ୍ଞପ୍ତି ସଂଖ୍ୟା ୧୫/୧୮–୧୯ ତାରିଖ : ୨୮.୦୧.୨୦୧୯**

| | | | |
|---|---|---|---|
| 01 | Name of Work | : | i) Installation of New L.I. Ps-6 Nos. in Lathikata block under DMF-2018-19 grant. |
| 02 | Estimated Cost | : | Rs. 49.13 Lakhs to Rs. 61.18 lakhs |
| 03 | Period of completion | : | 120 days |
| 04 | Date & Time of availability of bid document in the portal | : | From 10.30 Hrs. of 08.02.2019 to 17.00 Hrs. of 20.02.2019 |
| 05 | Last date/ time of submission of bids in office | : | 17.00 Hrs. of 22.02.2019 |
| 06 | Date & Time of opening of bids | : | 11.00 Hrs. of 23.02.2019 (Cover-I for Technical Bid) |
| 07 | Name and Address of the Officer inviting bid | : | Executive Engineer, L.I. Division, Rourkela |

Further details can be seen from the website www. tendersorissa.gov.in

**Sd./- Executive Engineer, L. I. Division, Rourkela**

32138/11/0007/1819

**GOVT.OF ODISHA**
**OFFICE OF THE DIVISIONAL FOREST OFFICER**
**BALLIGUDA FOREST DIVISION,**
**BALLIGUDA, KANDHAMAL-762103**
Tel: - 06846-243249, Fax:-06846-243066
e-mail:- dfo_balliguda@yahoo.co.in

**TENDER NOTICE FOR PURCHASE OF FIRE FIGHTING EQUIPMENTS**

**Notification Dated.**

No.152-MM: Sealed tenders are hereby invited by the undersigned from the Registered firms/authorised dealers/DGS&D rate contract holders having GST registration number for supply of the following Uniform Articles so as to reach this office on or before 15 February, 2019 by 3.00 P.M. by Registered Post/Speed Post only superscribed as "Tender for Fire Fighting Equipments" on the top of the Envelope which will be opened on the same day at 5.00 P.M. The price of each article should be specifically mentioned inclusive of all taxes and the delivery of the articles should be at Division Office Balliguda at their own cost. The tender must submitted registration certificate and VAT/ST/GST Clearance for the year 2017-18. The undersigned reserves the right to accept or reject any or all tenders without assigning any reason thereof.

**List of Articles**

| | |
|---|---|
| 01 | Fire Shoes |
| 02 | Mask (to be used during fire extinguishing) |
| 03 | Eye glasses (to be used during fire extinguishing) |

**Sd./- Divisional Forest Officer, Balliguda Forest Division**

08047/11/0005/1819

**ନିଲାମ ଇସ୍ତାହାର**

No.: 151-MM: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି ଯେ, ବ୍ରହ୍ମପୁର ବନଖଣ୍ଡ ଅଧୀନସ୍ଥ ବିଭିନ୍ନ ଜଙ୍ଗଲ (Lot) ରେ ଥିବା ନିମ୍ନଲିଖିତ କାଜୁ ଜଙ୍ଗଲ (Lot)ରେ କାଜୁ ମଞ୍ଜି (Cashew nut) ସଂଗ୍ରହ ନିମନ୍ତେ ପୁନର୍ବାର ଆସନ୍ତା ତା୧୨।୦୨।୨୦୧୯ରିଖ ଦିନ ପୂର୍ବାହ୍ଣ ଘ.୧୧.୦୦ ସମୟରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀଙ୍କ କୋର୍ଟପେଟାସ୍ଥିତ କାର୍ଯ୍ୟାଳୟରେ ପ୍ରକାଶ୍ୟ ନିଲାମ କରାଯିବ। ଯଦି ଉପରୋକ୍ତ ତାରିଖରେ କୌଣସି କାଜୁ ଜଙ୍ଗଲ (Lot) ନିଲାମ ନ ହୋଇ ରହିଯାଏ, ତାହା ପୁନର୍ବାର ତା୧୬।୦୨।୨୦୧୯ରିଖ ଦିନ ପୂର୍ବ ନିର୍ଦ୍ଧାରିତ ସ୍ଥାନ ଓ ସମୟରେ ନିଲାମ କରାଯିବ। କାଜୁ ଜଙ୍ଗଲର ନିଲାମ ସମ୍ବନ୍ଧୀୟ ସବିଶେଷ ବିବରଣୀ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରୁ ଯେକୌଣସି କାର୍ଯ୍ୟ ଦିବସରେ ମିଳିପାରିବ।

୧. ବୁଢ଼ିଘାଟୀ କାଜୁ ଜଙ୍ଗଲ
୨. ଭାଲ୍ଲେରୀ କାଜୁ ଜଙ୍ଗଲ
୩. ଡୁମନଗିରି କାଜୁ ଜଙ୍ଗଲ
୪. କେଶପୁର କାଜୁ ଜଙ୍ଗଲ

**ବନଖଣ୍ଡ ଅଧିକାରୀ, ବ୍ରହ୍ମପୁର ବନଖଣ୍ଡ**

08038/11/0004/1819

**OFFICE OF THE SUPERINTENDING ENGINEER RURAL WORKS CIRCLE, BERHAMPUR**
**(At:- Ambapua, PO:- Engineering School Near Income Tax Office, Berhampur-760011)**
E-Mail:- serwbpr2004@yahoo.com Tel/FAX:- 0680-2404287
E-Mail / E-Despatch

**NOTICE**

**FOR PRADHAN MANTRI GRAM SADAK YOJANA (PMGSY)**

**NATIONAL COMPETITIVE BIDDING THROUGH "e"-Procurement**

**Bid identification No. Online Tender/37-2018-19/PMGSY/BPR**

No.1506-O: **The Superintending Engineer, Rural Works Circle, Berhampur on behalf of Odisha State Rural Road Agency invites the percentage** rate bids **(EXCLUSIVE OF GST)** in electronic tendering system for construction of Road Works under Pradhan Mantri Gram Sadak Yojana in the districts of Boudh, Gajapati, Ganjam & Kandhamal for 87 (Eighty Seven) number of packages with estimated cost totalling to **Rs 232.53 Cr (Approximate)** including their maintenance for five years from the eligible contractors registered with **State PWD / CPWD / MES / Railways**. The registered bidder of outside Odisha can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement. Dtd. **01.02.2019**

**Availability of Bid Documents and mode of submission:** The bid document is available online and should be submitted online in **www. pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB at **Three places i.e. O/O Chief Engineer, PMGSY, Rural Works, Odisha, Bhubaneswar // Superintending Engineer, Rural Works Circle, Berhampur // Executive Engineer of the Concerned divisions** on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

**Last Date/ Time for receipt of bids through e-procurement: 21.02.2019 upto 5.00 P.M**

ମୁମ୍ବାଇ,୩୦।୧: ଭାରତୀୟ ଦଳର ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ଲୋକେଶ ରାହୁଲଙ୍କୁ ଇଂଲଣ୍ଡ ଲାୟନ୍ସ ବିପକ୍ଷ ଦିନିକିଆ ସିରିଜ୍‌ର ମଧ୍ୟରେ ସୁଯୋଗ ଦିଆଯିବା ପରେ ତାଙ୍କୁ ୪ ଦିନିଆ ଦଳରେ ମଧ୍ୟ ସାମିଲ କରାଯାଇଛି। ୧୩ ତାରିଖରୁ ଖେଳାଯିବାକୁ ଥିବା ୪ ଦିନିଆ ମ୍ୟାଚ୍ ଲାଗି ଘୋଷିତ ଭାରତ ଏ' ଦଳରେ ରାହୁଲଙ୍କୁ ସ୍ଥାନ ଦିଆଯାଇଛି। ଅଙ୍କିତ ବାୱ୍ନେଙ୍କ ଘୋଷିତ ୧୪ ଜଣିଆ ଦଳର ନେତୃତ୍ୱ ନେବେ। ପ୍ରିୟଙ୍କ ପାଞ୍ଚାଲ ଓ ଅଭିମନ୍ୟୁ ଈଶ୍ୱରନ ଦଳରେ ବ୍ୟାଟ୍ସମ୍ୟାନ ଭାବେ ସ୍ଥାନ ପାଇଛନ୍ତି। ଆନ୍ଧ୍ର ଉଇକେଟକିପର ବ୍ୟାଟ୍ସମ୍ୟାନ ଶ୍ରୀକାର ଭରତ ଓ ଅଲରାଉଣ୍ଡର ଜଲଜ ସକ୍ସେନାଙ୍କୁ ଦଳରେ ସାମିଲ କରାଯାଇଛି। ଦଳରେ ସ୍ପିନର ଭାବେ ମୟଙ୍କ ମାର୍କଣ୍ଡେ ଓ ଶାହାବାଜ ନଦିମ ସ୍ଥାନ ପାଇଥିବାବେଳେ ଦ୍ରୁତ ବୋଲରଙ୍କ ବିଭାଗ ନବଦୀପ ସାଇନି, ଶାର୍ଦ୍ଦୁଳ ଠାକୁର, ଅଭେଷ ଖାଁ ଓ ବରୁନ ଆରୋନ ଦଳରେ ରହିଛନ୍ତି।
**ଭାରତୀୟ ଏ' ଦଳ:** ଅଙ୍କିତ ବାୱ୍ନେ (ଅଧିନାୟକ), ଲୋକେଶ ରାହୁଲ, ପ୍ରିୟଙ୍କ ପାଞ୍ଚାଲ, ରିକି ଭୁଇ, ସିଦ୍ଧେଶ ଲାଡ, କେ. ଏସ୍. ଭରତ (ଉଇକେଟକିପର), ଜଲଜ ସକ୍ସେନା, ଶାହବାଜ ନଦୀମ, ମୟଙ୍କ ମାର୍କଣ୍ଡେ, ନବଦୀପ ସାଇନି, ଶାର୍ଦ୍ଦୁଳ ଠାକୁର ଓ ଅଭେଶ ଖାଁ ଓ ବରୁନ ଆରୋନ।

# ରୋହିତଙ୍କ ଉପରେ ନଜର

**ହାମିଲଟନ, ୩୦।୧(ପି.ଟି.)**

ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ଗୁରୁବାର ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ଭାରତ ମଧ୍ୟରେ ଚତୁର୍ଥ ଦିନିକିଆ ମ୍ୟାଚ୍ ଖେଳାଯିବ। ନିୟମିତ ଅଧିନାୟକ ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯାଇଛି। ଫଳରେ ୨୦୦ତମ ଦିନିକିଆ ମ୍ୟାଚ୍ ଖେଳିବାକୁ ଯାଉଥିବା କାମଚଳା ଅଧିନାୟକ ରୋହିତ ଶର୍ମାଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ୫ ମ୍ୟାଚ୍ ବିଶିଷ୍ଟ ସିରିଜରେ ୩–୦ରେ ଅଗ୍ରଣୀ ହେବା ସହ ଭାରତ ଆଗୁଆ ସିରିଜ୍ ହାତେଇ ନେଇଛି। ଫଳରେ ରୋହିତ୍‌ଙ୍କ ନେତୃତ୍ୱରେ ଭାରତ ଏହି ବିଜୟଧାରା ବଜାୟ ଲକ୍ଷ୍ୟରେ ରହିଛି। କାମଚଳା ଅଧିନାୟକ ଭାବେ ରୋହିତଙ୍କ ରେକର୍ଡ ଜବରଦସ୍ତ ରହିଛି। ଦିନିକିଆ ଫର୍ମାଟରେ ୩ଟି ଦ୍ୱିଶତକ ହାସଲ କରିଥିବା ରୋହିତ୍ ସେଡନ୍ ପାର୍କର ଏହି ବ୍ୟାଟିଂ ଫ୍ରେଣ୍ଡଲି ଉଇକେଟ ପୁଣି କମାଲ କରିବେ ବୋଲି ଆଶା କରାଯାଉଛି। ୪–୦ରେ ଅଗ୍ରଣୀ ହେଲେ ଭାରତ ସବୁ ଫର୍ମାଟ ଦୃଷ୍ଟିକୋଣରୁ ୫୨ ବର୍ଷ ମଧ୍ୟରେ ସର୍ବବୃହତ୍ ସିରିଜ ବିଜୟ ହାସଲ କରିବ। ୧୯୭୬ରେ ନ୍ୟୁଜିଲାଣ୍ଡ ଗସ୍ତ କରିବା ପରଠାରୁ ଭାରତ ପାଇଁ ଏହା ସର୍ବବୃହତ୍ ସିରିଜ ବିଜୟ ସାବ୍ୟସ୍ତ ହେବ।

ସିରିଜର ବାକି ଦୁଇଟି ମ୍ୟାଚ୍‌ରେ ଭାରତ ତା'ର ବେଞ୍ଚ୍ ଷ୍ଟ୍ରେନ୍ଥକୁ ପରୀକ୍ଷା କରିବ। ଯୁବ ଖେଳାଳିମାନେ ମ୍ୟାଚ୍‌ର ଭିନ୍ନ ଭିନ୍ନ ସ୍ଥିତି ଅନୁଭବ କରିବା ସହ ଅଭିଜ୍ଞତା ହାସଲ କରିବେ। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କ ଆଘାତ ସମସ୍ୟା ସେତେଟା ଗୁରୁତର ନୁହଁ ବୋଲି ଦଳୀୟ ସୂତ୍ରରୁ ଜଣାଯାଇଛି। ତାଙ୍କ ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରି ନେଇ ସେତେଟା ବ୍ୟସ୍ତ ହେବାର ନାହିଁ। ତେବେ ଗୁରୁବାର ଟସ୍ ପଡିବା ପୂର୍ବରୁ ସେ ଖେଳିବେ କି ନା ତାହା ଜଣାପଡିବ। ଧୋନୀ ଖେଳିଲେ ଦଳୀୟ ସଂଯୋଜନାରେ କୌଣସି ପରିବର୍ତ୍ତନ ହେବ ନାହିଁ। କାରଣ ସେ କୋହଲିଙ୍କ ସ୍ଥାନରେ ଖେଳିବେ। କୋହଲିଙ୍କୁ ଦୁଇଟି ଦିନିକିଆରୁ ବିଶ୍ରାମ ଦିଆଯାଇଛି। ଯୁବ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ଶୁବମନ ଗିଲ ଏହି ମ୍ୟାଚ୍‌ରେ ପଦାର୍ପଣ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ୧୯ ବର୍ଷୀୟ ଶୁବମନ କୋହଲିଙ୍କ ଭଳି ଶଟ୍ ଖେଳୁଥିବା କୁହାଯାଉଛି। ୧୯ ବର୍ଷରେ ଶୁବମନଙ୍କର ମୁଁ ୧୦ ପ୍ରତିଶତ ଖେଳୁ ନ ଥିଲି ବୋଲି କୋହଲି ଭାରତର ସିରିଜ ବିଜୟ ପରେ କହିଥିଲେ। ଫଳରେ ଏହି ଯୁବ ବ୍ୟାଟ୍ସମ୍ୟାନଙ୍କୁ ନେଇ ପ୍ରଶଂସକଙ୍କ ଉତ୍ସୁକତା ବଢିବାରେ ଲାଗିଛି। କୋଚ୍ ରବି ଶାସ୍ତ୍ରୀ ଓ ରୋହିତ ଶୁବମନଙ୍କୁ ୪ ନମ୍ବରରେ ବ୍ୟାଟିଂ କରିବାକୁ ସୁଯୋଗ ଦେଇପାରନ୍ତି। ଯଦିଓ ଏହି କ୍ରମରେ ଅମ୍ବାତି ରାୟୁଡୁ ପ୍ରଭାବୀ ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି। ଯଦି ଧୋନୀ ଓ ଗିଲ୍ ଖେଳନ୍ତି ତେବେ ଦୀନେଶ କାର୍ତ୍ତିକଙ୍କୁ ବିଶ୍ରାମ ଦିଆଯାଇ ପାରେ।

> **ଆଜି ଚତୁର୍ଥ ଦିନିକିଆ**
> ■ସମୟ: ସକାଳ ୭.୩୦
> ■ସ୍ଥାନ: ହାମିଲଟନ
> ■ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଦୁଇ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲ ଭାରତୀୟ ବୋଲିଂ ବିଭାଗକୁ ଦୃଢ କରିଛନ୍ତି। ୩ଟି ମ୍ୟାଚ୍‌ରୁ କୁଲଦୀପ ୮ ଓ ଚହଲ ୬ଟି ଉଇକେଟ ହାସଲ କରିଛନ୍ତି। ଦୁଇ ବୋଲର ମୋଟ ଉପରେ ୧୪ଟି ଉଇକେଟ ହାସଲ କରିଛନ୍ତି। କ୍ରମାଗତ ଭାବେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ତାରକା ଦ୍ରୁତ ବୋଲର ମହମ୍ମଦ ସାମିଙ୍କୁ ବିଶ୍ରାମ ଦିଆଯାଇପାରେ। ସେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜଠାରୁ କ୍ରମାଗତ ଭାବେ ଖେଳି ଆସୁଛନ୍ତି। ସାମିଙ୍କୁ ବିଶ୍ରାମ ଦିଆଗଲେ ଖଲିଲ ଅହମ୍ମଦ କିମ୍ବା ମହମ୍ମଦ ସିରାଜଙ୍କୁ ପୁଣି ସୁଯୋଗ ମିଳିପାରେ। ଫଳରେ ବିଶ୍ୱକପ୍ ପାଇଁ ଜଣେ ରିଜର୍ଭ ପେସ୍ ବୋଲରଙ୍କର ଚୟନ ହୋଇପାରିବ।

ଅପରପକ୍ଷରେ ନ୍ୟୁଜିଲାଣ୍ଡ ସମସ୍ୟାରେ ରହିଛି। ଅଧିନାୟକ କେନ୍ ୱିଲିୟମସନ ଏକଥା ସ୍ୱୀକାର କରିଛନ୍ତି। ଭାରତ ଆମକୁ ସବୁ ବିଭାଗରେ ପରାସ୍ତ କରିଛି ବୋଲି ସେ କହିଛନ୍ତି। କୁଲଦୀପ ଓ ଚହଲଙ୍କୁ ସମ୍ମୁଖୀନ ହେବାରେ ଘରୋଇ ବ୍ୟାଟ୍ସମ୍ୟାନ ବିଫଳ ହୋଇଛନ୍ତି। ୱିଲିୟମସନ ଭଲ ଆରମ୍ଭ କରିଥିଲେ ମଧ୍ୟ ବଡ଼ ସ୍କୋର ହାସଲ କରିପାରି ନାହାନ୍ତି। ସେ ଏପର୍ଯ୍ୟନ୍ତ ୩ଟି ମ୍ୟାଚ୍‌ରୁ ୬୪, ୨୦ ଓ ୨୮ ରନ ସଂଗ୍ରହ କରିଛନ୍ତି। ମାର୍ଟିନ ଗୁପ୍ଟିଲ ବେଶ୍ ବିପଜ୍ଜନକ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସଫଳ ହୋଇ ପାରିନାହାନ୍ତି। ଟମ୍ ଲାଥମ ଓ ରସ ଟେଲର ବେଳେ ବେଳେ ଭଲ ପ୍ରଦର୍ଶନ କରିଛନ୍ତି।

## ଯୁବ ଖେଳାଳିଙ୍କ ପାଇଁ ସୁଯୋଗ

**ମହିନ୍ଦର ଅମରନାଥ**

ଅଷ୍ଟ୍ରେଲିଆକୁ ହରାଇବା ଭାରତୀୟ କ୍ରିକେଟ ଦଳ ପାଇଁ ଏକ ବଡ଼ ଉପଲବ୍ଧି ଥିଲା। କିନ୍ତୁ ଘରୋଇ ନ୍ୟୁଜିଲାଣ୍ଡକୁ ହରାଇବା ଆହୁରି ଏକ ବଡ଼ ସଫଳତା ବୋଲି ମୁଁ ଭାବୁଛି। କାରଣ ୨୦୦୯ ପରଠାରୁ ଭାରତ ନ୍ୟୁଜିଲାଣ୍ଡ ମାଟିରେ ଗୋଟିଏ ହେଲେ ବି ଦିନିକିଆ ମ୍ୟାଚ୍ ଜିତିପାରି ନଥିଲା। ବିରାଟ କୋହଲି ପୁଣି ଥରେ ଅଧିନାୟକ ଭାବେ ଦଳକୁ ନିଜ ନେତୃତ୍ୱ ଓ ପ୍ରଦର୍ଶନ ବଳରେ ଜିତାଇବାରେ ସକ୍ଷମ ହୋଇଛନ୍ତି।

ଟିମ୍ ଇଣ୍ଡିଆର କମ୍ବିନେଶନ ଅତ୍ୟନ୍ତ ଚମତ୍କାର। ବିଶ୍ୱ କ୍ରିକେଟରରେ, ଭାରତ ନିକଟରେ ବୋଲରଙ୍କୁ ନେଇ ବିବିଧତା ରହିଛି। ବିଭିନ୍ନ ଦଳ ଓ ଭିନ୍ନ ଭିନ୍ନ ପରିସ୍ଥିତିରେ ଭାରତ ଏହି ବୋଲରମାନଙ୍କୁ ବ୍ୟବହାର କରିପାରିବ। ଭାରତୀୟ ବୋଲିଂ ଲାଇନ୍‌କୁ ସୁଦୃଢ଼ କରିଛନ୍ତି ଦୁଇ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ। ଏହି ଦୁଇ ସ୍ପିନରଙ୍କ ବୋଲିଂ ଶୈଳୀ ଭିନ୍ନ ପ୍ରକାର ହୋଇଥିବାର ଦଳ ଏହାର ଫାଇଦା ଉଠାଇପାରୁଛି। ବର୍ତ୍ତମାନ ଏହି ଦୁଇଜଣଙ୍କ ଭଳି ସ୍ପିନର ବିଶ୍ୱରେ କେଉଁଠାରେ ମିଳିବେ ନାହିଁ। ଏହା ଭାରତ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଛି।

ବର୍ତ୍ତମାନ ଭାତରୀୟ ଦଳ ଅତ୍ୟନ୍ତ ସୁଦୃଢ଼ ମନେହେଉଛି। ୮୦ ଓ ୯୦ ଦଶକର ୱେଷ୍ଟଇଣ୍ଡିଜ ଦଳ ଭଳି ଭାରତ ଏବେ ପୂରା ଆତ୍ମବିଶ୍ୱାସର ସହ ଖେଳୁଛି। ଏବେ ଭାରତକୁ ନେଇ ବିଶ୍ୱର ଅନ୍ୟ ଦଳଗୁଡିକ ବେଶ୍ ଚିନ୍ତିତ ରହୁଛନ୍ତି। ମୋଟାମୋଟି ଉପରେ ଆଗାମୀ ବିଶ୍ୱକପ୍ ପାଇଁ ଭାରତର ପ୍ରସ୍ତୁତି ଅତ୍ୟନ୍ତ ସୁନ୍ଦର ବୋଲି କୁହାଯାଇପାରେ। କେତେଜଣ ଖେଳାଳିଙ୍କୁ ନେଇ ଭାରତ ପରୀକ୍ଷା ନିରୀକ୍ଷା କରିଛି ଓ ସେମାନେ ସଫଳ ହୋଇଛନ୍ତି। ତେଣୁ ବିଶ୍ୱକପ୍ ପାଇଁ ଦଳ ଚୟନ କରିବା ବେଳେ ଚୟନକର୍ତ୍ତାମାନେ ନିଶ୍ଚିତ ଭାବେ ସମସ୍ୟାରେ ପଡିବେ। ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ସିରିଜ ପରେ ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ କେତୋଟି ମାସ ରହିବ। ପୁଣି ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ମଧ୍ୟ ଖେଳାଯିବ। ତେବେ ବିଶ୍ୱକପ୍ ଦଳ ଚୟନ ବେଳେ ଆଇପିଏଲ୍ ପ୍ରଦର୍ଶନକୁ ମାପକାଠି ରୂପେ ବ୍ୟବହାର କରାଯିବା ଠିକ୍ ହେବ ନାହିଁ। ଆନ୍ତର୍ଜାତିକ କ୍ରିକେଟରେ ପ୍ରଦର୍ଶନକୁ ଭିତ୍ତିକରି ବିଶ୍ୱକପ ଦଳ ଚୟନ କରାଯିବା ଉଚିତ୍ ହେବ।

ଚଳିତ ସିରିଜର ଅନ୍ତିମ ଦୁଇଟି ଦିନିକିଆ ଓ ଟି୨୦ ସିରିଜରୁ କୋହଲିଙ୍କୁ ବିଶ୍ରାମ ଦେବା ନିଷ୍ପତ୍ତି ସ୍ୱାଗତ ଯୋଗ୍ୟ ଓ ଏହା ନିଶ୍ଚିତ ଭାବେ ଏକ ଚତୁର ନିଷ୍ପତ୍ତି। କୋହଲି ଗତକେତେ ମାସ ହେବ ସବୁ ଫର୍ମାଟରେ ଖେଳିଆସୁଛନ୍ତି। ପୁଣି ତାଙ୍କ ଅନୁପସ୍ଥିତିରେ ଅନ୍ୟ ଯୁବ ଖେଳାଳିମାନଙ୍କ ପାଇଁ ସୁଯୋଗ ମଧ୍ୟ ସୃଷ୍ଟି ହୋଇ ପାରିବ। କୋହଲିଙ୍କ ଅନୁପସ୍ଥିତିରେ ଭାରତ ସିରିଜ୍‌ରେ କ୍ଲିନ୍ ସୁଇପ୍ କରିପାରିବ ନାହିଁ ବୋଲି ଘରୋଇ ଦଳ ଚିନ୍ତା କରୁଥିବ। ତେବେ ଭାରତ ସିରିଜ ଜିତିସାରିଛି। ଅତିକମ୍‌ରେ ଭାରତ ୩–୨ରେ ସିରିଜ ଜିତିବା ଏକ ପ୍ରକାର ନିଶ୍ଚିତ ହୋଇ ସାରିଛି। **(ଗେମ୍ ପ୍ଲାନ୍)**

THE ULTIMATE INVERTER BATTERY
EXIDE
INVATUBULAR



ଫ୍ରାନ୍ସ ବିପକ୍ଷ ୪ ମ୍ୟାଚ୍ ବିଶିଷ୍ଟ ସିରିଜ ପାଇଁ ମନୋନୀତ ଭାରତୀୟ ଜୁନିୟର ମହିଳା ହକି ଦଳ।

# ଭାରତୀୟ ଦଳରେ ଓଡ଼ିଶାର ୪

**ଜୁନିୟର ମହିଳା ହକି**

**ଭୁବନେଶ୍ୱର, ୩୦।୧(କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ଜୁନିୟର ମହିଳା ହକି ଦଳ ଫ୍ରାନ୍ସ ବିପକ୍ଷରେ ଫେବୃୟାରୀ ୮ରୁ ୧୩ ପର୍ଯ୍ୟନ୍ତ ୪ମ୍ୟାଚ ବିଶିଷ୍ଟ ସିରିଜ ଖେଳିବ। ମ୍ୟାଚ ଗୁଡ଼ିକ ଉତ୍ତର ପ୍ରଦେଶର ଲକ୍ଷ୍ନୌ ଓ ଗୋରଖପୁରଠାରେ ଖେଳାଯିବ। ଏହି ସିରିଜ ପାଇଁ ବୁଧବାର ଘୋଷିତ ଭାରତୀୟ ଦଳରେ ୪ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଫିଲିସିଆ ଟପ୍ପୋ, ମିଡ୍‌ଫିଲ୍ଡର ମାରିଆନା କୁଜୁର, ଫରୱାର୍ଡ ଜିୱନ କିଶୋରୀ ଟପ୍ପୋ ଏବଂ ଆଜମିନା କୁଜୁର।
ହକି ଇଣ୍ଡିଆ ପକ୍ଷରୁ ପ୍ରକାଶିତ ଖେଳାଳି ତାଲିକା ଅନୁସାରେ ସାଲିମା ଟେଟେ ଭାରତୀୟ ଦଳର ନେତୃତ୍ୱ ନେବେ ଏବଂ ଲାଲରେମସିଆମି ଉପଅଧିନାୟିକା ଦାୟିତ୍ୱ ତୁଲାଇବେ। ସିରିଜର ପ୍ରଥମ ୨ଟି ମ୍ୟାଚ ଫେବୃୟାରୀ ୮ ଓ ୯ ତାରିଖରେ ଲକ୍ଷ୍ନୌରେ ଖେଳାଯିବ। ତୃତୀୟ ମ୍ୟାଚ ୧୧ରେ ଗୋରଖପୁରରେ ଏବଂ ୪ର୍ଥ ମ୍ୟାଚ ୧୩ ତାରିଖରେ ଲକ୍ଷ୍ନୌରେ ଅନୁଷ୍ଠିତ ହେବ। "ଫ୍ରାନ୍ସ ବିପକ୍ଷ ମ୍ୟାଚ ଗୁଡ଼ିକ ଆମ ଖେଳାଳିଙ୍କୁ ଫିଟ୍ ରଖିବାରେ ସହାୟକ ହେବ ଏବଂ ବିଭିନ୍ନ ସ୍ଥାନରେ ଖେଳିବାର ଅଭିଜ୍ଞତା ଆଣିବ। ଆଗକୁ ମହିଳା ଜୁନିୟର ଏସିଆ କପ୍ ଆସୁଥିବାରୁ ଏହି ସିରିଜ ଖେଳି ଖେଳାଳିମାନେ ଆଗାମୀ ଦିନରେ ଆସୁଥିବା ବଡ଼ ଚ୍ୟାଲେଞ୍ଜ ପାଇଁ ନିଜକୁ ପ୍ରସ୍ତୁତ କରି ପାରିବେ ବୋଲି କୋଚ୍ ବଲଜୀତ ସିଂ ପ୍ରକାଶ କରିଛନ୍ତି।

**ଭାରତୀୟ ଦଳ**
ଗୋଲକିପର: ବିଚୁ ଦେବୀ ଖାରିବାମ୍, ଖୁସ୍‌ବୁ। ଡିଫେଣ୍ଡର: ଫିଲିସିଆ ଟପ୍ପୋ, ଗଗନଦୀପ କୌର, ସାଲିମା ଟେଟେ(ଅଧିନାୟିକା), ପ୍ରିୟଙ୍କା, ସୁମଦ ଦେବୀ ଥୁଡବାମ୍, ଈଶିକା ଚୌଧାରୀ। ମିଡ୍‌ଫିଲ୍ଡର: ମହିମା ଚୌଧାରୀ, ପ୍ରଭଲେନ କୌର, ମାରିଆନା କୁଜୁର, ରୀତ୍, ବଲଜୀତ କୌର, ପ୍ରୀତି। ଫରୱାର୍ଡ: ଲାଲରେମସିଆମି, ଶର୍ମିଳା ଦେବୀ, ମୁମତାଜ ଖାଁ, ଜିୱନ କିଶୋରୀ ଟପ୍ପୋ, ଆଜମିନା କୁଜୁର, ଜ୍ୟୋତି।

## ଆଇ-ଲିଗ୍ ଫୁଟବଲ ଆରୋଜ୍–ନେରୋକା ମ୍ୟାଚ ଶୁକ୍ରବାର

**ଭୁବନେଶ୍ୱର, ୩୦।୧(କ୍ରୀଡ଼ା ପ୍ରତିନିଧି)**

ଚଳିତ ଆଇ ଲିଗ୍ ଫୁଟବଲର ଏକ ମ୍ୟାଚ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। କଳିଙ୍ଗ ଷ୍ଟାଡିୟମକୁ ଘରୋଇ ପଡ଼ିଆଭାବେ ବ୍ୟବହାର କରୁଥିବା ଇଣ୍ଡିଆନ ଆରୋଜ ଏହି ମ୍ୟାଚରେ ନେରୋକା ଏଫସିକୁ ଭେଟିବ। ଏହି ମ୍ୟାଚ ପୂର୍ବରୁ ଗୁରୁବାର ନେରୋକା ଦଳ ଅପରାହ୍ନ ୨ଟା ଏବଂ ଆରୋଜ ଅପରାହ୍ନ ୪ଟାରେ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ କରିବ। ଏହାକୁ ମିଶାଇ ଇଣ୍ଡିଆନ ଆରୋଜ କ୍ରମାଗତ ୪ଟି ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଖେଳିବା କାର୍ଯ୍ୟକ୍ରମ ରହିଛି। ଦଳ ୫ ତାରିଖରେ ମିନର୍ଭା ପଞ୍ଜାବ, ୮ରେ ଚେନ୍ନାଇ ସିଟି ଏବଂ ୨୪ରେ ରିୟଲ କଶ୍ମୀର ସହିତ ଖେଳିବ। ସମସ୍ତ ମ୍ୟାଚ ଅପରାହ୍ନ ୨ଟାରେ ଖେଳାଯିବ। ବୁଧବାର ସୁଦ୍ଧା ଇଣ୍ଡିଆନ ଆରୋଜ ୧୪ଟି ମ୍ୟାଚ ଖେଳି ୪ ବିଜୟ, ୧ ଡ୍ର, ୯ ପରାଜୟ ସହ ୧୩ ପଏଣ୍ଟ ପାଇ ଟେବୁଲର ୮ମ ସ୍ଥାନରେ ରହିଛି। ଦଳ ୯ଟି ଗୋଲ ଦେଇଥିବାବେଳେ ୧୮ ଗୋଲ ବରଣ କରିଛି। ତେଣୁ ଗୋଲ ସ୍କୋରିଂରେ ଦଳ ଦୁର୍ବଳ ରହିଥିବା ପରିସଂଖ୍ୟାନରୁ ଜଣାପଡୁଛି। ଅନ୍ୟପକ୍ଷରେ ନେରୋକା ୧୪ଟି ମ୍ୟାଚ ଖେଳି ୬ ବିଜୟ, ୪ ଡ୍ର ଏବଂ ୪ ପରାଜୟ ସହିତ ୨୨ ପଏଣ୍ଟ ପାଇ ୫ମ ସ୍ଥାନ ଅଧିକାର କରିଛି। ଦଳ ୧୭ ଗୋଲ ଦେଇଥିବାବେଳେ ୧୩ ଗୋଲ ବରଣ କରିଛି। ତେଣୁ ନେରୋକାକୁ ଟକ୍କର ଦେବାକୁ ହେଲେ ଇଣ୍ଡିଆନ ଆରୋଜକୁ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିବାକୁ ପଡ଼ିବ। ଚେନ୍ନାଇ ସିଟି ୩୦, ଚର୍ଚ୍ଚିଲ ବ୍ରଦର୍ସ ୨୮ ଓ ରିୟଲ କଶ୍ମୀର ୨୮ ପଏଣ୍ଟ ହାସଲ କରି ଟେବୁଲର ଶୀର୍ଷ ୩ ସ୍ଥାନ ଅଧିକାର କରିଛନ୍ତି।

## ଟପ୍ସରେ ସାମିଲ ହେଲେ ଓଡ଼ିଆ ପାରା ଆଥ୍‌ଲେଟ୍ ଜୟନ୍ତୀ

**ନୂଆଦିଲ୍ଲୀ, ୩୦।୧(ପି.ଟି.)**

ପାରା–କ୍ରୀଡ଼ାକୁ ଗୁରୁତ୍ୱ ଦେବାକୁ ଯାଇ ବୁଧବାର ୧୨ଜଣ ପାରା ଆଥ୍‌ଲେଟ୍‌ଙ୍କୁ ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ (ଟପ୍ସ)ରେ ସାମିଲ କରାଯାଇଛି। ଯେଉଁଥିରେ ଦୁଇଥର ଏସିଆନ୍ ସ୍ୱର୍ଣ୍ଣ ପଦକ ବିଜୟୀ ହାଇଜମ୍ପର ଶରଦ କୁମାର ରହିଛନ୍ତି। ସେହିଭଳି ଓଡ଼ିଶା (ସାକ୍ଷୀଗୋପାଳ)ର ଟ୍ରାକ୍ ଆଣ୍ଡ୍ ଫିଲ୍ଡ ପାରା ଆଥ୍‌ଲେଟ୍ ଜୟନ୍ତୀ ବେହେରା ମଧ୍ୟ ଏହି ୧୨ଜଣିଆ ଖେଳାଳି ତାଲିକାରେ ସ୍ଥାନ ପାଇଛନ୍ତି। ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ପକ୍ଷରୁ ପାରା–ଆଥ୍‌ଲେଟିକ୍ସ, ପାରା–ଶୁଟିଂ, ପାରା–ସୁଇମିଂ ଓ ପାରା–ପାୱାରଲିଫ୍ଟିଙ୍ଗ ୪ଟି କ୍ରୀଡ଼ା ବିଭାଗର ସମୀକ୍ଷା କରାଯାଇ ଏହି ନିଷ୍ପତ୍ତି ନିଆଯାଇଛି। ୨୦୨୦ ଟୋକିଓ ଅଲିମ୍ପିକକୁ ଲକ୍ଷ୍ୟରେ ରଖି ଏହି ଆଥ୍‌ଲେଟ୍‌ମାନଙ୍କୁ ଟପ୍ସ ପାଇଁ ଚୟନ କରାଯାଇଛି ବୋଲି ସାଇ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ବର୍ତ୍ତମାନର ବିଶ୍ୱ ର୍ୟାଙ୍କିଙ୍ଗ୍ ଓ ନିକଟ ଅତୀତର ପ୍ରଦର୍ଶନକୁ ଲକ୍ଷ୍ୟ ରଖି ପାରା–ଆଥ୍‌ଲେଟ୍‌ମାନଙ୍କୁ ଚୟନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଟପ୍ସରେ ସାମିଲ ହୋଇଥିବା କ୍ରୀଡ଼ାବିତ୍‌ଙ୍କୁ ଅଲିମ୍ପିକ ପୂର୍ବ ପ୍ରସ୍ତୁତି ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ।
**ଟପ୍ସରେ ସାମିଲ ହୋଇଥିବା ୧୨ ପାରା–କ୍ରୀଡ଼ାବିତ୍:** ଶରଦ କୁମାର (ପୁରୁଷ ହାଇଜମ୍ପ), ବରୁଣ ଭଟି (ପୁରୁଷ ହାଇଜମ୍ପ), ସନ୍ଦୀପ ଚୌଧାରୀ, ସୁମିତ୍, ସୁନ୍ଦର ସିଂ ଗୁରଜାର, ରିଙ୍କୁ (ସମସ୍ତେ ପୁରୁଷ ଜାଭେଲିନ୍ ଥ୍ରୋ), ଅମିତ୍ ସରୋହା (ପୁରୁଷ କ୍ଲବ ଥ୍ରୋ), ବୀରେନ୍ଦର (ପୁରୁଷ ଶଟ୍‌ପୁଟ୍), ଜୟନ୍ତୀ ବେହେରା (ମହିଳା ୪୦୦ ମିଟର), ମନିଷ ନରୱାଲ, ସିଂହରାଜ (ଉଭୟ ପୁରୁଷ ୧୦ ମିଟର ଏୟାର ପିସ୍ତଲ ଓ ୫୦ ମିଟର ମିକ୍ସଡ୍ ପିସ୍ତଲ), ଦୀପେନ୍ଦର (ପୁରୁଷ ୧୦ ମିଟର ପିସ୍ତଲ)।

# ନାଗପୁର କରିମ ସ୍ପୋର୍ଟ୍ସ ବିଜୟୀ

**ସର୍ବଭାରତୀୟ ଲାଲମନି କ୍ରିକେଟ**

**ସୋନପୁର,୩୦।୧(ନି.ପ୍ର.)**

ସ୍ଥାନୀୟ ଗାନ୍ଧୀ ପଡ଼ିଆରେ ଚାଲିଥିବା ସର୍ବଭାରତୀୟ ଲାଲମନି କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ମ୍ୟାଚ୍‌ରେ କରିମ ସ୍ପୋର୍ଟ୍ସ ନାଗପୁର ୮ ଉଇକେଟ୍‌ରେ ବିଜୟ ଲାଭ କରିଛି। ଟୁର୍ନାମେଣ୍ଟର ପଞ୍ଚମ ଦିବସରେ କରିମ ସ୍ପୋର୍ଟ୍ସ (ନାଗପୁର) ଓ ହଲଦ୍ୱାନୀ କ୍ରିକେଟର୍ସ (ଉତ୍ତରାଖଣ୍ଡ) ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉତ୍ତରାଖଣ୍ଡ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୬.୪ ଓଭରରେ ସମସ୍ତ ଉଇକେଟ ହରାଇ ୮୦ ରନ୍ କରିବାକୁ ସମର୍ଥ ହୋଇଥିଲା। ପ୍ରଭାକର ନୈନୱାଲା ୧୮ ବଲରୁ ସର୍ବାଧିକ ୨୬ ରନ କରିଥିଲେ। କରିମ ସ୍ପୋର୍ଟ୍ସ ପକ୍ଷରୁ କାର୍ତ୍ତିକ ନାଇଡୁ ଚମତ୍କାର ବୋଲିଂ କରି ଏକ ହ୍ୟାଟ୍ରିକ୍ ସହ ମାତ୍ର ୮ ରନ୍‌ରେ ୫ଟି ଉଇକେଟ ଅକ୍ତିଆର କରିଥିଲେ। ୮୧ ରନ୍‌ର ବିଜୟ ଲକ୍ଷ୍ୟକୁ କରିମ ସ୍ପୋର୍ଟ୍ସ ଦଳ ୮.୧ ଓଭରରେ ୩ ଉଇକେଟ ବିନିମୟରେ ହାସଲ କରି ନେଇଥିଲା। ରବିନ ସିଂ ୧୭ ବଲରୁ ୩୮ ଓ ବୈଭବ ଚାନ୍ଦେକର ୧୯ ବଲରୁ ୨୯ ରନ୍ ସଂଗ୍ରହ କରିଥିଲେ। ହଲଦ୍ୱାନୀ କ୍ରିକେଟର୍ସ ପକ୍ଷରୁ ପୃଥ୍ୱୀ ଗାଇରା ଓ ଦେବେନ୍ଦ୍ର କୁଅଁର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଟି୧୦ ମ୍ୟାଚ୍‌ରେ ହଲଦ୍ୱାନୀ କ୍ରିକେଟର୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ବିନିମୟରେ ୧୦୧ ରନ୍ କରିଥିଲା। ଦଳ ପକ୍ଷରୁ ଦେବେନ୍ଦ୍ର କୁଅଁର ୨୨ ବଲରୁ ୪୭ ଓ ସୌରଭ ରାୱତ ୧୫ ବଲରୁ ୨୯ ରନ୍ ସଂଗ୍ରହ କରିଥିଲେ। କରିମ ସ୍ପୋର୍ଟ୍ସ ପକ୍ଷରୁ ବୈଭବ ଚାନ୍ଦେକର ୨ଟି ଓ ଆଶୁତୋଷ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଟି୨୦ ମ୍ୟାଚ୍‌ରେ କରିମ ସ୍ପୋର୍ଟ୍ସ ବୋନସ ୯ ପଏଣ୍ଟ ପାଇଥିବାରୁ ଦଳର ଇନିଂସ ୯ ରନରୁ ଆରମ୍ଭ ହୋଇଥିଲା ଓ ବିଜୟ ଲକ୍ଷ୍ୟକୁ କରିମ ସ୍ପୋର୍ଟ୍ସ ୬ ଓଭରରେ ମାତ୍ର ୨ ଉଇକେଟ ବିନିମୟରେ ହାସଲ କରି ନେଇଥିଲା। ଦଳ ପକ୍ଷରୁ ରବିନ ସିଂହ ୧୨ ବଲରୁ ଧୂଆଁଧାର ୩୫, ବୈଭବ ଲାଣ୍ଡେ ୧୨ ବଲରୁ ୨୧ ଓ ବୈଭବ ଚୌକ୍‌ସି ୧୨ ବଲରୁ ଅପରାଜିତ ୨୯ ରନ୍ ସଂଗ୍ରହ କରିଥିଲେ। କରିମ ସ୍ପୋର୍ଟ୍ସର କାର୍ତ୍ତିକ ନାଇଡୁଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ ରାଜେଶ ମଲ୍ଲିକ ଓ ରୂପେଶ ଅଗ୍ରୱାଲା। ମ୍ୟାଚ୍ ପରିଚାଳନା କରିଥିଲେ ସମୀର ପାଣିଗ୍ରାହୀ ଓ ସଚ୍ଚିଦାନନ୍ଦ ପଣ୍ଡା। ସ୍କୋରର ଥିଲେ ରାଜେଶ ଅଗ୍ରୱାଲା। ଧାରା ବିବରଣୀ ପ୍ରଦାନ କରିଥିଲେ ପ୍ରଜ୍ଞା ପ୍ରିୟଦର୍ଶନୀ ମିଶ୍ର, ଅଚ୍ୟୁତ ମିଶ୍ର ଓ ବି.ଏସ୍. ରାଓ। ଗୁରୁବାର କରିମ୍ ସ୍ପୋର୍ଟ୍ସ ନାଗପୁର ଓ ସେରସା ରେଲୱେ ଆଦ୍ରା(ପଶ୍ଚିମବଙ୍ଗ) ମଧ୍ୟରେ ମ୍ୟାଚ୍ ହେବ।



କରିମ୍ ସ୍ପୋର୍ଟ୍ସର କାର୍ତ୍ତିକ ନାଇଡୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।

## ■ ଆନ୍ତଃ ଜିଲା ବିମ୍ବାଧର ସାହୁ ମେମୋରିଆଲ କ୍ରିକେଟ

# ଭଦ୍ରକ ସୂର୍ଯ୍ୟଶିଖା ଫାଇନାଲରେ

**ଭଣ୍ଡାରିପୋଖରୀ, ୩୦।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡସ୍ଥିତ ଡାକ୍ତରଖାନା ଖେଳପଡ଼ିଆରେ ଚାଲିଥିବା ଆନ୍ତଃଜିଲା ବିମ୍ବାଧର ସାହୁ ମେମୋରିଆଲ ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ୟୁନିୟନ ସ୍ପୋର୍ଟିଂକୁ ହରାଇ ଭଦ୍ରକ ସୂର୍ଯ୍ୟଶିଖା କ୍ଲବ ଫାଇନାଲରେ ପ୍ରବେଶ କରିଛି। ୟୁନିୟନ ସ୍ପୋର୍ଟିଂ ଟସ୍ ଜିତି ନିର୍ଦ୍ଧାରିତ ୨୫ ଓଭରରେ ୬ ଉଇକେଟ ହରାଇ ୧୬୨ ରନ୍ କରିଥିଲା। ଦଳ ତରଫରୁ ଅନୁରାଗ କନୋଜିଆ ୫୦ ରନ୍ ଓ ବିନାୟକ ସାହୁ ୩୦ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ସଞ୍ଜୟ ଜେନା ଓ ଶୁଭମ୍ ନାୟକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସୂର୍ଯ୍ୟଶିଖା ୨୩.୧ ଓଭରରେ ୬ ଉଇକେଟ ହରାଇ ୧୬୫ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଶୁଭମ୍ ନାୟକ ୪୯ ରନ୍ କରି ନଟ୍‌ଆଉଟ, ସରୋଜ ବେହେରା ୪୦ ରନ୍ କରିଥିଲେ। ପ୍ରତିପକ୍ଷର ବୋଲର ସୂର୍ଯ୍ୟନାରାୟଣ ବିଶ୍ୱାଳ ଓ ଅମ୍ବିକା ପ୍ରସାଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଶୁଭମ୍ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। କାଳନ୍ଦୀ ପଣ୍ଡା, ଶରତ ଚନ୍ଦ୍ର ଜେନା ଅମ୍ପାୟର ଭାବେ ଖେଳ ପରିଚାଳନା କରିଥିଲେ। ସୂର୍ଯ୍ୟଦୀପ୍ତ ସ୍ୱାଇଁ ଓ ବୁବୁନ ସାହୁ ସ୍କୋରର, ସୂର୍ଯ୍ୟକାନ୍ତ ଭାରତୀ ରେଫରି ଥିଲେ। ନରେନ୍ଦ୍ର ଜେନା ଓ ଦୀପକ ମଲିକ ଧାରା ବିବରଣୀ ପ୍ରଦାନ କରିଥିଲେ। ଆସନ୍ତା ୧ ତାରିଖରେ ଭଣ୍ଡାରିପୋଖରୀ ପ୍ରେସ୍ କ୍ଲବ ଓ ମଞ୍ଜୁରିରୋଡ ଭେଟେରାନ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହେବ।




ସୂର୍ଯ୍ୟଶିଖା ଟିମ୍‌ର ଶୁଭମ୍ ନାୟକ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଜାନୁୟାରୀ ୩୧/୨୦୧୯ Sambalpur, Thursday, January 31/ 2019

## ସଂକ୍ଷେପରେ

### ଗୁଣିଗାରେଡି ସନ୍ଦେହରେ ପରିବାରର ୫ଜଣଙ୍କୁ ହତ୍ୟା ଘଟଣା: ଆଉ ଜଣେ ଗିରଫ

**ଟେନ୍‌ସା, ୩୦।୧ (ଡି.ଏନ.ଏ)**-ସୁନ୍ଦରଗଡ଼ ଜିଲା ବଣାଇ ଉପଖଣ୍ଡ କୋଇଡା ଥାନା ଅନ୍ତର୍ଗତ ଇନ୍ଦୁପୁର ଗ୍ରାମ କନ୍ଦାସାହିରେ ଗୁଣିଗାରେଡି ସନ୍ଦେହରେ ଶୁକ୍ରବାର ରାତିରେ ଶୋଇଥିବାବେଳେ ଗୋଟିଏ ପରିବାରର ୫ଜଣଙ୍କୁ ହତ୍ୟା କରାଯାଇ କୂଅରେ ପକାଇ ଦିଆଯାଇଥିଲା। ଏହି ଘଟଣାରେ ପୋଲିସ ପର୍ଦ୍ଦାଫାଶ କରି ପ୍ରଥମେ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ମଙ୍ଗଳବାର ରାତିରେ ଆଉ ଜଣଙ୍କୁ ଗିରଫ କରାଯାଇଛି। ଫେରାର୍ ଥିବା ସୁନୀଲ ସାଏଙ୍କୁ କୌଣସି ସୂତ୍ରରୁ ପୋଲିସ ଖବର ପାଇ ମୟୂରଭଞ୍ଜ ଜିଲାର ଘାଗରାବାଡା ଗ୍ରାମରୁ ଗିରଫ କରିଥିଲେ। ବୁଧବାର ତାଙ୍କୁ ବଣେଇ କୋର୍ଟ ଚାଲାଣ କରାଯାଇଛି। ଶନିବାର ଏହି ଘଟଣା ଜଣାପଡ଼ିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। କୂଅରୁ ମା' ଓ ୪ ସନ୍ତାନଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। କୋଇଡ଼ା ପୋଲିସ ଏହି ଘଟଣାରେ ରବିବାର ୬ଜଣଙ୍କୁ ଅଟକରଖି ପଚରାଉଚରା କରିଥିଲା। ହତ୍ୟାର ଶିକାର ହୋଇଥିଲେ ମାର୍ଙ୍ଗିରି ମୁଣ୍ଡା (୩୦), ତାଙ୍କ ବଡ଼ଝିଅ ମାର ମୁଣ୍ଡା (୧୦), ପୁଅ ଟେକଲା ମୁଣ୍ଡା (୭), ଚାମରା ମୁଣ୍ଡା (୪) ଓ ବର୍ଷକର ଝିଅ।

## ■ହୀରାକୁଦ ବିସ୍ଥାପିତ ସମସ୍ୟା

# ସରକାର ତତ୍ପର, ସମାଧାନ କେବେ

**ଝାରସୁଗୁଡ଼ା ଅଫିସ,୩୦।୧**

ଶୁଖି ଯାଇଛି ମହାନଦୀର ପାଣି, ହେଲେ ଶୁଖିନି ହୀରାକୁଦ ବିସ୍ଥାପିତଙ୍କ ଲୁହ। ଛଅ ଦଶନ୍ଧିର ଦୁଃଖରେ ଜର୍ଜରିତ ହେଉଥିବା ହୀରାକୁଦ ବିସ୍ଥାପିତ ନିଜର ଜମି ଓ ଜୀବିକା ହରାଇଛନ୍ତି। ଏକଥା ସରକାରୀ ବାବୁମାନେ ଆଜି ଯାଏଁ ବୁଝିପାରିନାହାନ୍ତି କି ସରକାର ଚଳାଉଥିବା ଏବଂ ବିସ୍ଥାପିତଙ୍କ ସମସ୍ୟା ନେଇ ରାଜନୀତି କରୁଥିବା ରାଜନେତାମାନେ ଆଜି ଯାଏଁ ହୃଦୟଙ୍ଗମ କରିପାରିନାହାନ୍ତି। ସେହି କାରଣରୁ ହଜାର ହଜାର ବିସ୍ଥାପିତଙ୍କ ସମସ୍ୟା ଆଜି ଯାଏଁ ସମାଧାନ ହୋଇପାରିନାହିଁ।

ଛଅ ଦଶନ୍ଧି ମଧ୍ୟରେ ବିସ୍ଥାପିତ ପରିବାରର ଅନ୍ୟୁନ ତିନି ପିଢି ନାନା ସମସ୍ୟାରେ ଛନ୍ଦି ହୋଇଛନ୍ତି। ନିଜର ସ୍ଥିତିବାନ ଜମି ନ ଥିବାରୁ ସମସ୍ତ ପ୍ରକାର ସରକାରୀ ସୁବିଧାରୁ ସେମାନେ ବଞ୍ଚିତ ହୋଇଛନ୍ତି। ୬୦ ବର୍ଷରେ ୧୨ଟି ସରକାର ଶାସନ ଗାଦିକୁ ଆସିଛନ୍ତି ଏବଂ ଯାଇଛନ୍ତି। ମାତ୍ର ବିସ୍ଥାପିତଙ୍କ ଦୁଃଖ ଯାଇନି। ବିସ୍ଥାପିତଙ୍କ ଦୁଃଖର ଧାର୍ ଧରିପାରୁ ନ ଥିବା ସରକାରଙ୍କ ପାଖରେ ଆଜି ଯାଏଁ ପ୍ରକୃତ ବିସ୍ଥାପିତଙ୍କ ସଂଖ୍ୟା ନ ଥିବା ବିଡମ୍ବନାର ବିଷୟ ବୋଲି ଅଭିଯୋଗ ହୋଇଛି। ଏପରିକି ସରକାରୀ ବାବୁମାନେ କ୍ଷତିଗ୍ରସ୍ତଙ୍କ ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଯାଇଥିବା କହି ଦସ୍ତବିଜ୍‌ରେ ନାଲିଫିତା ବାନ୍ଧି ଦେଇଥିଲେ। କ୍ଷତିଗ୍ରସ୍ତ ବିସ୍ଥାପିତମାନେ ଯେତେ ଗୁହାରି କରିଲେ ବି କେହି ଶୁଣି ନ ଥିଲେ। ସରକାର ଓ ସରକାରୀ ବାବୁମାନେ ନିଜ ଜିଦ୍‌ରେ ଅଟଳ ଥିଲେ। ମାତ୍ର ଜଣେ ବିସ୍ଥାପିତ ଏହି ସରକାରୀ ନିଷ୍ପତ୍ତି ବିରୋଧରେ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନର ସମ୍ବେଦନଶୀଳତାକୁ ହୃଦୟଙ୍ଗମ କରି କମିଶନ ଆବେଦନକୁ ବିଚାରକୁ ନେଇଥିଲେ ଏବଂ ତଦନ୍ତ ପରେ ପ୍ରକୃତ ବିସ୍ଥାପିତଙ୍କୁ ଚିହ୍ନଟ କରି ନ୍ୟାୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଏହାପରେ ସରକାରୀ କଳରେ ଆରମ୍ଭ ହୋଇଥିଲା ତନାଘନା। ଦୀର୍ଘ ବର୍ଷ ଧରି ବନ୍ଦ ପଡିଥିବା ଫାଇଲ ଉପରୁ ଧୂଳିଝାଡି ବିସ୍ଥାପିତଙ୍କୁ ଖୋଜିବା ଆରମ୍ଭ ହୋଇଛି। ଝାରସୁଗୁଡ଼ା ଜିଲା ସମେତ ସମ୍ବଲପୁର ଓ ବରଗଡ଼ ଜିଲାର ଜିଲା ପ୍ରଶାସନ ତତ୍ପର ହୋଇ ଉଠିଛନ୍ତି। ଏ ନେଇ ଆରଡିସି କାର୍ଯ୍ୟାଳୟରେ ଏକାଧିକ ବାର ବୈଠକ ବସିଛି। ତଥାପି ବିସ୍ଥାପିତଙ୍କ ପ୍ରକୃତ ସଂଖ୍ୟା ଓ ରାଜସ୍ୱ ଗାଁର ମାନ୍ୟତା ନେଇ ଚୂଡାନ୍ତ ନିଷ୍ପତ୍ତି ହୋଇପାରିନାହିଁ। ବିଭିନ୍ନ ସମୟରେ ରାଜସ୍ୱ ବିଭାଗ ଓ ଜଳସମ୍ପଦ ବିଭାଗ ଅଧିକାରୀଙ୍କ ଦ୍ୱାରା କ୍ଷେତ୍ର ପରିଦର୍ଶନ କରାଯାଇ ରିପୋର୍ଟ ପ୍ରଦାନ କରାଯାଇଛି। ଇତିମଧ୍ୟରେ ଅଣରାଜସ୍ୱ ଗାଁର ଜମିକୁ ଜଳସେଚନ ବିଭାଗ ତରଫରୁ ହସ୍ତାନ୍ତର କରାଯାଇଛି। ମାତ୍ର ରାଜସ୍ୱ ବିଭାଗରେ କର୍ମଚାରୀ ଅଭାବ ଯୋଗୁ ପ୍ରକୃତ ସର୍ବେକ୍ଷଣ ଓ ବନ୍ଦୋବସ୍ତ କାର୍ଯ୍ୟ ଆଗେଇ ପାରୁନାହିଁ। ଏହି କାରଣରୁ ହଜାର ହଜାର ବିସ୍ଥାପିତଙ୍କ ଦୁଃଖ ଦୂର ହୋଇପାରୁନାହିଁ। ଏନ୍‌ଏଚ୍‌ଆରସିଙ୍କ ନିର୍ଦ୍ଦେଶ ପରେ ସରକାର ବିସ୍ଥାପିତ ଓ ରାଜସ୍ୱ ଗାଁ ମାନ୍ୟତା ସମସ୍ୟା ସମାଧାନ କରିବାକୁ ଏକ ପ୍ରକାର ବାଧ୍ୟ ହୋଇଯାଇଛନ୍ତି। ବର୍ତ୍ତମାନର ପଦସ୍ଥ ଅଧିକାରୀମାନଙ୍କ ପାଖରେ ଅତୀତର କାର୍ଯ୍ୟାବଳିକୁ ନେଇ ବିଶେଷ ଅଭିଜ୍ଞତା ନାହିଁ। ଏଣୁ ହୀରାକୁଦ ବିସ୍ଥାପିତ ସମସ୍ୟା ସମାଧାନ ପାଇଁ ଅତୀତରେ ପଦକ୍ଷେପ ନେଇଥିବା ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ହୃଷୀକେଶ ପଣ୍ଡାଙ୍କୁ ମାର୍ଗଦର୍ଶକ ହିସାବରେ ଗ୍ରହଣ କରିଛନ୍ତି। ଏହିକ୍ରମରେ ବୁଧବାର ଝାରସୁଗୁଡ଼ା ସର୍କିଟ ହାଉସରେ ଉତ୍ତରାଞ୍ଚଳ ଆରଡିସି ଡି.ଭି ସ୍ୱାମୀଙ୍କ ଅଧ୍ୟକ୍ଷତାରେ ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ ଜିଲାର ବରିଷ୍ଠ ରାଜସ୍ୱ ବିଭାଗ ଅଧିକାରୀଙ୍କ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। ସରକାରଙ୍କ ମାର୍ଗଦର୍ଶକ ଭାବେ ଯୋଗ ଦେଇଥିବା ପୂର୍ବତନ ପ୍ରଶାସକ ପଣ୍ଡା କହିଲେ, ହୀରାକୁଦ ସମସ୍ୟାର ସମାଧାନ କେବଳ ତହସିଲସ୍ତରୀୟ ରାଜସ୍ୱ କର୍ମଚାରୀ ଓ ଅଧିକାରଙ୍କ ଦ୍ୱାରା ସମ୍ଭବ। ସରକାର ପ୍ରଥମେ ଖାଲିଥିବା ରାଜସ୍ୱ ବିଭାଗ କର୍ମଚାରୀ ଓ ଅଧିକାରୀଙ୍କ ପଦବୀ ପୂରଣ କରନ୍ତୁ। ଯାହାଫଳରେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି କହିଥିଲେ। ଆଜି ବୈଠକରେ ହୀରାକୁଦ ବିସ୍ଥାପିତଙ୍କୁ ସାମିଲ କରାଯାଇ ନ ଥିବାରୁ ହୀରାକୁଦ ବୁଡି ଅଞ୍ଚଳ ସଂଗ୍ରାମ ସମିତି କ୍ଷୋଭ ପ୍ରକାଶ କରିଛି। କେବଳ କ୍ଷତିଗ୍ରସ୍ତମାନେ ହିଁ ପ୍ରକୃତ ସମସ୍ୟା ଉପସ୍ଥାପନ କରିପାରିବେ। ଯାହାକି ସରକାରଙ୍କୁ ସମସ୍ୟା ସମାଧାନ ଦିଗରେ ସହାୟକ ହେବ। ସରକାର ବିଭିନ୍ନ ଶିଳ୍ପ ଓ ବୃହତ୍ ପ୍ରକଳ୍ପ ପାଇଁ ସିଙ୍ଗିଲ ୱିଣ୍ଡୋ ସିଷ୍ଟମ୍ ବ୍ୟବସ୍ଥା କରିଥିବାବେଳେ ହୀରାକୁଦ ବିସ୍ଥାପିତ ସମସ୍ୟାର ସମାଧାନ ପାଇଁ ମଧ୍ୟ ଏକ ସ୍ୱତନ୍ତ୍ର ସେଲ ଗଠନ କରିବାକୁ ସଂଗ୍ରାମ ସମିତିର ସମ୍ପାଦକ ବାସୁଦେବ ଭୋଇ ଦାବି କରିଛନ୍ତି।



ଏକ ବିସ୍ଥାପିତ ପରିବାର।

### ଟ୍ରେନରେ କଟି ଜଣେ ମୃତ

**ବରପାଲି, ୩୦।୧ (ଡି.ଏନ.ଏ)**

ବରପାଲି ରେଳ ଷ୍ଟେଶନର ୧ ନମ୍ବର ପ୍ଲାଟଫର୍ମରେ ବୁଧବାର ଟ୍ରେନରେ କଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଅର୍ଜ୍ଜୁନ ଷାଣ୍ଢ (୫୨)। ସେ ବରପାଲି ବ୍ଲକର କର୍ମଚାରୀ ଏବଂ ତାଙ୍କ ଘର ବରଗଡ ନିକଟସ୍ଥ ତୋରା ଗ୍ରାମର ବୋଲି ଜଣାପଡିଛି। ଅର୍ଜ୍ଜୁନ ଅପରାହ୍ନ ସାଢ଼େ ୩ଟାରେ ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି ଯୋଗେ ନିଜ ଘରକୁ ଯାଉଥିଲେ । ବରପାଲି ଷ୍ଟେଶନରେ ଟ୍ରେନ ଛିଡା ହୋଇଥିବା ବେଳେ କୌଣସି ମତେ ତାଙ୍କ ମୋବାଇଲ ରେଳ ଧାରଣାରେ ପଡିଯାଇଥିଲା । ସେ ତଳକୁ ଓହ୍ଲାଇ ମୋବାଇଲ ଆଣୁଥିବା ବେଳେ ଟ୍ରେନ ଛାଡିଦେଇଥିଲା । ଫଳରେ ସେ ଟ୍ରେନରେ କଟିଯାଇଥିଲେ। ଏ ନେଇ ବରପାଲି ଷ୍ଟେଶନ ମାଷ୍ଟର ବଲାଙ୍ଗୀର ଜିଆରପି ପୋଲିସକୁ ଖବର ଦେଇଥିଲେ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

## ■କାଳିଆ ଯୋଜନା ହିତାଧିକାରୀ ତାଲିକାକୁ ନେଇ ଚର୍ଚ୍ଚା

# ମନ୍ତ୍ରୀ ନିରଞ୍ଜନଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଛି

**ସୋନପୁର,୩୦।୧(ନି.ପ୍ର.)**

କାଳିଆ ଯୋଜନାରେ ରାଜ୍ୟର କିଛି ପ୍ରଭାବଶାଳୀ ମନ୍ତ୍ରୀ ଓ ତାଙ୍କ ପରିବାର ହିତାଧିକାରୀ ସାଜିଥିବା ମଙ୍ଗଳବାର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ସୋନପୁର ବିଧାୟକ ତଥା ରାଜ୍ୟ ଜଳସମ୍ପଦ ଓ ନଗର ଉନ୍ନୟନ ଟଙ୍କା ଜମା ହୋଇ ନାହିଁ। ସେ ଜଣେ କରଦାତା ହୋଇଥିବାରୁ ତାଙ୍କ ନାମକୁ ବାଦ୍ ଦେବା ପାଇଁ ମନ୍ତ୍ରୀ ପୂଜାରୀ ରାମପୁର ପଞ୍ଚାୟତ କାର୍ଯ୍ୟାଳୟରେ ଲାଲ ଫର୍ମରେ ଆବେଦନ କରିଥିଲେ। ତେଣୁ ଗତ ୧୬ ତାରିଖରେ ଅନୁଷ୍ଠିତ ଜିଲାସ୍ତରୀୟ କମିଟି ବୈଠକରେ ମନ୍ତ୍ରୀଙ୍କ ସମେତ ୭୫୨ଜଣଙ୍କ ନାମ

### ସ୍ପଷ୍ଟୀକରଣ ଦେଲା ସୁବର୍ଣ୍ଣପୁର ଜିଲା ପ୍ରଶାସନ

ମନ୍ତ୍ରୀ ନିରଞ୍ଜନ ପୂଜାରୀ କାଳିଆ ଯୋଜନାରେ ଜଣେ ହିତାଧିକାରୀ ଥିବା ଓ ତାଙ୍କ ଆକାଉଣ୍ଟରେ ୫ ହଜାର ଟଙ୍କା ଜମା ହୋଇଥିବା ଚର୍ଚ୍ଚା ହୋଇଥିଲା। ଏହି ଘଟଣାକୁ ନେଇ ସମବାୟ ବିଭାଗର ସଚିବ ତଥା କମିଶନର ଡ. କ୍ରିଷନ କୁମାର ସୁବର୍ଣ୍ଣପୁର ଜିଲାପାଳଙ୍କୁ ସ୍ପଷ୍ଟୀକରଣ ଦେବାକୁ କହିଥିଲେ । ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅନୁପସ୍ଥିତିରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାଶ, ଉପ କୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା ମିଳିତ ସ୍ୱାକ୍ଷରରେ ବୁଧବାର ସମବାୟ ବିଭାଗ ସଚିବଙ୍କୁ ଚିଠି ଲେଖିଛନ୍ତି । ମନ୍ତ୍ରୀ ପୂଜାରୀଙ୍କ ଆକାଉଣ୍ଟରେ କାଳିଆ ଯୋଜନାର ତାଲିକାରୁ ବାଦ୍ ଦେବା ପାଇଁ ରାଜ୍ୟ ସରକାରଙ୍କୁ ସୁପାରିଶ କରାଯାଇଥିଲା ବୋଲି ଜଣାପଡିଛି । ଏ ସମ୍ପର୍କରେ ମନ୍ତ୍ରୀ ପୂଜାରୀ କୁହନ୍ତି, ମୁଁ ଜଣେ ଚାଷୀ ଘରର ପୁଅ । ଏବେ ବି ଚାଷ କରୁଛି। ପଞ୍ଜୀକୃତ ଚାଷୀ । ସରକାରଙ୍କୁ ଧାନ ବିକ୍ରି କରୁଛି। ତେବେ ମୁଁ ଜଣେ କରଦାତା ହୋଇ ଥିବାରୁ ହିତାଧିକାରୀ ତାଲିକାରୁ ନାମକୁ ବାଦ୍ ଦେବା ପାଇଁ ପୂର୍ବରୁ ଆବେଦନ କରିଥିଲି। ମୋ ନାମ ତାଲିକାରୁ କଟିଛି। ନିର୍ବାଚନ ଅଳ୍ପ ଦିନ ବାକି ଥିବାରୁ ଏହା ଏକ ଗୁଜବ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି । ଏଭଳି ବିବାଦ ପରେ ବୁଧବାର ସକାଳୁ କାଳିଆ ଯୋଜନାର ସାଇଟ୍‌କୁ ବ୍ଲକ କରିଦିଆଯାଇଛି । ଫଳରେ ପ୍ରକୃତ ହିତାଧିକାରୀଙ୍କ ତାଲିକା ଜଣାପଡୁନି।

## ଅଧାବାଟେ ଅଟକିଲା କ୍ୟାନ୍‌ସର ପୀଡ଼ିତାଙ୍କର ଚିକିତ୍ସା



ଯଦୁଙ୍କର ସଂଗେ କ୍ୟାନସର ପୀଡ଼ିତା ମାଏକିନା ଯଶୋବନ୍ତୀ ଆଉ ଭିନ୍ନକ୍ଷମ ପୁଓ ଅଗସ୍ତି।

**ଭଗବାନ ଭରସାରେ ପରିବାର**

- ■ଉଷୋରେ ଖରଚ୍ ହେଉଛେ ମାସିକ ୨୪ ହଜାର
- ■ଯଶୋବନ୍ତୀ ଖାଇପିଇ, କଥାକହି ନାଇଁ ପାରବାର
- ■ଆପନେ ଚନାମୁଢ଼ି ବିକି କୁଟୁମ୍ବ ପୁଷୁଛନ୍
- ■ଗୁଟେବଲି ପୁଓ ଅଗସ୍ତି ଜନ୍ମୁ ଅଁଧ

**ଭେଡ଼େନ,୩୦।୧(ଡ଼ି.ଏନ.ଏ)**

ବରଗଡ଼ ଜିଲାରେ ଦିନୁଦିନ୍‌କେ କ୍ୟାନସର ଲେଖେଁ ଅମାନତିଆ ରୋଗ୍‌ର ପରଭାବ ବଡ଼ତେଲ ଯାଉଛେ। ଜନାଯାଇଛେ ଯେ ପଶ୍ଚିମ ଓଡ଼ିଶାର କୃଷି ବହୁଲ ଜିଲା ବରଗଡ଼ରେ ସବୁଠାନୁ ଜହ କ୍ୟାନସର ରୁଗୀ ରହିଛନ୍ ଆଉ ରୁଗୀକର ସଂଖ୍ୟା ଦିନୁଦିନ୍‌କେ ବଡ଼ତେଲ ଯାଉଛେ। ଯେନ୍‌ଟାକି ଜିଲାବାସୀକର ଭିତରରେ ଗୁଟେ ଭଏର ବାତାବରନ୍ ସୁରୁଷ୍ଟି କରୁଛେ। ସେଥିରଲାଗି ମାସକେତେ ତଲେ ଜିଲାବାସୀ ବରଗଡ଼ରେ ଗୁଟେ କ୍ୟାନସର ହାସପାତାଲ ଖୁଲବାକେ ଦାବି କରିଥିଲେ। ଜିଲାରେ ଅନେକ ଗରିବ୍ ଦୁଖି କ୍ୟାନସର ଲେଖେଁ ଅମାନତିଆ ରୋଗ୍‌ରେ ପଡ଼ି ସରବ୍‌ହରା ହେଇଯାଉଛନ୍, ଅଭାବ ଅନାଟନ୍‌ରେ ପରିବାର ଛିନ୍‌ଛତର ହେଇଯାଉଛେ। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଏଁଲାପାଲି ପଁଚେତ ଟେଣ୍ଡୁଲିକ୍ରା ପାସର ଡାଳଗାଁରେ। ଗାଁର ବାସିନ୍ଦା ହେଉଛନ୍ ଯଦୁ ସାହୁ, ପରିବାର କହେଲେ ମାଏକିନା ଯଶୋବନ୍ତୀ(୪୦) ଆଉ ପୁଓ ଅଗସ୍ତି(୧୯)। ପରିବାରଟା ନିହାତି ଗରିବ୍ ହେଇଥିଲା ବେଲେ ଜମିବାଡ଼ି ବଲି କିଛି ନାଇଁ, ଗୋଚର ଜମିରେ କୁରିଆଟେ କରି ରହୁଛନ୍। ଯଦୁ ବଜାରମାନକେ ଚନାମୁଢ଼ି ବିକି ଯାହା କମଉଛନ୍ ସେଥିରେ ତାକର ପରିବାର ଚଲୁଛେ। ଘରେ ସବୁବେଲେ ଅଭାବ ଅନାଟନ ଲାଗିରହିଛେ। ହେଲେ ଇ ଗରିବ୍ ପରିବାର ଉପରେ ଏହେଦେ ଦାଉ ସାଧୁଛେ କ୍ୟାନସର ଲେଖେଁ ଅମାନତିଆ ରୋଗ୍। ଗଲା ବଛର ଖରାମାସେ ଯଦୁଙ୍କର ମାଏକିନା ଯଶୋବନ୍ତିଙ୍କର ଗୁଁଡ଼େ କ୍ୟାନସର ହେଇଥିବାର ଜନାପଡ଼ଲା। ଇ ଖବର ଜାନଲା ଉତାରୁ ଯଦୁଙ୍କର ଉପରେ ଅକାଲ ଚଡ଼କ ପଡ଼ଲା। ସେ ଯାହା ହେଉ ଯଦୁ ନିଜ୍‌କେ ସମ୍ଭାଲି ନେଇ ଯଶୋବନ୍ତିଙ୍କୁ ଗଲା ଅକ୍ଟୋବର ୧ ତାରିଖରେ ବୁର୍ଲା ଡାକ୍ତରଖାନାରେ ଦେଖାଲେ। ସେଠାନେ ପରୀକ୍ଷା ନିରୀକ୍ଷା କଲା ଉତାରୁ କଟକର ଗୁଟେ ଘରୋଇ ଡାକ୍ତରଖାନାରେ ତାକର ଚିକିତ୍ସା କରାଲେ। ଇଆଡ଼େ ଯଶୋବନ୍ତିଙ୍କର ମାସିକ୍ ଉଷୋକଷା ବାବ୍‌ଦେ ୨୪ ହଜାର ଟଙ୍କା ଖରଚ୍ ହେଲା। ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡରେ ଥରେ ଚିକିତ୍ସା ସାହାଯ୍ ପାଏଲା ଉତାରୁ ଆଉ ନାଇଁପାଇ। ଯେନ୍‌ଥିରଲାଗି ଯଶୋବନ୍ତିଙ୍କର ଚିକିତ୍ସା, ଉଷୋକଷା ସବୁ ବନ୍ଦ୍ ଅଛେ। ଏହେଦେ ତାକର ଅବସ୍ତା ଏନ୍ତା ଯେ, ସେ କିଛି ଖାଇପିଇ, କଥା କହି ନାଇଁ ପାରବାର। ମାଏକିନାର ଚିକିତ୍ସା ସାହାଯ୍ ଲାଗି ଯଦୁ ଜିଲାପାଳଙ୍କର ଅଫିସରୁ ନିରାଶ ହେଇ ଫିରିଛନ୍। ଇତାର ବାହାରେ ଯଦୁଙ୍କର ଆରଗୁଟେ ବଡ଼ଦୁଖ୍ ହେଲା, ଗୁଟେବଲି ପୁଓ ଅଗସ୍ତି ଜନ୍ମୁ ଅଁଧ୍ ଆଏ। ଏହେଦେ ପରିବାର ଥିତି ଯାହା, ଯଦି ସରକାରୀ, ବେସରକାରୀ ସାହାଯ୍ ନାଇଁ ପାଏଲେ ପରିବାରଟା କେହେନ୍‌ସି କୁଲର ନାଇଁହୁଅନ୍। ଏହେଦେ ପରିବାରଟା ସରବ୍‌ହରା ହେଇ ଭଗବାନ ଭରସାରେ ହାତ୍ ଟେକି ଦେଇଛନ୍। ଇ ବାବ୍‌ଦେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ପଚରାଲାରୁ ରୁଗୀ ଝନ୍‌କ ବିଜୁ କୃଷକ କଲ୍ୟାଣ ଯୋଜ୍‌ନାର ଲାଭ୍ ପାଇଛନ୍, ହେଲେ କାଇଁଥିର ଲାଗି କେନ୍ ପରିସ୍ଥିତିରେ ତାକର ଚିକିତ୍ସା ଅଟକିଛେ ଘଟନାର ତଦନ୍ତ୍ କରି ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।

## ■ରେଢ଼ାଖୋଲ ଏନ୍‌ଏସିରେ ଆବାସ ଯୋଜନା ବାଟବନା

# ବିଲ ଲାଗି ହିତାଧିକାରୀ ହଟହଟା

**ରେଢ଼ାଖୋଲ,୩୦।୧(ଡିଏନଏ)**

ସମ୍ବଲପୁର ଜିଲା ରେଢ଼ାଖୋଲ ଏନଏସିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରିଥିବାର ହିତାଧିକାରୀମାନକୁ ବିଲ ନାଇଁ ମିଳୁଥିବାର ଅଭିଯୋଗ ହେଇଛେ। ଇ ବାବ୍‌ଦେ ଭାଜପା ତରଫୁ ଜିଲାପାଳଙ୍କର ଉଦେଶ୍‌ରେ ଉପଜିଲାପାଳ ବିଶିକେଶନ ଦେହୁରୀଙ୍କୁ ଗୁଟେ ଦାବି ପତର ଦିଆଯାଇ ଯେତେ ଜଲଦି ହେବା ପଦକ୍ଷେପ ନେବାକେ ଦାବି କରାଯାଇଛେ। ଭାଜପା ନଗର ସଭାପତି ଶିବରାମ ସାହୁ, ଶିବପ୍ରସାଦ ପାନିକର, ଅବନୀ କୁମାର ମେହେରଙ୍କର ସମେତ କରମକରତାମାନେ ଲିଖିତ ଅଭିଯୋଗ କରିଛନ୍। ସେମାନେ ଦାବିପତରରେ ଲେଖିଛନ୍ ଯେ, ଏନଏସି ଅଧିନରେ ପାଖାପାଖି ୫୦ରୁ ଅଧିକା ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରିବାର ଲାଗି କାର୍ଯ୍ୟାଦେଶ ପାଇ ଘର ତିଆରିଛନ୍। ହିତାଧିକାରୀମାନେ ନିହାତି ଗରିବ୍ ଶ୍ରେଣୀର ହେଇଥିଲା ବେଲେ ସେମାନେ ୩ ମାସ ହେଲା ଦୁକାନରୁ ସିମେଟ, ଲୁହାଛଡ଼ ଉଧାର ଆନି ଘର ତିଆରିଛନ୍। ହେଲେ ସେମାନେ ବାରବାର ବିଲ୍ ଲାଗି ଗୁହାରି କଲେ ଅଧିକାରୀମାନେ ଆଏଜ୍ ଆସ କାଏଲ୍ ଆସ ବଲି ଦିନ୍ ଗଡ଼ଉଛନ୍ ବଲି ସେମାନେ ଅଭିଯୋଗ କରିଛନ୍। ହିତାଧିକାରୀମାନେ ଧାର ଉଧାରରେ ବୁଡ଼ି ରହିଥିଲାବେଲେ ଲାଜେ ରାସ୍‌ତାଘାଟେ ଚାଲି ନାଇଁପାରବାର। ସରକାରଙ୍କର ହିସାବେ ହିତାଧିକାରୀମାନେ ୪ମାସ ଭିତରେ ଘର ତିଆରି ଶେଷ କଲେ ୨୦ ହଜାର ଟଁକା, ୬ ମାସ ଭିତରେ କଲେ ୧୦ ହଜାର ଟଁକା ପୋରଛାହନ୍ ଯୁଗେଇ ଦେବାର ନିୟମ ଅଛେ। ହେଲେ ଇଠାନେ ହିତାଧିକାରୀମାନେ ଘର ତିଆରି ବିଲ ପାଏବାର ଲାଗି ବାରଦୁଆର କିଁଦ୍‌ରି ହିନସ୍ତା ହଟହଟା ହେଉଛନ୍। ଏନ୍ତାଥି ସରକାରଙ୍କର ମହତ୍ ଉଦେଶ୍ ସାଧିତ ନାଇଁ ହେଉଥିଲା ବେଲେ ହିତାଧିକାରୀ ପୋରଛାହନ ଟଁକା ପାଏବାରୁ ବଁଚିତ୍ ହେଉଛନ୍। ଏନଏସିର ପ୍ରମୋଦ ପାତ୍ର, ବୈଦ୍ୟନାଥ ବେହେରା, ଲବ ଷଣ୍ଢ, ବିନୋଦିନୀ ଷଣ୍ଢ , କୁଶ ଷଣ୍ଢ, ନିତିଆ ଅଦାବର, ନରେଶ ଅଦାବର, ଝାଣ୍ଟୁ ଷଣ୍ଢ, ପଲଉ ଷଣ୍ଢ, କୈବଲ୍ୟ ମିର୍ଦ୍ଧା ପରମୁଖ ଘର ତିଆରି କରି ବିଲ ନାଇଁପାଇ। ସେନ୍ତା କୁଳମଣି ଠାକୁର ଆଉ ପୂର୍ଣ୍ଣ ପ୍ରଧାନ ଘର ତିଆରି ଲାଗି କାର୍ଯ୍ୟାଦେଶ ପାଇଛନ୍। ହେଲେ ଏନ୍‌ଏସି ତରଫୁ ଲେଆଉଟ ନାଇଁ ଦିଆଯିବାର ଲାଗି ସେମାନେ ଘର ତିଆରି କାମ୍ ମୂଳ ନାଇଁ କରିପାରୁଥିବାର ଅଭିଯୋଗ କରିଛନ୍। ଇ ବାବ୍‌ଦେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କୁ ପଚରାଲାରୁ ହିତାଧିକାରୀମାନକୁ ଅନଲାଇନ ଆକାଉଣ୍ଟ ପେମେଣ୍ଟ କରାଯାଏସି, ଇ କାମ୍‌ଟା ଭୁବନେଶ୍ୱରରୁ ହେସି। ଦାଇତିଅରେ ଥିବାର ଅଧିକାରୀ ଝନ୍‌କ ନିରବାଚନ ଡ୍ୟୁଟିରେ ଯାଇଛନ୍, ସେଥିରଲାଗି ହିତାଧିକାରୀ ବିଲ୍ ପାଏବାରେ ବିଳମ୍ ହେଉଛେ। ହେଲେ ବହୁତ୍ ଜଲ୍‌ଦି ଇତାର ସମାଧାନ କରାଯିବା ବଲି ସେ କହିଥିଲେ।

## ବିଜୁ ସେଚ ଯୋଜନାରେ ଟଁକା ବୁଝେଇ ଚାଷୀ ଭକୁଆ

# ଚାଷୀଙ୍କୁ ଟିଆ ଦେଉଛେ ଉଠା ଜଳସେଚନ ବିଭାଗ

**ଲାଠୋର, ୩୦।୧ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଁଚେତର ଜଲପାଙ୍କେଲ ଗାଁର ୧୦ ଝନ୍ ଚାଷୀ ବିଜୁସେଚ ଯୋଜନାରୁ ବଁଚିତ ହେଇଥିବାର ଅଭିଯୋଗ କରିଛନ୍। ଖବର ନେବାରେ ଜନାଯାଇଛେ ଯେ, ଜଲପାଙ୍କେଲ ଗାଁର ଚାଷୀ ଅମୃତ ବାଗ, ଅଭିମନ୍ୟୁ ପୁଟେଲ, ବୈଷ୍ଣବ ହଂସ, ଗୁରୁବାରୁ ମେହେର, କାନ୍ତି ଦାଶ, ଗୋପାଳ ମେହେର, ସହଦେବ ମେହେର, ରଞ୍ଜିତ ରଣା, ଭୁଜବଳ ରଣା, ଲାଲୁ ରଣା ବିଜୁସେଚ ଯୋଜନାରେ ସାମିଲ ହେଇଛନ୍। ଇ ଚାଷୀମାନେ ନିଜର ଚାଷ୍ ଜମିରେ ଗଭୀର ନଲଚୁଆଁ କୁଡ଼ବାର ଲାଗି ଗଲା ୨.୧୨.୨୦୧୭ରେ ଅନଲାଇନ ଆବେଦନ କରିଥିଲେ। ତା'ପରେ ୧୧.୧୨.୨୦୧୭ରେ କଣ୍ଟାବାଞ୍ଜି ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ୨୦ ହଜାର ଟଁକା ଲେଖେଁ ଜମା କରିଥିଲେ। ଚାଷୀମାନେ ସବୁ କାଗଜପତର ପାଟଣାଗଡ଼ରେ ଥିବାର ଓଡ଼ିଶା ଉଠା ଜଳସେଚନ ନିଗମର ଦପ୍‌ତରରେ ଦାଖଲ କରିଥିଲେ। ଟଁକା ଜମା କଲା ଉତାରୁ ଓଡ଼ିଶା ଉଠା ଜଳସେଚନ ନିଗମରୁ କେତେ କରମଚାରୀ ଆସି ଚାଷୀକର ଜମି ଦେଖି ଯାଇଥିଲେ। ହେଲେ ଚାଷୀ ଟଁକା ବୁଝାବାର ବଛରେ ଉପରେ ହେଇଯାଇଥିଲେ ବି ଆଏଜ୍‌ତକ୍ ବିଭାଗ ତରଫୁ କେହେନ୍‌ସି ପରକାର ପଦକ୍ଷେପ ନାଇଁ ନିଆଯାଇଥିବାର ଚାଷୀମାନେ ଅଭିଯୋଗ କରିଛନ୍। ଇ ବାବ୍‌ଦେ ଓଡ଼ିଶା ଉଠା ଜଳସେଚନ ନିଗମର କନିଷ୍ଠ ଯନ୍ତ୍ରୀ ବଳରାମ ବେହେରାଙ୍କୁ ପଚରାଲାରୁ ଆମେ ପହେଲାଖେପି ଫୁଲକିମୁଣ୍ଡା ଆଉ ଖପ୍ରାଖୋଲର ଚାଷୀମାନକର ଗଭୀର ନଲଚୁଆଁ କୁଡ଼ମୁ ତାରପରେ ଦୁତିଅଖେପି ଫେବୃୟାରୀରେ ଜଲପାଙ୍କେଲ ଗାଁର ଚାଷୀକର ନଲଚୁଆଁ କୁଡ଼ବାର ବେବସ୍‌ତା କରମୁ ବଲି ସେ କହିଥିଲେ। ହେଲେ ଚାଷୀ ବଛରେରୁ ଅଧିକା ହେଲା ଟଁକା ବୁଝେଇ ଥିଲେ ବି ଇଠାନେ ବିଭାଗ୍ ଚାଷୀକୁ ଭକୁଆ ବନଉଥିବାର ଅଭିଯୋଗ ହେଉଛେ। ସେଥିରଲାଗି ଯେତେ ଜଲଦି ହେବା ବିଭାଗ ତରଫୁ ଇ ଦିଗେ ପଦକ୍ଷେପ ନେବାକେ ଯୋଜନାରେ ସାମିଲ ହେଇଥିବାର ଚାଷୀମାନେ ଦାବି କରିଛନ୍।

## ■ ସୁନ୍ଦରଗଡ ଜିଲା ସାଂସ୍କୃତିକ ମହୋତ୍ସବ ଯତ୍‌ରାରେ ସାହିତ୍ୟ ଆଲୋଚନାଚକ୍ର

# ଲୋକସଂସ୍କୃତି ଏକ ଜାତିର ନିଜସ୍ୱ ପରିଚୟ

**ସୁନ୍ଦରଗଡ଼, ୩୦।୧ (ଡି.ଏନ୍.ଏ)**

ଲୋକସଂସ୍କୃତି ଏକ ଜାତିର ନିଜସ୍ୱ ପରିଚୟ। ଲୋକ ସଂସ୍କୃତି ନିତ୍ୟ ଜୀବନର ସଂସ୍କୃତି। ସାହିତ୍ୟ ଏହାର ବାହ୍ୟରୂପ ହେଲେ ସଂସ୍କୃତି ଏହାର ଅନ୍ତଃସ୍ୱର। ପଲ୍ଲୀପ୍ରାଣତା ଏହାର ମୁଖ୍ୟ ଆବେଦନ। ଲୋକସାହିତ୍ୟ ମାନବଧର୍ମୀ ସାହିତ୍ୟ ବୋଲି ବୁଧବାର ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଆୟୋଜିତ ଜିଲା ସାଂସ୍କୃତିକ ମହୋତ୍ସବ ଯତରାର ଚତୁର୍ଥ ଦିବସରେ ମତପ୍ରକାଶ ପାଇଛି। ସ୍ଥାନୀୟ ବିକାଶ ଭବନଠାରେ ଆୟୋଜିତ ସାମାଜିକ ବିକାଶରେ ଲୋକସଂସ୍କୃତି ଓ କଳାର ଭୂମିକା ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଆଲୋଚକମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଏହି ସମାରୋହରେ ଉପଜିଲାପାଳ ବୀରସେନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲା ସାଂସ୍କୃତିକ ମହୋତ୍ସବ ଯତରା ଅବସରରେ ଏକ ପୁସ୍ତକମେଳା ଆୟୋଜିତ ହୋଇଥିବା ଓ ଏଥିପାଇଁ ୩୦ଟି ଷ୍ଟଲରେ ବିଭିନ୍ନ ପୁସ୍ତକ ଥିବା ସୂଚନା ଦେଇଥିଲେ। ଏହି ଆଲୋଚନାଚକ୍ର ସାରସ୍ୱତ ବିକାଶରେ ସହାୟକ ହେବ ବୋଲି ସେ ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ଅନୀଲ କେରକେଟା ଯୋଗଦେଇ କବି ଲେଖକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଏହି ଆଲୋଚନାଚକ୍ର ବିଶେଷ ଲାଭଦାୟକ ସାବ୍ୟସ୍ତ ହୋଇପାରିବ ବୋଲି ସେ ମତ ଦେଇଥିଲେ। ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ତଥା ଗାଳ୍ପିକ ଗିରିଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ଡୁଡୁକା ମହାବିଦ୍ୟାଳୟର ଅଧ୍ୟାପିକା ମିନତି ମିଶ୍ର ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ।



ସୁନ୍ଦରଗଡ଼ ବିକାଶ ଭବନରେ ଆୟୋଜିତ ଆଲୋଚନାଚକ୍ରରେ ଅତିଥି, ବକ୍ତାମାନେ ମଞ୍ଚାସୀନ।

ଲୋକସଂସ୍କୃତି ସମାଜକୁ ନୀତିନିଷ୍ଠ ଓ ଶୃଙ୍ଖଳିତ କରିଥାଏ ଓ ଆଧୁନିକତାର ତାଳରେ ପରିବର୍ତ୍ତିତ ପରିସ୍ଥିତିରେ ମଧ୍ୟ ମନୁଷ୍ୟ ନିଜର ପ୍ରଥା, ପରମ୍ପରା ଧର୍ମୀୟ ଭାବନା ପ୍ରତି ସଚେତନ ରହିଥାଏ ବୋଲି ମତ ରଖିଥିଲେ। ଅନ୍ୟତମବକ୍ତା ଭାବେ ବଡ଼ଗାଁ ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧ୍ୟାପିକା ତଥା ଗାଳ୍ପିକା ସୁପ୍ରିୟା ପାଲ ଯୋଗଦେଇ ତାଙ୍କ ବକ୍ତବ୍ୟରେ ସମାଜ ଓ ସଂସ୍କୃତି ପରସ୍ପର ସହିତ ଜଡିତ ଓ ଭାରତରେ ଏକ ପଠନଶୀଳ ଲୋକସଂସ୍କୃତି ଦେଖିବାକୁ ମିଳିଥାଏ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାଚୀନ ସାହିତ୍ୟ ନଦୀର ଜଳଧାର ପରି ନିର୍ମଳ, ସ୍ୱଚ୍ଛ ଓ ଲୋକଗୀତ ପକ୍ଷୀର ଗାନପରି ମୁକ୍ତ ଓ ସମାଜର ବାସ୍ତବଚିତ୍ର ପ୍ରଦାନ କରିଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ଓ କବୟିତ୍ରୀମାନେ କବିତା ପାଠ କରିଥିଲେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ସୁନାରେ ସୁଗନ୍ଧ, ଆଖୁରେ ଫଳ, ଚନ୍ଦନରେ ଫୁଲ ନ ଥାଏ। ବିଦ୍ୱାନ ଧନୀ ହୋଇ ନ ଥାନ୍ତି କି ରାଜା ଦୀର୍ଘଜୀବୀ ହୋଇ ନ ଥାନ୍ତି।

- ଚାଣକ୍ୟ

**ସଂକ୍ଷେପରେ**

## ଡାକ୍ତରଖାନାରୁ ବାଇକ୍ ଚୋରି

**ମନମୁଣ୍ଡା, ୩୦।୧ (ଡି.ଏନ.ଏ):** ବୌଦ୍ଧ ଜିଲା ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ବୁଧବାର ଜଣେ ରୋଗୀଙ୍କ ବାଇକ୍ ଚୋରି ହୋଇଛି । ପଥର୍ଲା ଗ୍ରାମର ରଞ୍ଜିତ ପୁଢ଼ ତାଙ୍କ ହିରୋ ହୋଣ୍ଡା ସିଡି ଡିଲକ୍ସ ବାଇକ୍ (ନଂ.ଓଆର୍୧୭ଜି/୩୨୧୩) ଯୋଗେ ତାଙ୍କ ସ୍ତ୍ରୀଙ୍କୁ ଚିକିତ୍ସା ପାଇଁ ଅପରାହ୍ନ ୪ଟା ବେଳେ ସ୍ଥାନୀୟ ଡାକ୍ତରଖାନାକୁ ଆଣିଥିଲେ । ଅପରାହ୍ନ ୫ଟା ବେଳେ କେହି ଉକ୍ତ ବାଇକ୍‌କୁ ଚୋରି କରି ନେଇଯାଇଥିବା ଜାଣିବାକୁ ପାଇଥିଲେ । ଏ ନେଇ ସେ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ତଦନ୍ତ ଚଳାଇଛି ।

## ସଡ଼କ ସୁରକ୍ଷାକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୩୦।୧:** ବରଗଡ଼ ଜିଲାରେ ଫେବୃୟାରୀ ୪ତାରିଖରୁ ୧୦ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯିବ । ଏଥିପାଇଁ ମଙ୍ଗଳବାରଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ ସଡ଼କ ସୁରକ୍ଷା ସପ୍ତାହ ପାଳନ ନେଇ ରହିଥିବା କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ । ଅତିରିକ୍ତ ଜିଲାପାଳ ତପିରାମ ମାଝି ସଡ଼କ ସୁରକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସଚେତନତା ଶୋଭାଯାତ୍ରା କରାଯିବ ବୋଲି ସୂଚନା ଦିଆଯାଇଥିଲା। ଡିଏସପି ଏନ. ପି ନାୟକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ସ୍କୁଲ, କଲେଜର ପ୍ରଧାନଶିକ୍ଷକ, ଅଧ୍ୟକ୍ଷ ଏବଂ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ ।

# କୃଷି ବିକାଶ ତାଲିମ ଶିବିର ଉଦ୍‌ଯାପିତ

**ପାଇକମାଲ,୩୦।୧(ଡି.ଏନ୍.ଏ.)**

ପାଇକମାଲ ବ୍ଲକ ବରଢୁଣ୍ଡା ପଞ୍ଚାୟତ ବ୍ରାହ୍ମଣଟାଲ ଗ୍ରାମରେ ଚାଲିଥିବା ପ୍ରଧାନମନ୍ତ୍ରୀ କୃଷି ଉଦ୍ୟୋଗ ବିକାଶ ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମାସ୍ ପାଇକମାଲ, ସେଞ୍ଚୁରିୟନ କୃଷି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ଏବଂ ଗ୍ରାମ ତରଙ୍ଗ ପାରଳାଖେମୁଣ୍ଡିର ମିଳିତ ସହାୟତାରେ ଅନୁଷ୍ଠିତ ଶିବିରରେ ଚାଷୀମାନଙ୍କୁ ମକା ଚାଷ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ତାଲିମଦାତା ସୁଭେନ କୁମାର ପାଣିଗ୍ରାହୀ ବିହନ ଚୟନ, ମାଟି ପ୍ରସ୍ତୁତି, ମଞ୍ଜି ରୋପଣ, ଜଳସେଚନ, ସାର ପ୍ରୟୋଗ, ରକ୍ଷଣାବେକ୍ଷଣ, ଅମଳ ସଂକ୍ରାନ୍ତରେ ଚାଷୀମାନଙ୍କୁ ତାଲିମ ଦେଇଥିଲେ। ପାଇକମାଳ ଉଦ୍ୟାନ ବିଭାଗ ଅଧିକାରୀ ଦିଲୀପ କୁମ୍ବାର, ଜାମସେଠ ବ୍ୟାଙ୍କ ମ୍ୟାନେଜର ପଦ୍ମ କୁମାର ବରିହା ଅତିଥି ଭାବେ ଯୋଗଦେଇ ଚାଷୀମାନଙ୍କୁ ବିଭିନ୍ନ ଯୋଜନା ସଂକ୍ରାନ୍ତରେ ବୁଝାଇଥିଲେ। ଶେଷରେ ତାଲିମ ଗ୍ରହଣ କରିଥିବା ଚାଷୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସଂଯୋଜକ ଆଦିକନ୍ଦ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିବେକ ସାହୁ, ଦିଗେଶ କପାଟ, ଦୁର୍ଯ୍ୟୋଧନ ବିଶି, ହାରାଧନ ଭାଇନା, କେଶବ ଦଣ୍ଡସନା, ଅନୀଲ କୁମାର ସାହୁ, ରେବତୀ ରାଉତ ପ୍ରମୁଖ ସହଯୋଗ କରିଥିଲେ ।



କୃଷି ଉଦ୍ୟୋଗ ବିକାଶ ତାଲିମ ଶିବିରରେ ଅଧିକାରୀଙ୍କ ସହ ଚାଷୀମାନେ ।

# ଗୁଢ଼ିଆଲି ଚେକ୍ ଡ୍ୟାମ୍‌ରେ ନିମ୍ନମାନର କାମ ଅଭିଯୋଗ

**ମନମୁଣ୍ଡା, ୩୦।୧ (ଡି.ଏନ.ଏ)**

କଣ୍ଟାମାଳ ବ୍ଲକ ଶୁଣ୍ଠିପଦର ପଞ୍ଚାୟତ ଗୁଢ଼ିଆଲିଠାରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ତରଫରୁ ନିର୍ମାଣାଧୀନ ଚେକ୍ ଡ୍ୟାମ୍ ନିମ୍ନମାନର କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦୀର୍ଘ ଦିନରୁ କାମ ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି ଫଳକ ଲଗାଯାଇନାହିଁ । ଫଳରେ କେତେ ଟଙ୍କାର ପ୍ରକଳ୍ପ ତଥା ତହିଁରେ ସମ୍ପୂର୍ଣ୍ଣ ବିବରଣୀ ଜନସାଧାରଣ ଜାଣିପାରୁନାହାନ୍ତି । ଏ ନେଇ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ ବେହେରାଙ୍କୁ ପଚାରିବାରୁ କାର୍ଯ୍ୟସ୍ଥଳରେ ଫଳକ ଲଗାଯାଇ ନ ଥିବା ସ୍ୱୀକାର କରିଥିଲେ । ଉକ୍ତ ପ୍ରକଳ୍ପ ୩୧.୫୧ ଲକ୍ଷ ଟଙ୍କାର ଏବଂ ନିମ୍ନମାନର କାମ ଅଭିଯୋଗ ମିଛ । ନିୟମିତ ବ୍ୟବଧାନରେ କାମ ତଦାରଖ କରାଯାଉ ନ ଥିବା ଗ୍ରାମବାସୀଙ୍କ ଅଭିଯୋଗକୁ ସହକାରୀ ଯନ୍ତ୍ରୀ ବେହେରା ଖଣ୍ଡନ କରିଛନ୍ତି । ତେବେ ଆଗକୁ କାମ ଯେପରି ଭଲ ହେବ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି ।

# ଗ୍ରାମସଭା ଗଠନ ପାଇଁ ପଥରଗଡ଼ା ଉତ୍ସବ

**ବାମରା, ୩୦।୧ (ସ୍ୱ.ପ୍ର.)**

ବାମରା ବ୍ଲକ ରବଗା ପଞ୍ଚାୟତ ଜୁରାପାଲି ଗ୍ରାମରେ ଗ୍ରାମସଭା ଗଠନ ପାଇଁ ପାରମ୍ପରିକ ପଥରଗଡା ଉତ୍ସବ ଅନୁଷ୍ଠିତ ହୋଇଛି। ପେସା ଆଇନ, ଜଙ୍ଗଲ ଅଧିକାର ଓ ଗ୍ରାମସଭାର କ୍ଷମତା ଉପରେ ସଚେତନ କରାଯାଇଛି । ଜୁରାପାଲି ପ୍ରାଥମିକ ବିଦ୍ୟାଳୟ ପଡିଆଠାରେ ଲୋକମୁକ୍ତି ସଂଗଠନ ଆନୁକୂଲ୍ୟରେ ଏହି ସଭାର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ସଂଗଠନ ଉପଦେଷ୍ଟା ଅନନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପେସା ଆଇନ ୧୯୯୬, ଗ୍ରାମ ପଞ୍ଚାୟତ ସଂଶୋଧନ ଆଇନ ୧୯୯୭, ପଞ୍ଚାୟତ ଅଧିନିୟମ ବିଷୟ ଓ ଗ୍ରାମସଭାର ମହତ୍ତ୍ୱ ଉପରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ସେହିପରି ମୁଖ୍ୟବକ୍ତା ଭାବେ ପେସା ଆଇନ କାର୍ଯ୍ୟକର୍ତ୍ତା ବାସିଲ ଏକ୍କା ଯୋଗଦେଇଥିଲେ। ଜଳ, ଜମି ଓ ଜଙ୍ଗଲ ଉପରେ ସ୍ଥାନୀୟ ଆଦିବାସୀଙ୍କ ହକ ଥିବା ବେଳେ ସମ୍ବିଧାନର ପଞ୍ଚମ ଅନୁସୂଚୀରେ ଏହାର ବର୍ଣ୍ଣନା କରାଯାଇଥିବା ନେଇ ସେ ବିଶେଷ ତଥ୍ୟ ପ୍ରଦାନ କରିଥିଲେ। ସମ୍ବିଧାନର ପଞ୍ଚମ ଅନୁଚ୍ଛେଦ ସହ ଆଦିବାସୀଙ୍କୁ ବିଭିନ୍ନ ଅଧିକାର ଦିଆଯାଇଥିବା ଅନୁଛେଦ ଗୁଡିକ ଲେଖା ହୋଇଥିବା ଏକ ପଥରକୁ ପୋତି ପଥରଗଡାର ଶୁଭାରମ୍ଭ କରିଥିଲେ । ଆଦି ହକ ଜନ ସମ୍ପର୍କ ସମିତିର ଆବାହକ ସୁନୀଲ ଖାଲକୋ, କାର୍ଯ୍ୟକର୍ତ୍ତା କିରଣ କୁଜୁର, ଲୋକମୁକ୍ତି ସଂଗଠନର ଜିମିତ ସମାଦ, ଉମାକାନ୍ତ ନାଏକ, ନାବର କୁଲୁ, ଅବ୍ରାହ୍ମ କୁଲୁ, ସିଷ୍ଟର ସେରୋଫିନା, ବୃନ୍ଦାବନ ନାଏକ, ମୋତିଲାଲ କାକ, ମଦେଷ୍ଟା ଡୁଙ୍ଗଡୁଙ୍ଗ, ରଶ୍ମି ସୋନିଆ ଡୁଙ୍ଗଡୁଙ୍ଗ ପ୍ରମୁଖ ଯୋଗ ଦେଇଥିଲେ । ଡମିନିକ ଡୁଙ୍ଗଡୁଙ୍ଗ ମଞ୍ଚ ପରିଚାଳନା କରିଥିଲେ। ଅଜୟ ଏକ୍କା ଧନ୍ୟବାଦ ଦେଇଥିଲେ ।

# ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ କରିବେନି ଓକିଲ

**ସମ୍ବଲପୁର,୩୦।୧(ବ୍ୟୁରୋ)**

**ସାଧାରଣ ପରିଷଦ ବୈଠକ**

- ସବୁଜ ସଙ୍କେତ ଆଶାରେ ଓକିଲ
- ଆଲୋଚନା ପାଇଁ ଜିଲାପାଳଙ୍କ ପ୍ରତିଶ୍ରୁତି
- ସମ୍ବଲପୁରର ବିକାଶ ପାଇଁ ସମର୍ଥନ

ଆସନ୍ତା ୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର ଗସ୍ତରେ ଆସୁଛନ୍ତି। ଭିଏସଏସ ଷ୍ଟାଡିୟମରେ ଯୁବ ସମାବେଶରେ ସେ ଯୋଗ ଦେବା ସହ ମହାନଦୀ ଉପରେ ନବ ନିର୍ମିତ ପୋଲ ଉଦ୍‌ଘାଟନ କରିବେ। ତେବେ ମୁଖ୍ୟମନ୍ତ୍ରୀଙ୍କୁ ଏହି ଗସ୍ତକୁ ଓକିଲସଂଘ ବିରୋଧ କରିବ ବୋଲି ଯେଉଁ ନିଷ୍ପତ୍ତି ହୋଇଥିଲା ସେଥିରେ ପରିବର୍ତ୍ତନ ହୋଇଛି। ପଶ୍ଚିମ ଓଡିଶାବାସୀ ମୁଖ୍ୟମନ୍ତ୍ରୀଙ୍କ ପାଖରୁ କିଛି ସବୁଜ ସଙ୍କେତ ଆଶା କରୁଛନ୍ତି । ହାଇକୋର୍ଟ ସ୍ଥାୟୀ ବେଞ୍ଚ ପାଇଁ କିଛି ପ୍ରତିଶ୍ରୁତି ଓ ଜନସାଧାରଣଙ୍କ ଦାବି ଉପରେ ମୁଖ୍ୟମନ୍ତ୍ରୀ ଘୋଷଣା କରି ପାରନ୍ତି ବୋଲି ଆଶା କରାଯାଉଛି। ଅନ୍ୟପଟେ ସମ୍ବଲପୁରରେ ଅନେକ ବିକାଶମୂଳକ କାମର ଉଦ୍‌ଘାଟନ ଓ କିଛି ନୂଆ ପ୍ରକଳ୍ପର ଶିଳାନ୍ୟାସ କରାଯିବ। ତେଣୁ ୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତକୁ ଜିଲା ଓକିଲ ସଂଘ ପକ୍ଷରୁ ବିରୋଧ କରାଯିବ ନାହିଁ ବୋଲି ଏବେ ନିଷ୍ପତ୍ତି ହୋଇଛି । ବୁଧବାର ଜିଲା ଓକଲ ସଂଘ ଉପସଭାପତି ବେଦବ୍ୟାସ ସାହୁଙ୍କ ଅଧ୍ୟକ୍ଷତାରେ ସାଧାରଣ ପରିଷଦ ବୈଠକରେ ସର୍ବ ସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ସହ ସଙ୍ଘକୁ ନେଇ ଆଲୋଚନା କରିବା ପାଇଁ ଜିଲାପାଳ ସମର୍ଥ ବର୍ମା ପ୍ରତିଶ୍ରୁତି ଦେଇଛନ୍ତି । ଏହି ଆଲୋଚନା ସଫଳ ହେବ ଓ ମୁଖ୍ୟମନ୍ତ୍ରୀ କିଛି ଘୋଷଣା କରିବେ ବୋଲି ଜିଲା ଓକିଲ ସଂଘ ଆଶା କରୁଥିବା ଜିଲା ଓକିଲ ସଂଘ କ୍ରିୟା ଅନୁଷ୍ଠାନ କମିଟି ଅଧ୍ୟକ୍ଷ ପ୍ରଦୀପ ବହିଦାର କହିଛନ୍ତି। ତେବେ ଓକିଲ ସଂଘ ପ୍ରତିଦିନ ଭଳି ସେଦିନ ମଧ୍ୟ ଆନ୍ଦୋଳନ କରିବ । ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ । ନିର୍ବାଚନ ପାଇଁ କୋଡ ଅଫ କଣ୍ଡକ୍ଟ ଘୋଷଣା ହେବା ପରେ ମଧ୍ୟ ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଛି। ଏହି ବୈଠକରେ ସାଧାରଣ ସମ୍ପାଦକ ପ୍ରବୀଣ ସିଂଦେଓ, ଯୁଗ୍ମ ସମ୍ପାଦକ ଅନୁପ ତରିଆ, ସହ ସମ୍ପାଦକ ଦୀପକ କୁଅଁର, କାର୍ଯ୍ୟକାରୀ ସଦସ୍ୟ ମହେନ୍ଦ୍ର ବଢେଇ, ସବିନୟ ପୂଜାରୀ, ପ୍ରଶାନ୍ତ କର, ସୁରେଶ୍ୱର ମିଶ୍ର ବ୍ୟକ୍ତବ୍ୟ ଦେଇଥିଲେ । ସୂଚନାଯୋଗ୍ୟ ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ସେପ୍ଟେମ୍ବର ୫ ତାରିଖଠାରୁ ଆନ୍ଦୋଳନ ଜାରି ରହିଛି । ବୁଧବାର ଆନ୍ଦୋଳନକୁ ୧୪୮ ଦିନ ପୂରିଥିବା ବେଳେ ରିଲେ ଅନଶନ ୭୩ ଦିନରେ ପହଞ୍ଚିଛି ।

# ପରହସନ ପାଲଟିଛି ପଲିଥିନ୍ ବଁନ୍ଦ୍ ନିୟମ

**ଜାମଟିକ୍ରା,୩୦।୧(ଡି.ଏନ.ଏ.)**

ବରଗଡ଼ ଜିଲା ଅତାବିରା ବ୍ଲକରେ ପଲିଥିନ ବଁନ୍ଦ୍ ଗୁଟେ ପରହସନ ପାଲଟିଛେ। ରାଏଜ୍ ସରକାର ରାଏଜୁ ପଲିଥିନ୍‌ର ମୂଲ୍ ମାରବାର ଉଦେଶରେ ଅଁଟା ଭିଡ଼ିଥିଲା ବେଲେ ପରଶାସନ ଆର ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଭିନେ ଭିନେ ସଚେତନତା କାଯ୍‌କରମ କରୁଛନ୍। ହେଲେ ଦୁଖର କଥା ଅତାବିରା ସହର ଆର ଆସର ପାସର ଗାଁଗଁଡ଼ାମାନକେ ପଲିଥିନ୍ ବେଭାରଟା ବଁନ୍ଦ୍ ହେବାର ଜାଗାରେ ଦିନୁଦିନ୍‌କେ ବଢୁଥିବାର ଦେଖିବାକେ ମିଲୁଛେ। ବିଭାଗୀୟ ଅଧିକାରୀମାନେ କେତେବେଲେ କେନ୍‌ତା ଘାଏଅଧେ ଚଢ଼ଉ କରି ହାତ୍‌ବାଁଧି ବସିପଡୁଛନ୍। ଯେନ୍‌ଟା କି ବୁଧିଜୀବୀଙ୍କୁ ଆଶିରିୟ୍ କରୁଛେ। ପଲିଥିନ୍‌ର ବେଭାରକେ ବଁନ୍ଦ୍ କରବାର ଲାଗି ବେଭାରକାରୀ ଆର ବିକାଲିକର ଉପରେ କଡ଼ା ପଦକ୍ଷେପ ନେବାକେ ଦାବି ହେଉଛେ। ରାଏଜ ସରକାର ପରିବେଶ ପରଦୂଷନକେ ବଁନ୍ଦ୍ କରବାର ଲାଗି ପଲିଥିନ୍ ବେଭାର ଉପରେ କଟକନା ଜାରି କରିଛନ୍। ହେଲେ ପଲିଥିନ ବଁନ୍ଦ୍ ଘୋଷନା ହେବାର ଦିନାକେତେ ଉତାରୁ ଅତାବିରା ବ୍ଲକରେ ନିୟମଟା ପରହସନ ପାଲଟିଛେ। କାରନ୍ ଅଂଚଲର ଦୁକାନ ବଜାରମାନକେ ଗଦାଗଦା ପଲିଥିନ୍ ବେଭାର କରାଯାଉଥିବାର ଦେଖିବାକେ ମିଲୁଛେ। ପରିବା ଦୁକାନିନୁ ମୂଲ କରି କିରାନା ଦୁକାନ, ଜଲଖିଆ ଦୁକାନ, ମାଛମାଂସ ଦୁକାନ, ଏନ୍‌ତା କି ହାଟ୍ ହଟଲିମାନକେ ଯାହାକୁ ଯେତେ ଲୋକ୍ ପଲିଥିନ୍ ବେଭାର କରୁଥିବାର ଦେଖିବାକେ ମିଲୁଛେ। ଇ ଦିଗେ ପରଶାସନ

**ଅତାବିରା ବ୍ଲକ**

ଆଏଁଖିଦୁରୁଶିଆ ପଦକ୍ଷେପ ନାଇଁ ନେବାର ଲାଗି ବେଉସାୟୀମାନେ ଦୁକାନ ବଜାରମାନକେ ବେଧଡ଼କ ଖୁଲାଖୁଲି ପଲିଥିନ୍ ବେଭାର କରୁଛନ୍। ଖାଲି ଅତାବିରା ସହର ନୁହେ, ଆସର ପାସର ଗାଁଗଁଡ଼ାମାନକେ ବି ପଲିଥିନ୍‌ର ବଡ଼ଭାରି ବେଭାର ଦେଖିବାକେ ମିଲୁଛେ। ଅତାବିରା ସହରକେ ପିଲିଥିନ୍ ମୁକ୍‌ତ କରବାର ଲାଗି ପରଶାସନ କଡ଼ା ପଦକ୍ଷେପ ନେବାକେ ବୁଧିଜୀବୀ ମହଲରେ ଦାବି ହେଉଛେ।

# ଆଞ୍ଚଳିକ ସାଧନକେନ୍ଦ୍ରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**କନ୍ଧାପଙ୍କ, ୩୦।୧ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ମୁଣ୍ଡାପଡା ଆଞ୍ଚଳିକ ସାଧନକେନ୍ଦ୍ରର ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ୨ଦିନ ଧରି ଚାଲିଥିବା ଏହି ଉତ୍ସବରେ ୧୪ଟି ବିଦ୍ୟାଳୟର ପ୍ରାୟ ୧୫ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଦିବସରେ ଜିଲା ପରିଷଦ ସଭ୍ୟା ସସ୍ମିତା ମଲ୍ଲିକ ମୁଖ୍ୟଅତିଥି, ଏବିଇଓ ଅଚ୍ୟୁତାନନ୍ଦ ସାହୁ ମୁଖ୍ୟବକ୍ତା, ପ୍ରାକ୍ତନ ସିଆରସିସି ପର୍ଶୁରାମ ପ୍ରଧାନ, ଖଜୁରୀପଡା ସିଆରସିସି ଲବ କିଶୋର ପ୍ରଧାନ, ବୌଦ୍ଧ ଏନଏସି ସିଆରସିସି ସନ୍ତୋଷ କର୍ଣ୍ଣ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବିଇଓ ଧ୍ରୁବଚରଣ ଘିବେଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷକ ବୀରବିକ୍ରମ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ । କ୍ରୀଡାର ଉପକନିଷ୍ଠ ବିଭାଗରେ ସ୍ୱାଗତ ପ୍ରଧାନ, ଅନସୂୟା ଲହରିଆ, କନିଷ୍ଠ ବିଭାଗରେ ଆଶିଷ ବାଘ, ସାଗରିକା ନାଏକ, ବରିଷ୍ଠ ବିଭାଗରେ ସୁନୀଲ ନାଏକ, ରଞ୍ଜନା ବଗର୍ତ୍ତିଙ୍କୁ ଅତିଥିମାନେ ଚାମ୍ପିୟନ ଭାବେ ମାନପତ୍ର ଦେଇ ପୁରସ୍କୃତ କରିଥିଲେ । ଶେଷରେ ଶିକ୍ଷକ ବିଶ୍ୱଜିତ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଅମ୍ବରିଶ ପ୍ରଧାନ, ରଞ୍ଜିତ ରଞ୍ଜନ ଚାନ୍ଦ, ସୁଶୀଲ ପରିଡା, ବିକାଶ ଦୀପ, ବିଶ୍ୱଜିତ ପୁରୋହିତ ଖେଳ ପରିଚାଳନା କରିଥିଲେ। ମୁଣ୍ଡାପଡା ସିଆରସିସି ଶେଷଦେବ ପ୍ରଧାନଙ୍କ ନେତୃତ୍ୱରେ ୪୫ଜଣ ଶିକ୍ଷକ ସହଯୋଗ କରିଥିଲେ ।



ମୁଣ୍ଡାପଡା ଆଞ୍ଚଳିକ ସାଧନକେନ୍ଦ୍ରର ବାର୍ଷିକ କ୍ରୀଡା ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ରଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
9065013355, 9162431749
Bukaro malepur, jamui Bihar-811313

ଖର୍ଚ୍ଚ ରଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ୍ୟ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695 8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.– ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927 7787922501 9319932148
Email id- pmjansamridhi@gmail.com

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free 18001238914 9319817746 9650353144
Add. : T-51, Gali No. 8, Gautampuri, Delhi

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443 7077432760
AT/PO: Jambhirai, Baleswar, Odisha- 756024

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469 8395030162

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765 8512004851

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:–
B-19, Moti Bagh, New Delhi
7064382081 8658167603

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ fileodisha@gmail.com ରେ ପଠାଇ ପାରିବେ।
7991052261 7991052595
405 D, Gandhi Marg, Mumbai-02

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 15000ରୁ 45000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7250664722, 7718760748
Bukaro malepur, jamui Bihar-811313

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ ୬ ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

BALAJI FINANCE LTD.
(SINCE 1986) GOLD MEDALIST
ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ଶିକ୍ଷା, ଗୃହ ଋଣ ଆଦି ସବୁ ପ୍ରକାର ଋଣର ସୁବିଧା ନିଅନ୍ତୁ।
24 ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଯୋଗାଯୋଗ କରନ୍ତୁ
9458728306 9458728290
LIG36, HARIPURA, Haripura Ward, ITARSI Tehsil, ITARSI, Distt.- Hoshangabad (M.P.)-461115

ଧରିତ୍ରୀ DHARITRI
ସମ୍ବଲପୁର, ଗୁରୁବାର, ୩୧ ଜାନୁୟାରୀ, ୨୦୧୯



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ ।
- ହୋମର



## ସଂକ୍ଷେପରେ

### ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ

**ସୋହେଲା, ୩୦।୧(ଡି.ଏନ.ଏ);** ସୋହେଲା ବ୍ଲକ କନାପାଲି ଗ୍ରାମରେ ବିଜୁ ଯୁବ ବାହିନୀ ତରଫରୁ 'ମୁଁ ହିରୋ ମୁଁ ଓଡିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଯୁବନେତା ସୁବ୍ରତ ସିଂ ମୁଖ୍ୟଅତିଥି, ସୋହେଲା ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ଜିଲା ପରିଷଦ ସଦସ୍ୟ ସୁବ୍ରତ ବେହେରା, କନାପାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ରମାକାନ୍ତ ପଧାନ ଓ ବିଜୁ ଯୁବ ବାହିନୀର ସୋହେଲା ବ୍ଲକ ସଂଯୋଜକ ଜ୍ଞାନେନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଆହ୍ୱାନ ଦେଇଥିଲେ । ଖେଳାଳି ପ୍ରବୀଣ ଭୋଇ, ଶିକ୍ଷା କ୍ଷେତ୍ରରେ ବବଲି ସାହୁ ଓ ନିର୍ମଳା ବାରିକ, କରାଟେରେ ଶ୍ୟାମ ଭୋଇଙ୍କୁ ମୁଁ ହିରୋ ସମ୍ମାନରେ ପୁରସ୍କୃତ କରାଯାଇଥିଲା । ଉତ୍ତର କୁମାର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଆଇନ ସଚେତନତା ଶିବିର

**ବରଗଡ଼ ଅଫିସ୍,୩୦।୧:** ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ଏଡ଼ିଆର କେନ୍ଦ୍ର ସମ୍ମିଳନୀ କକ୍ଷରେ ତୃତୀୟ ବର୍ଗ ଶ୍ରେଣୀ ଲୋକଙ୍କ ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଚେତନତା ଶିବିରରେ ବରଗଡ଼ର ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ ସୁବାସ ଚନ୍ଦ୍ର ବିହାରୀ, ବରିଷ୍ଠ ଦେୱାନୀ ବିଚାରପତି ସୌମ୍ୟକ ପାତ୍ର, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୁବାଷ ଚନ୍ଦ୍ର ଧଳ ପ୍ରମୁଖ ଯୋଗଦେଇ ତୃତୀୟ ବର୍ଗ ଶ୍ରେଣୀ ଲୋକଙ୍କ ପାଇଁ ରହିଥିବା ଆଇନଗତ, ସାମ୍ବିଧାନିକ ଅଧିକାର ଉପରେ ଆଲୋକପାତ କରିଥିଲେ । ଏହା ସହିତ ଜିଲା ଆଇନ ସେବା ପ୍ରାଧିକରଣର କର୍ତ୍ତବ୍ୟ ଏବଂ ସାଧାରଣ ଗରିବ ଜନତା ସରକାରଙ୍କ ତରଫରୁ କିଭଳି ଆଇନ ସେବା ପାଇ ପାରିବେ, ତାହା ଉପରେ ଆଲୋକପାତ କରିଥିଲେ । ଶିବିରରେ ତୃତୀୟ ବର୍ଗର ଲୋକ, ପାରା ଲିଗାଲ ସ୍ୱେଚ୍ଛାସେବୀ ଏବଂ ସାଧାରଣ ଜନତା ଯୋଗ ଦେଇଥିଲେ ।

### ଡିଏସ୍ଏସ୍ଓଙ୍କ ପରିଦର୍ଶନ

**ବରଗଡ଼ ଅଫିସ୍,୩୦।୧:** ରାଜ୍ୟ ସଚିବାଳୟର ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗରେ କାର୍ଯ୍ୟରତ ଡିଏସଏସଓ ସନ୍ୟାସ ବେହେରା ବରଗଡ଼ ଜିଲା ଗସ୍ତରେ ଆସି ଫେରି ଯାଇଛନ୍ତି। ସେ ଜିଲାର ସୋହେଲା, ଜମୁର୍ଡ଼ା କୁଷ୍ଠାଶ୍ରମ, ଜନକେଡ଼ା ସ୍ୱତନ୍ତ୍ର ବିଦ୍ୟାଳୟ, ବରଗଡ଼ର ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟକୁ ଯାଇ ସେଠାକାର ଅନ୍ତେବାସୀଙ୍କୁ ଭେଟି ସେମାନଙ୍କ ସୁବିଧା, ଅସୁବିଧା ଉପରେ ପଚାରି ବୁଝିଥିଲେ । ସେହିପରି ଜିଲାରେ ଚାଲିଥିବା କାର୍ଯ୍ୟକ୍ରମ ଗୁଡ଼ିକର କିଭଳି ସଠିକ୍ ପରିଚାଳନା ହେବ ଏବଂ ଯୋଜନାର ସୁଫଳ ମିଳିପାରିବ, ସେ ନେଇ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ ।

### ନିଶା କାରବାର ବନ୍ଦ ଦାବି

**ବରଗଡ଼ ଅଫିସ୍,୩୦।୧:** ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ଼ ୧୮ ଓ ୧୯ ଭିଏସ୍ଏସ୍ ନଗରରେ ଦେଶୀ, ବିଦେଶୀ ମଦ ସାଙ୍ଗକୁ କୋରେକ୍ସ, ଗଞ୍ଜେଇ ଆଦି ନିଶା କାରବାର ଅବାଧରେ ଚାଲିଛି। ଏଭଳି ଅଭିଯୋଗ ନେଇ ସ୍ଥାନୀୟ ଜନ କଲ୍ୟାଣ ଯୁବକ ସଂଘ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଛି। ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ସଂଘର ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଜିଲାପାଳ ତପିରାମ ମାଝିଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଉକ୍ତ ୱାର୍ଡ଼ର ବିଭିନ୍ନ ଗଳିକନ୍ଦିରେ ମଦ, ଗଞ୍ଜେଇ, କୋରେକ୍ସ ଆଦି ବିକ୍ରି ହେଉଥିବା ଯୋଗୁ ପଡ଼ାରେ ତାର ଯଥେଷ୍ଟ କୁପ୍ରଭାବ ପଡୁଥିବା ପଡ଼ାବାସୀ କହିଛନ୍ତି । ଏଥିପାଇଁ ସ୍ଥାନୀୟ ଲୋକେ ଉଭୟ ଶାରୀରିକ, ମାନସିକ ନିର୍ଯାତନାର ସମ୍ମୁଖୀନ ହେଉଥିବା ସେମାନେ କହିଛନ୍ତି । ନିଶା କାରବାର ରୋକିବାକୁ ପୂର୍ବରୁ ପୋଲିସ, ଅବକାରୀ ବିଭାଗକୁ ଜଣାଇଥିଲେ । କିଛି ସୁଫଳ ନ ମିଳିବାରୁ ସଂଘର ପ୍ରତିନିଧିମାନେ ଏ ନେଇ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ସଂଘ ସମ୍ପାଦକ ସନ୍ତୋଷ କୁମାର ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସ୍ମାରକପତ୍ର ପ୍ରଦାନ କରିଥିଲେ ।

■ ନବରାତ୍ର ରାମଲୀଳା ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ରାମ ଗଲେ ବନବାସ

**ଭେଡ଼େନ, ୩୦।୧ (ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନର ନବରାତ୍ର ରାମଲୀଳା ମହୋତ୍ସବର ବୁଧବାର ଥିଲା ଚତୁର୍ଥ ସନ୍ଧ୍ୟା। ଏହି ସନ୍ଧ୍ୟାରେ ପୁରୁଣା ହାଟପଦା ସ୍ଥିତ ଅଯୋଧ୍ୟା ଦରବାରରେ ଦାସୀ ମନ୍ଥରାର କୁମନ୍ତ୍ରଣାରେ ମଧ୍ୟମା ରାଣୀ କୈକେୟୀ ରାଜା ଦଶରଥଙ୍କୁ ମାଗିଛନ୍ତି ଦୁଇଟି ବର। ପୂର୍ବ ପ୍ରତିଶ୍ରୁତି ରକ୍ଷା କରି ଅନିଚ୍ଛା ସତ୍ତ୍ୱେ ଦଶରଥ ପ୍ରଦାନ କରିଛନ୍ତି ଏହି ଦୁଇ ବର । ପିତୃସତ୍ୟ ପାଳନ କରି ଚଉଦ ବର୍ଷ ପାଇଁ ବନଗମନ କରିଛନ୍ତି ରାମ । ସାଙ୍ଗରେ ଅଛନ୍ତି ସ୍ତ୍ରୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ। ପୁତ୍ର ଶୋକରେ ଦଶରଥଙ୍କ ହୋଇଛି ଦେହାନ୍ତ । ଅନ୍ୟପକ୍ଷରେ ରାବଣ ଦରବାରରେ ରାବଣର ଅତ୍ୟାଚାର ଆଦି ଦୃଶ୍ୟ ଅଭିନୀତ ହୋଇଛି । ବୁଧବାର ସନ୍ଧ୍ୟାରେ ରାବଣ ଦରବାରରେ ଭେଡ଼େନ ଅତିରିକ୍ତ ତହସିଲଦାର ହରିଓମ୍ ଭୋଇ ରାଜଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଖବରଦାତା ନିର୍ମଳ କୁମାର ମେହେର, ଜ୍ୟୋତି ରଞ୍ଜନ ମହାପାତ୍ର, ବଳରାମ ସାହୁ, ସରୋଜ ରଥଙ୍କୁ ମହାରାଜା ଦଶାନନ ଉପଢ଼ୌକନ, ପୁଷ୍ପମାଲ୍ୟ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ପ୍ରତ୍ୟେକ ଦିନ ଲଙ୍କା ନଗରୀରେ ରାବଣ ରାଜତ୍ୱର ଖବରକୁ ଖବରକାଗଜରେ ପ୍ରାଧାନ୍ୟ ଦେଇ ପ୍ରକାଶ କରିବାକୁ ମହାରାଜ ଖବରଦାତାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସିଦ୍ଧେଶ୍ୱର ମହାଦେବ ମନ୍ଦିରରେ ଚାଲିଥିବା ଅଖଣ୍ଡ ଶ୍ରୀହରି ନାମଜପରେ ଭେଡ଼େନର ଧରିତ୍ରୀ, କଲ୍ୟାଣୀ, ଦଧିବାମନ ସଂକୀର୍ତ୍ତନ ଦଳ ସମେତ ଅନ୍ୟ ଗ୍ରାମର ସଂକୀର୍ତ୍ତନ୍ୟ ଦଳ ଭାଗନେଇ ହରିନାମ ଜପ କରୁଛନ୍ତି । ରାବଣ ଦରବାରରେ ବୁଧବାର ପୁରୀର ଗୋଟିପୁଅ ନୃତ୍ୟ ଏବଂ ଧନୁପାଲି ସମ୍ବଲପୁରର ବଏଁଶି ଚୋରୀ ନୃତ୍ୟ ପରିବେଷଣ ହୋଇଥିଲା ।



ରାମଲୀଳା ମହୋତ୍ସବରେ ରାମ, ଲକ୍ଷ୍ମଣ ଓ ସୀତାଙ୍କ ବନଗମନ ଦୃଶ୍ୟ ।

■ ବରିହାପାଲି ବସ୍ ଦୁର୍ଘଟଣା

# ପୋଲିସକୁ ଆକ୍ରମଣ ଅଭିଯୋଗରେ ୧୦ ଗିରଫ

**ପଦ୍ମପୁର, ୩୦।୧ (ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର-ସୋହେଲା ରାସ୍ତାର ବରିହାପାଲି ଛକରେ ଏକ ଘରୋଇ ବସ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାକୁ କେନ୍ଦ୍ର କରି ଅଞ୍ଚଳର ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ପଦ୍ମପୁର ପୋଲିସ ପହଞ୍ଚିବା ପରେ ଉତ୍ତ୍ୟକ୍ତ ଲୋକେ ପୋଲିସକୁ ଆକ୍ରମଣ କରିଥିଲେ। ଫଳରେ କେତେକ ପୋଲିସ କର୍ମଚାରୀ ଆହତ ହୋଇଥିଲେ । ପଦ୍ମପୁର ଥାନା ଏସଆଇ ସୌମ୍ୟରଞ୍ଜନ ପାତ୍ରଙ୍କ ଏତଲାକ୍ରମେ ଆକ୍ରମଣକାରୀଙ୍କ ବିରୁଦ୍ଧରେ ପଦ୍ମପୁର ପୋଲିସ ଏକ ମାମଲା (ନଂ. ୧୯/୧୯) ରୁଜୁ କରିଥିଲା। ଏଥିରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ୧୦ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ କନସିଂହା ଗ୍ରାମର ଆଶୀଷ କୁମାର ଭୋଇ, ଖୁଜେନ ଗ୍ରାମର ଉମାକାନ୍ତ ପଟେଲ, ଯଦୁ ବରିହା, ଦେବାର ବରିହା, ନୂଆପାଲି ଗ୍ରାମର ମନୋରଞ୍ଜନ ସାହୁ, ବରିହାପାଲି ଗ୍ରାମର ଅଲେଖ ପଟେଲ, କୁନୁ ପ୍ରଧାନ, ରାଜୀବ ପଟେଲ, ଚକାଖଲିଆ ଗ୍ରାମର ଗୁଲଥୁରାମ ପ୍ରଧାନ ଓ ଝାନ ଗ୍ରାମର ଦେବାର ବରିହା। ଏହି ଘଟଣାରେ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ବଢିବ ବୋଲି ଆଇଆଇସି କେ. ପ୍ରିୟଙ୍କା ରାଉତରାୟ ସୂଚନା ଦେଇଛନ୍ତି ।

■ ବିଜୁ କୃଷକ ଯୋଜନା

# କୃଷି ପାଇଁ ଗଭୀର ନଳକୂପ ଖନନ ଆରମ୍ଭ



ବରଗଡ଼ ବିଧାୟକ ଗଭୀର ନଳକୂପ ଖନନର ଶୁଭାରମ୍ଭ କରୁଛନ୍ତି ।

**ବରଗଡ଼ ଅଫିସ୍,୩୦।୧**

ବରଗଡ଼ ବ୍ଲକ ପଥର୍ଲାଠାରେ ମଙ୍ଗଳବାର କୃଷି ଓ କୃଷକଙ୍କ ବିକାଶ ପାଇଁ ରାଜ୍ୟ ସରକାରଙ୍କ ବିଜୁ କୃଷକ ଯୋଜନାରେ ୨୦୧୭-୧୮ ବର୍ଷ ପାଇଁ ଖୋଲା ହେବାକୁ ଥିବା ଗଭୀର ନଳକୂପ ଖନନ କାର୍ଯ୍ୟର ଶୁଭାରମ୍ଭ ହୋଇଛି । ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ ବରଗଡ଼ ବ୍ଲକର ବିଭିନ୍ନ ଗ୍ରାମରେ ୧୩୮୧ଟି ଗଭୀର ନଳକୂପ ଖନନ ହେବାକୁ ଥିବାବେଳେ ପଥର୍ଲାରେ ୧୧୪ଟି ଗଭୀର ନଳକୂପ ଖନନ କରାଯିବ ବୋଲି ବିଧାୟକ ଆଚାର୍ଯ୍ୟ ସୂଚନା ଦେଇଥିଲେ । ସ୍ଥାନୀୟ ସରପଞ୍ଚ ପୁରନ୍ଦର ସେଠ, ଜୟରାମ ସାହୁ, ପାଣ୍ଡବ ସାହୁ, ଉମାକାନ୍ତ ବାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ୧୧୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପସ୍ଥିତ ଥିଲେ ।

### ଭାରତମାତା ପୂଜନୋତ୍ସବ କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୩୦।୧**

ସଂସ୍କାର ଭାରତୀ, ବରଗଡ଼ ଶାଖା ତରଫରୁ ଭାରତମାତାର ପୂଜନୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସଭାପତି ଗଣେଶ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲା ସଂଯୋଜକ ଜୟନ୍ତ ମହାରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶର ସ୍ୱାଧୀନତା ଏବଂ ସମ୍ବିଧାନର ସୁରକ୍ଷା ନିମନ୍ତେ ସମସ୍ତ ନାଗରିକ ଉଦ୍ୟମ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ସମ୍ପାଦକ ଡଃ ରବିନାରାୟଣ ସାହୁ ପ୍ରାରମ୍ଭିକ ସୂଚନା ଏବଂ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଦାମୋଦର ସାହୁ, ଶିକ୍ଷକ ଅଶୋକ ପଶାୟତ, ଅରବିନ୍ଦ ଗୁପ୍ତା, ସୂର୍ଯ୍ୟକୁମାର ପଣ୍ଡା, କାହ୍ନୁଚରଣ ପୃଷ୍ଟି, ରାଧେଶ୍ୟାମ ଭେସ୍ରା, ପଞ୍ଚାନନ ବିର୍ତ୍ତିଆ, ସ୍ୱରୂପ ପଟ୍ଟନାୟକ, ସୁରଥ କୁଅଁର, ଟଙ୍କଧର ଭେସ୍ରା ପ୍ରମୁଖ ଭାରତମାତାଙ୍କୁ ଭକ୍ତି ସୁମନ ଅର୍ପଣ କରିଥିଲେ । ଶେଷରେ ପ୍ରାନ୍ତୀୟ ନାଟ୍ୟ ପ୍ରମୁଖ ପ୍ରଫୁଲ୍ଲ ବିର୍ତ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଅନୁଷ୍ଠିତ ଭାରତମାତାର ପୂଜନୋତ୍ସବରେ ଜିଲା ସଂଘ ଚାଳକ ଅମରେନ୍ଦ୍ର ନାରାୟଣ ଯାଦବ, ନଗର ସଂଘ ଚାଳକ ଡା. ଅର୍ଜୁନ ମେହେର ପ୍ରମୁଖ ଯୋଗ ଦେଇଥିଲେ । ନଗର କାର୍ଯ୍ୟବାହ ପ୍ରତାପ ପଟ୍ଟନାୟକ, ଆଲୋକ ଭାଇ ଉପସ୍ଥିତ ଥିଲେ। ଶିବ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଛୁରିଆପାଲି ହାଇସ୍କୁଲରେ ଆଇନ ସଚେତନତା ଶିବିର




ଆଇନ ସଚେତନତା ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ ।

**ସୋହେଲା,୩୦।୧(ଡି.ଏନ.ଏ)**

ସୋହେଲା ବ୍ଲକ ଅନ୍ତର୍ଗତ ଛୁରିଆପାଲି ହାଇସ୍କୁଲରେ ବୁଧବାର ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ନାଗରିକର ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ସେବା ସଂସ୍ଥା ଅଧ୍ୟକ୍ଷା ତଥା ସୋହେଲା ଜେଏମ୍ଏଫ୍ସି ଶାନ୍ତା ସାମଲ ଅଧ୍ୟକ୍ଷତା କରିଥିଲେ । ସେବା ସଂସ୍ଥା ସଦସ୍ୟ ଆଡଭୋକେଟ ପ୍ରମୋଦ ଚନ୍ଦ୍ର ସାହୁ ଶିବିରର ଉଦ୍ଦେଶ୍ୟ ଜ୍ଞାପନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାରତରେ ସମ୍ବିଧାନ ପ୍ରଣୟନ, ନାଗରିକର ସାମ୍ବିଧାନିକ ଅଧିକାର, ଦାୟିତ୍ୱ ଓ କର୍ତ୍ତବ୍ୟ ତଥା ଶିକ୍ଷା ଅଧିକାର ଉପରେ ଆଡଭୋକେଟ ମିର୍ଜା ଆକବର ବେଗ, ଆଡଭୋକେଟ ପ୍ରମୋଦ ଚନ୍ଦ୍ର ସାହୁ ଓ ଆଡଭୋକେଟ ମନୋଜ କୁମାର ମହାପାତ୍ର ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ । ସମାଜକୁ ଶୃଙ୍ଖଳିତ କରିବା ପାଇଁ ଆଇନର ଆବଶ୍ୟକତା, ନାଗରିକର ମୌଳିକ ଅଧିକାର ଓ କର୍ତ୍ତବ୍ୟ, ଛାତ୍ରଛାତ୍ରୀଙ୍କ କର୍ତ୍ତବ୍ୟ, ତାଲୁକ ଆଇନ ସେବା ସଂସ୍ଥାର ଆଭିମୁଖ୍ୟ ଉପରେ ସଂସ୍ଥାର ଅଧ୍ୟକ୍ଷା ସାମଲ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଉଦାହରଣ ଦେଇ ସଚେତନ କରିଥିଲେ । ଶେଷରେ ହାଇସ୍କୁଲର ପ୍ରଧାନ ଶିକ୍ଷକ ଟଙ୍କଧର ଚୌହାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷକ ତଥା କର୍ମଚାରୀମାନେ ଯୋଗ ଦେଇଥିଲେ ।

### ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ

**ସୋହେଲା, ୩୦।୧(ଡି.ଏନ.ଏ)**

ବରଗଡ ଜିଲା ସୋହେଲା ଡିଗ୍ରୀ କଲେଜର ବାର୍ଷିକ କ୍ରୀଡା ଉତ୍ସବ ବୁଧବାର କଲେଜ ଖେଳ ପଡିଆରେ ଅନୁଷ୍ଠିତ ହୋଇଥିଲା । ଏହାକୁ କଲେଜ ଅଧକ୍ଷ ଡକ୍ଟର ପ୍ରମୋଦ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ । ଅଧ୍ୟକ୍ଷ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସୋହେଲା ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା ମୁଖ୍ୟଅତିଥି, ଉପକାରାଗାର ଭାରପ୍ରାପ୍ତ ଅଧୀକ୍ଷକ ଗଗନ ବିହାରୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ପ୍ରେମଚାନ୍ଦ ଦୁଆନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ଶଶୀକାନ୍ତ ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ ଏବଂ ଅଧ୍ୟାପକ ଡକ୍ଟର ଭରତ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବାଳକ ବର୍ଗରେ ଚାମ୍ପିୟନ ଯୁକ୍ତ ତିନି ଅନ୍ତିମ ବର୍ଷ କଳା ଛାତ୍ର ସିତୁ ପଧାନ ଓ ବାଳିକା ବର୍ଗରେ ଚାମ୍ପିୟନ ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀ ପିଙ୍କି ନାୟକଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଜିଲା ସ୍ତରରେ ଅନୁଷ୍ଠିତ ଖେଳ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଅନୀତା ଭୋଇ, ପିଙ୍କି ନାୟକ, ସିତୁ ପଧାନ, ଆଦିଲ ଖାନ, ରାଜେଶ ମେହେର, ଅଶୋକ ମୁଣ୍ଡଚୁଳିଆ ଓ ଗୁରୁଦେବ ସେଠଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା । ମହାଦେବ ସୁନା, ଅଧ୍ୟାପକ ବିନୟ ପାଣିଗ୍ରାହୀ, ଗୋପାଳ ମିଶ୍ର, ଶରତ ନାୟକ, ନେତ୍ରମଣି ପଧାନ, ଅନୀଲ ନାୟକ, ପ୍ରଦୀପ ବିଶ୍ୱାଳ ଓ ରାଜେଶ ସାହୁ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

# ଧାନ କିଣା ନ ଗଲେ ଆନ୍ଦୋଳନ

**ବରଗଡ଼ ଅଫିସ୍,୩୦।୧**

ବରଗଡ଼ ଜିଲାରେ ଚଳିତ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ଖୋଲିଥିବା ବିଭିନ୍ନ ମଣ୍ଡିକୁ ବନ୍ଦ କରି ଦିଆଯାଇଛି । ଏହାକୁ ନେଇ ଚାଷୀମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ବୁଧବାର ପଦ୍ମପୁର ଉପଖଣ୍ଡ ବୁଡ଼ାମାଲ ଓ କଂସର ପଞ୍ଚାୟତର ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସେ ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସେମାନଙ୍କ ପଞ୍ଚାୟତର ଅନେକ ଚାଷୀଙ୍କ ପାଖରେ ବିକ୍ରି ପାଇଁ ବହୁ ପରିମାଣରେ ଧାନ ରହିଥିବାବେଳେ ତାହା ବିକ୍ରି ନ ହେଉଣୁ ମଣ୍ଡିକୁ ବନ୍ଦ କରି ଦିଆଯାଇଥିବା ଅଭିଯୋଗ ହୋଇଛି । ଫଳରେ ଚାଷୀମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ସେମାନେ କହିଛନ୍ତି । ତୁରନ୍ତ ମଣ୍ଡି ଖୋଲାଯାଇ ଚାଷୀଙ୍କ ଧାନକୁ କିଣା ନ ଗଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟହେବେ ବୋଲି ସ୍ମାରକପତ୍ରରେ ଚେତାବନୀ ଦେଇଛନ୍ତି । ଜୟହିନ୍ଦ୍ କୃଷକ ସଂଘର ଚାଷୀମାନେ ଜିଲାପାଳ ଅଫିସ ଆସି ସ୍ମାରକପତ୍ର ପ୍ରଦାନ କରିଥିଲେ । ସେହିପରି ବରିକେଲ ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ରହିଥିବା ଗ୍ରାମ ଗୁଡ଼ିକର ଚାଷୀମାନେ ଜିଲାପାଳ ଅଫିସ ଆସି ଫେବୃୟାରୀ ୧୦ତାରିଖ ପର୍ଯ୍ୟନ୍ତ ମଣ୍ଡି ଖୋଲାଯାଇ ଧାନବିକ୍ରିର ସୁଯୋଗ ଦେବା ପାଇଁ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଝସକେତନ ବରିହା, ଅମୂଲ୍ୟ କୁମାର ମହାନ୍ତି ପ୍ରମୁଖ ସ୍ମାରକପତ୍ର ଦେବା ପାଇଁ ଜିଲାପାଳ ଅଫିସକୁ ଆସିଥିଲେ ।

**ପଦ୍ମପୁର ଉପଖଣ୍ଡ**



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀମାନେ ।

## ଫଟୋରେ ଖବର






ଉତ୍ତରପ୍ରଦେଶରେ ଆୟୋଜିତ ଅଖିଳ ଭାରତୀୟ ଆର୍ଯ୍ୟ ମହୋତ୍ସବରେ ବରଗଡ଼ ଜିଲା ପଦ୍ମପୁର ଗୁରୁକୁଳ ନବପ୍ରଭାତ ଆଶ୍ରମର ଛାତ୍ରୀମାନେ ନାଟକ ପରିବେଷଣ କରି ପୁରସ୍କୃତ ହୋଇଛନ୍ତି (ବାମ) । ପଦ୍ମପୁରକୁ ଜିଲା ଘୋଷଣା ଦାବିରେ ଧାରଣା ଜାରି ରହିଛି ।



ପରିବର୍ତ୍ତନ ସହିତ ଯିଏ ନିଜକୁ ଖାପ ଖୁଆଇ ନ ପାରେ ସେ ନିଜ ପ୍ରଗତିର ଦ୍ୱାର ରୁଦ୍ଧ କରିଦିଏ।
- ଚାର୍ଲସ ଲିଣ୍ଡବର୍ଗ



## ସଂକ୍ଷେପରେ

### ବାର୍ହା ମାଂସ ସହ ୨ ଶିକାରୀ ଗିରଫ

**ବଲାଙ୍ଗୀର ଅଫିସ, ୩୦।୧:** ବଲାଙ୍ଗୀର ମଠଖାଇ ସଂରକ୍ଷିତ ଜଙ୍ଗଲରେ ବନବିଭାଗର ଚଢ଼ାଉ ବେଳେ ବାର୍ହା ମାଂସ ସହ ୨ ଶିକାରୀ ଗିରଫ ହୋଇଛନ୍ତି। ସେମାନେ ହେଲେ ଖର୍ଲିକାନୀ ଗାଁର ନନ୍ଦକିଶୋର କୁଅଁର (୬୦) ଓ ମନୋଜ ତୁମନିଆ (୩୮)। ବାର୍ହା ଶିକାର ନେଇ ବନ ବିଭାଗକୁ ଖବର ମିଳିଥିଲା। ଏନେଇ ବନବିଭାଗର ଏକ ସ୍ପେଶାଲ ଟିମ୍ ମଙ୍ଗଳବାର ରାତିରେ ମଠଖାଇ ଜଙ୍ଗଲରେ ଚଢ଼ାଉ କରିଥିଲା। ଚଢାଉ ବେଳେ କର୍ମଚାରୀମାନେ ବାର୍ହା ମାଂସ ରାନ୍ଧୁଥିବା ଅବସ୍ଥାରେ ୨ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ସେମାନଙ୍କ ଠାରୁ ପ୍ରାୟ ୫ କେଜି ବାର୍ହା ମାଂସ ଓ ଏକ ଟଙ୍ଗିଆ ଜବତ କରାଯାଇଛି। ଏନେଇ ବଲାଙ୍ଗୀର ରେଞ୍ଜ ଅଫିସରେ ଏକ ମାମଲା(ନଂ.୨୨୦/୧୮-୧୯) ରୁଜୁ ହୋଇଛି। ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ରେଞ୍ଜ ଅଫିସର ବିଜୟ ଖୁଣ୍ଟିଆ ସୂଚନା ଦେଇଛନ୍ତି।

### ଟାଉନ୍ ପୋଲିସର ଚଢ଼ାଉ: ଜଣେ ଗଞ୍ଜେଇ ବେପାରୀ ଗିରଫ, ୬ ଅଟକ

**ବଲାଙ୍ଗୀର ଅଫିସ, ୩୦।୧:** ସୋମବାର ରାତିରେ ୩ ଜଣ ନିଶାସକ୍ତ ଯୁବକ ଏକ ନିର୍ଦ୍ଦିଷ୍ଟ ଖବରକାଗଜର ପ୍ରସାଦ ନିର୍ବାହୀ ପ୍ରତାପ ଚନ୍ଦ୍ର ମହାପାତ୍ରଙ୍କୁ ଛୁରୀ ଭୁସି ହତ୍ୟା କରିବା ଘଟଣାକୁ ନେଇ ବଲାଙ୍ଗୀର ସହରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସହରରେ ଅବାଧ ନିଶା କାରବାର ବୃଦ୍ଧି ପାଇଥିବା ବିଭିନ୍ନ ମହଲରୁ ଅଭିଯୋଗ ହେବାପରେ ଟାଉନ୍ ପୋଲିସ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ବୁଧବାର ଗାନ୍ଧୀନଗରପଡ଼ାରେ ପାନ ଦୋକାନ କରି ଗଞ୍ଜେଇ ବେପାର କରୁଥିବା ଜଣକୁ ପୋଲିସ ଗିରଫ କରିଛି। ଗିରଫ ଜଣକ ହେଲେ ବିଭୂତିପଡାର ଗୋପାଳ ବେହେରା। ପାନ ଦୋକାନରୁ ୧ କେଜି ୨୪୭ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଟାଉନ୍ ଥାନା ଅଧିକାରୀ ଗୋକୁଳାନନ୍ଦ ସାହୁଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନେରେ ଚଢ଼ାଉ ଜାରି ରହିଛି। ମଙ୍ଗଳବାର ସହର ବିଭିନ୍ନ ନିଶା ଆଡ୍ଡାଗୁଡିକୁ ଚଢ଼ାଉ କରାଯାଇଥିଲା। ତେବେ ନିଶା ବେପାରୀମାନଙ୍କୁ ପୋଲିସ କାବୁ କରିବାରେ ସଫଳ ହୋଇ ନ ଥିବାବେଳେ ୬ ଜଣ ନିଶାଖୋରଙ୍କୁ ଧରି ପଚରାଉଚରା ଜାରି ରଖିଛି। ସହରରେ ସମ୍ପୂର୍ଣ୍ଣ ନିଶା କାରବାର ବନ୍ଦ କରିବା ସହ ନିଶା ବିପାରୀଙ୍କୁ କାବୁ କରିବା ପାଇଁ ଏସ୍‌ପି ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରିଛନ୍ତି।

### ଖବରକାଗଜ କର୍ମଚାରୀଙ୍କୁ ହତ୍ୟାକୁ ନିନ୍ଦା

**ବଲାଙ୍ଗୀର ଅଫିସ, ୩୦।୧:** ଖବରକାଗଜ କର୍ମଚାରୀ ପ୍ରତାପ ମହାପାତ୍ର ହତ୍ୟା ଘଟଣାକୁ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ସଂଘ ସଭାପତି ହରିନାରାୟଣ ପୂଜାରୀଙ୍କ ଅଧକ୍ଷତାରେ ସ୍ୱର୍ଗତ ମହାପାତ୍ରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ନିଶା ବେପାରୀ ଓ ନିଶାଖୋରକୁ ଦମନ କରିବା ଦିଗରେ ପୋଲିସର ବିଫଳତାକୁ ନେଇ ନିନ୍ଦା କରାଯାଇଥିଲା। ସଭାରେ ସଭାପତି ପୂଜାରୀ, ବୀରେନ୍ଦ୍ର କୁମାର ଝାଙ୍କର, ଚନ୍ଦ୍ରଭାନୁ ମୌଲାନା, ଚିତ୍ତରଞ୍ଜନ ମିଶ୍ର, ବଳରାମ ମିଶ୍ର, ସତ୍ୟସୁନ୍ଦର ଭଞ୍ଜ, ପାର୍ଥ ମହାପାତ୍ରଙ୍କ ସହ ଅନ୍ୟମାନେ ବକ୍ତବ୍ୟ ରଖିଥିଲେ।

ଷ୍ଟାଫ ନର୍ସ, ଏଏନ୍‌ଏମ ଚୟନରେ ଅନିୟମିତତା ଅଭିଯୋଗ

# ଜିଲାପାଳଙ୍କ କାର୍ଯ୍ୟାଳୟରେ ଆବେଦନକାରୀଙ୍କ ଧାରଣା

ସୋନପୁର,୩୦।୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଷ୍ଟାଫ ନର୍ସ ଏବଂ ଏଏନ୍‌ଏମ ଚୟନରେ ଅନିୟମିତତା ହୋଇଥିବା ନେଇ ଆବେଦନକାରୀମାନେ ବୁଧବାର ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଜିଲାରେ ୧୪ଟି ଏଏନ୍‌ଏମ୍ ପଦବୀ ପାଇଁ ଅନେକ ଆଶାୟୀ ଆବେଦନ କରିଥିବା ବେଳେ ଗତ ୨୬ ତାରିଖରେ ପ୍ରକାଶିତ ମେରିଟ୍ ଲିଷ୍ଟ କମ୍ ସିବିଏସ୍‌ଟି ଟେଷ୍ଟ ପାଇଁ ୧୪ ଜଣଙ୍କ ନାମ ପ୍ରକାଶ ପାଇଥିବା ଆବେଦନକାରୀ ଅଭିଯୋଗ କରିଛନ୍ତି । ଅନ୍ୟ ଜିଲାରେ ପଦ ଅନୁସାରେ ୩ରୁ ୪ଗୁଣ ଅଧିକ ଆବେଦନକାରୀଙ୍କୁ ମେରିଟ୍ ଲିଷ୍ଟରେ ଡକା ଯାଉଥିବା ବେଳେ ଏଠାରେ ତାର ବ୍ୟତିକ୍ରମ ହୋଇଥିବା ଅଭିଯୋଗ ହୋଇଛି। ସେହିପରି ୨୭ଟି ଷ୍ଟାଫ ନର୍ସ ପଦବୀ ପାଇଁ ଅନେକ ଆଶାୟୀ ଆବେଦନ କରିଥିବା ବେଳେ ଗତ ୨୬ ତାରିଖ ପ୍ରକାଶିତ ମେରିଟ୍ ଲିଷ୍ଟ କମ୍ ସିବିଏସଟି ଟେଷ୍ଟ ପାଇଁ କେବଳ ଜିଲାର ୨୭ ଜଣଙ୍କ ନାମ ପ୍ରକାଶ ପାଇଛି । ଅନ୍ୟପକ୍ଷେ ଷ୍ଟାଫ ନର୍ସରେ କେବଳ ବିଜ୍ଞାନ ବିଷୟ ଥିବା ପ୍ରାର୍ଥୀଙ୍କୁ ଚୟନ କରାଯାଉଥିବା ଅଭିଯୋଗ କରି ନୂତନ ବିଜ୍ଞାପନ ପ୍ରକାଶ କରିବାକୁ ସୁଚିସ୍ମିତା ଶତପଥୀ, ନିବେଦିତା ପ୍ରଧାନ, ସନ୍ତୋଷିନୀ ସାହୁ, ସୁପ୍ରିୟା ହାତୀ, ପଦ୍ମିନୀ ବିଭାର, ବବିତା ନାଏକ, ପ୍ରିୟଙ୍କା କୁମ୍ଭାର, ଶ୍ରୀମତୀ ଭୋଇନା, ସୁବର୍ଣ୍ଣ ସାଲିମା, ମଞ୍ଜୁଲତା ବୁଡେକ, ବନିତା କର୍ମୀ, ସୁରୁଚି ପ୍ରଧାନ, ସସ୍ମିତା ବାଦି, ବିନୋଦିନୀ ଗୁରୁ, ସୁନନ୍ଦା ପାଢୀ, ରେଣୁକା ମହାକୁଡ, ସୋନାଲିକା ପୂଜାରୀ, ସେବତୀ ବାଘ ପ୍ରମୁଖ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ପ୍ରାକ୍ତନ ଜିଲା ପରିଷଦ ଅଧକ୍ଷ ଆନନ୍ଦ ବାରିକ ଓ ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଆବେଦନକାରୀମାନେ ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ।



ଆବେଦନକାରୀମାନେ ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

## ଖଟିରେ ଖଟିରେ...

### ସବୁ ବନ୍ଧା ହେବ

ଆରେ ହେଇ ମୁଁ ଶୁଣୁଛି କୁଆଡେ, ଏଥର ରାତିଯାକ ତୁମ ଉପର ମହଲା କୋଠରି ଖୋଲା ରହିବ। ଆଉ ତୁମମାନଙ୍କ କେଇଜଣ ହେଭିଓ୍ୱେଟ୍ ଭାଇ କୁଆଡେ ଏଥର ସେଇଠି ଯାଇ ଶୋଇବେ। ଆମ ରମାଦେବୀ କଲେଜ ସାମ୍ନାର ଚା ଖଟିରେ ଜଣେ ଗେରୁଆ ଦଳର ଭାଇ ଏମନ୍ତ ଢଙ୍ଗରେ ଶଙ୍ଖ ଦଳର ଜଣେ ମହାଶୟଙ୍କୁ ଇଙ୍ଗିତ କରୁଥାଆନ୍ତି। ଆଉ କହୁଥାଆନ୍ତି, ହଁ ମ, ଏଥିରେ ଖରାପ କ'ଣ ? ଇଲେକ୍ସନ ପାଖଟା, ଏବେ ଲୋକେ ଶୁଆଇ ଦେଇ ନ ଥାଆନ୍ତେ, ଯଦି ଏତେ ଭଲ ସୁବିଧା ମିଳୁଛି ତେବେ ଖରାପଟା କ'ଣ। ଗେରୁଆ ବାବୁଙ୍କ ଏଇ କେଇପଦ କଥା ଶୁଣି ଶଙ୍ଖ ମହାଶୟ ରକ୍ତ ଚାଉଳ ଚୋବାଇବା ଭଳି ଦାନ୍ତ କଟମଟ କରୁଥାଆନ୍ତି। ଆଉ ରାଗି କହିଲେ, ଆମ ଭାଇମାନେ ସିନା ରକ୍ଷା ପାଇବାକୁ ଉପର ମହଲା ପଳାଇବେ। ହେଲେ ତୁମ ଗେରୁଆ ଭ୍ରାତାମାନେ କୋଉଠି ଶୋଇବେ ହୋ ? ଜମା ଉତ୍ତର ନାହିଁ, ଆଗକୁ ଏମିତି ହବ ଯେ, ଗୋଟେ ପରେ ଗୋଟେ ସବୁ ବନ୍ଧା ହେବ। ତୁମେ ଯେତେ ଖେଳ କଲେ ବି ଏଥର ଶଙ୍ଖ ବାଜିବା ନିଶ୍ଚିତ।

### ବାଃ ବାଃରେ ରାଜନୀତି

ପାପୁଲି ଦଳର ହାଇକମାଣ୍ଡ ଓଡ଼ିଶା ବୁଲିଯିବା ପରେ କର୍ମୀ ଉତ୍ସାହିତ ଜଣାପଡୁଛନ୍ତି। ହେଲେ ସେହି ଉତ୍ସାହ କେତେ ଆସନ ଜିତାଇବ, ତାହା ଜଣା ପଡ଼ିନାହିଁ। ଏହିକଥା ବର୍ତ୍ତମାନ ଖଟିରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି। ମାଷ୍ଟରକ୍ୟାଣ୍ଟିନ ଚା ଖଟିରେ ରବିବାର ଏହି ସମ୍ପର୍କରେ ଆଲୋଚନା ଚାଲିଥାଏ। ଯାଜପୁରର ଜଣେ ବରିଷ୍ଠ କର୍ମୀ କହିଲେ, ଏଥର ୮୦ ଆସନ ସୁନିଶ୍ଚିତ। ଏକଥା ଶୁଣି ଅନ୍ୟ ସଦସ୍ୟଙ୍କ ହଜମ ହେଲା ନାହିଁ। ସେ ଛିଗୁଲେଇ ଯାଜପୁର ବ୍ୟକ୍ତିଙ୍କୁ କହିଲେ, ହାଇକମାଣ୍ଡ ପରା ଦେଶର ମୁଖିଆ ହେବେ। ତେଣୁ ତାଙ୍କର ଲୋକ ସଭା ଆସନ ଦରକାର। ଗଲା ଥରକ ତ ଖମ୍ବଆଳୁ ପାଇଥିଲେ, ଏଥର କେତେ ସେ କଥା କୁହ। ଏକଥା ଶୁଣି ଯାଜପୁର ବ୍ୟକ୍ତିଙ୍କ ମୁଣ୍ଡ ଗିଣ। ସେ କହିଲେ, କାହିଁ ଆମକୁ ତ ସେ କଥା କୁହାଯାଇନି। ୮୦ ବିଧାୟକ ଜିତିଲେ ପାପୁଲି ରାଇଜ ମୁଖିଆ ରାଇଜ ମୁଖ୍ୟ ହେବେ। ଲୋକ ସଭାରୁ କ'ଣ ମିଳିବ। ଏକଥା ଶୁଣି ଅନ୍ୟ ବ୍ୟକ୍ତିଜଣକ କହିଲେ, ତା ମାନେ ପ୍ରଚାର କରିବେ ହାଇକମାଣ୍ଡ, ଫଳ ପାଇବେ ଖଣି ମାନ୍ୟବର। ବାଃ ବାଃରେ ରାଜନୀତି।

## ଅଲ୍ ଓଡ଼ିଶା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଗୁଡ଼ଭେଲା,୩୦।୧ (ଡି.ଏନ୍.ଏ.)

ତୁଷୁରାସ୍ଥିତ ହାଇସ୍କୁଲ ଖେଳ ପଡ଼ିଆରେ ଅଲ୍ ଓଡ଼ିଶା କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ଖେଳାଳି ରାଜା ଭାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନରେ ଟିଟିଲାଗଡ଼ ଏବଂ ଆଠଗାଁ ଦଳ ମଧ୍ୟରେ ଖେଳ ହୋଇଥିଲା । ୧୦ ଓଭର ବିଶିଷ୍ଟ ଖେଳରେ ଟିଟିଲାଗଡ଼ ଟସ ଜିତି ବ୍ୟାଟିଂ କରି ୩ ଉଇକେଟ ହରାଇ ୧୬୮ ରନ୍ ସଂଗ୍ରହ କରିଥିଲା। ଜବାବରେ ଆଠଗାଁ ଦଳ ୧୦ ଓଭରରେ ୭ଟି ଉଇକେଟ ହରାଇ ୭୯ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। କ୍ରୀଡ଼ାବିତ ଦିନଦୟାଲ କେଡିଆ, ସୁରେଶ ସାହୁ, ମନୋଜ ଜୈନ, ରାଜୁ ମହାନନ୍ଦ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରାଜା ବଗର୍ତ୍ତି ଓ ପିପୁ ମାଝି ପରିଚାଳନା କରିଥିଲେ।


ଅଲ୍ ଓଡ଼ିଶା କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

## ଆମରଣ ଅନଶନକୁ ସ୍ଥଗିତ ରଖିଲେ ଜିଲା ପରିଷଦ ସଭ୍ୟା

ସୋନପୁର,୩୦।୧(ନି.ପ୍ର.)

ଜିଲା ପ୍ରଶାସନ ନିକଟରୁ ପ୍ରତିଶ୍ରୁତି ପାଇବାପରେ ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀ ତାଙ୍କ ପ୍ରସ୍ତାବିତ ଆମରଣ ଅନଶନ ସ୍ଥଗିତ ରଖିଛନ୍ତି। ଜିଲା ପରିଷଦ ସଭ୍ୟା ପାଣିଗ୍ରାହୀ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଫେବୃୟାରୀ ୧ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଥିଲେ । ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଲପଦର ଓ ଦୁର୍ଜନତୈଲା ପଞ୍ଚାୟତର ଶତାଧିକ ଓରାଓଁ(ଏସ୍‌ଟି) ପରିବାର ଜାତିଗତ ପ୍ରମାଣପତ୍ର ନ ପାଇ ହଇରାଣ ହେଉଛନ୍ତି । ପ୍ରଶାସନ ସେମାନଙ୍କୁ ଜାତିଗତ ପ୍ରମାଣପତ୍ର ପ୍ରଦାନ କରୁ ନ ଥିବାରୁ ପରିବାରର ପିଲାମାନେ ପାଠ ପଢାରୁ ବଞ୍ଚିତ ହୋଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି । ଅନ୍ୟପକ୍ଷେ ୨୦୧୮ରେ ପ୍ରବଳ ବର୍ଷାରେ ବହୁ ଗରିବଙ୍କ କୁଡିଆ ଘର ଭାଙ୍ଗିଥିଲା। ବର୍ତ୍ତମାନ ସୁଦ୍ଧା କ୍ଷତିଗ୍ରସ୍ତଙ୍କୁ ସହାୟତା ମିଳି ନ ଥିବା ଅଭିଯୋଗ କରି ଜିଲା ପରିଷଦ ସଭ୍ୟା ପାଣିଗ୍ରାହୀ ଆନ୍ଦୋଳନ ଚେତାବନୀ ଦେଇଥିଲେ । ବୁଧବାର ପିଡି ଡିଆର୍‌ଡିଏ ସୂର୍ଯ୍ୟନାରାୟଣ ଦାଶ ଜିଲା ପରିଷଦ ସଭ୍ୟା ପାଣିଗ୍ରାହୀଙ୍କ ସହିତ ଆଲୋଚନା କରିଥିଲେ । ଦାବିଗୁଡିକ ପୂରଣ ଦିଗରେ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବ ବୋଲି ପ୍ରତିଶ୍ରୁତି ଦେବା ପରେ ପାଣିଗ୍ରାହୀ ଆନ୍ଦୋଳନକୁ ସ୍ଥଗିତ ରଖିଛନ୍ତି।

## କୁଞ୍ଜାପାଳି ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ


କୁଞ୍ଜାପାଳି ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ଅମରପାଲି, ୩୦।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧୀନ ଦୁର୍ଜନତୈଲା ପଞ୍ଚାୟତ କୁଞ୍ଜାପାଳି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସୁବର୍ଣ୍ଣପୁର ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ ବକ୍ତବ୍ୟରେ ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ ଜୀବନଯାପନ କରିବାକୁ ପରାମର୍ଶ ଦେଇଥିଲେ । ସ୍କୁଲର ବିଭିନ୍ନ ସମସ୍ୟା ସହିତ ନବମ ଓ ଦଶମ ଶ୍ରେଣୀ ଖୋଲିବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବେ ବୋଲି ସେ କହିଥିଲେ । ତରଭା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶରତ ଚନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ କଠିନ ପରିଶ୍ରମ କରି ସଫଳତା ହାସଲ କରିବାକୁ କହିଥିଲେ । ସଫଳତା ପାଇବା ପାଇଁ କୌଣସି ସର୍ଟକର୍ଟ ଉପାୟ ନ ଥିବା କହିଥିଲେ। କଠିନ ପରିଶ୍ରମ ଲକ୍ଷ୍ୟ ସ୍ଥଳକୁ ପହଞ୍ଚାଇଥାଏ ବୋଲି ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଦୁର୍ଜନତୈଲା ସରପଞ୍ଚ ରଞ୍ଜିତ ଖେତୀ, ବୀରମହାରାଜପୁର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗତ ଜୀବନ ବଗର୍ତ୍ତି, ସୋନପୁର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଉତ୍ତମ ମୁର୍ମୁ, ଦୁର୍ଜନ ତୈଲା କ୍ଲଷ୍ଟର ଆଞ୍ଚଳିକ ସାଧନାକେନ୍ଦ୍ର ସଂଯୋଜକ ଅରୁଣ କୁମାର ରାଏ, ସ୍କୁଲ ପରିଚାଳନା କମିଟି ଅଧକ୍ଷ ସନ୍ତୋଷ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ସଭା ପ୍ରାରମ୍ଭରେ ସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ଶିକ୍ଷକ ଗିରିଧାରୀ ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ ଶେଖର ପଣ୍ଡା ବିବରଣୀ ପାଠ କରିଥିବାବେଳେ ଛାତ୍ରୀ ସୋନିଓ ପଡୁଆର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ମାନସ ରଞ୍ଜନ କଲେତ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୁରୁଷୋତ୍ତମ ମେଣ୍ଡିଲି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ଗାଛା ପଡୁଆର, ଯାଜ୍ଞସିନୀ ମୁଣ୍ଡା, କବିତା ମୁଣ୍ଡା, ମୋହନ ମୁଣ୍ଡା, ଦୀପାଞ୍ଜଳି କୁଅଁର, ବିକ୍ରମ ତାଣ୍ଡିଆ, ପ୍ରେମିତା ଟେଟେ, ବନିତା ମୁଣ୍ଡା, ସିଦ୍ଧାନ୍ତ ମିର୍ଦ୍ଧା, ସୋନିଓ ପଡୁଆରଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଲିଲାବତୀ ପଧାନ, ନନ୍ଦକିଶୋର ଦାଶ, ସ୍ୱପ୍ନ ସାଗର ତାଣ୍ଡି, ରଞ୍ଜିତା ସେଠୀ, ଆରତୀ ଦେହେରି ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ଉପସ୍ଥିତ ଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଲାଠୋର,୩୦।୧(ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋରଠାରେ ବୁଧବାର ସନ୍ଧ୍ୟାରେ ସଦାନନ୍ଦ ବେହେରାଙ୍କ ଅଧକ୍ଷତାରେ ଗଣମାଧ୍ୟମ କର୍ମଚାରୀଙ୍କୁ ହତ୍ୟା ପ୍ରତିବାଦରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଭୁବନେଶ୍ୱର ବାରିକ, କପିଳ ସୁନା, ପ୍ରକାଶ ଚନ୍ଦ୍ର ବେହେରା, ରମେଶ ଚନ୍ଦ୍ର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗଣମାଧ୍ୟମ କର୍ମଚାରୀ ସ୍ୱର୍ଗତ ପ୍ରତାପ ଚନ୍ଦ୍ର ମହାପାତ୍ରଙ୍କ ବିୟୋଗରେ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟପକ୍ଷେ ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା।

## ଶ୍ରୀହରି ବିଦ୍ୟାଳୟ ସମୂହର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ତରଭା ୩୦।୧(ଡି.ଏନ୍.ଏ.)

ତରଭାସ୍ଥିତ ଶ୍ରୀହରି ବିଦ୍ୟାଳୟ ସମୂହର ଅଷ୍ଟମ ବାର୍ଷିକ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଡ. ରାଜେଶ କୁମାର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ ନଗର ଉନ୍ନୟନ ଓ ଜଳ ସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଡିଓ ନୀହାର ରଞ୍ଜନ କହଁର, ଅନୁଷ୍ଠାନର ଅଧକ୍ଷା ସୁଶ୍ରୀ ମନୀଷା ଗୌତମୀ ସମ୍ମାନୀତ ଅତିଥି, ଧର୍ମଶାଳା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ପୁରୁଷୋତ୍ତମ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଛାତ୍ରୀ ଅପର୍ଣ୍ଣା ମେହେର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ରେଶ୍ମା ମହାନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ରୀ ହରି ବିଦ୍ୟାନିକେତନର ଅଧକ୍ଷା ମନୀଷା ଗୌତମୀ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ବିଡିଓ କହଁର ଅଞ୍ଚଳର ଶିକ୍ଷା କ୍ଷେତ୍ରରେ ଏହି ଅନୁଷ୍ଠାନ ଏକ ଅଗ୍ରଣୀ ଭୂମିକା ନିର୍ବାହ କରୁଥିବା ପ୍ରକାଶ କରିଥିଲେ। ମୁଖ୍ୟଅତିଥି ପୂଜାରୀ ବକ୍ତବ୍ୟରେ ଅନୁଷ୍ଠାନର ପ୍ରଶଂସା କରିବା ସହ ଏଥିରେ ଜଡିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ସାଧୁବାଦ ଜଣାଇଥିଲେ। ମୁଖ୍ୟବକ୍ତା ମିଶ୍ର ବକ୍ତବ୍ୟରେ ବେଦ, ଉପନିଷଦ ଓ ଇତିହାସ ପୃଷ୍ଠାରୁ ଭାରତୀୟ ଶିକ୍ଷା ପଦ୍ଧତି ସମ୍ବନ୍ଧୀୟ ଅନେକ ତଥ୍ୟ ଉପସ୍ଥାପନ କରିଥିଲେ। ସେହିପରି ଦ୍ୱିତୀୟ ଦିବସ ଅବସରରେ ଅଧକ୍ଷା ମନୀଷା ଗୌତମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ସାମାଜିକ କର୍ମୀ ଲଳିତ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଗୋପାଲ ପଧାନ, ରବି ଚନ୍ଦ୍ର ପଶାୟତ, ନିର୍ଦ୍ଦେଶକ ମେହେର ସମ୍ମାନିତ ଅତିଥି, ଚାର୍ଟାର୍ଡ ଆକାଉଣ୍ଟେଟ୍ ଶ୍ରୀକାନ୍ତ ଶର୍ମା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ନାଏକ ମାନବିକତାର ଶିକ୍ଷା ଆଜିର ଛାତ୍ରଛାତ୍ରୀମାନଙ୍କ ପାଇଁ ଅତ୍ୟନ୍ତ ଜରୁରି ବୋଲିମତ ପ୍ରକାଶ କରିଥିଲେ। ଛାତ୍ରୀ ଅମ୍ରିତା ପ୍ରୀତମ ମେର୍‌ଲି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପାଧକ୍ଷ ଦେବାଶିଷ ମିଶ୍ର ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ । ଶ୍ରୀ ହରି ବିଦ୍ୟାପୀଠର ଅଧକ୍ଷା ଜିନାରାଣୀ ମେହେର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ପରିଚାଳନା କମିଟି ସଦସ୍ୟ ହରିବନ୍ଧୁ ପାଣିଗ୍ରାହୀ, ଦେବେନ୍ଦ୍ର ବିଜୟ ସାହୁ, ପଙ୍କଜ କୁମାର ସାହୁ, ଜୟପ୍ରକାଶ ନାରାୟଣ ସାହୁ, ଶୈଳେନ୍ଦ୍ର କୁମାର ସାହୁ, ମିନତି ମିଶ୍ର, ବିଚିତ୍ର ସାହୁ, ରାଜକିଶୋର ସାହୁ, ତଥା ତରଭାର ଅନେକ ମାଣ୍ୟଗନ୍ୟ ବ୍ୟକ୍ତି, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି,ଅଭିଭାବକ ଅଭିଭାବିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସଭାପରେ ଛାତ୍ରିଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍ୱପନେଶ୍ୱର ବେହେରା, ଅଞ୍ଜଳି ରଣା, ଜ୍ୟୋତ୍ସାମୟୀ ଗଡତିୟା, ସୁବାସିନୀ ଡାଙ୍ଗ, ତପସ୍ୱିନୀ ପଟ୍ଟନାୟକ, ବେଗମ ଫାତିମା ନିଶାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।


ବାର୍ଷିକ ଉତ୍ସବ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

ଲୋଇସିଂହା ଏନ୍‌ଏସି ମାନ୍ୟତା ପ୍ରସଙ୍ଗ

## ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଭେଟିଲେ ଆଞ୍ଚଳିକ ବିକାଶ ପରିଷଦ ପ୍ରତିନିଧି ଦଳ

ଲୋଇସିଂହା,୩୦।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହାକୁ ଏନ୍‌ଏସି ମାନ୍ୟତା ଦାବିରେ ସୋମବାର ଲୋଇସିଂହା ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା । ଏହାର ଗୋଟିଏ ଦିନ ପରେ ବୁଧବାର ଆଞ୍ଚଳିକ ବିକାଶ ପରିଷଦର ୧୦ ଜଣିଆ ପ୍ରତିନିଧି ଦଳ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ରାମପୁରସ୍ଥିତ ବାସଭନରେ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆଞ୍ଚଳିକ ବିକାଶ ପରିଷଦ ଆବାହକ ଲାଲମନ ନାଗ, ସଦସ୍ୟ ସରୋଜ ବିଶ୍ୱାଳ, ଶିବ କୁମାର ଅଗ୍ରୱାଲ, ନପ୍ପୁ ଖାନ, ଉତ୍ତମ କବାଟ, ଅଶୋକ କୁମାର ବରିହା, କୁନା ଭୋଇ, ପ୍ରଫୁଲ୍ଲ ବେହେରା, ବୁଲୁ ବାଦି ପ୍ରମୁଖ ମନ୍ତ୍ରୀଙ୍କୁ ସାକ୍ଷାତ୍ କରି ଏନ୍‌ଏସି ମାନ୍ୟତା ଦାବି କରିଥିଲେ। ଏହି ପରିପ୍ରେକ୍ଷୀରେ ନଗର ଉନ୍ନୟନ ମନ୍ତ୍ରୀ ପୂଜାରୀ କହିଥିଲେ, ରାଜ୍ୟରେ କେତେକ ସ୍ଥାନକୁ ଏନ୍‌ଏସି ପ୍ରସ୍ତାବ ରହିଛି । କିନ୍ତୁ ଏବେ କାର ପରିସ୍ଥିତିରେ ଲୋଇସିଂହା ଫାଇଲ ନଗର ଉନ୍ନୟନ ବିଭାଗ ପାଖକୁ ଆସି ନାହିଁ। ପଞ୍ଚାୟତିରାଜ ବିଭାଗ ପାଖରେ ବୋଧ ହୁଏ ଥିବ। ଯଦି ରାଜ୍ୟ ସରକାର ଏନ୍‌ଏସି ଉପରେ ମୋହର ଲଗାନ୍ତି, ତେବେ ଲୋଇସିଂହା ପ୍ରଥମ ଦଫାରେ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଲୋଇସଂହା ବିଧାୟକ କେବଳ ଥରଟିଏ ଏସଂକ୍ରାନ୍ତରେ ଜଣାଇଥିବା ପ୍ରତିନିଧିମଣ୍ଡଳୀକୁ ଜଣାଇଥିଲେ ।


ନଗର ଉନ୍ନୟନ ମନ୍ତ୍ରୀଙ୍କୁ ସାକ୍ଷାତ କରିବାକୁ ଆସିଥିବା ଆଞ୍ଚଳିକ ବିକାଶ ପରିଷଦର ପ୍ରତିନିଧି ଦଳ ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ଜାନୁୟାରୀ ୩୧ /୨୦୧୯



ବୟସ ଯେତେବେଳେ ମନୁଷ୍ୟର ଭୋଗ କରିବାର ସାମର୍ଥ୍ୟକୁ ଊଣା କରିଦେବାରେ ଲାଗିଥାଏ, ସେତିକିବେଳେ ସେ ଅଧିକ ଭୋଗର ଇଚ୍ଛାକରେ।
- ବୁଦ୍ଧଦେବ



## ସଂକ୍ଷେପରେ



### ଭାନୁ ମାଝିଙ୍କ ଉପରୁ ନିଲମ୍ବନ ଆଦେଶ ହଟିଲା

**ନୂଆପଡା ଅଫିସ,୩୦।୧-** ନୂଆପଡା ଜିଲା ପରିଷଦର ବର୍ତ୍ତମାନର ଉପାଧ୍ୟକ୍ଷ ଅର୍ଥାତ ପୂର୍ବରୁ ଜିଲା ଯୁବ ବିଜେଡି ସଭାପତି ଭାବେ କାର୍ଯ୍ୟରତ ଥିବା ଭାନୁପ୍ରତାପ ସିଂ ମାଝିଙ୍କ ଉପରୁ ରାଜ୍ୟ ସୁପ୍ରିମୋ ନବୀନ ପଟ୍ଟନାୟକ ନିଲମ୍ବନ ଆଦେଶ ହଟାଇଥିବା ରାଜ୍ୟ ସମ୍ପାଦକ ବିଜୟ ନାଏକ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି । ମଙ୍ଗଳବାର ସ୍ଥାନୀୟ ସର୍କିଟ ହାଉସରେ ଆହୂତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ସଭ୍ୟ ମାଝି ଏହା କହିଛନ୍ତି। ଦଳ ତାଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କରିଥିଲା । ବର୍ତ୍ତମାନ ସେ ଏଥିରୁ ମୁକ୍ତ । ଦଳ ତାଙ୍କୁ ଯାହା ନିର୍ଦ୍ଦେଶ କରିବେ ତାକୁ ସେ ବହନ କରିବେ । ସେ ଦଳ ପାଇଁ ସମର୍ପିତ ବୋଲି କହିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ କିଛି ଦଳ ବିରୋଧୀ କାର୍ଯ୍ୟକଳାପ କରିଥିବା ଅଭିଯୋଗରେ ନବୀନ ପଟ୍ଟନାୟକ ଦଳରୁ ନିଲମ୍ବିତ କରିଥିଲେ ।

### ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ସିନାପାଲି,୩୦।୧(ଡି.ଏନ.ଏ.)-** ନୂଆପଡା ଜିଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନନ୍ଦୀଗାଁର ବରିଷ୍ଠ ସହକାରୀ ଶିକ୍ଷକ କିଶୋର ସୁନାରୀଙ୍କୁ ମଙ୍ଗଳବାର ବିଦ୍ୟାଳୟ ତରଫରୁ ଅବସରେ କାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପ୍ରଧାନଶିକ୍ଷକ ରାଧେଶ୍ୟାମ ସୁନାନୀ ସଭାପତିତ୍ୱରେ କରିଥିବା ବେଳେ ଗୋଡାଲ ସିଆରସିସି କୁମୁଦବନ୍ଧୁ ଯୋଷୀ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ । ଶିକ୍ଷକ ସାନୁର୍ଯ୍ୟ ମେହେର ଅତିଥି ଆମନ୍ତ୍ରଣ ଏବଂ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶିକ୍ଷକ ଧନଞ୍ଜୟ ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷକବୃନ୍ଦ ସୁନାରୀଙ୍କ ଶିକ୍ଷକତା ଜୀବନୀ ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟ ସହକାରୀ ଶିକ୍ଷକ ଗଣେଶରାମ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ବେଣୁଧର ପ୍ରଧାନୀ, ସଭ୍ୟ କେଦାର ସୁନାନୀ, ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ବିଦ୍ୟାଳୟ ପରିଚାଳନା କମିଟି ସମସ୍ତ ସଭ୍ୟାସଭ୍ୟ ସୁନାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

ଅନ୍ୱେଷା ବିଦ୍ୟାଳୟରେ ବ୍ୟାପକ ଅବ୍ୟବସ୍ଥା

# ଜିଲା କର୍ତ୍ତୃପକ୍ଷଙ୍କୁ ଅଭିଭାବକଙ୍କ ଅଭିଯୋଗ

**ନୂଆପଡା ଅଫିସ,୩୦।୧**

ରାଜ୍ୟ ସରକାର ଅନୁସୂଚୀତ ଜାତି ଓ ଜନଜାତି ବର୍ଗର ଛାତ୍ରୀଛାତ୍ରଙ୍କୁ ଆବାସିକ ଇଂରାଜୀ ମାଧ୍ୟମ ଶିକ୍ଷା ବ୍ୟବସ୍ଥା କରିବାକୁ ଅନ୍ୱେଷା ଯୋଜନା କାର୍ଯ୍ୟକାରୀ କରିଛନ୍ତି । ହେଲେ ଦାୟିତ୍ୱରେ ଥିବା ପବ୍ଲିକ ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଏବଂ ସରକାରୀ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ଅବ୍ୟବସ୍ଥା ହେଉଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଭିଭାବକମାନେ ଜିଲା ମଙ୍ଗଳ ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି ।

ଜିଲାରେ ୨୦୧୬ରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ବର୍ତ୍ତମାନ ୭୫୦ରୁ ଊର୍ଦ୍ଧ୍ୱ ସଂଖ୍ୟକ ଅନୁସୂଚୀତ ଜାତି ଓ ଜନଜାତି ବର୍ଗର ଛାତ୍ରୀଛାତ୍ର ଏହି ଯୋଜନାରେ ସାମିଲ ରହି ଆବାସିକ ଶିକ୍ଷାଗ୍ରହଣ କରୁଛନ୍ତି। ଏହାକୁ ସ୍ଥାନୀୟ କାନଚନବେନ ରସିକଲାଲ ଚେରିଟେବଲ ଟ୍ରଷ୍ଟ ନାମକ ଏକ ଶିକ୍ଷାସଂସ୍ଥାନ ଟେଣ୍ଡରରେ ନେଇ ପରିଚାଳନା କରୁଛନ୍ତି। ପରିଚାଳନାକାରୀ ନିଜର ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟରେ ପିଲାଙ୍କୁ ସୁରକ୍ଷିତ ବ୍ୟବସ୍ଥାରେ ରଖିବା କଥା । ହେଲେ ବର୍ତ୍ତମାନ ସମସ୍ତେ ଅସୁରକ୍ଷିତ ହୋଇ ରହିଥିବା ଖୋଦ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ବିଦ୍ୟାଳୟର ନିଜର ବ୍ୟବସ୍ଥା ନ ଥିବାରୁ ନ୍ୟାଶନାଲ ହାଇସ୍କୁଲ, ଜୁନିୟର ସାଇନ୍ସ କଲେଜ, ଗୋପବନ୍ଧୁ ବିଦ୍ୟାପୀଠ ଏବଂ ଜ୍ଞାନ ଜ୍ୟୋତି ବିଦ୍ୟାଳୟ ପରିସରରେ ପିଲାମାନଙ୍କୁ ରଖାଯାଇଛି । ଏଠାରୁ ପିଲା ପ୍ରତ୍ୟେକ ଦିନ ବସ ଯୋଗେ ଜ୍ଞାନଜ୍ୟୋତି ବିଦ୍ୟାଳୟକୁ ଆସି ପାଠ ପଢିଥାନ୍ତି । ଏମାନଙ୍କ ମଧ୍ୟରୁ ସ୍ଥାନୀୟ ଟାଉନଓ୍ୱଟସ୍ଥିତ ଜୁନିୟର ସାଇନ୍ସ କଲେଜ ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଅଭିଯୋଗ ଆଣିଛନ୍ତି ଯେ ଏଠାରେ ମୋଟ ଶହେ ଜଣ କୁନି କୁନି ଛାତ୍ରୀଛାତ୍ର ରହୁଛନ୍ତି । ସରକାର ସବୁବେଳେ ପରିମଳ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦିଆଯାଉଥିବା କହୁଥିବାବେଳେ ଏଠାରେ ପାଣିର ଉତ୍କଟ ସମସ୍ୟା ରହିଛି । ହଷ୍ଟେଲ ଭିତରେ ଥିବା ପାଇଖାନାରୁ ଦୁର୍ଗନ୍ଧ ବାହାରୁଛି । ପିଲାମାନେ ଦିନେ ଗାଧୋଇଲେ ଦିନେ ଅଗାଧୁଆ ରହିଯାଉଛନ୍ତି । ଯୋଜନାରେ ପିଲାଙ୍କୁ ମୁକ୍ତ ଟିଉସନ ସୁବିଧା କରିବାର ବ୍ୟବସ୍ଥା ରହିଥିବାବେଳେ ଏଠାରେ ଏହା ହେଉନାହିଁ । ଏଠାରେ ନିଯୁକ୍ତ ହୋଇଥିବା ଜଗୁଆଳିମାନେ ବିଭିନ୍ନ ସମୟରେ ପିଲାଙ୍କୁ ଦୁର୍ବ୍ୟବହାର କରୁଥିବା ପିଲାମାନେ ତାଙ୍କ ଅବିଭାଵକଙ୍କ ନିକଟରେ ଅଭିଯୋଗ କରିଥିବା ପ୍ରକାଶ । ଏଠାରେ ତୁରନ୍ତ ପୁରୁଷ ରାତ୍ରିଜଗୁଆଳି ନିଯୁକ୍ତ କରିବାକୁ ଦାବି କରାଯାଇଛି । ପିଲାମାନେ ବାରମ୍ବାର ଜ୍ୱର ଓ ଝାଡାବାନ୍ତିର ଶୀକାର ହେଉଥିଲେ ହେଁ ଠିକ ଭାବରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉନାହିଁ । ସୂଚନାଯୋଗ୍ୟ ଯେ, ପିଲାଙ୍କୁ ପାଠ ପଢା ପାଇଁ ୨୫ ହଜାର ଟଙ୍କା ଏବଂ ଖାଇବା ରହିବା ଆଦି ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ୧୪ ହଜାର କରି ମୋଟ ୩୯ ହଜାର ଟଙ୍କା ଖର୍ଚ୍ଚ କରିଥାନ୍ତି । ହେଲେ ହଷ୍ଟେଲରେ କେବେ ତେଲ, ସାବୁନ କି ଅନ୍ୟାନ୍ୟ ସୁବିଧା ଦିଆଯାଉ ନ ଥିବା ଅଭିଭାବକ ତଥା ଲଖନା ପଞ୍ଚାୟତ ନାଏବ ସରପଞ୍ଚ ଅର୍ଜୁନ ମାଝି ଅଭିଯୋଗ କରିଛନ୍ତି । ଫଳରେ ପିଲାମାନେ ସବୁବେଳେ ମଇଳା ଜାମା ପରିଧାନ କରି ସ୍କୁଲକୁ ଯାଇଥାନ୍ତି । ଏହି ଯୋଜନାରେ ପିଲାମାନେ ପ୍ରଥମରୁ ଚତୁର୍ଥ ଶ୍ରେଣୀଯାଏଁ ପାଠ ପଢୁଛନ୍ତି । ହେଲେ ଠିକ ଭାବରେ କୌଣସି ମାତ୍ରା କିମ୍ବା ଯୁକ୍ତାକ୍ଷର ଶିକ୍ଷା ପାଇନାହାନ୍ତି । ଏହା ଉପରେ ଜିଲା କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରିଛନ୍ତି। ଏହା ଉପରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଅଭିଭାବକ ଜଗନ୍ନାଥ ଶବର, ଜଗତରାମ ବାଗ, ଭୁବନେଶ୍ୱର ଶବର, ଉପେ ମାଝି, ଈଶ୍ୱର ବନଗୋଲା, କମଳ ସିଂ ହରିଜନ, ମାନସିଂ ମାଝି, ଦେବାନନ୍ଦ ମାଝି, କେଶବ ମାଝି, ହେମକାନ୍ତ ସୁନାନୀ, ଅନୁପ ସିଂ ଶବର, ଧବନ ମାଝି ପ୍ରମୁଖ ଚେତାବନୀ ଦେଇଛନ୍ତି ।

- ପାଣି ଓ ପରିମଳ ବ୍ୟବସ୍ଥା ଭୁଶୁଡିଛି
- ପରିଚ୍ଛନ୍ନ ବ୍ୟବସ୍ଥା ପ୍ରତି ଦୃଷ୍ଟି ନାହିଁ
- କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ



ଜିଲା ପ୍ରଶାସନ ଅଧିକାରୀ ସିନାପାଲି ବ୍ଲକସ୍ଥିତ ଗୋଡାଲଠାରେ ଥିବା ଛାତ୍ରାବାସ ଓ ଗୋଡାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

# ଛାତ୍ରାବାସ, ବିଦ୍ୟାଳୟ ପରିଦର୍ଶନ କଲେ ଅଧିକାରୀ

**ସିନାପାଲି,୩୦।୧(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକସ୍ଥିତ ଗୋଡାଲଠାରେ ଥିବା ୧୦୦ ଶର୍ଯ୍ୟା ବିଶିଷ୍ଟ ଛାତ୍ରାବାସ ଓ ଗୋଡାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟକୁ ଜିଲା ପ୍ରଶାସନ ଅଧିକାରୀମାନେ ପରିଦର୍ଶନରେ ଆସି ବିଭିନ୍ନ ବିଷୟରେ ବୁଝି ଫେରିଯାଇଛନ୍ତି । ଛାତ୍ରାବାସର ବିଭିନ୍ନ ଦିଗ ଉପରେ ପଚାରି ବୁଝିଥିବା ବେଳେ ଛାତ୍ରୀଛାତ୍ରମାନଙ୍କୁ ମଧ ବିଭିନ୍ନ ସମସ୍ୟା ଉପରେ ପଚାରି ବୁଝିଥିଲେ। ଛାତ୍ରାବାସରେ ଥିବା ଛାତ୍ରମାନଙ୍କୁ ସୁନ୍ଦର ଭାବରେ ଗଢ଼ି ତୋଳିବା ପାଇଁ ପ୍ରଧାନଶିକ୍ଷକ ଉଦ୍ୟମକୁ ଭୂୟଂସୀ ପ୍ରଶଂସା କରିଥିଲେ। ଛାତ୍ରାବାସର ସୁନ୍ଦର ପରିବେଶ, ସଫାସୁତୁରା, ପୂଜାପାଠ ସମେତ ପ୍ରତ୍ୟେହ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ପରଖି ଏକ ଆଦର୍ଶ ଛାତ୍ରାବାସ ରୂପେ ବିବେଚନା କରିଥିଲେ । ଆଗକୁ ଏହି ଛାତ୍ରାବାସକୁ ସରକାରୀ ସ୍ତରରେ ସାହାଯ୍ୟ ସହଯୋଗ ପ୍ରଦାନ କରାଯିବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ଏଭଳି ଭାବରେ ଅନ୍ୟାନ୍ୟ ଛାତ୍ରାବାସଗୁଡିକରେ ମଧ କରାଯିବ ବୋଲି ଅଧିକାରୀମାନେ ମତ ରଖିଥିଲେ। ନୂଆପଡା ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ନୂଆପଡା ଜିଲା ଆଦିବାସୀ ଉନ୍ନୟନ ବିଭାଗ ଅଧିକାରୀ (ଡିଇଓ) ସନ୍ଧ୍ୟା ମାଝି, ନୂଆପଡା ଜିଲା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ବିଜୟ ଲକ୍ଷ୍ମୀ ରାୟଗୁରୁ, ବରିଷ୍ଠ ଅଧିକାରୀ ଅଶ୍ୱିନୀ ଭୋଇ, ସିନାପାଲି ବ୍ଲକ ଶିକ୍ଷା ଅଧିକାରୀ ଜଗଦିଶ ଖମାରୀ ପ୍ରମୁଖ ଏହି ଗସ୍ତ କରି ଆଲୋଚନା କରିବା ସହ ପରିଦର୍ଶନ କରିଛନ୍ତି । ବିଦ୍ୟାଳୟ ଓ ଛାତ୍ରାବାସକୁ ବୁଲାଇବା ସହ ରହିଥିବା କୋଠା ଓ ବିଭିନ୍ନ ସମସ୍ୟା ଉପରେ ଅବଗତ କରାଇଥିଲେ। ଯଥାଶୀଘ୍ର ଉକ୍ତ ସମସ୍ୟାର ସମାଧାନ କରାଯିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

### ମୋତିଆବିନ୍ଦୁ ଅସ୍ତ୍ରୋପଚାର କାର୍ଯ୍ୟକ୍ରମ

**ଲାଞ୍ଜିଗଡ଼,୩୦।୧(ଡି.ଏନ.ଏ.)**

ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ କମ୍ପାନୀ ପକ୍ଷରୁ ମାଗଣା ମୋତିଆବିନ୍ଦୁ ଅସ୍ତ୍ରୋପଚାର କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ବେଦାନ୍ତ ଡାକ୍ତରଖାନା, ସହକାରୀ ସ୍ୱାସ୍ଥ୍ୟସେବା ସଂସ୍ଥା ପୁନରୁତ୍ଥାନ ଓ ସୋନପୁରସ୍ଥିତ ଲେପ୍ରା ମହାନଦୀ ନେତ୍ର ଚିକିତ୍ସାଳୟର ମିଳିତ ସହଭାଗିତାରେ ଲାଞ୍ଜିଗଡ ତଥା ବାତେରଲିମା, ଚଣାଲିମା, ବସନ୍ତପଡା, ଲେପଟାଗୁଡା, ଭାଙ୍ଗଗୁଡା, ପାତ୍ରପଡା, ଅମ୍ବାଦୋଳା, ଟାଙ୍ଗନକଣା, ଚନ୍ଦନପୁର, ମୁନିଗୁଡା ଆଦି ୧୫ଟି ପାର୍ଶ୍ୱବର୍ତ୍ତୀ ଗ୍ରାମରୁ ୩୪ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇ ସୋନପୁରସ୍ଥିତ ଲେପ୍ରା ମହାନଦୀ ନେତ୍ର ଚିକିତ୍ସାଳୟକୁ ପଠାଯାଇଛି । ସେଠାରେ ରୋଗୀଙ୍କ ପରୀକ୍ଷା କରି ଅସ୍ତ୍ରୋପଚାର କରାଯିବ ବୋଲି ବେଦାନ୍ତ ପକ୍ଷରୁ ସୂଚନା ଦିଆଯାଇଛି । ଏଥିରେ ଲାଞ୍ଜିଗଡ ସରପଞ୍ଚ ସୁଶ୍ରୀ ମଣି ମାଝି, ବିଶ୍ୱନାଥପୁର ଡାକ୍ତରଖାନା ମୁଖ୍ୟ ଡ. ଇନ୍ଦର କୁମାର, ବେଦାନ୍ତ ଲାଞ୍ଜିଗଡର ବାହ୍ୟ ସମ୍ପର୍କ ତଥା ବ୍ୟବସ୍ଥାପକ ନିର୍ଦ୍ଦେଶକ ସଞ୍ଜୀବ କୁମାର ଓ ସୁରକ୍ଷା ମୁଖ୍ୟ ରାଜୀବ ରଞ୍ଜନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଡ. ଅକ୍ଷୟ ସାହୁ, ବେଦାନ୍ତ ଡାକ୍ତରଖାନା ମ୍ୟାନେଜର ସୁଶ୍ରୀ ମିଶ୍ର, ଅମର କୁମାର ମହାନ୍ତି, ଡ.ବୁଦ୍ଧଦେବ ଗୋମାଙ୍ଗ, ଡ.ସ୍ୱାତି ଶତପଥୀ, ଡ. ରମାମଞ୍ଜରୀ ନାଏକ ଓ ଡ. ଭୁବନ ମେହେର ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ବେଦାନ୍ତ ପକ୍ଷରୁ ରୋଗୀମାନଙ୍କୁ କମ୍ବଳ ବଣ୍ଟା ଯାଇଥିଲା ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏରେଣ୍ଡା କେରେଣ୍ଡା କୋଳି**
**କଉଡ଼ି ନ ଦେଲେ ନ ଦେବି କାଳି**
**ଶାଶୁଘର ଦେବେ ଗାଳି ।**

ସାଧାରଣତଃ ଦୋକାନୀମାନେ ନଗଦ ବେପାର ଉପରେ ଜୋର ଦେଇଥାନ୍ତି। କୌଣସି ଗରାଖ ଆସି ବାକି ମାଗିଲେ ମନା କରିଦେଇଥାନ୍ତି। ପଇସା ନ ଦେଲେ ଜିନିଷ ଦେବେନି ବୋଲି କହିଥାନ୍ତି। ବାକି ଦେଲେ ଶାଶୁଘର ଲୋକେ ଗାଳି ଦେବା ଭୟରେ ବୋହୂ କୋଳି ଭଳି ଅଳ୍ପ ମୂଲ୍ୟର ଜିନିଷ ମଧ ଦେବାକୁ ଅମଙ୍ଗ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏଇ କଥାକୁ**
**ନାଆ ପେଲିଦେଲି କଲିକତାକୁ ।**

କେତେକ ବ୍ୟକ୍ତି କୌଣସି କଥାକୁ ସେତେଟା ଗୁରୁତ୍ୱ ଦେଇ ନ ଥାନ୍ତି। ଏଇ ସାମାନ୍ୟ କଥାଟା ହୋଇପାରିବନି ଯେ ଏତେ ଚିନ୍ତା ବୋଲି କଲି ଫୁଙ୍କାରରେ ଉଡେଇ ଦେଇଥାନ୍ତି। କଥାକୁ ଗୁରୁତର ସହକାରେ ନ ନେଇ ବେପରୁଆ ମନୋଭାବ ପୋଷଣ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଡୁମୁରିଆ,ବୋରଭଟାରେ ବିଜେଡି କର୍ମୀ ସମାବେଶ

**ଭବାନୀପାଟଣା,୩୦।୧ (ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ ଡୁମୁରିଆ ଓ ବୋରଭଟାଠାରେ ଭବାନୀପାଟଣା ବିଜୁ ଜନତା ଦଳ ପକ୍ଷରୁ ୱାର୍ଡ କମିଟି ସଭ୍ୟମାନଙ୍କ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ପ୍ରଦୀପ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଦର ବିଧାୟକ ଅନାମ ନାଏକ ମୁଖ୍ୟଅତିଥି, ଜିଲା ସମ୍ପାଦକ ଭାବନୀ ଶଙ୍କର ନିଆଲ, ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି ଅଭିନାଶ ଠାକୁର, ଜିତୁ ମହାନ୍ତି, ମହିଳା ନେତ୍ରୀ ପ୍ରିୟଦର୍ଶିନୀ ସାହୁ, ସୁନନ୍ଦା ସାହୁ, ପ୍ରିୟଦର୍ଶିନୀ ନାଏକ, ଛାତ୍ର ନେତା ନୀଳାମ୍ବର ସହୁ, ମାଣ୍ଟୁ ନାଏକ, ପଲନା ସରପଞ୍ଚ ଦୁର୍ଯ୍ୟୋଧନ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରୁ ବିନୋଦ ସାହୁ, ତରଣୀସେନ ଜାନୀ, ବିକ୍ରମ ଯୁଆଡ, ମାୟାଧର ମାଝି, ସରପଞ୍ଚ ନାଗେଶ୍ୱର ବାଗ, ଅଭିରାମ ଚିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ।



କର୍ମୀ ସମାବେଶରେ ଯୋଗଦେଇଥିବା ବିଜେଡି ନେତୃବୃନ୍ଦ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

## CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
9065013355, 9162431749
Bukaro malepur, jamui Bihar-811313

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 15000ରୁ 45000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7250664722, 7718760748
Bukaro malepur, jamui Bihar-811313

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ ୬ ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

BALAJI FINANCE LTD.
(SINCE 1986) GOLD MEDALIST
ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ଶିକ୍ଷା, ଗୃହ ଋଣ ଆଦି ସବୁ ପ୍ରକାର ଋଣର ସୁବିଧା ନିଅନ୍ତୁ।
28 ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଯୋଗାଯୋଗ କରନ୍ତୁ
9458728306
9458728290
LIG36, HARIPURA, Haripura Ward, ITARSI Tehsil, ITARSI, Distt.- Hoshangabad (M.P.)-461115



ଭଲ କାମଟିଏ କଲେ ବିଳମ୍ବରେ ହେଉ ପଛକେ ନିଶ୍ଚୟ ପୁରସ୍କାର ମିଳେ।
- ଭଲଟାୟାର



## ସଂକ୍ଷେପରେ

### ବାର୍ହା ମାଂସ ସହ ୨ ଶିକାରୀ ଗିରଫ

**ବଲାଙ୍ଗୀର ଅଫିସ, ୩୦।୧:** ବଲାଙ୍ଗୀର ମଠଖାଇ ସଂରକ୍ଷିତ ଜଙ୍ଗଲରେ ବନବିଭାଗର ଚଢ଼ାଉ ବେଳେ ବାର୍ହା ମାଂସ ସହ ୨ ଶିକାରୀ ଗିରଫ ହୋଇଛନ୍ତି। ସେମାନେ ହେଲେ ଖର୍ଲିକାନୀ ଗାଁର ନନ୍ଦକିଶୋର କୁଅଁର (୬୦) ଓ ମନୋଜ ଡୁମନିଆ (୩୮)। ବାର୍ହା ଶିକାର ନେଇ ବନ ବିଭାଗକୁ ଖବର ମିଳିଥିଲା। ଏନେଇ ବନବିଭାଗର ଏକ ସ୍ପେଶାଲ ଟିମ୍ ମଙ୍ଗଳବାର ରାତିରେ ମଠଖାଇ ଜଙ୍ଗଲରେ ଚଢ଼ାଉ କରିଥିଲା। ଚଢାଉ ବେଳେ କର୍ମଚାରୀମାନେ ବାର୍ହା ମାଂସ ରାନ୍ଧୁଥିବା ଅବସ୍ଥାରେ ୨ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ସେମାନଙ୍କ ଠାରୁ ପ୍ରାୟ ୫ କେଜି ବାର୍ହା ମାଂସ ଓ ଏକ ଟଙ୍ଗିଆ ଜବତ କରାଯାଇଛି। ଏନେଇ ବଲାଙ୍ଗୀର ରେଞ୍ଜ ଅଫିସରେ ଏକ ମାମଲା(ନଂ.୨୨୦/୧୮-୧୯) ରୁଜୁ ହୋଇଛି। ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ରେଞ୍ଜ ଅଫିସର ବିଜୟ ଖୁଣ୍ଟିଆ ସୂଚନା ଦେଇଛନ୍ତି।

### ଟାଉନ୍ ପୋଲିସର ଚଢ଼ାଉ: ଜଣେ ଗଞ୍ଜେଇ ବେପାରୀ ଗିରଫ, ୬ ଅଟକ

**ବଲାଙ୍ଗୀର ଅଫିସ, ୩୦।୧:** ସୋମବାର ରାତିରେ ୩ ଜଣ ନିଶାସକ୍ତ ଯୁବକ ଏକ ନିର୍ଦ୍ଦିଷ୍ଟ ଖବରକାଗଜର ପ୍ରସାଦ ନିର୍ବାହୀ ପ୍ରତାପ ଚନ୍ଦ୍ର ମହାପାତ୍ରଙ୍କୁ ଛୁରୀ ଭୁସି ହତ୍ୟା କରିବା ଘଟଣାକୁ ନେଇ ବଲାଙ୍ଗୀର ସହରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସହରରେ ଅବାଧ ନିଶା କାରବାର ବୃଦ୍ଧି ପାଇଥିବା ବିଭିନ୍ନ ମହଲରୁ ଅଭିଯୋଗ ହେବାପରେ ଟାଉନ୍ ପୋଲିସ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି । ବୁଧବାର ଗାନ୍ଧୀନଗରପଡ଼ାରେ ପାନ ଦୋକାନ କରି ଗଞ୍ଜେଇ ବେପାର କରୁଥିବା ଜଣକୁ ପୋଲିସ ଗିରଫ କରିଛି । ଗିରଫ ଜଣକ ହେଲେ ବିଭୂତିପଡାର ଗୋପାଳ ବେହେରା। ପାନ ଦୋକାନରୁ ୧ କେଜି ୨୪୭ ଗ୍ରାମ ଗଞ୍ଜେଇ ଜବତ ହୋଇଛି । ଟାଉନ୍ ଥାନା ଅଧିକାରୀ ଗୋକୁଳାନନ୍ଦ ସାହୁଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନେରେ ଚଢ଼ାଉ ଜାରି ରହିଛି । ମଙ୍ଗଳବାର ସହର ବିଭିନ୍ନ ନିଶା ଆଡ୍ଡାଗୁଡିକୁ ଚଢ଼ାଉ କରାଯାଇଥିଲା । ତେବେ ନିଶା ବେପାରୀମାନଙ୍କୁ ପୋଲିସ କାବୁ କରିବାରେ ସଫଳ ହୋଇ ନ ଥିବାବେଳେ ୬ ଜଣ ନିଶାଖୋରଙ୍କୁ ଧରି ପଚରାଉଚରା ଜାରି ରଖିଛି । ସହରରେ ସମ୍ପୂର୍ଣ୍ଣ ନିଶା କାରବାର ବନ୍ଦ କରିବା ସହ ନିଶା ବିପାରୀଙ୍କୁ କାବୁ କରିବା ପାଇଁ ଏସ୍‌ପି ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରିଛନ୍ତି ।

### ଖବରକାଗଜ କର୍ମଚାରୀଙ୍କୁ ହତ୍ୟାକୁ ନିନ୍ଦା

**ବଲାଙ୍ଗୀର ଅଫିସ, ୩୦।୧:** ଖବରକାଗଜ କର୍ମଚାରୀ ପ୍ରତାପ ମହାପାତ୍ର ହତ୍ୟା ଘଟଣାକୁ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ସଂଘ ସଭାପତି ହରିନାରାୟଣ ପୂଜାରୀଙ୍କ ଅଧକ୍ଷତାରେ ସ୍ୱର୍ଗତ ମହାପାତ୍ରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ୧ପ୍ରାର୍ଥନା କରାଯାଇଥିଲା । ପରେ ନିଶା ବେପାରୀ ଓ ନିଶାଖୋରକୁ ଦମନ କରିବା ଦିଗରେ ପୋଲିସର ବିଫଳତାକୁ ନେଇ ନିନ୍ଦା କରାଯାଇଥିଲା । ସଭାରେ ସଭାପତି ପୂଜାରୀ, ବୀରେନ୍ଦ୍ର କୁମାର ଝାଙ୍କର, ଚନ୍ଦ୍ରଭାନୁ ମୌଲାନା, ଚିତ୍ତରଞ୍ଜନ ମିଶ୍ର, ବଳରାମ ମିଶ୍ର, ସତ୍ୟସୁନ୍ଦର ଭଞ୍ଜ, ଆନନ୍ଦଚନ୍ଦ୍ର ସାହୁ, ନିରୋଜ ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପାର୍ଥ ମହାପାତ୍ରଙ୍କ ସହ ଅନ୍ୟମାନେ ବକ୍ତବ୍ୟ ରଖିଥିଲେ । ଖୁବ୍‌ଶୀଘ୍ର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଯାଇ ପୋଲିଜ ଡିଜିଙ୍କୁ ସାକ୍ଷାତ କରି ବଲାଙ୍ଗୀରର ଆଇନ୍‌ଶୃଙ୍ଖଳା ପରିସ୍ଥିତି ଉପରେ ଅବଗତ କରିବେ ବୋଲି ସଭାରେ ପ୍ରସ୍ତାବ ଗୃହୀତ ହୋଇଥିଲା । ଅପରାଧିଙ୍କୁ ଦମନ ଦିଗରେ ପୋଲିସକୁ ସବୁପ୍ରକାର ସହଯୋଗ କରାଯିବ ବୋଲି ସଂଘ ତରଫରୁ କୁହାଯାଇଥିଲା । ସଭାରେ ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ ।

### ଭାଜପାର ଜନସମ୍ପର୍କ କାର୍ଯ୍ୟକ୍ରମ

**ଖପ୍ରାଖୋଲ ୩୦।୧(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ଅଧୀନ ଓଡ଼ିଆପାଲି ଏବଂ ଖପ୍ରାଖୋଲ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଭାଜପାର ଜନସମ୍ପର୍କ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। କପସିପାଲିରେ ଏକ ପଥପ୍ରାନ୍ତ ସଭା ହୋଇଥିଲା। ଉମାକାନ୍ତ ପଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ସଙ୍ଗିତା କୁମାରୀ ସିଂଦେଓ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ପୂର୍ଣ୍ଣମାସୀ ବରିହା, ଜିଲା ପରିଷଦ ସଭ୍ୟା ଜ୍ୟୋତ୍ସ୍ନାମୟୀ ସାହୁ, ବିପ୍ର ବିଶି ପ୍ରମୁଖ ଯୋଗଦେଇ କେନ୍ଦ୍ରର ମୋଦି ସରକାରଙ୍କ ଲୋକାଭିମୁଖି ଯୋଜନା ଏବଂ ଏହାର ସଫଳତା ଉପରେ କହିଥିଲେ। ସେହିପରି ଅଞ୍ଚଳରେ ରହିଥିବା ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ନେଇ ଆଲୋଚନା ହୋଇଥିଲା।






ଗାନ୍ଧୀ ସ୍ମୃତି କମିଟି ପକ୍ଷରୁ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜଣାଯାଉଛି (ବାମ)। ଜିଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ଆଲୋଚନାଚକ୍ର।

୭୧ତମ ତିରୋଧାନ ଦିବସ ପାଳିତ

# 'ଗାନ୍ଧୀବାଦ ମାନବୀୟ ସଭ୍ୟତାର ଶ୍ରେଷ୍ଠ ଆଚରଣ'

**ବଲାଙ୍ଗୀର,୩୦।୧**

ବଲାଙ୍ଗୀର ଗାନ୍ଧୀନଗରପଡ଼ାସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ଗାନ୍ଧୀ ସ୍ମୃତି କମିଟି ପକ୍ଷରୁ ୭୧ତମ ତିରୋଧାନ ଦିବସ ପାଳନ କରାଯାଇଥିଲା । ସ୍ମୃତି କମିଟି ଆବାହକ ପ୍ରଶାନ୍ତ ମହାକୁର ପ୍ରାରମ୍ଭିକ ବକ୍ତବ୍ୟ ଦେଇଥିଲେ । ବୀରେନ୍ଦ୍ର କୁମାର ଝାଙ୍କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମାଜସେବୀ ଲଳିତ କୁମାର ନାୟକ, ସ୍ତମ୍ଭକାର ହେମନ୍ତ କୁମାର ପଣ୍ଡା, ସତ୍ୟସୁନ୍ଦର ଭଞ୍ଜ, ଜୟନାରାୟଣ ମିଶ୍ର, କିଶୋର ମିଶ୍ର, ସୁଦୀପ ଗୁରୁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରାଜେଶ ଝାଙ୍କର, ଯୁଜେଷ୍ଟି ମେହେର, ସତ୍ୟ ମିଶ୍ର, ବିନୋଦ କାଲସାଏ, ପ୍ରଦ୍ୟୁମ୍ନ ମିଶ୍ର, ଟିଙ୍କଲ ପୁଟେଲ, ପବନ ବନସଲ, ନିରୋଜ ମିଶ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଗାନ୍ଧୀବାଦ ମାନବୀୟ ସଭ୍ୟତାର ଶ୍ରେଷ୍ଠ ଆଚରଣ ଓ ବିଶ୍ୱଶାନ୍ତି ପାଇଁ ଗାନ୍ଧୀମାର୍ଗ ହିଁ ସର୍ବୋତ୍କୃଷ୍ଟ ବୋଲି ବକ୍ତାମାନେ ଆଲୋଚନା କରିଥିଲେ। ସାମ୍ପ୍ରତିକ ସମାଜରେ ଗାନ୍ଧୀଙ୍କ ପ୍ରାସଙ୍ଗିକତା ଓ ଏକ ପ୍ରତିକ୍ରିୟାଶୀଳ ସମାଜ ଗଠନ ଉପରେ ଆଲୋଚନା କରାଯାଇଥିଲା। ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଶେଷରେ ମହେନ୍ଦ୍ର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### 'ଅହିଂସା ହିଁ ସାମୂହିକ ଶାନ୍ତିର ମୂଳମନ୍ତ୍ର'

ସ୍ଥାନୀୟ କୋଶଳକଳା ମଣ୍ଡଳ ପଡିଆସ୍ଥିତ ସଂସ୍କୃତି ଭବନଠାରେ ଜିଲା ପ୍ରଶାସନ ଓ ସଂସ୍କୃତି ବିଭାଗ ପକ୍ଷରୁ ମହାତ୍ମାଗାନ୍ଧୀଙ୍କ ୭୧ତମ ଶ୍ରାଦ୍ଧ ଦିବସ ଅବସରରେ ବୁଧବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଗାନ୍ଧୀବାଦ ଓ ଆଜିର ଯୁବ ସମାଜ ଶୀର୍ଷକରେ ଆଲୋଚନା କରାଯାଇଥିଲା। ଆଲୋଚକ ଭାବେ ଆରଟିଆଇ କର୍ମୀ ହେମନ୍ତ ପଣ୍ଡା, ଅବସରପ୍ରାପ୍ତ ଅଧାପକ ରାମଶରଣ ହୋତା, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଓ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଯୋଗଦାନ କରି ଆଲୋଚନା କରିଥିଲେ। ଗାନ୍ଧୀଙ୍କ ଅହିଂସା ମାର୍ଗ ଦ୍ୱାରା ସାମୂହିକ ଶାନ୍ତି ପ୍ରତିଷ୍ଠା କରାଯାଇ ପାରିବ ବୋଲି ଆଲୋଚକମାନେ କହିଥିଲେ । ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ ପ୍ରଧାନ ଯୋଗ ଦେଇଥିଲେ। କବି ଆନନ୍ଦଚନ୍ଦ୍ର ସାହୁ ସଭା ପରିଚାଳନା କରିଥିଲେ। ଏହି ଅବସରରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସୁରେନ୍ଦ୍ର କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଗାନ୍ଧୀ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ । କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସକାଳେ ଅତିରିକ୍ତ ଜିଲାପାଳ ପ୍ରଧାନ, ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀ ପାଣିଗ୍ରାହୀ, ଜିଲା ସଂସ୍କୃତି ଅଧିକାରୀ ଶତପଥୀ, ବିକ୍ରମାନନ୍ଦ ବହିଦାର, ନୀଳମଣି ମିଶ୍ର, ଜୟରାମ ମିଶ୍ରଙ୍କ ସହ ଅନ୍ୟମାନେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ଗାନ୍ଧୀଙ୍କ ଗୁଳିବିଦ୍ଧ ମୁହୂର୍ତ୍ତରେ ନୀରବ ପ୍ରାର୍ଥନା

ଜାତିର ପିତା ମାହାତ୍ମା ଗାନ୍ଧୀଙ୍କୁ ଅପରାହ୍ଣ ୫ଟା ୧୭ ମିନିଟ୍‌ରେ ଗୁଳିବିଦ୍ଧ କରାଯାଇ ହତ୍ୟା କରାଯାଇଥିଲା। ବୁଧବାର ଗାନ୍ଧୀଙ୍କ ଶହୀଦ ଦିବସରେ ଏହି ମୁହୂର୍ତ୍ତକୁ ଦେଶବ୍ୟାପୀ ନୀରବ ମୁହୂର୍ତ୍ତ ଭାବେ ପାଳନ କରାଯାଇଥିଲା। ଏହି ଅବସରରେ ଟିକ୍ରାପଡ଼ା ଗାନ୍ଧୀ ପାଠାଗାର ସମ୍ମୁଖ ଗାନ୍ଧୀ ପ୍ରତିମୂର୍ତ୍ତି ସମ୍ମୁଖରେ ନିର୍ଦ୍ଧାରିତ ସମୟରେ ସାମୂହିକ ନୀରବ ପ୍ରାର୍ଥନା କରାଯାଇଥିଲା। ଗାନ୍ଧୀ ପାଠାଗାର ସଭାପତି ଭଗବାନ ବରାର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରାର୍ଥନା ପରବର୍ତ୍ତୀ ସଭାରେ ବିକ୍ରମାନନ୍ଦ ବହିଦାର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଗୋପାଳଜୀ ପାଣିଗ୍ରାହୀ, ସୁରୁଲାଲ ମଟାରୀ, ସତ୍ୟନାରାୟଣ ବେହେରା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସତ୍ୟସୁନ୍ଦର ଭଞ୍ଜ, ବୀରେନ୍ଦ୍ର କୁମାର ଝାଙ୍କର ଓ ଅନ୍ୟମାନେ ବକ୍ତବ୍ୟ ଦେଇଥିଲେ । ସଭାରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ଉନ୍ନୟନମୂଳକ କାମରେ ଅନିୟମିତତା ଅଭିଯୋଗ: ସହକାରୀ ଯନ୍ତ୍ରୀଙ୍କ ତଦନ୍ତ ଆରମ୍ଭ

**ଲୋଇସିଂହା,୩୦।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅଧୀନ ବିଶାଳପାଲି ଗ୍ରାମରେ ଚାଲିଥିବା ଉନ୍ନୟନମୂଳକ କାମରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହି ସଂକ୍ରାନ୍ତରେ ଗଣମାଧ୍ୟମରେ ଏକ ଖବର ପ୍ରକାଶ ପାଇଥିଲା। ବ୍ଲକ ସହକାରୀ ଯନ୍ତ୍ରୀ ବିଦ୍ୟାଧର ସାମଲ ବୁଧବାର କ୍ଷେତ୍ର ପରିଦର୍ଶନ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଏପରି କି ଯନ୍ତ୍ରୀ ଗ୍ରାମବାସୀଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଗ୍ରାମର ଜଣେ ବ୍ୟକ୍ତିଙ୍କ ନାମରେ ହୋଇଥିବା ଆଦର୍ଶ ଗୁହାଳ ସରକାରୀ ଜମିରେ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏପରି କି ଉକ୍ତ ଗୁହାଳ ପୂର୍ବରୁ ଧାନ ଗୋଦମ ଭାବେ ବ୍ୟବହାର ହେଉଥିଲା। ଏହାକୁ ମରାମତି କରି ଗୁହାଳ କରାଯାଇଥିବା ଗ୍ରାମବାସୀ ଅଧିକାରୀଙ୍କୁ ଜଣାଇଥିଲେ। ଏପରି କି ବୁଢ଼ୀପଦର ପଞ୍ଚାୟତ ଅଧୀନ ପିପଲିପାଲି ମୌଜାରେ ଗୋଚର ଜମିରେ ବିଶାଳପାଲି ଗ୍ରାମର ୩ ଜଣ ବ୍ୟକ୍ତିଙ୍କ ନାମରେ ଆଦର୍ଶ ଗୁହାଳ ନିର୍ମାଣ ହୋଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଯନ୍ତ୍ରୀ ଘଟଣାର ଅନୁଧ୍ୟାନ କରିଥିଲେ। ସେହିପରି ବିଭିନ୍ନ ଉନ୍ନୟନ ମୂଳକ କାମରେ ଅନିୟମିତତା ହୋଇଥିବା ନେଇ ଗ୍ରାମବାସୀ ଅଧିକାରୀଙ୍କୁ ଜଣାଇଥିଲେ। ଏହି ସଂକ୍ରାନ୍ତରେ ବ୍ଲକ ସହକାରୀ ଯନ୍ତ୍ରୀ ବିଦ୍ୟାଧର ସାମଲଙ୍କୁ ପଚାରିବାରୁ ଅଭିଯୋଗକୁ ଭିତ୍ତି କରି ଘଟଣାର ତଦନ୍ତ କରାଯାଉଥିବା କହିଥିଲେ।

## ଅଲ୍ ଓଡ଼ିଶା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଗୁଡ଼ଭେଲା,୩୦।୧ (ଡି.ଏନ୍.ଏ.)**

ତୁଷୁରାସ୍ଥିତ ହାଇସ୍କୁଲ ଖେଳ ପଡ଼ିଆରେ ଅଲ୍ ଓଡ଼ିଶା କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ଖେଳାଳି ରାଜା ଭାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନରେ ଟିଟିଲାଗଡ଼ ଏବଂ ଆଠଗାଁ ଦଳ ମଧ୍ୟରେ ଖେଳ ହୋଇଥିଲା । ୧୦ ଓଭର ବିଶିଷ୍ଟ ଖେଳରେ ଟିଟିଲାଗଡ଼ ଟସ ଜିତି ବ୍ୟାଟିଂ କରି ୩ ଉଇକେଟ ହରାଇ ୧୬୮ ରନ୍ ସଂଗ୍ରହ କରିଥିଲା। ଜବାବରେ ଆଠଗାଁ ଦଳ ୧୦ ଓଭରରେ ୭ଟି ଉଇକେଟ ହରାଇ ୭୯ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। କ୍ରୀଡ଼ାବିତ ଦିନଦୟାଲ କେଡିଆ, ସୁରେଶ ସାହୁ, ମନୋଜ ଜୈନ, ରାଜୁ ମହାନନ୍ଦ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରାଜା ବରାର୍ତ୍ତ ଓ ପିପୁ ମାଝି ପରିଚାଳନା କରିଥିଲେ।



ଅଲ୍ ଓଡ଼ିଶା କ୍ରିକେଟ ଟୁର୍ନାମେଣ୍ଟରେ ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

### ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଲାଠୋର,୩୦।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋରଠାରେ ବୁଧବାର ସନ୍ଧ୍ୟାରେ ସଦାନନ୍ଦ ବେହେରାଙ୍କ ଅଧକ୍ଷତାରେ ଗଣମାଧ୍ୟମ କର୍ମଚାରୀଙ୍କୁ ହତ୍ୟା ପ୍ରତିବାଦରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଭୁବନେଶ୍ୱର ବାରିକ, କପିଳ ସୁନା, ପ୍ରକାଶ ଚନ୍ଦ୍ର ବେହେରା, ରମେଶ ଚନ୍ଦ୍ର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗଣମାଧ୍ୟମ କର୍ମଚାରୀ ସ୍ୱର୍ଗତ ପ୍ରତାପ ଚନ୍ଦ୍ର ମହାପାତ୍ରଙ୍କ ବିୟୋଗରେ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଗଣତନ୍ତ୍ରର ୪ଟି ସ୍ତମ୍ଭ ମଧ୍ୟରୁ ୩ଟି ସ୍ତମ୍ଭକୁ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଉଥିବା ବେଳେ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମକୁ ସୁରକ୍ଷା ଯୋଗାଇ ଦିଆଯାଉ ନ ଥିବାରୁ ଏହିପରି ଘଟଣା ଘଟୁଥିବା ମତ ପ୍ରକାଶ ପାଇଥିଲା। ଅନ୍ୟପକ୍ଷେ ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା।

ଲୋଇସିଂହା ଏନ୍‌ଏସି ମାନ୍ୟତା ପ୍ରସଙ୍ଗ

## ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଭେଟିଲେ ଆଞ୍ଚଳିକ ବିକାଶ ପରିଷଦ ପ୍ରତିନିଧି ଦଳ

**ଲୋଇସିଂହା,୩୦।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହାକୁ ଏନ୍‌ଏସି ମାନ୍ୟତା ଦାବିରେ ସୋମବାର ଲୋଇସିଂହା ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା । ଏହାର ଗୋଟିଏ ଦିନ ପରେ ବୁଧବାର ଆଞ୍ଚଳିକ ବିକାଶ ପରିଷଦର ୧୦ ଜଣିଆ ପ୍ରତିନିଧି ଦଳ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ରାମପୁରସ୍ଥିତ ବାସଭବନରେ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆଞ୍ଚଳିକ ବିକାଶ ପରିଷଦ ଆବାହକ ଲାଲମନ ନାଗ, ସଦସ୍ୟ ସରୋଜ ବିଶ୍ୱାଳ, ଶିବ କୁମାର ଅଗ୍ରୱାଲ, ନୟୁ ଖାନ, ଉତ୍ତମ କବାଟ, ଅଶୋକ କୁମାର ବରିହା, କୁନା ଭୋଇ, ପ୍ରଫୁଲ୍ଲ ବେହେରା, ବୁଲୁ ବାଦି ପ୍ରମୁଖ ମନ୍ତ୍ରୀଙ୍କୁ ସାକ୍ଷାତ୍ କରି ଏନ୍‌ଏସି ମାନ୍ୟତା ଦାବି କରିଥିଲେ। ଏହି ପରିପ୍ରେକ୍ଷୀରେ ନଗର ଉନ୍ନୟନ ମନ୍ତ୍ରୀ ପୂଜାରୀ କହିଥିଲେ, ରାଜ୍ୟରେ କେତେକ ସ୍ଥାନକୁ ଏନ୍‌ଏସି ପ୍ରସ୍ତାବ ରହିଛି । କିନ୍ତୁ ଏବେ କାର ପରିସ୍ଥିତିରେ ଲୋଇସିଂହା ଫାଇଲ ନଗର ଉନ୍ନୟନ ବିଭାଗ ପାଖକୁ ଆସି ନାହିଁ। ପଞ୍ଚାୟତିରାଜ ବିଭାଗ ପାଖରେ ବୋଧ ହୁଏ ଥିବ। ଯଦି ରାଜ୍ୟ ସରକାର ଏନ୍‌ଏସି ଉପରେ ମୋହର ଲଗାନ୍ତି, ତେବେ ଲୋଇସିଂହା ପ୍ରଥମ ଦଫାରେ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଲୋଇସଂହା ବିଧାୟକ କେବଳ ଥରଟିଏ ଏସଂକ୍ରାନ୍ତରେ ଜଣାଇଥିବା ପ୍ରତିନିଧିମଣ୍ଡଳୀକୁ ଜଣାଇଥିଲେ।



ନଗର ଉନ୍ନୟନ ମନ୍ତ୍ରୀଙ୍କୁ ସାକ୍ଷାତ କରିବାକୁ ଆସିଥିବା ଆଞ୍ଚଳିକ ବିକାଶ ପରିଷଦର ପ୍ରତିନିଧି ଦଳ ।

# ବେଆଇନ ନିଶା କାରବାର ବିରୋଧରେ ତେଜିଲା ଆନ୍ଦୋଳନ

**ବଲାଙ୍ଗୀର, ୩୦।୧**







ବଲାଙ୍ଗୀର ଆକ୍ସନ କମିଟି ପକ୍ଷରୁ ଆଦର୍ଶ ଥାନା ଘେରାଉ କରାଯାଇଛି (ବାମ)। ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍ ପକ୍ଷରୁ ପ୍ରତିବାଦ ଶୋଭାଯାତ୍ର କରାଯାଉଛି (ମଝି)। ନଗର କଂଗ୍ରେସ ପ୍ରତିନିଧି ଦଳ ଅତିରିକ୍ତ ଏସପିଙ୍କ ସହ ଆଲୋଚନା କରୁଛନ୍ତି ।

- ଆଦର୍ଶ ଥାନା ଘେରାଉ କଲେ ଆକ୍ସନ କମିଟି
- ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍‌ର ସହର ପରିକ୍ରମା
- କଂଗ୍ରେସ ପକ୍ଷରୁଏସପିଙ୍କୁ ଦାବିପତ୍ର ପ୍ରଦାନ

ସୋମବାର ରାତିରେ ୩ ଜଣ ନିଶାସକ୍ତ ଯୁବକ ଏକ ନିର୍ଦ୍ଦିଷ୍ଟ ଖବରକାଗଜର ପ୍ରସାର ନିର୍ବାହୀ ପ୍ରତାପ ଚନ୍ଦ୍ର ମହାପାତ୍ରଙ୍କୁ ଛୁରୀ ଭୁସି ହତ୍ୟା କରିବା ଘଟଣାକୁ ନେଇ ବଲାଙ୍ଗୀର ସହରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସହରରେ ଅବାଧ ନିଶା କାରାବାର ଏବଂ ଏହାକୁ ରୋକିବାରେ ପୋଲିସର ବିଫଳତା ପ୍ରତିବାଦରେ ବିଭିନ୍ନ ମହଲରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯାଇଛି। ବୁଧବାର ବେଆଇନ ନିଶା କାରବାରକୁ ବିରୋଧ କରି ବଲାଙ୍ଗୀର ଆକ୍ସନ କମିଟି ଆନ୍ଦୋଳନକୁ ଓହ୍ଲାଇଥିଲା। କମିଟି ଆବାହକ ଗୋପାଳଜୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ରଶ୍ମିରେଖା ଦାନୀ, ପ୍ରତିମା ପଧାନ, ବିନୋଦ କାଲସାଏ, ରିଲୁ ରଥ, ସନ୍ତୋଷ ସାହୁ, ମୁନା ପଟ୍ଟନାୟକ, ଗୋବିନ୍ଦ ଶତପଥୀଙ୍କ ସହ ଶତାଧିକ ସଦସ୍ୟ ଏକ ରାଲିରେ ଆସି ଆଦର୍ଶ ଟାଉନ ଥାନାକୁ ଘେରାଉ କରିଥିଲେ। ଥାନା ପରିସରରେ ଧାରଣାରେ ବସିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଧାରଣା ସ୍ଥଳକୁ ଟାଉନ୍ ଥାନା ଅଧିକାରୀ ଗୋକୁଳାନନ୍ଦ ସାହୁ ଆସି ଆକ୍ସନ କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ । ନିଶା ବେପାରୀଙ୍କ ବିରୋଧରେ ପୋଲିସ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରି ଚଢ଼ାଉ ଆରମ୍ଭ କରିଥିବା ସୂଚନା ଦେଇଥିଲେ। ଏହି ଦିଗରେ ଜନସାଧାରଣ, ବୁଦ୍ଧିଜୀବୀ ଓ ସାମାଜିକ ସଂଗଠନ ମଧ୍ୟ ପୋଲିସକୁ ସହଯୋଗ କରିବାକୁ ଅନୁରୋଧ କରି ଧାରଣାରୁ ଉଠିବାକୁ କହିଥିଲେ। ଫଳରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନ୍ ପକ୍ଷରୁ ନିଶା କାରବାର ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇ ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା। ଫାଉଣ୍ଡେଶନ୍ ଉପଦେଷ୍ଟା ଲଳିତ କୁମାର ନାୟକଙ୍କ ନେତୃତ୍ୱରେ ସଂଗଠନର ବହୁ ସଦସ୍ୟା, ସଦସ୍ୟ ମୁହଁରେ କଳାକନା ବାନ୍ଧି ପ୍ରତିବାଦ ମୁଦ୍ରାରେ ସହର ପରିକ୍ରମା କରିଥିଲେ। ମୃତ ଯୁବକ ମହାପାତ୍ରଙ୍କ ଫଟୋକୁ ଏକ ମେଢ଼ରେ ସଜାଇ ଶ୍ରଦ୍ଧାଞ୍ଜଳି ଦେବା ସହ ନିଶା ବେପାରୀଙ୍କୁ କାବୁ କରିବାକୁ ଦାବି କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉପଦେଷ୍ଟା ନାୟକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା । ଏଥିରେ ବିଙ୍ଗ୍ ହ୍ୟୁମାନ ସଂଗଠନର ସଦସ୍ୟା, ସଦସ୍ୟ, ନାଗରିକ କମିଟି ସଭାପତି ଭବାନୀ ଶଙ୍କର ଶତପଥୀ, ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ, ଓକିଲ ସଂଘ ସମ୍ପାଦକ ଅମନ ନାଗ, ଆଇନ୍‌ଜୀବୀ ରତନ ମହାରଣା, ସୁରେଶ ପାଠୀ, ଗୋପାଳ ହୋତା, ନାଗରିକ ମଞ୍ଚର ପ୍ରଭାକର ମିଶ୍ର, ମଧୁବୈଶ୍ୟ ସମାଜର ମନୋରଞ୍ଜନ ସାହୁ, ଭିଲେଜର୍ସ ଇଣ୍ଡିଆ ପାର୍ଟିର ଡ ବିପନ କୁଶଲିଆ, ପୁରାଣ ପଣ୍ଡା ଗାୟକ ମହାସଂଘର କିଶୋର ମିଶ୍ର, ବିଧୁଭୂଷଣ ତ୍ରିପାଠୀ, ଜ୍ୟୋତିରଞ୍ଜନ ପାଣିଗ୍ରାହୀ, ବାଇପାସ୍ କମିଟିର ସୁରେଶ ଦଲେଇ ଓ ଅନ୍ୟମାନେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ଓ ନିଶା ବେପାର ଉପରେ ପ୍ରତିକ୍ରିୟା ପ୍ରକାଶ କରିଥିଲେ।

ବଲାଙ୍ଗୀର ସହରରେ ଆଇନ ଶୃଙ୍ଖଳା ପରିସ୍ଥିତ, ବେଆଇନ ମଦ ବିକ୍ରି, ନିଶା ଓ ଔଷଧର କାରବାର ପ୍ରତିବାଦରେ ନଗର କଂଗ୍ରେସ ପକ୍ଷରୁ ବଲାଙ୍ଗୀର ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା । କଂଗ୍ରେସ ପ୍ରତିନିଧି ଦଳରେ ପିସିସି ବରିଷ୍ଠ ମୁଖପାତ୍ର ତଥା ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ ଓ ଅନ୍ୟମାନେ ଏସ୍‌ପିଙ୍କ ଅଫିସକୁ ଯାଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଜମାଦାରଙ୍କୁ ଭେଟି ବଲାଙ୍ଗୀରର ଆଇନ ଶୃଙ୍ଖଳା ପରିସ୍ଥିତ ଆଲୋଚନା କରି ଉଦ୍‌ବେଗ ପ୍ରକାଶ କରିଥିଲେ । ରାତ୍ରିରେ ପୋଲିସ ପାଟ୍ରୋଲିଂ, ବେଆଇନ ମଦ ବିକ୍ରି ତଥା ନିଷିଦ୍ଧ କପ୍ ସିରପ ତଥା ନିଶା ବଟିକା ଯୋଗାଉଥିବା ଅସମାଜିକ ତତ୍ତ୍ୱମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାବୁ କରାଯାଉ ବୋଲି ଦାବି କରାଯାଇଥିଲା । ଏଦିଗରେ କଂଗ୍ରେସ ପକ୍ଷରୁ ପୋଲିସ ପ୍ରଶାସନକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି କଂଗ୍ରେସ ପ୍ରଚାର କମିଟି ଅଧକ୍ଷ ଅସୀମ ପଟ୍ଟନାୟକ କହିଥିଲେ। ପ୍ରତିନିଧି ଦଳର ପିସିସି ସମ୍ପାଦକ ସୁଦାମ ସାହୁ, ଜିଲା କଂଗ୍ରେସ ଉପସଭାପତି ସନ୍ତକ ବହିଦାର, ମନୀଷ ମିଶ୍ର, ସଂଗଠନ ସମ୍ପାଦକ ସଞ୍ଜୟ ମିଶ୍ର, ଟାଉନ ଉପସଭାପତି ମାନସ ମହାନ୍ତି, ଅଭିନାଶ ସାଏ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।



“ ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା ହେଉଛି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।

- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ତେରେସିଂହା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ରିଷିଡା,୩୦।୧(ଡି.ଏନ.ଏ.)-** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ନିକଟସ୍ଥ ତେରେସିଂହା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ହୃଷିକେଶ ଗହୀରଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ରାଜ୍ୟ ଗୃହ ନିର୍ମାଣ ନିଗମ ଅଧକ୍ଷ ଭୁପିନ୍ଦର ସିଂ ମୁଖ୍ୟଅତିଥି, ଯୁକ୍ତ ୨ କଲେଜ ଅଧକ୍ଷ ଜୟନ୍ତ ବାଗ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ସରପଞ୍ଚ ହନୁମାନ ଦାସ, ସମିତି ସଭ୍ୟା ଚନ୍ଦ୍ରମା ରଣା ଯୋଗଦେଇଥିବା ବେଳେ ସହକାରୀ ଶିକ୍ଷକ ନୀଳମଣି ଗହୀର ସଭା ସଂଯୋଜନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ବିଭିନ୍ନ ବିଦ୍ୟାଳୟରେ ଶହୀଦ ଦିବସ

**ରିଷିଡା,୩୦।୧(ଡି.ଏନ.ଏ.)-** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବୁଧବାର ଶହୀଦ ଦିବସ ପାଳନ କରାଯାଇଛି । ଛାତ୍ରୀଛାତ୍ରମାନେ ୨ ମିନିଟ ନୀରବ ପ୍ରାର୍ଥନା କରିଛନ୍ତି । ପୂର୍ବାହ୍ନ ୧୧ଘଣ୍ଟା ସମୟରେ ଭାରତର ଶହୀଦ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

### ଉ.ପ୍ରା. ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ପଲମ,୩୦।୧(ଡି.ଏନ.ଏ.)-** ନର୍ଲା ବ୍ଲକ ଅଧୀନ ମୁସ୍କୁଟି ପଞ୍ଚାୟତସ୍ଥିତ ମୁସ୍କୁଟି ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଓ ମଙ୍ଗଳବାର ୨ ଦିନ ଧରି ପାଳିତ ହୋଇଯାଇଛି । ବରିଷ୍ଠ ଶିକ୍ଷକ ଜଗବନ୍ଧୁ ମହାନ୍ତ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଦୁଲ୍ଲଭ ମାହାର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ କ୍ଷମାନିଧି ବିଶି, ସିଆରସିସି ଜିତେନ୍ଦ୍ର ବିଶ୍ୱାଳ, ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ମାଝି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡୋଲାମଣି ନାଏକ, ମୁଖ୍ୟବକ୍ତା ଭାବେ ଜଗବନ୍ଧୁ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା । କ୍ରୀଡା ଶିକ୍ଷକ ପ୍ରଦିପ ସାହାଣି ଖେଳ ପରିଚାଳନା କରିଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ମାଝି ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଡମ୍ବରୁଧର ସାହୁ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ ପରିବେଷିତ ହୋଇଥିଲା । ଶିକ୍ଷୟିତ୍ରୀ ପ୍ରଭାତୀ ସାହୁ, ଶିକ୍ଷକ ଭାବନିଶଙ୍କର ନାଏକ ଓ ରିଜୟିସ ତାଣ୍ଡି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶିକ୍ଷକ ଗୋବର୍ଦ୍ଧନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

ଭୁକୁଲୁ ବାଗ ନୂତନ ସରପଞ୍ଚ ହେଲେ

# ଦେପୁର ସରପଞ୍ଚ ଅଯୋଗ୍ୟ ଘୋଷିତ

**କଳମପୁର,୩୦।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କଳମପୁର ବ୍ଲକ ଦେପୁର ସରପଞ୍ଚ ଜଗବନ୍ଧୁ ଦୁର୍ଗା ଜୟପାଟଣା ସିଭିଲ ଜଜ୍ ଜୁନିୟର ଡିଭିଜନ ଦ୍ୱାରା ଅଯୋଗ୍ୟ ଘୋଷିତ ହୋଇଛନ୍ତି । ଏହା ପରେ ଗତ ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ଥିବା ସରପଞ୍ଚ ପ୍ରାର୍ଥୀ ଭୁକୁଲୁ ବାଗଙ୍କୁ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କଳମପୁର ବିଡିଓ ହେମସାଗର ଭୋଇ ବୁଧବାର ସନ୍ଧ୍ୟାରେ ଦେପୁର ସରପଞ୍ଚ ଭାବେ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ଗତ ୨୦୧୭ ପଞ୍ଚାୟତ ନିର୍ବାଚନରେ ଜଗବନ୍ଧୁ ଦୁର୍ଗା ୧୩୪୪ ଭୋଟ ପାଇ ୨୦୧୭ ଫେବୃୟାରୀ ୨୩ରେ ବିଧିବଦ୍ଧ ଭାବେ ଦେପୁର ସରପଞ୍ଚ ଭାବେ ଘୋଷିତ ହୋଇଥିଲେ। ତାଙ୍କ ନିକଟତମ ସରପଞ୍ଚ ପ୍ରାର୍ଥୀ ଭୁକୁଲ ୧୦୩୭ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ଭୁକୁଲୁ ବାଗ ଜଗବନ୍ଧୁଙ୍କ ୨ଟି ସ୍ତ୍ରୀ ଏବଂ ୨ଟି ଝିଅ ଓ ଗୋଟିଏ ପୁଅ ଥିବା ଦର୍ଶାଇ ତାଙ୍କୁ ଅଯୋଗ୍ୟ ଘୋଷିତ କରିବା ପାଇଁ ୨୦୧୭ ମାର୍ଚ୍ଚ ୮ ତାରିଖରେ ଜୟପାଟଣା ସିଭିଲ ଜଜ୍ ଜୁନିୟର ଡିଭିଜନରେ ଅଭିଯୋଗ କରିଥିଲେ। ଭୁକୁଲୁଙ୍କ ଅଭିଯୋଗକୁ ଭିତ୍ତି କରି କୋର୍ଟ ଇପି ୩/୨୦୧୭ ରୁଜୁ କରି ଜଗବନ୍ଧୁଙ୍କ ବିରୋଧରେ କରାଯାଇଥିବା ସମସ୍ତ ପ୍ରମାଣର ସତ୍ୟତା ଥିବା ଦର୍ଶାଇ ବବିତା ପାତ୍ର ସିଭିଲ ଜଜ୍ ଜୁନିୟର ଡିଭିଜନ ଜୟପାଟଣା ୨୦୧୮ ଡିସେମ୍ବର ୩ ତାରିଖରେ ଗ୍ରାମ ପଞ୍ଚାୟତ ଆଇନକୁ ଉଲ୍ଲଂଘନ କରୁଥିବା ଦର୍ଶାଇ ନିର୍ବାଚିତ ଦେପୁର ସରପଞ୍ଚ ଜଗବନ୍ଧୁ ଦୁର୍ଗାଙ୍କୁ ଅଯୋଗ୍ୟ ଘୋଷିତ କରିଥିଲେ । ସିଭିଲ ଜଜ୍ ଜୁନିୟର ଡିଭିଜନ ଜୟପାଟଣାଙ୍କ ନିର୍ଦ୍ଦେଶ ପାଇବା ପରେ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ୧୯୬୪ ଧାରା ୧୫ ଅନୁଯାୟୀ ନିର୍ବାଚନ ଅଧିକାରୀ ତଥା କଳମପୁର ବିଡିଓ ହେମ ସାଗର ଭୋଇ ବୁଧବାର ସନ୍ଧ୍ୟାରେ ପତ୍ର ସଂଖ୍ୟା ୨୬୬/୧୦୧୮ ଆନୁସାରେ ଦ୍ୱିତୀୟ ସ୍ଥାନରେ ଥିବା ସରପଞ୍ଚ ପ୍ରାର୍ଥୀ ଭୁକୁଲୁ ବାଗଙ୍କୁ ଦେପୁର ସରପଞ୍ଚ ଭାବେ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ଫଳରେ ଭୁକୁଲୁଙ୍କ ସମର୍ଥକଙ୍କ ମହଲରେ ଆନନ୍ଦର ଲହରି ଖେଳି ଯାଇଛି ।



ବ୍ଲକ କାର୍ଯ୍ୟାଳୟରେ ଭୁକୁଲୁ ବାଗ ଘୋଷଣାପତ୍ର ଗ୍ରହଣ କରୁଛନ୍ତି।

**କଳମପୁର ବ୍ଲକ**

- ଜୟପାଟଣା ସିଭିଲ ଜଜ୍ ଜୁନିୟର ଡିଭିଜନର ରାୟ

## ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ

**ଜୁନାଗଡ,୩୦।୧ (ଡି.ଏନ.ଏ.)**

କଳାହାଣ୍ଡି ନେହେରୁ ଯୁବ କେନ୍ଦ୍ର ଓ ଭାରତ ସରକାରଙ୍କ ଯୁବବ୍ୟାପର ଏବଂ କ୍ରୀଡା ମନ୍ତ୍ରଣାଳୟ ଆନୁକୁଲ୍ୟରେ ବୁଧବାର ଜୁନାଗଡ ବ୍ଲକ ଚିଲଗୁଡା ସୁଧାଂଶୁ ମହାବିଦ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି । ନେହେରୁ ଯୁବକେନ୍ଦ୍ର ଲେଖାପାଲ ଦ୍ୱିତୀୟ ବନଛୋରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସାମାଜିକ କର୍ମୀ ବିମଳ ପଣ୍ଡା, ସ୍ଥାନୀୟ ମହାବିଦ୍ୟାଳୟର ଅଧକ୍ଷ ମାନସ ରଞ୍ଜନ ପଣ୍ଡା, ଅଧ୍ୟାପିକା ଲକ୍ଷ୍ମୀ ଧଙ୍ଗଡାମାଝି, ଦିପାଞ୍ଜଳି ଭୋଇ, ଅଧ୍ୟାପକ ବିକାଶ ଖମାରୀ, ବାସୁଦେବ ଯୋଷୀ ପ୍ରମୁଖ ଯୋଗଦେଇଥିଲେ। ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶ ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେଶାତ୍ମକବୋଧ, ସଙ୍ଗୀତ, ବକ୍ତୃତା ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ନେହେରୁ ଯୁବକେନ୍ଦ୍ରର ଜାତୀୟ ସ୍ୱେଚ୍ଛାସେବୀ ଜୋତ୍ସ୍ନାମୟୀ ନାଏକ, ଜଗଦାନନ୍ଦ ପ୍ରଧାନ, ନରୋତ୍ତମ ନାଗ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥିଗଣ।

## ତିରୋଧାନ ଦିବସରେ ଜାତିର ଜନକଙ୍କୁ ଶ୍ରଦ୍ଧାଞ୍ଜଳି

**ନାକଟିଦେଉଳ,୩୦।୧(ଡି.ଏନ.ଏ.)**

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ବୁଧବାର ଜାତିର ଜନକ ମାହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ଶହୀଦ ଦିବସ ପାଳିତ ହୋଇଛି । ଅଧ୍ୟାପକ ଶେଷଦେବ ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ ଯୋଗଦେଇ ଅହିଂସା ନୀତି ଉପରେ ବକ୍ତବ୍ୟ ରଖିଥିଲେ। ଶେଷଦେବ ବିଶ୍ୱାଳ, ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା, ଶ୍ୱେତାଶ୍ରୀ ପ୍ରଧାନ, ଅଧ୍ୟାପକ ମନମୋହନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ‘ମୋ ଭବିଷ୍ୟତ ସୁରକ୍ଷା’ ସ୍ୱାକ୍ଷର ଅଭିଯାନ ଆରମ୍ଭ

**ଭବାନୀପାଟଣା/କେସିଙ୍ଗା ୩୦।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍‌ଠାରେ ଜିଲା ଛାତ୍ର ଓ ଯୁବ ବିଜେଡି ତରଫରୁ ‘ମୋ ଭବିଷ୍ୟତ ସୁରକ୍ଷା’ ସ୍ୱାକ୍ଷର ଅଭିଯାନ ଆରମ୍ଭ ହୋଇଯାଇଛି। ବିଜେଡି ଟାଉନ ସଭାପତି ରମାକାନ୍ତ ଗଉଡଙ୍କ ନେତୃତ୍ୱରେ ଜିଲା ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ଛାତ୍ର ବିଜେଡି ସଭାପତି ଅବିନାଶ ଠାକୁର, ରାଜ୍ୟ ଅନୁସୂଚିତ ଜାତି କାର୍ଯ୍ୟକାରିଣୀ ସଦସ୍ୟ ମଣ୍ଟୁ ନାଏକ, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ପ୍ରମୋଦ ପାତ୍ର, କେସିଙ୍ଗା ଯୁବ ବିଜେଡି ସଭାପତି ଶିଶିର ପରିଡା, ଏଏସି ସେଲ ସଭାପତି ସୁରେଶ ମହାନନ୍ଦ, ରାମଜୀମାତ ଖଣ୍ଡିଆ, ଉତ୍ତର ମହଲା, ରାମଲାଲ ସୁନାନୀ, ନେହେରୁ ସୁନାନୀ ଓ ଚିତ୍ତରଞ୍ଜନ ସାହା ପ୍ରମୁଖ ଉଦ୍‌ବୋଧନ ଦେଇ ଏହି କାର୍ଯ୍ୟକ୍ରମର ଲକ୍ଷ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ବିଜେଡିର ବରିଷ୍ଠ କର୍ମକର୍ତ୍ତାମାନେ ଯୋଗଦେଇ ସ୍ୱାକ୍ଷର ସଂଗ୍ରହ କରିଥିଲେ । କେନ୍ଦ୍ର ସରକାର ଜାତି ଭିତ୍ତିକ ରାଜନୀତି କରି ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ମେଧାବୃତ୍ତି ଓ ଛାତ୍ର ବୃତିର ଅଂଶଧନକୁ ହ୍ରସ କରିବା ପ୍ରତିବାଦରେ ବିକ୍ଷୋଭ କରାଯାଇଥିଲା।




ବିଜେଡି ପକ୍ଷରୁ ଆୟୋଜିତ ‘ମୋ ଭବିଷ୍ୟତ ସୁରକ୍ଷା’ ସ୍ୱାକ୍ଷର କାର୍ଯ୍ୟକ୍ରମ।

## ପୋଲିସର ଜନସମ୍ପର୍କ ଶିବିର

**ଭବାନୀପାଟଣା,୩୦।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କମଲାବାରୀଠାରେ କଳାହାଣ୍ଡି ପୋଲିସର ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟଅତିଥି ଭାବେ ଆଇପିଏସ୍ ଅଫିସ୍‌ର ବିନିତ ଅଗ୍ରୱାଲ, ସମ୍ମାନିତ ଅତିଥି ଧର୍ମଗଡ ଏସଡିପିଓ ସୁରେନ୍ଦ୍ର ନାଥ ଶତପଥୀ, ଗୋଲାମୁଣ୍ଡା ଆଇଆଇସି ଉଲ୍ଲାସ ମାଝି, ଧାମନପୁର ସମିତି ସଭ୍ୟ ଦିନେଶ ରାଉତ, ସାମାଜିକ କର୍ମୀ ପଙ୍କଜ ରାଉତ ପ୍ରମୁଖ ଯୋଗ ଦଇଥିଲେ। ଗଦଲାଝରଣ, କମଲାବାରୀ, ଦେଝେର, ଖସିଗୁଡା, ଧାମନପୁର, ଦଶପୁର ଅଞ୍ଚଳର ବହୁ ବ୍ୟକ୍ତିଙ୍କ ସମେତ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଧର୍ମଗଡ ଏସଡିପିଓ ଶତପଥୀ ଜନସାଧାରଣ ଓ ପୋଲିସ ସହ ସୁସମ୍ପର୍କ ରଖିବା ଓ ଅପରିଚିତ ଲୋକଙ୍କ ପାଖକୁ ନ ଯିବା ପାଇଁ ପରାମର୍ଶ ଦେଇଥିଲେ । ମାଓପ୍ରବଣ ଅଞ୍ଚଳ ହେଲେ ମଧ କଳାହାଣ୍ଡି ପୋଲିସ ଜନସାଧାରଣଙ୍କ ନିକଟରେ ରହିଛି ବୋଲି ଉଦବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଦଶପୁର ଫାଣ୍ଡି ଅଧିକାରୀ ଅକ୍ଷୟ ପଟ୍ଟନାୟକଙ୍କ ସହ ଅନ୍ୟାନ୍ୟ ପୋଲିସ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

କସ୍ତୁରବା ଆବାସିକ ବିଦ୍ୟାଳୟ ଅନିୟମିତତା ଘଟଣା

# ଭାଜପା ଜିଲା ପରିଷଦ ଅଧକ୍ଷାଙ୍କ ସ୍ଥିତି ସମୀକ୍ଷା

**କୋକସରା,୩୦।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଅନ୍ତର୍ଗତ ଚିଲିଗୁଡାଠାରେ ଥିବା କସ୍ତୁରବା ଆବାସିକ ବିଦ୍ୟାଳୟରେ ଦେଖାଦେଇଥିବା ଅନିୟମିତତା ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଓ ୱାଡେନଙ୍କୁ ତୁରନ୍ତ ବଦଳି ଦାବି କରି ଛାତ୍ରୀମାନେ ଗତ ସୋମବାର ୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଘଟଣାର ଖବର ପାଇବା ପରେ ବୁଧବାର ଭାଜପା ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁଙ୍କ ସହ ଏକ ମହିଳା କର୍ମକର୍ତ୍ତା ଦଳ ଚିଲିଗୁଡ଼ା ଆବାସିକ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀଙ୍କ ସହ ଆଲୋଚନା କରିବା ସହ ସ୍ଥିତି ସମୀକ୍ଷା କରିଛନ୍ତି।

ଆବାସିକ ବିଦ୍ୟାଳୟରେ ହେଉଥିବା ଅନିୟମିତତା ବିଷୟରେ ଛାତ୍ରୀଙ୍କ ମୁହଁରୁ ସତ୍ୟତା ଥିବା ଜାଣିବାକୁ ପାଇଥିବା ଅଧ୍ୟକ୍ଷା କହିଛନ୍ତି। ଘଟଣା ସମ୍ପର୍କରେ ଆବାସିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ତରୁଲତା ନାଏକଙ୍କୁ ଡ଼ାକି ପଚାରିବୁଝି ଥିଲେ। ଏ ନେଇ ଜିଲା ପ୍ରଶାସନ ସହ ଆଲୋଚନା କରି ଦୋଷୀ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସାହୁ ସୂଚନା ଦେଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ତରୁଲତା ନାଏକ ନିଜ ଦୋଷ ମାନିବାକୁ ପ୍ରସ୍ତୁତ ନ ଥିବା ବେଳେ ଜାଣିଶୁଣି ତାଙ୍କ ବିରୋଧରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଷଡଯନ୍ତ୍ର କରୁଥିବା ସେ ଅଭିଯୋଗ କରିଛନ୍ତି। ଜିଲା ପରିଷଦ ଅଧ୍ୟକ୍ଷାଙ୍କ ସହ ଭବାନୀପାଟଣା ସଦର ବ୍ଲକ ଅଧ୍ୟକ୍ଷା ସନ୍ତୋଷିନୀ ଦାସ, କୋକସରା ବ୍ଲକ ଅଧକ୍ଷ୍ୟା ସବ୍ୟାରାଣୀ ବାଗ, ଆମପାଣି ଜିଲା ପରିଷଦ ସଭ୍ୟା ହେମାଙ୍ଗିନି ହଂସ, କୋକସରା ଜୋନ୍ ଜିଲା ପରିଷଦ ସଭ୍ୟା ଜାହ୍ନଭୀ ବାଗଙ୍କ ସମେତ ମୋଟେର ଜିଲା ପରିଷଦ ସଭ୍ୟ ଅମୋଜ କୁମାର ପଣ୍ଡା ଓ ନିତ୍ୟାନନ୍ଦ ସାହୁ ପ୍ରମୁଖ ସାମିଲ ଥିଲେ ।



କସ୍ତୁରବା ଆବାସିକ ବିଦ୍ୟାଳୟରେ ଅଧକ୍ଷାଙ୍କ ସହ ଛାତ୍ରୀମାନେ ଆଲୋଚନା କରୁଛନ୍ତି ।

ଆଞ୍ଚଳିକ ଲୋକ ମହୋତ୍ସବ ଉଦ୍‌ଯାପିତ

# ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

**ରିଷିଡ଼ା,୩୦।୧ (ଡି.ଏନ.ଏ.)**

କର୍ଲାମୁଣ୍ଡା ବ୍ଲକ ରିଷିଡା, ପୌରକେଲା, ଗଜବାହାଲ ପଞ୍ଚାୟତର ମିଳିତ ଉଦ୍ୟମରେ ଚାଲିଥିବା ଆଞ୍ଚଳିକ ଲୋକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବର ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଧନେଶ୍ୱର ମାଝି, ସମ୍ମାନିତ ଅତିଥି ଭାବେ ରିଷିଡ଼ା ଆରଆଇ ସସ୍ମିତା ରଣା ଯୋଗଦେଇ ଆଞ୍ଚଳିକ ଲୋକ ମହୋତ୍ସବ ଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ସନ୍ଧ୍ୟାରେ ଆୟୋଜିତ ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ହାଉସିଂ ବୋର୍ଡ ଅଧ୍ୟକ୍ଷ ଭୂପିନ୍ଦର ସିଂ, ସମ୍ମାନିତ ଅତିଥି ଭାବେ ଟେଲି ତଥା ସିନେମା କଳାକାର ରତନ ମେହେର, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଉପେନ୍ଦ୍ର ସାହୁ, ଜେ.କେ. କଲେଜ ଅଧ୍ୟକ୍ଷ ପ୍ରନୟ ଆନନ୍ଦ କୁମାର ତ୍ରିପାଠୀ, ଜିଲା କଳାକାର ଯୋଜନା ସଂଯୋଜକ କିଶୋର ଚନ୍ଦ୍ର ନାଏକ, ନର୍ଲା କଳାକାର ଯୋଜନା ବ୍ଲକ ସଂଯୋଜକ ଦୁର୍ଲଭ ମାହାର ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଦୁଇଟି ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ ନାଏବ ସରପଞ୍ଚ କୈଳାସ ଚନ୍ଦ୍ର ପାତ୍ର। ଗଜବାହାଲ ସରପଞ୍ଚ ପୂଜା ସାହୁ ଓ ପୌରକେଲା ସରପଞ୍ଚ କେତକୀ ରଣା ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମ ସଂଯୋଜନା ନରୋତମ ସେଲମା କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା ମଧୁସୂଦନ ବାଗ। ପୁରୀର ରଙ୍ଗଶାଳା, ସୋନପୁରର ପର୍ଣ୍ଣରି, ରିଷିଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଜଶ୍ୟାମ ସାହୁ, ସୌମ୍ୟରଞ୍ଜନ ତ୍ରିପାଠୀ, ବିଶିକେଶନ ସେଠ, ସଞ୍ଜୟ ଜୈନ, ଲକ୍ଷ୍ମୀପ୍ରସାଦ ସେଠ ପ୍ରମୁଖ ସହାୟତା କରିଥିଲେ।



ରିଷିଡ଼ା ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀମାନଙ୍କ ଆଦିବାସୀ ନୃତ୍ୟ ପରିବେଷଣ ।



ପୋଲିସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ବୃନ୍ଦ।



ପୁରାତନ ଛାତ୍ର ପ୍ରଫୁଲ୍ଲ ସାହୁ ପ୍ରଧାନଶିକ୍ଷକଙ୍କୁ ଅର୍ଥଦାନ କରୁଛନ୍ତି ।

ବିଭିନ୍ନ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ

# ପାଣି ସଂଗ୍ରହ କରିବା ପାଇଁ ଆଲୋଚନା

**ଭବାନୀପାଟଣା,୩୦।୧(ଡି.ଏନ.ଏ.)**

ସ୍ଥାନୀୟ ପୋଲିସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ସମ୍ମାନ ପୁରସ୍କାର ପ୍ରାପ୍ତ ଶିକ୍ଷାବିତ୍ ପ୍ରଭାସ ଚନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ଭାବେ ଜିଲା ମୋ ସ୍କୁଲ ଅଭିଯାନ ଜିଲା ଆବାହକ ସୁକାନ୍ତ ସାହୁ, ଭବାନୀପାଟଣା ଶିକ୍ଷା ଜିଲା ଏବିଇଓ ଠାକୁର ଚନ୍ଦ୍ର ସାହୁ ଓ ତେନ୍ତୁଲିଖୁଣ୍ଟି କ୍ଲଷ୍ଟର ସିଆରସିସି ଭି. ସୋମେଶ୍ୱର ରାଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରକୃତୀବନ୍ଧୁ ଓ ରାଜ୍ୟପାଳ ସମ୍ମାନ ପୁରସ୍କାରପ୍ରାପ୍ତ ନୀଳାମ୍ବର ନାୟକ ଅଧ୍ୟକ୍ଷତା କରିଥିଲେ। ଶିକ୍ଷୟିତ୍ରୀ ଲାବଣ୍ୟମୟୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କଠାରୁ ମୋଟ ୧,୪.୩୮୦ ଟଙ୍କା ସଂଗ୍ରହ ହୋଇଥିଲା।

**କେସିଙ୍ଗା,(ଡି.ଏନ.ଏ.)–** କେସିଙ୍ଗା ବ୍ଲକ ବାଲସି ଗ୍ରାମସ୍ଥିତ ଜବାହାର ଉଚ୍ଚ ବିଦ୍ୟାପୀଠ ପରିସରରେ ପ୍ରଧାନଶିକ୍ଷକ ଅଭୟ କୁମାର ଦେବତାଙ୍କ ନେତୃତ୍ୱରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରରେ ଗ୍ରାମ ପରିକ୍ରମା କରି ବିଭିନ୍ନ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି ଅଭିଯାନରେ ମଞ୍ଚ ପରିଚାଳନା କରିଥିଲେ ଜୟଚନ୍ଦ୍ର ଭୋଇ। ମୁଖ୍ୟବକ୍ତା ଭାବେ ସିଆରସି ଫଗୁମଣି ବେଦାନ୍ତ, ସହ ଶିକ୍ଷୟିତ୍ରୀ ସୋନାଲି ମିଶ୍ର, ଖେଳ ଶିକ୍ଷକ କୈବଲ୍ୟ ସାହୁ ପ୍ରମୁଖ ଯୋଗଦେଇଥିଲେ । ଏହି ଉପଲକ୍ଷେ ୭ଜଣ ଛାତ୍ରୀଛାତ୍ରମାନେ ମୋ ସ୍କୁଲ ଅଭିଯାନ ପାଇଁ ଅର୍ଥ ପ୍ରଦାନ କରିଥିଲେ ।

**ରିଷିଡା,(ଡି.ଏନ.ଏ.)–** କର୍ଲାମୁଣ୍ଡା ବ୍ଲକ ସରକାରୀ ବାପୁଜୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପୁରାତନ ଛାତ୍ରମାନେ ଏକତ୍ର ହୋଇ ବିଦ୍ୟାଳୟରେ ପାଣି ସଂଗ୍ରହ କରିବା ପାଇଁ ଆଲୋଚନା କରାଯାଇଥିଲା । ପ୍ରଧାନଶିକ୍ଷକ ପ୍ରଦୀପ କୁମାର ପଧାନ, ପୁରାତନ ଛାତ୍ର ତଥା ବିଜ୍ଞାନ ଶିକ୍ଷକ ସୁଶାନ୍ତ କୁମାର ଦୀପ, ପୁରାତନ ଛାତ୍ର ସିନୁ ବେହେରା, ବିଶ୍ୱଦୀପକ ପାତ୍ର, ରଞ୍ଜନ ନାଏକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

**ଜୁନାଗଡ, (ଡି.ଏନ.ଏ.)–** ଜୁନାଗଡ ସହର ଲଙ୍କେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବୁଧବାର ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କମଳିନୀ ମୁଣ୍ଡଙ୍କ ଅଧକ୍ଷତାରେ ଅତିଥି ଭାବେ ପୂର୍ବତନ କାଉନସିଲର ମୁକେଶ ଅଗ୍ରୱାଲ, ବିଜୟାଲକ୍ଷ୍ମୀ ଆଚାରି, ମୋ ସ୍କୁଲ ଅଭିଯାନ ସ୍ଥାନୀୟ ସ୍କୁଲର ସଭାପତି ଡେଜି ନାଏକ, ସମ୍ପାଦକ ସ୍ୱାତୀ ବରାଡ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ସଫଳ ରୁପାୟନ ନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସହଶିକ୍ଷୟିତ୍ରୀ ଜୋତ୍ସ୍ନାମୟୀ ସାହୁ, ଡଃ ପ୍ରତିଭା ମନ୍ନା, ସୁଦେଷ୍ଣା ନାୟକ, ତିଳୋତ୍ତମା ମିଶ୍ର, ପ୍ରତିମା ନନ୍ଦ, ଶିକ୍ଷକ ଫକୀର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଚମରୁଲାଲ ପାଢି ମଞ୍ଚ ପରିଚାଳନା କରିଥିଲେ। ବହୁ ସଂଖ୍ୟାରେ ବିଦ୍ୟାଳୟର ପୂର୍ବତନ ଛାତ୍ରୀମାନେ ଯୋଗଦେଇଥିଲେ।



ବୟସ ଯେତେବେଳେ ମନୁଷ୍ୟର ଭୋଗ କରିବାର ସାମର୍ଥ୍ୟକୁ ଊଣା କରିଦେବାରେ ଲାଗିଥାଏ, ସେତିକିବେଳେ ସେ ଅଧିକ ଭୋଗର ଇଚ୍ଛାକରେ।
- ବୁଦ୍ଧଦେବ

## ସଂକ୍ଷେପରେ

### ଖେଳଦେଖି ଫେରିବାବେଳେ ଗଣ୍ଡଗୋଳ: ଜଣେ ମୃତ

**ବାରିପଦା ଅଫିସ/ ଠାକୁରମୁଣ୍ଡା (ଡି.ଏନ.ଏ.) ୩୦।୧** - ଫୁଟବଲ ଖେଳ ଦେଖିବାକୁ ଯାଇ ଫେରୁଥିବା ବେଳେ ଗଣ୍ଡଗୋଳ ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଏପରି ଅସ୍ୱାଭାବିକ ଘଟଣା ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅଧୀନ ଡୁମୁରିସାହିରେ ବୁଧବାର ହୋଇଛି। ମୃତକ ହେଲେ ଡୁମୁରିସାହିର ଲୋଚନ ମୁଣ୍ଡା ଓ ଗୁରୁତର ହେଲେ ପୂର୍ଣ୍ଣ ଚାମ୍ପିଆ। ତାଙ୍କୁ କରଞ୍ଜିଆ ମେଡିକାଲରେ ଭର୍ତ୍ତି କରାଯାଇଛି । ନଦାଗଡିଆ ଗ୍ରାମରେ ହେଉଥିବା ଫୁଟବଲ ଖେଳ ଦେଖିବାକୁ ଯାଇ ଫେରୁଥିବା ବେଳେ ଉଭୟଙ୍କର କେତେକ ଯୁବକଙ୍କ ସହ ଗଣ୍ଡଗୋଳ ଓ ମାରପିଟ ହୋଇଥିଲା। ସେମାନେ ଲୁହା ରଡରେ ନିସ୍ଠୁର ପିଟିବାରୁ ଉଭୟ ଗୁରୁତର ହୋଇ ପଡିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଲୋଚନଙ୍କ ମୃତ୍ୟୁ ହୋଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ସ୍ତ୍ରୀଙ୍କ ଅଭିଯୋଗ କ୍ରମେ କରଞ୍ଜିଆ ଥାନାରେ ଏକ ହତ୍ୟା ମାମଲା (ନଂ୧୨/୧୮) ରୁଜୁ ହୋଇଛି। ପୋଲିସ ୨ଜଣଙ୍କୁ ଅଟକ ରଖି ତଦନ୍ତ ଜାରୀ ରଖିଛି ।

### ବୃଦ୍ଧଙ୍କ ମୃତଦେହ ଉଦ୍ଧାର: ହତ୍ୟା ଅଭିଯୋଗ

**କେନ୍ଦୁଝର, ୩୦।୧ (ସ୍ୱ.ପ୍ର.)**- କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ବଡପଳାଶପାଳ ଗ୍ରାମପଞ୍ଚାୟତ ନିକଟସ୍ଥ ରାଣିପଦା ଜଙ୍ଗଲରୁ ପୋଲିସ ଏକ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି। ଏହାକୁ ନେଇ ଉକ୍ତ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି। ତାଙ୍କୁ କେହି ପଥରରେ ଛେଚି ହତ୍ୟା କରିଥିବା କୁହାଯାଉଛି। ତାଙ୍କ ନାମ କୀର୍ତ୍ତନ ଦେହୁରୀ(୫୦)। ଘର ରାଣୀପଦା ଗ୍ରାମରେ ବୋଲି ଜଣାପଡିଛି। ପ୍ରକାଶ ଯେ ମଙ୍ଗଳବାର କୀର୍ତ୍ତନ ସ୍ଥାନୀୟ ବଡପଳାଶପାଳ ସାପ୍ତାହିକ ହାଟକୁ ଯାଇଥିଲେ। ସେଠାରୁ କାମ ସାରି ସନ୍ଧ୍ୟା ସମୟରେ ଘରକୁ ଫେରୁଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ କେହି ରାଣିପଦା ଜଙ୍ଗଲରେ ପଥରରେ ଛେଚି ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ କରୁଛି।

ଅନ୍ୱେଷା ବିଦ୍ୟାଳୟରେ ବ୍ୟାପକ ଅବ୍ୟବସ୍ଥା

# ଜିଲା କର୍ତ୍ତୃପକ୍ଷଙ୍କୁ ଅଭିଭାବକଙ୍କ ଅଭିଯୋଗ

- ପାଣି ଓ ପରିମଳ ବ୍ୟବସ୍ଥା ଭୁଶୁଡିଛି
- ପରିଚ୍ଛନ୍ନ ବ୍ୟବସ୍ଥା ପ୍ରତି ଦୃଷ୍ଟି ନାହିଁ
- କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ

**ନୂଆପଡା ଅଫିସ,୩୦।୧**

ରାଜ୍ୟ ସରକାର ଅନୁସୂଚୀତ ଜାତି ଓ ଜନଜାତି ବର୍ଗର ଛାତ୍ରୀଛାତ୍ରଙ୍କୁ ଆବାସିକ ଇଂରାଜୀ ମାଧ୍ୟମ ଶିକ୍ଷା ବ୍ୟବସ୍ଥା କରିବାକୁ ଅନ୍ୱେଷା ଯୋଜନା କାର୍ଯ୍ୟକାରୀ କରିଛନ୍ତି । ହେଲେ ଦାୟିତ୍ୱରେ ଥିବା ପବ୍ଲିକ ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଏବଂ ସରକାରୀ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ଅବ୍ୟବସ୍ଥା ହେଉଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଭିଭାବକମାନେ ଜିଲା ମଙ୍ଗଳ ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି ।

ଜିଲାରେ ୨୦୧୬ରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ବର୍ତ୍ତମାନ ୭୫୦ରୁ ଊର୍ଦ୍ଧ୍ୱ ସଂଖ୍ୟକ ଅନୁସୂଚୀତ ଜାତି ଓ ଜନଜାତି ବର୍ଗର ଛାତ୍ରୀଛାତ୍ର ଏହି ଯୋଜନାରେ ସାମିଲ ରହି ଆବାସିକ ଶିକ୍ଷାଗ୍ରହଣ କରୁଛନ୍ତି। ଏହାକୁ ସ୍ଥାନୀୟ କାନଚନବେନ ରସିକଲାଲ ଚେରିଟେବଲ ଟ୍ରଷ୍ଟ ନାମକ ଏକ ଶିକ୍ଷାସଂସ୍ଥାନ ଟେଣ୍ଡରରେ ନେଇ ପରିଚାଳନା କରୁଛନ୍ତି। ପରିଚାଳନାକାରୀ ନିଜର ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟରେ ପିଲାଙ୍କୁ ସୁରକ୍ଷିତ ବ୍ୟବସ୍ଥାରେ ରଖିବା କଥା । ହେଲେ ବର୍ତ୍ତମାନ ସମସ୍ତେ ଅସୁରକ୍ଷିତ ହୋଇ ରହିଥିବା ଖୋଦ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ବିଦ୍ୟାଳୟର ନିଜର ବ୍ୟବସ୍ଥା ନ ଥିବାରୁ ନ୍ୟାଶନାଲ ହାଇସ୍କୁଲ, ଜୁନିୟର ସାଇନ୍ସ କଲେଜ, ଗୋପବନ୍ଧୁ ବିଦ୍ୟାପୀଠ ଏବଂ ଜ୍ଞାନ ଜ୍ୟୋତି ବିଦ୍ୟାଳୟ ପରିସରରେ ପିଲାମାନଙ୍କୁ ରଖାଯାଇଛି । ଏଠାରୁ ପିଲା ପ୍ରତ୍ୟେକ ଦିନ ବସ ଯୋଗେ ଜ୍ଞାନଜ୍ୟୋତି ବିଦ୍ୟାଳୟକୁ ଆସି ପାଠ ପଢିଥାନ୍ତି । ଏମାନଙ୍କ ମଧ୍ୟରୁ ସ୍ଥାନୀୟ ଟାଉନଓ୍ୱାର୍ଡସ୍ଥିତ ଜୁନିୟର ସାଇନ୍ସ କଲେଜ ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଅଭିଯୋଗ ଆଣିଛନ୍ତି ଯେ ଏଠାରେ ମୋଟ ଶହେ ଜଣ କୁନି କୁନି ଛାତ୍ରୀଛାତ୍ର ରହୁଛନ୍ତି । ସରକାର ସବୁବେଳେ ପରିମଳ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦିଆଯାଉଥିବା କହୁଥିବାବେଳେ ଏଠାରେ ପାଣିର ଉତ୍କଟ ସମସ୍ୟା ରହିଛି । ହଷ୍ଟେଲ ଭିତରେ ଥିବା ପାଇଖାନାରୁ ଦୁର୍ଗନ୍ଧ ବାହାରୁଛି । ପିଲାମାନେ ଦିନେ ଗାଧୋଇଲେ ଦିନେ ଅଗାଧୁଆ ରହିଯାଉଛନ୍ତି । ଯୋଜନାରେ ପିଲାଙ୍କୁ ମୁକ୍ତ ଟିଉସନ ସୁବିଧା କରିବାର ବ୍ୟବସ୍ଥା ରହିଥିବାବେଳେ ଏଠାରେ ଏହା ହେଉନାହିଁ । ଏଠାରେ ନିଯୁକ୍ତ ହୋଇଥିବା ଜଗୁଆଳିମାନେ ବିଭିନ୍ନ ସମୟରେ ପିଲାଙ୍କୁ ଦୁର୍ବ୍ୟବହାର କରୁଥିବା ପିଲାମାନେ ତାଙ୍କ ଅବିଭାଭକଙ୍କ ନିକଟରେ ଅଭିଯୋଗ କରିଥିବା ପ୍ରକାଶ । ଏଠାରେ ତୁରନ୍ତ ପୁରୁଷ ରାତ୍ରିଜଗୁଆଳି ନିଯୁକ୍ତ କରିବାକୁ ଦାବି କରାଯାଇଛି । ପିଲାମାନେ ବାରମ୍ବାର ଜ୍ୱର ଓ ଝାଡାବାନ୍ତିର ଶୀକାର ହେଉଥିଲେ ହେଁ ଠିକ ଭାବରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉନାହିଁ । ସୂଚନାଯୋଗ୍ୟ ଯେ, ପିଲାଙ୍କୁ ପାଠ ପଢା ପାଇଁ ୨୫ ହଜାର ଟଙ୍କା ଏବଂ ଖାଇବା ରହିବା ଆଦି ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ୧୪ ହଜାର କରି ମୋଟ ୩୯ ହଜାର ଟଙ୍କା ଖର୍ଚ୍ଚ କରିଥାନ୍ତି । ହେଲେ ହଷ୍ଟେଲରେ କେବେ ତେଲ, ସାବୁନ କି ଅନ୍ୟାନ୍ୟ ସୁବିଧା ଦିଆଯାଉ ନ ଥିବା ଅଭିଭାବକ ତଥା ଲଖନା ପଞ୍ଚାୟତ ନାଏବ ସରପଞ୍ଚ ଅର୍ଜୁନ ମାଝି ଅଭିଯୋଗ କରିଛନ୍ତି । ଫଳରେ ପିଲାମାନେ ସବୁବେଳେ ମଇଳା ଜାମା ପରିଧାନ କରି ସ୍କୁଲକୁ ଯାଇଥାନ୍ତି । ଏହି ଯୋଜନାରେ ପିଲାମାନେ ପ୍ରଥମରୁ ଚତୁର୍ଥ ଶ୍ରେଣୀଯାଏଁ ପାଠ ପଢୁଛନ୍ତି । ହେଲେ ଠିକ ଭାବରେ କୌଣସି ମାତ୍ରା କିମ୍ବା ଯୁକ୍ତାକ୍ଷର ଶିକ୍ଷା ପାଇନାହାନ୍ତି । ଏହା ଉପରେ ଜିଲା କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରିଛନ୍ତି। ଏହା ଉପରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଅଭିଭାବକ ଜଗନ୍ନାଥ ଶବର, ଜଗତରାମ ବାଗ, ଭୁବନେଶ୍ୱର ଶବର, ଉପେ ମାଝି, ଈଶ୍ୱର ବନଗୋଲା, କମଳ ସିଂ ହରିଜନ, ମାନସିଂ ମାଝି, ଦେବାନନ୍ଦ ମାଝି, କେଶବ ମାଝି, ହେମକାନ୍ତ ସୁନାନୀ, ଅନୁପ ସିଂ ଶବର, ଧବନ ମାଝି ପ୍ରମୁଖ ଚେତାବନୀ ଦେଇଛନ୍ତି ।

## ଜିଲାସ୍ତରୀୟ ଶିଶୁ ସୁରକ୍ଷା ଯୋଜନା ନେଇ ଆଲୋଚନା

**ଝାରସୁଗୁଡ଼ା ଅଫିସ, ୩୦।୧**

ଝାରସୁଗୁଡ଼ା ସଂସ୍କୃତି ଭବନଠାରେ ବୁଧବାର ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ପିତୃମାତୃହୀନ ଶିଶୁମାନଙ୍କ ସୁପରିଚାଳନା ସଂକ୍ରାନ୍ତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଶିଶୁମାନେ ପାଉଥିବା ଆର୍ଥିକ ପ୍ରୋତ୍ସାହନର ସୁବିନିଯୋଗ ଏବଂ ଶିଶୁମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟର ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲାର ୨୫ଟି ପରିବାରର ୩୦ ଜଣ ଶିଶୁ ଏବଂ ତାଙ୍କର ଅଭିଭାବକ ଏଥିରେ ଅଂଶଗ୍ରହଣ କରିଥିଲେ। ଜିଲା ମଙ୍ଗଳ କମିଟି ଅଧକ୍ଷା ଆନନ୍ଦିନୀ ପାଢୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ମମତା ତ୍ରିପାଠି, ଅହଲ୍ୟା ନାଏକ, ଗୁଣନିଧି ଭଇଁଷା ପ୍ରମୁଖ ଆର୍ଥିକ ପ୍ରୋତ୍ସାହନର ସୁବିନିଯୋଗ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

## ମୋତିଆବିନ୍ଦୁ ଅସ୍ତ୍ରୋପଚାର କାର୍ଯ୍ୟକ୍ରମ

**ଲାଞ୍ଜିଗଡ଼,୩୦।୧(ଡି.ଏନ.ଏ.)**

ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ କମ୍ପାନୀ ପକ୍ଷରୁ ମାଗଣା ମୋତିଆବିନ୍ଦୁ ଅସ୍ତ୍ରୋପଚାର କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ବେଦାନ୍ତ ଡାକ୍ତରଖାନା, ସହକାରୀ ସ୍ୱାସ୍ଥ୍ୟସେବା ସଂସ୍ଥା ପୁନରୁତ୍ଥାନ ଓ ସୋନପୁରସ୍ଥିତ ଲେପ୍ରା ମହାନଦୀ ନେତ୍ର ଚିକିତ୍ସାଳୟର ମିଳିତ ସହଭାଗିତାରେ ଲାଞ୍ଜିଗଡ ତଥା ବାତେରଲିମା, ଚଣାଲିମା, ବସନ୍ତପଡା, ଲେପଟାଗୁଡା, ଭାଙ୍ଗଗୁଡା, ପାତ୍ରପଡା, ଅମ୍ବାଦୋଳା, ଟାଙ୍ଗନକଣା, ଚନ୍ଦନପୁର, ମୁନିଗୁଡା ଆଦି ୧୫ଟି ପାର୍ଶ୍ୱବର୍ତ୍ତି ଗ୍ରାମରୁ ୩୪ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇ ସୋନପୁରସ୍ଥିତ ଲେପ୍ରା ମହାନଦୀ ନେତ୍ର ଚିକିତ୍ସାଳୟକୁ ପଠାଯାଇଛି । ସେଠାରେ ରୋଗୀଙ୍କ ପରୀକ୍ଷା କରି ଅସ୍ତ୍ରୋପଚାର କରାଯିବ ବୋଲି ବେଦାନ୍ତ ପକ୍ଷରୁ ସୂଚନା ଦିଆଯାଇଛି । ଏଥିରେ ଲାଞ୍ଜିଗଡ ସରପଞ୍ଚ ସୁଶ୍ରୀ ମଣି ମାଝି, ବିଶ୍ୱନାଥପୁର ଡାକ୍ତରଖାନା ମୁଖ୍ୟ ଡ. ଇନ୍ଦର କୁମାର, ବେଦାନ୍ତ ଲାଞ୍ଜିଗଡର ବାହ୍ୟ ସମ୍ପର୍କ ତଥା ବ୍ୟବସ୍ଥାପକ ନିର୍ଦ୍ଦେଶକ ସଞ୍ଜୀବ କୁମାର ଓ ସୁରକ୍ଷା ମୁଖ୍ୟ ରାଜୀବ ରଞ୍ଜନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଡ. ଅକ୍ଷୟ ସାହୁ, ବେଦାନ୍ତ ଡାକ୍ତରଖାନା ମ୍ୟାନେଜର ସୁଶ୍ରୀ ମିଶ୍ର, ଅମର କୁମାର ମହାନ୍ତି, ଡ.ବୁଦ୍ଧଦେବ ଗୋମାଙ୍ଗ, ଡ.ସ୍ୱାତି ଶତପଥୀ, ଡ. ରମାମଞ୍ଜରୀ ନାଏକ ଓ ଡ. ଭୂବନ ମେହେର ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ବେଦାନ୍ତ ପକ୍ଷରୁ ରୋଗୀମାନଙ୍କୁ କମ୍ବଳ ବଣ୍ଟା ଯାଇଥିଲା ।

■ ପିଆରଏମ ମେଡିକାଲ କଲେଜ

## ଟେଣ୍ଡର ଫିକ୍ସିଂ ଅଭିଯୋଗ

**ଭାଜପାର ଆନ୍ଦୋଳନ ଚେତାବନୀ**

**ବାରିପଦା ଅଫିସ,୩୦।୧:** ବଣପାହାଡ ଘେରା ମୟୂରଭଞ୍ଜ ଜିଲାବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ରାଜ୍ୟସରକାର ବାରିପଦାଠାରେ ମେଡିକାଲ କଲେଜ ଖୋଲିଥିଲେ। ହେଲେ ଏଠାରେ ଟେଣ୍ଡର ଫିକ୍ସିଂ କରାଯାଇ ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଅନୁକମ୍ପା ଦେଖାଯାଉଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ କରି କର୍ତ୍ତୃପକ୍ଷ ତୁରନ୍ତ ଟେଣ୍ଡର ବାତିଲ କରିବାକୁ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲକ୍ଷ୍ମଣ ତ୍ରିପାଠୀ ଦାବି କରିଛନ୍ତି। ନଚେତ ମେଡିକାଲ କଲେଜ ପରିସରରେ ଥିବା ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବା ସହିତ ତାଙ୍କ କାର୍ଯ୍ୟାଳୟକୁ ଅଚଳ କରିଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

ସୂଚନା ମୁତାବକ ମେଡିକାଲ କର୍ତ୍ତୃପକ୍ଷ ଗତ ୨୪ ଡିସେମ୍ବରରେ ଇନଡୋର ରୋଗୀଙ୍କ ପାଇଁ ଖାଇବା ଯୋଗାଇବା ନିମନ୍ତେ ଏକ ଟେଣ୍ଡର ଆହ୍ୱାନ କରିଥିଲେ। ଏହି ଟେଣ୍ଡର ପ୍ରକ୍ରିୟାରେ ୭ ଟି ସଂସ୍ଥା ଭାଗ ନେଇଥିବା ବେଳେ ୫ ଟି ସଂସ୍ଥା ଯୋଗ୍ୟ ବିବେଚିତ ହୋଇଥିଲେ। ବୁଧବାର ଏହି ଟେଣ୍ଡର ଓପନ ହୋଇଥିବା ବେଳେ କେଉଁ ସଂସ୍ଥାକୁ ଏହି ଟେଣ୍ଡର ପ୍ରଦାନ କରାଯିବ ତାହା ବର୍ତ୍ତମାନ ସୁଦ୍ଧା ଚୂଡାନ୍ତ ହୋଇନାହିଁ। ତେବେ ଜିଲା ବାହାରର ଏକ ସଂସ୍ଥାକୁ କର୍ତ୍ତୃପକ୍ଷ ଅନୁକମ୍ପା ଦେଖାଉଥିବା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲକ୍ଷ୍ମଣ ତ୍ରିପାଠୀ ଗଣମାଧ୍ୟମ ନିକଟରେ ଅଭିଯୋଗ କରିଛନ୍ତି। ମେଡିକାଲ କର୍ତ୍ତୃପକ୍ଷ ଏହାର ତଦନ୍ତ କରି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେଲେ ଭାଜପା ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ଏନେଇ ପିଆରଏମ ମେଡିକାଲ କଲେଜର ହସ୍ପିଟାଲ ମ୍ୟାନେଜର ଡା.ବିନୋଦିନୀ ଦାସଙ୍କ ସହିତ ଆଲୋଚନା କରିବାରୁ ଟେଣ୍ଡର ଓପନ ହୋଇଛି । ହେଲେ କେଉଁ ସଂସ୍ଥାକୁ ଚୂଡାନ୍ତ କାର୍ଯ୍ୟ ପ୍ରଦାନ କରାଯିବା ତାହା ସ୍ଥିର ହୋଇ ନାହିଁ। ଏହା କେବଳ ଟେଣ୍ଡର କମିଟି ଚୂଡାନ୍ତ କରିବ। ଏଥିରେ କୌଣସି ଫିକ୍ସିଂ ହୋଇ ନ ଥିବା ମଧ ସେ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏରେଣ୍ଡା କେରେଣ୍ଡା କୋଳି**
**କଉଡ଼ି ନ ଦେଲେ ନ ଦେବି କାଲି**
**ଶାଶୁଘର ଦେବେ ଗାଳି ।**

ସାଧାରଣତଃ ଦୋକାନୀମାନେ ନଗଦ ବେପାର ଉପରେ ଜୋର ଦେଇଥାନ୍ତି। କୌଣସି ଗରାଖ ଆସି ବାକି ମାଗିଲେ ମନା କରିଦେଇଥାନ୍ତି। ପଇସା ନ ଦେଲେ ଜିନିଷ ଦେବେନି ବୋଲି କହିଥାନ୍ତି। ବାକି ଦେଲେ ଶାଶୁଘର ଲୋକେ ଗାଳି ଦେବା ଭୟରେ ବୋହୂ କୋଳି ଭଳି ଅଳ୍ପ ମୂଲ୍ୟର ଜିନିଷ ମଧ୍ୟ ଦେବାକୁ ଅମଙ୍ଗ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏଇ କଥାକୁ**
**ନାଆ ପେଲିଦେଲି କଲିକତାକୁ ।**

କେତେକ ବ୍ୟକ୍ତି କୌଣସି କଥାକୁ ସେତେଟା ଗୁରୁତ୍ୱ ଦେଇ ନ ଥାନ୍ତି। ଏଇ ସାମାନ୍ୟ କଥାଟା ହୋଇପାରିବନି ଯେ ଏତେ ଚିନ୍ତା ବୋଲି କଲି ଫୁତ୍କାରରେ ଉଡେଇ ଦେଇଥାନ୍ତି। କଥାକୁ ଗୁରୁତର ସହକାରେ ନ ନେଇ ବେପରୁଆ ମନୋଭାବ ପୋଷଣ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
–ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଖଟିରେ ଖଟିରେ...

### ସବୁ ବନ୍ଧା ହେବ

ଆରେ ହେଇ ମୁଁ ଶୁଣୁଛି କୁଆଡେ, ଏଥର ରାତିଯାକ ତୁମ ଉପର ମହଲା କୋଠରି ଖୋଲା ରହିବ। ଆଉ ତୁମମାନଙ୍କ କେଇଜଣ ହେଭିଓ୍ୱେଟ୍ ଭାଇ କୁଆଡେ ଏଥର ସେଇଠି ଯାଇ ଶୋଇବେ। ଆମ ରମାଦେବୀ କଲେଜ ସାମ୍ନାର ଚା ଖଟିରେ ଜଣେ ଗେରୁଆ ଦଳର ଭାଇ ଏମନ୍ତ ଢଙ୍ଗରେ ଶଙ୍ଖ ଦଳର ଜଣେ ମହାଶୟଙ୍କୁ ଇଙ୍ଗିତ କରୁଥାଆନ୍ତି। ଆଉ କହୁଥାଆନ୍ତି, ହଁ ମ, ଏଥିରେ ଖରାପ କ'ଣ ? ଇଲେକ୍ସନ ପାଖଟା, ଏବେ ଲୋକେ ଶୁଆଇ ଦେଇ ନ ଥାଆନ୍ତେ, ଯଦି ଏତେ ଭଲ ସୁବିଧା ମିଳୁଛି ତେବେ ଖରାପଟା କ'ଣ। ଗେରୁଆ ବାବୁଙ୍କ ଏଇ କେଇପଦ କଥା ଶୁଣି ଶଙ୍ଖ ମହାଶୟ ରକ୍ତ ଚାଉଳ ଚୋବାଇବା ଭଳି ଦାନ୍ତ କଟମଟ କରୁଥାଆନ୍ତି। ଆଉ ରାଗି କହିଲେ, ଆମ ଭାଇମାନେ ସିନା ରକ୍ଷା ପାଇବାକୁ ଉପର ମହଲା ପଳାଇବେ। ହେଲେ ତୁମ ଗେରୁଆ ଭ୍ରାତାମାନେ କୋଉଠି ଶୋଇବେ ହୋ ? ଜମା ଉତ୍ତର ନାହିଁ, ଆଗକୁ ଏମିତି ହବ ଯେ, ଗୋଟେ ପରେ ଗୋଟେ ସବୁ ବନ୍ଧା ହେବ। ତୁମେ ଯେତେ ଖେଳ କଲେ ବି ଏଥର ଶଙ୍ଖ ବାଜିବା ନିଶ୍ଚିତ।

### ବାଃ ବାଃରେ ରାଜନୀତି

ପାପୁଲିଦଳର ହାଇକମାଣ୍ଡ ଓଡ଼ିଶା ବୁଲିଯିବା ପରେ କର୍ମୀ ଉତ୍ସାହିତ ଜଣାପଡୁଛନ୍ତି। ହେଲେ ସେହି ଉତ୍ସାହ କେତେ ଆସନ ଜିତାଇବ, ତାହା ଜଣା ପଡ଼ିନାହିଁ। ଏହିକଥା ବର୍ତ୍ତମାନ ଖଟିରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି। ମାଷ୍ଟରକ୍ୟାଣ୍ଟିନ ଚା ଖଟିରେ ରବିବାର ଏହି ସମ୍ପର୍କରେ ଆଲୋଚନା ଚାଲିଥାଏ। ଯାଜପୁରର ଜଣେ ବରିଷ୍ଠ କର୍ମୀ କହିଲେ, ଏଥର ୮୦ ଆସନ ସୁନିଶ୍ଚିତ। ଏକଥା ଶୁଣି ଅନ୍ୟ ସଦସ୍ୟଙ୍କ ହଜମ ହେଲା ନାହିଁ। ସେ ଛିଗୁଲେଇ ଯାଜପୁର ବ୍ୟକ୍ତିଙ୍କୁ କହିଲେ, ହାଇକମାଣ୍ଡ ପରା ଦେଶର ମୁଖିଆ ହେବେ। ତେଣୁ ତାଙ୍କର ଲୋକ ସଭା ଆସନ ଦରକାର। ଗଲା ଥରକ ତ ଖମ୍ବଆଲୁ ପାଇଥିଲେ, ଏଥର କେତେ ସେ କଥା କୁହ। ଏକଥା ଶୁଣି ଯାଜପୁର ବ୍ୟକ୍ତିଙ୍କ ମୁଣ୍ଡ ଗିଣ। ସେ କହିଲେ, କାହିଁ ଆମକୁ ତ ସେ କଥା କୁହାଯାଇନି। ୮୦ ବିଧାୟକ ଜିତିଲେ ପାପୁଲି ରାଇଜ ମୁଖିଆ ରାଇଜ ମୁଖ୍ୟ ହେବେ। ଲୋକ ସଭାରୁ କ'ଣ ମିଳିବ। ଏକଥା ଶୁଣି ଅନ୍ୟ ବ୍ୟକ୍ତିଜଣକ କହିଲେ, ତା ମାନେ ପ୍ରଚାର କରିବେ ହାଇକମାଣ୍ଡ, ଫଳ ପାଇବେ ଖଣି ମାନ୍ୟବର। ବାଃ ବାଃରେ ରାଜନୀତି।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

ଖର୍ଚ୍ଚ ରଣ ମଞ୍ଜୁର ହେବା ପରେ
**Janata Finance**
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡ଼ି।
7497095128
7508116267
T-51, Gali No.8, Gautampuri, Delhi-110053


ଡିଜିଟାଲ ଉପକରଣ –କମ୍ପାନୀ–
**SMS JOB**
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
9065013355, 9162431749
Bukaro malepur, jamui Bihar-811313

ଖର୍ଚ୍ଚ ରଣ ମଞ୍ଜୁର ହେବା ପରେ
**ଜନତା ଫାଇନାନ୍ସ**
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422, 7626900260
Address C-281, Pratap Gali, Nanakchand Road, South Delhi - 110003

**BIKASA FINANCE**
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

**CO-OPERATIVE INADIA**
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.– ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

!!ଋଣ ଋଣ ଋଣ!!
**ସାଇ ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free 18001238914
9319817746
9650353144
Add. : T-51, Gali No. 8, Gautampuri, Delhi

**BISWAJIT FINANCE**
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**FINANCE**
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162


ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
**ବାବା ଆଲାମ ଖାନ**
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

**LOAN**
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:–
B-19, Moti Bagh, New Delhi
7064382081
8658167603

**LOAN**
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ
fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02


ଡିଜିଟାଲ ଉପକରଣ –କମ୍ପାନୀ–
**SMS JOB**
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 45000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7250664722, 7718760748
Bukaro malepur, jamui Bihar-811313

**T.F. FINANCE**
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

**BALAJI FINANCE LTD.**
(SINCE 1986)
GOLD MEDALIST
ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ଶିକ୍ଷା, ଗୃହ ଋଣ ଆଦି ସବୁ ପ୍ରକାର ଋଣର ସୁବିଧା ନିଅନ୍ତୁ।
24 ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଯୋଗାଯୋଗ କରନ୍ତୁ
9458728306
9458728290
LIG36, HARIPURA, Haripura Ward, ITARSI Tehsil, ITARSI, Distt.- Hoshangabad (M.P.)-461115



ପରିବର୍ତ୍ତନ ସହିତ ଯିଏ ନିଜକୁ ଖାପ ଖୁଆଇ ନ ପାରେ ସେ ନିଜ ପ୍ରଗତିର ଦ୍ୱାର ରୁଦ୍ଧ କରିଦିଏ।
- ଚାର୍ଲସ ଲିଣ୍ଡ୍‌ବର୍ଗ

## ସଂକ୍ଷେପରେ

### ୩ରେ ତୃତୀୟ ପଶ୍ଚିମ ଓଡ଼ିଶାଶ୍ରୀ ପ୍ରତିଯୋଗିତା

**ରାଉରକେଲା ଅଫିସ, ୩୦।୧:** ସୁନ୍ଦରଗଡ଼ ଆମେଚର ବଡି ବିଲ୍ଡିଂ ଆସୋସିଏଶନ ଆନୁକୂଲ୍ୟରେ ୩ୟ ବର୍ଷ ପାଇଁ ପଶ୍ଚିମ ଓଡ଼ିଶାଶ୍ରୀ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଆସନ୍ତା ୩ ତାରିଖରେ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ସନ୍ଧ୍ୟାରେ ରାଉରକେଲା ସିଭିକ ସେଣ୍ଟରଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ପ୍ରାୟ ୮୦ ପ୍ରତିଯୋଗୀ ଭାଗ ନେବେ ବୋଲି ଆସୋସିଏଶନ ସଭାପତି ସୁଶାନ୍ତ ବେହେରା ଓ ସମ୍ପାଦକ ବିରଞ୍ଚି ମିଶ୍ର ସୂଚନା ଦେଇଛନ୍ତି। ପ୍ରତିଯୋଗୀଙ୍କ ମଧ୍ୟରୁ ବିଭିନ୍ନ ବର୍ଗର ଶ୍ରେଷ୍ଠ ପ୍ରତିଯୋଗୀଙ୍କ ସମେତ ପଶ୍ଚିମ ଓଡ଼ିଶାଶ୍ରୀ ଚୟନ କରାଯିବ। କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ପୁରସ୍କାର ବିତରଣ କରାଯିବ ବୋଲି ସଂଗଠନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

### ଯୁବକଙ୍କ ମୃତଦେହ ଉଦ୍ଧାର

**ବେତନଟୀ,୩୦।୧ (ଡ଼ି.ଏନ.ଏ):** ବେତନଟୀ ଥାନା ବଡ଼ଜାମ୍ବବଣି ଅଧୀନ ଅସନବଣି ସଂରକ୍ଷିତ ଜଙ୍ଗଲର ରାମଚନ୍ଦ୍ରପୁର ଗ୍ରାମ ସୀମାରୁ ବୁଧବାର ବେତନଟୀ ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ମିହିର ସାହୁ (୨୩)। ତାଙ୍କ ଘର ବେତନଟୀ ଥାନା ଭୋଗବାଟୀ ଗ୍ରାମରେ। ସେ ମଙ୍ଗଳବାର ଘରୁ ବାହାରି ଯାଇ ଆଉ ଫେରି ନଥିଲେ। ବୁଧବାର ପୋଲିସ ତାଙ୍କ ମୃତଦେହ ଉଦ୍ଧାର କରିଥିଲା। ମୃତଦେହ ନିକଟରେ ବାଙ୍ଗିରିପୋଷି-ଭୁବନେଶ୍ୱରର ସୁପରଫାଷ୍ଟ ଟ୍ରେନ ଯୋଗେ ବାଲେଶ୍ୱରରୁ ବେତନଟୀ ଆସିଥିବାର ଟ୍ରେନ ଟିକେଟ ପଡ଼ିଥିଲା ବେଳେ ପାଖରେ ଏକ ବାଇକ୍ ମଧ ରହିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା (୪/୧୯) ରୁଜୁ କରି ଶବ ବ୍ୟବଚ୍ଛେଦ ଲାଗି ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣା ପଡ଼ିବ ବୋଲି ପୋଲିସ ସୂଚନାରୁ ଜଣା ପଡ଼ିଛି। ସୂଚନା ଯୋଗ୍ୟ ଏହି ଯୁବକ ନୂତନ ଭାବେ କେନ୍ଦୁଝରଠାରେ ଫାର୍ମାସିଷ୍ଟ ଚାକିରି କରୁଥିଲେ।

### ବଧୂହତ୍ୟା ଅଭିଯୋଗ: ସ୍ୱାମୀ ଅଟକ

**ଆରଡ଼ି, ୩୦।୧ (ଡି.ଏନ.ଏ.) :** ଭଦ୍ରକ ଜିଲା ଧୂଷୁରୀ ଥାନା ଓ ଆରଡ଼ି ଫାଣ୍ଡି ଅନ୍ତର୍ଗତ ପାରଡିଆ ଗ୍ରାମର ବଧୂ ହିରା ଦାସ(୨୨)ଙ୍କୁ ମଙ୍ଗଳବାର ହତ୍ୟା କରାଯାଇଥିବା ନେଇ ତାଙ୍କ ବାପଘର ପକ୍ଷରୁ ଧୂଷୁରୀ ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗ ଆଧାରରେ ଏ ନେଇ ଧୂଷୁରୀ ଥାନାରେ ଏକ ହତ୍ୟା ମାମଲା(ନଂ.୧୦/୧୯) ରୁଜୁ କରାଯାଇଛି। ପୋଲିସ ମୃତା ହିରାଙ୍କ ସ୍ୱାମୀ ବିଜୟ ମଲିକଙ୍କୁ ଆଣି ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ, ଚାନ୍ଦବାଲି ଥାନା ଓ ମତୋ ଫାଣ୍ଡି ଅଧୀନ ମହାନ୍ତିସାହିର ହିରା ୬ ମାସ ତଳେ ବିଜୟଙ୍କୁ ପ୍ରେମ ବିବାହ କରିଥିଲେ। ପରେ ତାଙ୍କୁ ଯୌତୁକ ଆଣିବା ପାଇଁ ଶାଶୁଘର ପକ୍ଷରୁ ବାଧ କରାଯାଉଥିଲା। ବାପଘର ଲୋକେ ତାହା ପୂରଣ ନ କରିବାରୁ ହିରାଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ସାନବାପା ପଦ୍ମନାଭ ଦାସ ଅଭିଯୋଗରେ ଦର୍ଶାଇଛନ୍ତି। ଆରଡ଼ି ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦାସ, ଧୂଷୁରୀ ଥାନାଧିକାରୀ ପ୍ରଫୁଲ୍ଲ କୁମାର ସିଂ, ଧାମନଗର ତହସିଲଦାର ଦୁର୍ଗାଚରଣ ମୁର୍ମୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।



ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ ଅବସରରେ ଉପସ୍ଥିତ ଓକିଲ ସଂଘ କର୍ମକର୍ତ୍ତା।

# ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି

**ରାଉରକେଲା ଅଫିସ, ୩୦।୧**

ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ଜିଲା ଓକିଲ ସଂଘ ପକ୍ଷରୁ ଆରମ୍ଭ ହୋଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ବୁଧବାର ଦ୍ୱିତୀୟ ଦିନରେ ଜାରି ରହିଛି। ଫଳରେ କୋର୍ଟ ତଥା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଅଚଳ ହୋଇଯାଇଥିଲା। ତେବେ ମାହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସକୁ ଶହୀଦ ଦିବସ ରୂପେ ପାଳନ କରିଥିଲେ ସଂଘ କର୍ମକର୍ତ୍ତା। ଏଥିରେ ନୀରବ ପ୍ରାର୍ଥନା ସହ ଶହୀଦଙ୍କ ସ୍ମୃତିଚାରଣ କରାଯାଇଥିଲା। ସଭାପତି ରମେଶ ବଳ, ସମ୍ପାଦକ ଅକ୍ଷୟ ସାହୁ, ରଙ୍ଗବାହାଦୁର ବାଗ, ଦେବାନନ୍ଦ ତନ୍ତୀ, ମାଧବୀ ଝା, ଗିରୀଶ ମହାପାତ୍ର, ଗିରିଜା ଦ୍ୱିବେଦୀ, ସରୋଜ ମହାପାତ୍ର, ହରିପ୍ରସାଦ ଆଚାର୍ଯ୍ୟ, ସୁଶାନ୍ତ ଦାସ, ଦୀପ୍ତିବାଳା ବେହୁରା, ସୁବ୍ରତ ରାୟ, ଶ୍ରୀକାନ୍ତ ସାହୁ, ପଦ୍ମିନୀ ଦାସ, ଯସ୍ମିତା ପ୍ରଧାନ, ପ୍ରଦୀପ ମିଶ୍ର, ଗଙ୍ଗାଧର ଦାସ, ବିଜୟ ଦାସ, ତ୍ରିଲୋଚନ ମହାନ୍ତି, ପବିତ୍ର ଜେନା, ବିନୋଦ ଡାଙ୍ଗ ଉପସ୍ଥିତ ଥିଲେ।

ସମାବେଶରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ

# ରାସ୍ତା ଅବରୋଧ କଲେ ଶତାଧିକ ମହିଳା

**ଖୁଣ୍ଟା,୩୦।୧(ଡି.ଏନ.ଏ.)**

ବାରିପଦାରେ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ ସମାବେଶରେ ଅସୁବିଧାର ସମ୍ମୁଖିନ ହୋଇଥିବା ଶତାଧିକ ମହିଳା ବୁଧବାର ଖୁଣ୍ଟା ଥାନା ଅଧୀନ ଖୁଣ୍ଟା - ବାରିପଦା ରାଜ୍ୟ ରାଜପଥର ଡୁକୁରାଠାରେ ରାସ୍ତା ଅବରୋଧ କରିଥିଲେ। ଏଥିଯୋଗୁ ଉଦଳା -ବାରିପଦା ରାସ୍ତା ସମ୍ପୂର୍ଣ୍ଣ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡିଥିଲା । ପ୍ରାୟ ଘଣ୍ଟାଏରୁ ଉର୍ଦ୍ଧ୍ୱ ସମୟ ଧରି ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

ଖୁଣ୍ଟା ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ୩ ଗୋଟି ବସ୍ ଯୋଗେ ମୁଖ୍ୟମନ୍ତ୍ରୀଙ୍କ ସଭାକୁ ଯାଇଥିଲେ। ସେଠାରେ ଅବ୍ୟବସ୍ଥାର ସମ୍ମୁଖୀନ ହୋଇଥିବା ଅଭିଯୋଗ କରିଥିଲେ। ଏହାପରେ ଫେରିବା ବାଟରେ ଡୁକୁରା ପେଟ୍ରୋଲ ପମ୍ପରେ ତେଲ ପକାଇବା ଲାଗି ବସ୍ ଅଟକିଥିଲା। ହେଲେ ସେଠାରେ ପମ୍ପ କର୍ମଚାରୀ ଓ ବସ୍ କର୍ମଚାରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଅତିଷ୍ଠ ହୋଇ ବସ୍‌ରେ ଥିବା ମହିଳାମାନେ ରାସ୍ତା ଉପରକୁ ପଳାଇ ଆସି ହୋହାଲ୍ଲା କରିଥିଲେ। ଉକ୍ତ ସମୟରେ ସେହି ରାସ୍ତା ଦେଇ ଯାଉଥିବା ମୟୂରଭଞ୍ଜ ଏମ୍‌ପି ରାମ ଚନ୍ଦ୍ର ହାଁସଦାଙ୍କୁ ମଧ ମହିଳାମାନେ ଅଟକାଇ ଅଭିଯୋଗ କରିଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇ ବିଡ଼ିଓ ଦେବଦତ୍ତ ପଣ୍ଡା ପହଞ୍ଚି ଉତ୍ୟକ୍ତ ମହିଳାଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ବସ୍ କର୍ମଚାରୀ ଓ ପମ୍ପ କର୍ମଚାରୀଙ୍କ ମଧ୍ୟରେ ବୁଝାମଣା କରିବା ପରେ ପ୍ରାୟ ଘଣ୍ଟାଏ ପରେ ମହିଳାମାନେ ରାସ୍ତାରୁ ହଟିଥିଲେ ।



ଉତ୍ୟକ୍ତ ମହିଳାମାନେ ଏମ୍‌ପିଙ୍କ ସହ ଆଲୋଚନା କରୁଛନ୍ତି।

# ତିରୋଧାନ ଦିବସରେ ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା ଅଫିସ, ୩୦।୧**

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସରେ ଜିଲା କଂଗ୍ରେସ ସେବା ଦଳ ମୁଖ୍ୟ ସଂଗଠକ ବିନୋଦ ରାଉତଙ୍କ ନେତୃତ୍ୱରେ ବୁଧବାର ପୂର୍ବାହ୍ନ ୧୦ଟାରେ ପାନପୋଷ ଛକଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସେବାଦଳ ରାଜ୍ୟ ମହିଳା ସଭ୍ୟା ରଞ୍ଜିତା ମଲ୍ଲିକ, ପୂର୍ବତନ ଜିଲା ସଭାପତି ତଥା ପିସିସି ପ୍ରଭାରୀ ବୀରେନ ସେନାପତି, ପିସିସି ସଭ୍ୟ ବାଦଲ ଶ୍ରୀଚନ୍ଦନ, ସନ୍ତୋଷ ବିଶ୍ୱାଳ, ଇଂ ରାମପୁକାର ସିଂ, ଓଡିସି ଅଧକ୍ଷ କୈଳାସ ସାହୁ, ସେବାଦଳ ଉପମୁଖ୍ୟ ଶୁକଦେବ ବଡ଼ାଇକ, ବନଲତା ବେହେରା, ରତିକାନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇ ରାମଧୂନ ଗାନ କରିଥିଲେ। ଦେଶପ୍ରତି ଗାନ୍ଧିଜୀଙ୍କ ବଳିଦାନ ସମ୍ପର୍କରେ କର୍ମକର୍ତ୍ତାମାନେ ଆଲୋକପାତ କରିଥିଲେ। ଦେଶରୁ ହିଂସା ଦୂର କରିବା ଦିଗରେ ସେବାଦଳ କର୍ମୀ କାମ କରିବାକୁ ଏଥିରେ ଆହ୍ୱାନ ଦିଆଯାଇଥିଲା।



ଜିଲା କଂଗ୍ରେସ ସେବାଦଳ ପକ୍ଷରୁ ପାନପୋଷ ଛକସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଉଛି।

# କେଜେଡି ରାଜ୍ୟ ପ୍ରଭାରୀ ସମ୍ମିଳନୀ ୩ରେ

**ରାଉରକେଲା ଅଫିସ, ୩୦।୧**

କୋଶଳ ଜନତା ଦଳ (କେଜେଡି) ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାଧାର ଣ ପରିଷଦ ବୈଠକର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୩ ତାରିଖରେ ଦଳର ପ୍ରଭାରୀ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ଅବସରରେ ପୀତବାସ ମିଶ୍ରଙ୍କୁ ଭୁବନେଶ୍ୱର ଓ ପୁରୀ ପାଇଁ ପ୍ରଭାରୀ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିଭଳି ବରଗଡ଼ ଜିଲା ପାଇଁ ଦୁଃଖୀଶ୍ୟାମ ମହାପାତ୍ର ଓ ନର୍ଲା ପାଇଁ ଶଶୀଦେବ ମହାନନ୍ଦଙ୍କୁ ପ୍ରଭାରୀ ଦାୟିତ୍ୱ ପ୍ରଦାନ କରାଯାଇଛି। ଇସ୍ତାହାର କମିଟି ଅଧକ୍ଷ ରୂପେ ଅକ୍ଷୟ ସାମଲ ମନୋନୀତ ହୋଇଛନ୍ତି। ଫେବୃଆରୀ ଶେଷ ସୁଦ୍ଧା ଇସ୍ତାହାର କମିଟି ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ବୈଠକରେ ରାଜ୍ୟ ସଭାପତି ବୈଦ୍ୟନାଥ ମିଶ୍ର ଅଧକ୍ଷତା କରି ନିର୍ବାଚନୀ ରଣନୀତି ସମ୍ପର୍କରେ ଆଲୋଚନା କରିଥିଲେ।

# ମହିଳାଙ୍କ ଦ୍ୱାରା ମଦ ବିରୋଧୀ ରାଲି

**ବଡ଼ଗାଁ, ୩୦।୧ (ଡି.ଏନ.ଏ)**

ବଡ଼ଗାଁ ଥାନା ଅନ୍ତର୍ଗତ ଦାଣ୍ଡଜମରା ପଞ୍ଚାୟତ ଅଞ୍ଚଳରେ ପ୍ରଚୁର ଦେଶି ବିଦେଶୀ ମଦ ବିକ୍ରି ଯୋଗୁ ଗାଁ ଅଶାନ୍ତ ହୋଇଯାଇଛି। ଏହାର ପ୍ରତିକାର ଦିଗରେ ପୋଲିସ ଓ ଅବକାରୀ କର୍ମଚାରୀଙ୍କ ଅସହଯୋଗ ଯୋଗୁ ମଦ ବିରୋଧି ଅଭିଯାନ ଚଳାଇଥିବା ମହିଳାମାନେ ନାନାଦି କଟୁକ୍ତି ଶୁଣି ସୁଦ୍ଧା ସମାଜ ମଙ୍ଗଳ ପାଇଁ ଅଣ୍ଟା ଭିଡିଛନ୍ତି। ଗତ କିଛି ଦିନ ତଳେ ସଙ୍ଗଠିତ ଏସ୍‌ଏଚ୍‌ଜି (ସ୍ୱୟଂ ସହାୟକ ଗୋଷ୍ଠୀ) ମହିଳାମାନେ ମଦବିକ୍ରି କରୁଥିବା ବ୍ୟକ୍ତିମାନଙ୍କ ତାଲିକା ଥାନା ଅଧିକାରୀଙ୍କୁ ଦେଇ ପ୍ରତିକାର ଦାବି କରିଥିଲେ। ବୁଧବାର ପୂର୍ବାହ୍ନରେ ରାଲି କରି ମଦ ବିକ୍ରି ବନ୍ଦ କରିବାକୁ ଚେତାବନୀ ରାଲି କରିଛନ୍ତି। ସରପଞ୍ଚ ସରିତା ଲାକଡା, ସମିତି ସଭ୍ୟା ସୌଦାମିନୀ ହାହା, ଆଶା କର୍ମୀ ମାଦିଲତା କୁଲୁ, ଦୁସିତା ବେହେରା, ନାଏବ ସରପଞ୍ଚ ସତ୍ୟବାଦୀ ଲାକଡା, ୱାର୍ଡ ମେମ୍ବର ରେଙ୍ଗଟା ଲାକଡା ରାଲିରେ ଉପସ୍ଥିତ ରହି ମଦ ବନ୍ଦକୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।



ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ମଦ ବିରୋଧୀ ସଚେତନତା ରାଲି।

ଆୟୋଜିତ ସଭାରେ ଜନପ୍ରତିନିଧିମାନେ ମଦ ସେବନର ପରିଣାମ, କୁପରିଣିତ ଉପରେ ବିସ୍ତୃତ ବୁଝାଇ ଲୋକଙ୍କୁ ସଚେତନ କରାଇଥିଲେ। ମଣିଷ ପାଇଥିବା ସୁନ୍ଦର ସଂସାର ଓ ପରିବାର ମଦ ଯୋଗୁ କିଭଳି ପରିସ୍ଥିତିରେ ପଡି ଛାରଖାର ହୋଇଯାଉଛି ବୁଝାଇ ଲୋକେ ମଦ ବର୍ଜନ କରି ସୁସ୍ଥ ସମାଜ ଗଠନରେ ସହଯୋଗ ହେବାକୁ ବୁଝାଇଥିଲେ। ଏସ୍‌ଏଚ୍‌ଜି ମହିଳାମାନଙ୍କ ଦ୍ୱାରା ସମାଜରେ ଥିବା ବଦଭ୍ୟାସୀ ବ୍ୟକ୍ତିଙ୍କୁ ସୁଧାରିବା ଦିଗରେ ନେଇଥିବା ପଦକ୍ଷେପକୁ ଜନ ପ୍ରତିନିଧି ଓ ସାମାଜିକ କର୍ମକର୍ତ୍ତାମାନେ ସ୍ୱାଗତ ଜଣାଇଛନ୍ତି । ବଡଗାଁ ଥାନା ଅଞ୍ଚଳରେ ବହୁଳ ଦେଶି ବିଦେଶି ମଦ ବ୍ରିକିକୁ ନେଇ ସଚେତନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ବନ୍ଦ ହେଲା ରେମୁଣା ମହୋତ୍ସବ

# ୧୪୪ ବଳବଉର, ଶାନ୍ତି କମିଟି ବୈଠକ ଫେଲ୍

**ବାଲେଶ୍ୱର ଅଫିସ, ୩୦।୧ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ରେମୁଣାରେ ଅଞ୍ଚଳରେ ଚାଲିଥିବା ମହୋତ୍ସବରେ ମଙ୍ଗଳବାର ରାତି ୧୦ଟାରେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ଉଗ୍ରରୂପ ଧାରଣ କରିଥିଲା। ଶେଷରେ ମହୋତ୍ସବକୁ ଅଧାରୁ ବନ୍ଦ କରିଦିଆଯାଇଥିଲା। ଉତ୍ତେଜନା ବୃଦ୍ଧି ପାଇବାରୁ ପୋଲିସ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ୫ ପ୍ଲାଟୁନ ପୋଲିସ ଫୋର୍ସ ସହିତ ବହୁ ଅଧିକାରୀ ଡେରା ପକାଇଛନ୍ତି।

ରେମୁଣା ବ୍ଲକର ମନ୍ଦାରପୁର ଏବଂ ଗନିପୁର ଉଭୟ ଗାଁର ଲୋକମାନଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଉଗ୍ରରୂପ ଧାରଣ କରିଛି। ବୁଧବାର ରେମୁଣା ବଜାର ବନ୍ଦ ରହିବା ସହିତ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଥିଲା। ମନ୍ଦାରପୁର ଗ୍ରାମର ଶତାଧିକ ଯୁବକ ବୁଧବାର ପୂର୍ବାହ୍ନ ୧୧ଟାରେ ଗନିପୁର ଗ୍ରାମରେ ପଶିବାକୁ ଚେଷ୍ଟା କରୁଥିବା ବେଳେ ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲା। ସେମାନଙ୍କ ସହ ଆଲୋଚନା କରି ନିଜ ଗ୍ରାମକୁ ଫେରାଇବାରେ ସଫଳ ହେବା କାରଣରୁ ଏକ ବଡ ଗଣ୍ଡଗୋଳ ଟଳିଯାଇଥିଲା। ରେମୁଣା ବ୍ଲକ ସମ୍ମିଳନୀ କକ୍ଷରେ ଅପରାହ୍ନ ସାଢେ ୩ଟାରେ ଉଭୟ ଗ୍ରାମର ମୁରବୀ ଲୋକ, ପୋଲିସ, ପ୍ରଶାସନ, ରାଜନେତା ଶାନ୍ତି କମିଟି ବୈଠକ ଆୟୋଜନ କରି ଏହାର ସମାଧାନ ପାଇଁ ଚେଷ୍ଟା କରିଥିଲେ ମଧ ଦୀର୍ଘ ୩ ଘଣ୍ଟା ପରେ ମଧ କୌଣସି ସମାଧାନର ସୂତ୍ର ବାହାରି ନ ଥିଲା। ଶେଷରେ ଉଭୟ ଗ୍ରାମରୁ ୧୦ଜଣ ଲେଖାଏଁ ସଦସ୍ୟଙ୍କୁ ନେଇ କୋର୍ କମିଟି ଗଠନ କରାଯାଇ ଗୁରୁବାର ଥାନାରେ ଆଲୋଚନା ହେବାକୁ ନିଷ୍ପତ୍ତି ହୋଇଥିଲା। ଆଇନ ଉଲ୍ଲଂଘନ ପରିସ୍ଥିତିକୁ ଆଖି ଆଗରେ ରଖି ଅଧିକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରିବାର ନିଷ୍ପତ୍ତି ନେଇଥିବା କ୍ରାଇମ୍ ଡିଏସ୍‌ପି ସୁଦର୍ଶନ ଦାସ ପ୍ରକାଶ କରିଛନ୍ତି। ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିବା ଆଶଙ୍କା ଥିବାରୁ ବୁଧବାର ରାତି ୧୧ଟାରୁ ରେମୁଣା ବଜାରରେ ୧୪୪ ଧାରା ଜାରି କରାଯିବା ସହ ରେମୁଣା ମହୋତ୍ସବ ହେବ କି ନାହିଁ ଜିଲାପାଳଙ୍କ ସହ ଆଲୋଚନା ପରେ ସିଦ୍ଧାନ୍ତ ନିଆଯିବ ବୋଲି ଉପଜିଲାପାଳ ନୀଲୁ ମହାପାତ୍ର ପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଗତ କିଛିବର୍ଷ ଧରି ଉକ୍ତ ଅଞ୍ଚଳରେ ଗନିପୁର ଏବଂ ମନ୍ଦାରପୁର ଗ୍ରାମବାସୀଙ୍କ ମଧ୍ୟରେ ବିଭିନ୍ନ କଥାକୁ ନେଇ ବିବାଦ ଲାଗି ରହିଥିଲା। ରେମୁଣା ମହୋତ୍ସବରେ ସାଇକେଲ ଷ୍ଟାଣ୍ଡ ଏବଂ ବାଇକ୍ ଷ୍ଟାଣ୍ଡକୁ ନେଇ ମଙ୍ଗଳବାର ରାତି ୧୦ଟା ସମୟରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ କଥା କଟାକଟି ପରେ ମାରପିଟ୍ ହୋଇଥିଲା। ଉଭୟ ଗ୍ରାମର ଲୋକେ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ଠେଙ୍ଗା, ମାରଣାସ୍ତ୍ର, ଭୁଜାଲି, ଖଣ୍ଡା ଧରି ଗନିପୁରର ଲୋକମାନେ ଆକ୍ରମଣ କରିବାରୁ ୧୦ରୁ ଅଧିକ ଲୋକ ଆହତ ହୋଇଥିଲେ। ୨୦ରୁ ଅଧିକ ବାଇକ୍ ଭାଙ୍ଗିରୁଜି ଯାଇଛି। ମନ୍ଦାରପୁରର ଶତାଧିକ ଲୋକ ଠେଙ୍ଗାବାଡ଼ି ଧରି ଏହାକୁ ମୁକାବିଲା ପାଇଁ ପ୍ରସ୍ତୁତି ହେଉଥିବା ବେଳେ ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା। ଏନେଇ ରେମୁଣା ଥାନାରେ ଉଭୟ ଗ୍ରାମର ଲୋକଙ୍କ ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଓ ପ୍ରଶାସନ ପକ୍ଷରୁ ଘଟଣାକୁ ଗୁରୁତର ଭାବେ ନିଆଯାଇ ପରିସ୍ଥିତି ଉପରେ କଡା ନଜର ରଖାଯାଇଛି।

## ୬ରେ ପୁଣି ଓଡ଼ିଶା ଆସିପାରନ୍ତି ରାହୁଲ

ଭୁବନେଶ୍ୱର, ୩୦।୧(ବ୍ୟୁରୋ)

କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଆସନ୍ତା ୬ତାରିଖରେ ଦ୍ୱିତୀୟ ଥର ଲାଗି ଓଡ଼ିଶା ଗସ୍ତରେ ଆସିବେ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି। ଏନେଇ କାର୍ଯ୍ୟକ୍ରମ ଚୂଡାନ୍ତ ହୋଇ ନ ଥିବାବେଳେ ଦଳ ଭିତରେ ଆଲୋଚନା ଜାରି ରହିଛି। ରାହୁଲଙ୍କ କାର୍ଯ୍ୟକ୍ରମ ରାଉରକେଲା କିମ୍ବା ଭବାନୀପାଟଣାଠାରେ ହୋଇପାରେ। ରାଉରକେଲାରେ ଯଦି ରାହୁଲଙ୍କ କାର୍ଯ୍ୟକ୍ରମ କରାଯାଏ ତେବେ ଆୟୋଜନ କରିବା ପାଇଁ ରାଜ୍ୟ ନେତୃବୃନ୍ଦଙ୍କୁ କଷ୍ଟ ହେବ ବୋଲି ଦଳର ଜଣେ ନେତା ସୂଚନା ଦେଇଛନ୍ତି। ସେଥିଲାଗି ରାଉରକେଲାରେ ଏକ ପ୍ରକାର କାର୍ଯ୍ୟକ୍ରମ ନ ହୋଇ ଭବାନୀପାଟଣାରେ ହେବାର ସମ୍ଭାବନା ଅଧିକ ରହିଛି। ପଶ୍ଚିମ ଓଡ଼ିଶାର ଚାଷୀଙ୍କୁ ଆକୃଷ୍ଟ କରିବା ପାଇଁ ରାହୁଲଙ୍କ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିବା ଦଳର ଜଣେ ବରିଷ୍ଠ ନେତା ମତ ରଖିଛନ୍ତି। ଗତ ୨୫ତାରିଖରେ ଦୀର୍ଘ ସାଢ଼େ ୩ବର୍ଷ ପରେ ରାହୁଲ ଓଡ଼ିଶା ଆସି ଉଭୟ ଭାଜପା ଏବଂ ବିଜେଡି ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିଲେ। ରାହୁଲଙ୍କ ଏଭଳି ଆଭିମୁଖ୍ୟ କଂଗ୍ରେସକୁ ପୁନର୍ଜୀବନ ଦେଇଥିବା ରାଜ୍ୟବ୍ୟାପୀ ଚର୍ଚ୍ଚା ହେଉଛି।

# ଶାରଳା ପରିବାର ପକ୍ଷରୁ କର୍କଟ ପୀଡ଼ିତଙ୍କୁ ସହାୟତା

**ରାଉରକେଲା ଅଫିସ,୩୦।୧**

ସାମାଜିକ ସଂଗଠନ ଶାରଳା ପରିବାର ପକ୍ଷରୁ ଜଣେ କର୍କଟ ପୀଡ଼ିତଙ୍କୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଜଗତସିଂପୁର ଜିଲା କୁଜଙ୍ଗ ଅଞ୍ଚଳର ନାରାୟଣ ସେଠୀ ଦୀର୍ଘଦିନ ହେବ କର୍କଟ ରୋଗରେ ପୀଡ଼ିତ ଅଛନ୍ତି। ତାଙ୍କ ସ୍ତ୍ରୀ ବେଲରାଣୀ ଆଣ୍ଠୁଗଣ୍ଠି ବାତ ଯୋଗୁ ଶଯ୍ୟାଶାୟୀ। ଏକମାତ୍ର ରୋଜଗାରିଆ ପୁଅ ବାବୁଲି ଯକୃତ ଓ ଖାଦ୍ୟନଳୀ ରୋଗରେ ପୀଡ଼ିତ ଥିବାବେଳେ ତାଙ୍କ ସ୍ତ୍ରୀ ମଧ ମଧୁମେହ ରୋଗରେ ଆକ୍ରାନ୍ତ। ନାରାୟଣଙ୍କ ଏକମାତ୍ର ନାତି ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇଥିବାବେଳେ ଦେଢ଼ବର୍ଷ ପୂର୍ବେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ପରିବାରର ଆର୍ଥିକ ସ୍ଥିତି ଅତି ଦୟନୀୟ। ଏପରି ଏକ ଅସହାୟ ପରିବାର ସମ୍ପର୍କରେ ସୂଚନା ମିଳିବା ପରେ ଶାରଳା ପରିବାର ସଦସ୍ୟମାନେ ନାରାୟଣଙ୍କ ଚିକିତ୍ସା ପାଇଁ ଏହି ସହାୟତା ପ୍ରଦାନ କରିଛନ୍ତି। ଏଥିସହ ପରିବାରର ମଙ୍ଗଳ କାମନା କରିଛନ୍ତି। ସହାୟତା ପ୍ରଦାନ ବେଳେ ସଂଗଠନ ସାଧାରଣ ସମ୍ପାଦକ ରମେଶ ସେଠୀ, ଉପଦେଷ୍ଟା ଶ୍ରୀଚରଣ ରାଉତ, କୁଜଙ୍ଗ ଓକିଲ ସଂଘ ସଭାପତି ଏ.ଏନ୍.ଡି. ଯାଦବ ଉପସ୍ଥିତ ଥିଲେ।



ଶାରଳା ପରିବାର ପକ୍ଷରୁ ଜଗତସିଂହପୁର ଜିଲା କୁଜଙ୍ଗ ଅଞ୍ଚଳର ନାରାୟଣ ସେଠୀଙ୍କୁ ସହାୟତା ପ୍ରଦାନ କରାଯାଉଛି।

# ଆର୍‌ଏସ୍‌ପି ଅଧିକାରୀଙ୍କୁ ସମ୍ମାନଜନକ ଜବାହର ପୁରସ୍କାର

**ରାଉରକେଲା ଅଫିସ,୩୦।୧**

ପ୍ରଶଂସନୀୟ କାର୍ଯ୍ୟ ନିମନ୍ତେ ରାଉରକେଲା ଇସ୍ପାତ କାରଖାନାର ୧୮ଜଣ ଅଧିକାରୀଙ୍କୁ ସମ୍ମାନଜନକ ଜବାହର ପୁରସ୍କାର ପ୍ରଦାନ କରାଯାଇଛି। ସିଭିକ ସେଣ୍ଟରଠାରେ ସୋମବାର ଆୟୋଜିତ ଉତ୍ସବରେ ଆର୍‌ଏସ୍‌ପି ସିଇଓ ଅଶ୍ୱିନୀ କୁମାର ଏହି ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ପ୍ରକଳ୍ପ ବିଭାଗ ଇଡି ରାଜୀବ ଅଗ୍ରୱାଲ, କାର୍ମିକ ଓ ପ୍ରଶାସନିକ ବିଭାଗ ଇଡି ରାଜବୀର ସିଂ ଉପସ୍ଥିତ ଥିଲେ। ପୁରସ୍କାର ବାବଦ ପ୍ରତ୍ୟେକ ବିଜେତାଙ୍କୁ ୮ ହଜାର ଟଙ୍କା ଅର୍ଥରାଶି ଶହ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସିଇଓ କୁମାର ବକ୍ତବ୍ୟ ରଖି କହିଥିଲେ, ଜବାହର ପୁରସ୍କାର କେବଳ ମାତ୍ର ଏକ ପ୍ରଶଂସା ନୁହେଁ ଏହା ଜୀବନକାଳୀନ ବୃହତ ଉପଲବ୍ଧି। କାରଖାନା ଅଭିବୃଦ୍ଧି ପାଇଁ ପୁରସ୍କାର ବିଜେତାଙ୍କ ବହୁମୂଲ୍ୟ ଯୋଗଦାନକୁ ଏହା ଦର୍ଶାଉଛି। ସାମ୍ପ୍ରତିକ ଉତ୍ପାଦନ ଧାରାକୁ ଦୃଷ୍ଟିରେ ରଖି ଆର୍‌ଏସ୍‌ପି ଚଳିତ ଆର୍ଥିକବର୍ଷରେ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିବା ସହ ଇତିହାସ ରଚିବ ବୋଲି କୁମାର ମତ ଦେଇଥିଲେ। ଏହି ପୁରସ୍କାର ହାସଲ କରିଥିବା ଅଧିରୀମାନେ ହେଲେ, କୋଲ କେମିକାଲ ବିଭାଗ ଡିଜିଏମ୍ ଇନ୍‌ଚାର୍ଜ ସନ୍ତୋଷ କୁମାର, କୋକ୍ ଓଭେନ୍ ବିଭାଗ ଡିଜିଏମ୍ ତୁଲାରାମ ବେହେରା, ଓବିବିପି ବିଭାଗ ଏଜିଏମ୍ ଶଙ୍କର ରଣା, ବ୍ଲାଷ୍ଟ ଫର୍ନେସ ବିଭାଗ ଡିଜିଏମ୍ ସୁନୀଲ ଚୌଧୁରୀ, ଷ୍ଟିଲ ମେଲ୍ଟିଂ ଶପ-୧ ଡିଜିଏମ୍ ପ୍ରମୋଦ ସାହୁ, ଷ୍ଟିଲ ମେଲ୍ଟିଂ ଶପ-୨ ଏଜିଏମ୍ ବିଭୁଦତ୍ତ ମିଶ୍ର, ଷ୍ଟିଲ ମେଟାଲିକ ବିଭାଗ-୨ ଡିଜିଏମ୍ ସୁନୀଲ କାର୍ଥା, ହଟ୍‌ଷ୍ଟ୍ରିପ୍ ମିଲ ଡିଜିଏମ୍ ପି.ଏସ୍. ରାଜକୁମାର, ପ୍ଲେଟ୍ ମିଲ ବିଭାଗ ଏଜିଏମ୍ ଅନୀଲ ପାଢ଼ୀ, ପାଇପ ପ୍ଲାଣ୍ଟ ଡିଜିଏମ୍ କଲ୍ୟାଣ ସମଝଦାର, କ୍ରେନ୍ ମରାମତି ବିଭାଗ ଏଜିଏମ୍ ଅଶୋକ ମିଶ୍ର, ପାୱାର ଡିଷ୍ଟ୍ରିବ୍ୟୁଶନ ବିଭାଗ ଡିଜିଏମ୍ ଇନ୍‌ଚାର୍ଜ ଏମ୍.କେ. ଭାସ୍କରନ, ପିପି ଆଣ୍ଡ ସି ବିଭାଗ ଡିଜିଏମ ସୁନୀତା ସିଂ, ପ୍ରୋଟକଲ ହସ୍ପିଟାଲିଟି ଓ ସମାଜ କଲ୍ୟାଣ ବିଭାଗ ଡିଜିଏମ୍ ହୀରାଲାଲ ମହାପାତ୍ର, ଏମ୍‌ଏମ୍ ପର୍ଚେଜ ବିଭାଗ ଡିଜିଏମ୍ ପି.କେ. ମହାପାତ୍ର, ଅର୍ଥ ବିଭାଗ ଏଜିଏମ ଅଜୟ ଅଗ୍ରୱାଲ, ପ୍ରକଳ୍ପ ବିଭାଗ ଡିଜିଏମ ଅମରେନ୍ଦ୍ର ମିଶ୍ର ଓ ମେଡିକାଲ ବିଭାଗ ସିନିୟର ଡେପୁଟି ଡାଇରେକ୍ଟର ଅନୀତା ମହାନ୍ତି।



ଆର୍‌ଏସ୍‌ପି ସିଇଓ ଅଶ୍ୱିନୀ କୁମାର ଜଣେ ମହିଳା ଅଧିକାରୀଙ୍କୁ ଜବାହର ପୁରସ୍କାର ପ୍ରଦାନ କରୁଛନ୍ତି।



କୌଣସି ଲୋକ ଦୀର୍ଘକାଳ ଧରି କ୍ଷମତାର ଅପବ୍ୟବହାର କରିପାରେ ନାହିଁ କି ପାରିବ ନାହିଁ।
- ସେନେକା



**ସଂକ୍ଷେପରେ**

## ପ୍ରେମରେ ବିଫଳ ଯୁବକଙ୍କ ଆତ୍ମହତ୍ୟା

**ରାଜଗାଙ୍ଗପୁର, ୩୦।୧ (ଡି.ଏନ.ଏ):** ରାଜଗାଙ୍ଗପୁର ଥାନା ଅଧିନ ସୋନାଖଣ୍ଡି ଫକରୁପଡାର ବିଜୟ ଲାକଡା (୨୨) ନାମକ ଜଣେ ଯୁବକ ପ୍ରେମରେ ବିଫଳ ହୋଇ ମଙ୍ଗଳବାର ରାତିରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ ପକ୍ଷରୁ ଜାଣିବାକୁ ମିଳିଛି। ବିଜୟ ନିଜ ଗ୍ରାମର ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ବିଜୟ ଉକ୍ତ ଯୁବତୀଙ୍କୁ ବିବାହ କରିବା ପାଇଁ ଚାହୁଁଥିଲେ। କିନ୍ତୁ ବିଜୟ ଏଥିରେ ସଫଳ ହୋଇ ନ ଥିଲେ। ସେ କିଛି ଦିନ ନୀରବ ରହିବାପରେ ମଙ୍ଗଳବାର ରାତିରେ ଫାଶିଲଗାଇ ଆତ୍ମହତ୍ୟା କରିଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ଘର ଲୋକେ ରାଜଗାଙ୍ଗପୁର ପୋଲିସକୁ ଖବର ଦେଇଥିଲେ। ଖବର ପାଇ ରାଜଗାଙ୍ଗପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କ ମୃତଦେହ ଜବତ ସହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତରିତ କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ତିନି ଡକାୟତ ଗିରଫ: ବାଇକ୍, ମୋବାଇଲ ସହ ଟଙ୍କା ଜବତ

**ଲହୁଣୀପଡା, ୩୦।୧ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ଗୁରୁଣ୍ଡିଆ- କୁଲୁଙ୍ଗା ରାସ୍ତାରେ ବିଳମ୍ବିତ ରାତିରେ ହେଉଥିବା ଡକାୟତି ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଟଙ୍କା, ସୁନାଗହଣା, ମୋବାଇଲ ଫୋନ, ଗାଡି ଲୁଟିନେବା ଭଳି ଘଟଣା ଘଟାଇ ଆତଙ୍କ ଖେଳାଇଥିବା ଡକାୟତ ଦଳର ତିନି ଜଣଙ୍କୁ ବୁଧବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରାଉରକେଲା ପ୍ଲାଣ୍ଟ ସାଇଟ୍ ଥାନା ଅନ୍ତର୍ଗତ ମଧୁସୂଦନ ପାଲିର ଟିଙ୍କୁ ସାହୁ (୧୯), କୁତ୍ରା ଥାନା ଅନ୍ତର୍ଗତ ବିଲିଙ୍ଗାଟୋଲିର ମାନିଲ ରୋହିଦାସ (୨୦), କୁଣ୍ଡେଇମୁଣ୍ଡାର ସାନନ୍ଦା ସାହୁ (୧୯)। ସେମାନଙ୍କ ପାଖରୁ ଏକ ନକଲି ନମ୍ବର ଥିବା ବାଇକ, ଚାରି ମୋବାଇଲ ଫୋନ ଏବଂ ନଗଦ ୬ହଜାର ଟଙ୍କା ପୋଲିସ ଜବତ କରିଛି। ଗୁରୁଣ୍ଡିଆ କୁଲୁଙ୍ଗା ରାସ୍ତା ଜଙ୍ଗଲରେ ପରିପୂର୍ଣ୍ଣ ଥିବାରୁ ସନ୍ଧ୍ୟା ହେଲେ ରାସ୍ତା ଜନଶୂନ୍ୟ ହୋଇଯାଏ। ତାମଡା ଅଞ୍ଚଳରେ ଡକାୟତି କରିବା ପାଇଁ ଡକାୟତମାନେ ସୁରକ୍ଷିତ ଅଞ୍ଚଳ ଭାବେ ଭାବିଥାନ୍ତି । ତାମଡା ଅଞ୍ଚଳ ଗୁରୁଣ୍ଡିଆ ଥାନା ଠାରୁ ନିକଟ ହୋଇଥିଲେ ମଧ ଏହା ଗୁରୁଣ୍ଡିଆ ପରିବର୍ତ୍ତେ ଚାନ୍ଦିପୋଷ ଥାନା ଅଧିନରେ ରହିଛି। ଯାହାକି ଥାନାଠାରୁ ଅନେକ ଦୂର ହୋଇଥାଏ। ତେଣୁ ପୋଲିସର ଭୟ ନ ଥିବାରୁ ଡକାୟତମାନେ ବିନା ଭୟରେ କ୍ରମାନ୍ୱୟରେ ଡକାୟତି କରି ଖସି ପଳାଇଥାନ୍ତି। ଏହି ଡକାୟତମାନେ ଗର୍ଭବତୀ, ରୋଗୀଙ୍କୁ ମଧ ଛାଡି ନାହାନ୍ତି। ଡକାୟତମାନେ ସୁନ୍ଦରଗଡ ଡିପିସି ଗାଡିକୁ ମଧ ଛାଡି ନାହାନ୍ତି। ଏହି ଡକାୟତମାନେ ରାତି ପ୍ରାୟ ୮ଟା ପରେ ରାସ୍ତା ମଝିରେ ଗଛ ପକାଇ ଡକାୟତି କରନ୍ତି। ଗଛ ପଡିଥିବାରୁ ଗାଡି ଅଟକି ଗଲେ ଜଙ୍ଗଲ ଭିତରେ ଲୁଚି ରହିଥିବା ଡକାୟତମାନେ ବନ୍ଧୁକ ଦେଖାଇ ଭୟଭୀତ କରାଇ ଲୋକମାନଙ୍କୁ ଜଙ୍ଗଲ ଭିତରକୁ ଟାଣି ନେଇ ମାରଧର କରିବା ସହିତ ସବୁ ଲୁଟି ନେଇଥାନ୍ତି। ଏହି ଡକାୟତ ଦଳରେ ଅନେକ ସମ୍ପୃକ୍ତ ଥିଲେ ମଧ ସେମାନେ ଫେରାର୍ ହୋଇଯାଇଛନ୍ତି। ସେମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଏଏସପି ମହେନ୍ଦ୍ର କୁମାର ପଟେଲ ଓ ଚାନ୍ଦିପୋଷ ଥାନା ଅଧିକାରୀ ଇସମାଇଲ ଏକ୍କା ସୂଚନା ଦେଇଛନ୍ତି।

ବ୍ରାହ୍ମଣୀ ସେତୁ ଜମି ଅଧିଗ୍ରହଣ ନୀତିରେ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତି ପ୍ରତିବାଦ

# ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ

**ରାଉରକେଲା ଅଫିସ/ସୁନ୍ଦରଗଡ, ୩୦।୧ (ଡି.ଏନ.ଏ)**

ବ୍ରାହ୍ମଣୀ ନଦୀରେ ଦ୍ୱିତୀୟ ସେତୁ ଲାଗି ଜମି ଅଧିଗ୍ରହଣ ନୀତିରେ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତିର ପ୍ରତିବାଦ କରାଯାଇଛି। ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଏନେଇ ସୁନ୍ଦରଗଡ଼ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବୁଧବାର ବିକ୍ଷୋଭ କରାଯାଇଛି। ଭାଜପା ଯୁବମୋର୍ଚ୍ଚା ପାନପୋଷ ସାଙ୍ଗଠନିକ ଜିଲାର ସଭାପତି ଅନୁପ ବର୍ମାଙ୍କ ନେତୃତ୍ୱରେ ଦୀର୍ଘ ୪ଦିନ ଧରି ରାଉରକେଲାରୁ ଚାଲିଚାଲି ତ୍ରିରଙ୍ଗା ଯାତ୍ରା ନାମରେ ଆସି ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ସହ ଜିଲାପାଳଙ୍କୁ ସାକ୍ଷାତ କରିଥିଲେ। ଏକ ଦାବିପତ୍ର ମଧ ପ୍ରଦାନ କରିଥିଲେ । ଏବେ ପ୍ରଧାନମନ୍ତ୍ରୀ ତାଙ୍କ ପ୍ରତିଶ୍ରୁତି ରକ୍ଷା କରି ଜାତୀୟ ରାଜପଥ ପ୍ରାଧିକରଣ ଟେଣ୍ଡର ପ୍ରକ୍ରିୟା ସରିଥିବା ବେଳେ ରାଜ୍ୟ ସରକାର ଜିଲା ପ୍ରଶାସନ ଉପରେ ରାଜନୈତିକ ଚାପ ପକାଇ ୨ୟ ବ୍ରାହ୍ମଣ ସେତୁ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ବିଳମ୍ବିତ କରିଛନ୍ତି। ଏଣୁ ଆଗାମୀ ୭ଦିନ ମଧରେ ଏହାର ସମାଧାନ ନ ହେଲେ ଯୁବମୋର୍ଚ୍ଚା ଆଇନକୁ ହାତକୁ ନେବାକୁ ବାଧ ହେବ ବୋଲି ସଭାପତି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଜିଲାପାଳ ଏହି ଦାବି ଉପରେ ତ୍ୱରିତ ପଦକ୍ଷେପ ନେବା ପାଇଁ ଆଶ୍ୱସନା ମଧ ଦେଇଥିଲେ। ଏହି ଯୁବ ମୋର୍ଚ୍ଚା କର୍ମୀଙ୍କୁ ସୁନ୍ଦରଗଡ ଜିଲା ଭାଜପା ତରଫରୁ ବାଇପାସଠାରେ ସ୍ୱାଗତ କରାଯାଇଥିଲା। ଏଥିରେ ଭାଜପା ସଭାପତି ବଟକିଶୋର ମିଶ୍ର, ଭବାନୀ ଭୋଇ, ସୁଖଲାଲ ମୁଣ୍ଡା, ହିମାଂଶୁ ଶେଖର ଷଡଙ୍ଗୀ, ଯୁବମୋର୍ଚ୍ଚାର ଅମୀୟ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ସାହୁ, ଆଶିଷ ପଟେଲ, ଶ୍ରୀକାନ୍ତ ଭଞ୍ଜ ପ୍ରମୁଖ ସାମିଲ ଥିଲେ। ଏହି ୨ୟ ବ୍ରାହ୍ମଣୀ ସେତୁ କାମରେ ତାଙ୍କର ପୂର୍ଣ୍ଣ ସମର୍ଥନ ଅଛି ବୋଲି ଭାଜପା ସଭାପତି ଦୃଢ଼ୋକ୍ତିର ସହ କହିଥିଲେ।




ତ୍ରିରଙ୍ଗା ଯାତ୍ରାରେ ସାମିଲ ଭାଜପା କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସିଛନ୍ତି।

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର
- ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ତ୍ରିରଙ୍ଗା ଯାତ୍ରା

ବିଶ୍ୱ କଲ୍ୟାଣ ନିମିତ୍ତ ବିଶ୍ୱଶାନ୍ତି ଯଜ୍ଞ

# ସାମିଲ ହେଲେ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ

**ହେମଗିର, ୩୦।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲାର ପ୍ରାୟ ୬୦ କି.ମି ପଶ୍ଚିମରେ ଅବସ୍ଥିତ ଟପରିଆ ଓ ଚନ୍ଦରପୁର ଗ୍ରାମ ସୀମାନ୍ତରେ ବିଶ୍ୱଶାନ୍ତି ଯଜ୍ଞ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ହୋଇଯାଇଛି। ଯଜ୍ଞର ମୁଖ୍ୟ ପୁରୋଧା ଭାବେ ଅଲେଖ ପ୍ରଭୁଙ୍କ ମହିମା ଧର୍ମାବଲମ୍ବି ସାଧୁମାନେ ଯଜ୍ଞ କାର୍ଯ୍ୟ କରିଥାନ୍ତି। ଏବର୍ଷର ଯଜ୍ଞ ଅବସରରେ ବକଳଧାରୀ ବ୍ରହ୍ମାଧୁତ ବାବା ବୀରେନ୍ଦ୍ର କୁମାର ଓ ବ୍ରହ୍ମାଧୁତ ବାବା ତୁଳାରାମ ଯଜ୍ଞର ମୁଖ୍ୟ ପୁରୋଧା ଭାବେ ଯୋଗଦେଇ ଯଜ୍ଞ ଭାର ସମ୍ଭାଳିଥିଲେ। ଏହା ବ୍ୟତୀତ ବାବା ଦାରୁକ ଦାସ, ଭଗବାନ ଦାସ, ବାଦଲ ଦାସ ପ୍ରମୁଖ ମଧ ଯୋଗଦେଇଥିଲେ। ଯଜ୍ଞଟି ଗତ ୨୭ରେ ଆରମ୍ଭ ହୋଇ ୨୯ରେ ପୂର୍ଣ୍ଣାହୁତୀ ପଡିଥିଲା। ପ୍ରଥମ ଦିନରେ ହଜାର ହଜାର ଶ୍ରଦ୍ଧାଳୁ ଗହଣରେ ୫୦୧ ପୂର୍ଣ୍ଣାହୁତି କଳସ ଆଣି ବ୍ରହ୍ମଧ୍ୱନୀ ସ୍ଥାପନ କରାଯାଇଥିଲା। ତିନି ଦିନ ଧରି ହୋମଯଜ୍ଞ, ବାଳକ ଭୋଜନ, ନାମ କୀର୍ତ୍ତନ୍ୟ, ଭଜନ, ପ୍ରବଚନ, ପାଲା, ସଞ୍ଚାର ଭଳି ମନୋରଞ୍ଜନ କାର୍ଯ୍ୟକ୍ରମ ଦିବା ରାତ୍ର ଅହରହ ଚାଲିଥିଲା। ଏହି ଅବସରରେ ଉଭୟ ରାଜ୍ୟର ମାନ୍ୟଗନ୍ୟ ବ୍ୟକ୍ତି ମଧ ଯୋଗଦେଇଥିଲେ। ସୁନ୍ଦରଗଡ ଜିଲା ସଦରର ପୂର୍ବତନ ବିଧାୟକ ଯୋଗେଶ ସିଂ, ଜିଲା କୃଷକ ମୋର୍ଚ୍ଚା ସଭାପତି ଗୋପାଳ ଚନ୍ଦ୍ର ପଧାନ, ଛତିଶଗଡର ପୂର୍ବତନ ମନ୍ତ୍ରୀ ସତ୍ୟାନନ୍ଦ ରାଠିଆ, ପୂର୍ବତନ ବିଧାୟକ ରୋଶନ ଅଗ୍ରୱାଲ, ବିନାୟକ ପଟ୍ଟନାୟକ, ଗୀତାଞ୍ଜଳି ପଟ୍ଟନାୟକ ଉପସ୍ଥିତ ଥିଲେ। ବ୍ରହ୍ମଯଜ୍ଞକୁ କମିଟିର ସଭାପତି ବିଜୟଶଙ୍କର ପଟ୍ଟନାୟକ, ଉପସଭାପତି ଦୌଲତ କୁମାର ସା, ସମ୍ପାଦକ ଦେଓନାରାୟଣ ସା, ମହତାବ ସିଂ ବରିହା, କୋଷାଧ୍ୟକ୍ଷ ମୂରଲୀଧର ପଧାନ, ଲଳିତ ଗୁପ୍ତା, ଜଗମୋହନ ପଧାନ, ବାବୁଲାଲ ଗୁପ୍ତା, ନୃପମଣି ମାଝି, ଯୁଧିଷ୍ଠିର ବାରିକ, ଠାକୁର ଗୁପ୍ତା ତଥା ଅନ୍ୟାନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ। ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା।

# ହରିହର ହାଇସ୍କୁଲର ବାର୍ଷିକ ଉତ୍ସବ

**କୁଆଁରମୁଣ୍ଡା,୩୦।୧ (ଡି.ଏନ.ଏ.)**

କୁଆଁରମୁଣ୍ଡା ଅଞ୍ଚଳର ସର୍ବପୁରାତନ ହରିହର ହାଇସ୍କୁଲର ୭୧ତମ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କୁଆଁରମୁଣ୍ଡା ତହସିଲଦାର ସୁଶ୍ରୀ ଚାନ୍ଦନୀ ଯୋଗଦେଇ ଛାତ୍ରୀଛାତ୍ର ହେଉଛନ୍ତି ଦେଶର ଭବିଷ୍ୟତ। ଦେଶର ଭବିଷ୍ୟତକୁ ଗଢୁଥିବା ଶିକ୍ଷୟିତ୍ରୀ/ଶିକ୍ଷକମାନେ ସେମାନଙ୍କର ତ୍ୟାଗ ମନୋଭାବ ନେଇ ଶିକ୍ଷାଦାନ କଲେ ନିଶ୍ଚିତଭାବେ ଶିକ୍ଷାଦାନ ଫଳପ୍ରଦ ହେବା ସହ ଶୃଙ୍ଖଳିତ ସମାଜ ଗଠନ ମଧ୍ୟ ସମ୍ଭବ ହୋଇପାରିବ କହିଥିଲେ। ଏଥିରେ କୁଆଁରମୁଣ୍ଡା ବ୍ଲକ ସହକାରୀ ଶିକ୍ଷାଧିକାରୀ ଗୁରୁଚରଣ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥିଭାବେ କୁଆଁରମୁଣ୍ଡା ଏବିଇଓ ତଥା ବିଆରସିସି ମୋହନ କୁମାର, କୁଆଁରମୁଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନୋରମା ସାମୁଏଲ, ଏସବିଆଇ କୁଆଁରମୁଣ୍ଡା ଶାଖା ପରିଚାଳକ ପ୍ରୀତମୋହନ ଭଞ୍ଜ, ସ୍ଥାନୀୟ ସରପଞ୍ଚ ସୁଷମାକାନ୍ତି କିଣ୍ଡୋ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ହରିହର ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ତନୁଜା ନନ୍ଦିନୀ ତନ୍ତୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷୟିତ୍ରୀ କରୁଣାମୟୀ ଧନୱାର। ଶେଷରେ ହାଇସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା କ୍ଷୁଦ୍ର ନାଟକ 'ଆଜିର ଭଗବାନ' ବେଶ୍ ଚିତାକର୍ଷକ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ବ୍ଲକ ଶିକ୍ଷାଧିକାରୀ ସଦାନନ୍ଦ ପଧାନ ଅଧ୍ୟକ୍ଷତା କରିଥିଲେ। ସଭା ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ ବରିଷ୍ଠ ଶିକ୍ଷକ କଂଗ୍ରେସ ନାଏକ। ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ମିତା ସରିତା ଜଗଦେବ,ଶିକ୍ଷକ ଭବାନୀଶଙ୍କର କାଲୋ ଓ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁରୂପେ ସଞ୍ଚାଳନ କରିଥିଲେ।



ହରିହର ହାଇସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ମଦମୁକ୍ତ ସମାଜ ଦାବିରେ ଗଣଧାରଣା

**ସୁନ୍ଦରଗଡ଼, ୩୦।୧ (ଡି.ଏନ୍.ଏ)**

ଓଡିଶା ମଦମୁକ୍ତି ଅଭିଯାନ ସୁନ୍ଦରଗଡ ଶାଖା ତରଫରୁ ବୁଧବାର ଗାନ୍ଧୀଜୀଙ୍କ ତିରୋଧାନ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଜିଲା ସଦର ମହକୁମା ଡିଆରଡିଏ ଛକଠାରେ ଶ୍ରାଦ୍ଧ ଦିବସ ପାଳନ ସହ ଏକ ହିଂସାମୁକ୍ତ, ମଦମୁକ୍ତ ସମାଜର ଦାବି ରଖି ଗଣଧାରଣା ଦିଆଯାଇଥିଲା। ପ୍ରାରମ୍ଭରେ ମହାତ୍ମାଗାନ୍ଧୀ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ରାଜ୍ୟ ଆବାହିକା ପ୍ରମିଳା ସ୍ୱାଇଁ ଏବଂ ଜିଲା ଆବାହିକା ସମୀମା ବେଗମଙ୍କ ନେତୃତ୍ୱରେ ଏହି ଗଣଧାରଣା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ ମହିଳା, ପୁରୁଷ ସମ୍ମିଳିତ ହୋଇ ସମ୍ପୂର୍ଣ୍ଣ ଭାବରେ ମଦ ପ୍ରଚଳନର ଉଚ୍ଛେଦ ସହ ଗାଁ ଗହଳିରେ ମଦ ବିରୋଧୀ ଆନ୍ଦୋଳନ ସହ ସଂଶ୍ଲିଷ୍ଟ ଥିବା ମହିଳାଙ୍କ ନାମରେ ଦାୟର ହୋଇଥିବା ମିଥ୍ୟା ମାମଲାଗୁଡିକ ପ୍ରତ୍ୟାହାର ପାଇଁ ଦାବି କରାଯାଇଥିଲା। ମଦର ବ୍ୟାପକ ପ୍ରସାର ହେତୁ ସମସ୍ତ ପ୍ରକାର ହିଂସା ସଙ୍ଗଠିତ ହେବା ସହ ଦିନକୁ ଦିନ ମହିଳା ନିର୍ଯାତନା, ଦୁର୍ଘଟଣା ହାର ବୃଦ୍ଧି ପାଉଛି। ସର୍ବୋପରି ସମାଜର ଗତି ବିନାଶ ଆଡକୁ ଟାଣି ହୋଇଯାଉଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ରାଜ୍ୟବାସୀଙ୍କ ବ୍ୟାପକ ସ୍ୱାର୍ଥଦୃଷ୍ଟିରୁ ଗାନ୍ଧୀଜୀଙ୍କ ୧୫୦ବର୍ଷ ପୂର୍ତ୍ତି ପାଳନ ଅବସରରେ ସମସ୍ତ ପ୍ରକାର ନିଶାଦ୍ରବ୍ୟର ଉଚ୍ଛେଦକୁ କଡାକଡି କରାଯିବା ସହିତ ସମାଜରେ ଏକ ଶାନ୍ତିପୂର୍ଣ୍ଣ ତଥା ହିଂସାମୁକ୍ତ ସହାବସ୍ଥାନକୁ ସ୍ୱାଗତ କରାଯାଉ ବୋଲି ଏଥିରେ ଯୋଗଦେଇଥିବା ନାରୀ ନେତ୍ରୀ ଅମ୍ରିତା କିଷାନ, ତପସ୍ୱିନୀ ନାଏକ, ଗାନ୍ଧୀବାଦୀ ଯୁବକ ସଂଘ ଜରଙ୍ଗଲୋଇର ଫୁଲମତୀ ନାଏକ, ତୁଲେଶ୍ୱରୀ ନାଏକ, ପଦ୍ମା ବେହେରା, ଲିଲିମା ପଟେଲ, ହୁମେଇ ବିମଳା ଟିଗା, ସରୋଜିନୀ ଲାଇଙ୍ଗ, ବୈଦେହୀ ଚିତା, ଗୌରୀ ପଟେଲ, ବରିଷ୍ଠ ଆଇନଜୀବୀ ଅଶୋକ ଦାଶ, ରାଜେନ୍ଦ୍ର ନାଏକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।




ହିଂସାମୁକ୍ତ, ମଦମୁକ୍ତ ସମାଜର ଦାବିରେ ସୁନ୍ଦରଗଡ଼ରେ ଗଣଧାରଣା ଦିଆଯାଇଛି।

## ନୂଆଗାଁ ପଞ୍ଚାୟତ ସମିତି ବୈଠକ: ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ଉପରେ ଆଲୋଚନା

**ନୂଆଗାଁ, ୩୦।୧ (ଡି.ଏନ.ଏ)**

ନୂଆଗାଁ ବ୍ଲକର ୭ମ ପଞ୍ଚାୟତ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ମଖଲୁ ଏକ୍କାଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବୈଠକରେ ବିଡ଼ିଓ ତୃପ୍ତି ବରାଇ, ଜିଲା ପରିଷଦ ଅଧକ୍ଷା ଏମ୍ମା ଏକ୍କା, ବ୍ଲକ ଉପାଧକ୍ଷା ସାବିତ୍ରୀ ଟୁଟି ଉପସ୍ଥିତ ଥିଲେ। ବୈଠକ ପୂର୍ବରୁ ଜିପିଓ ଦାୟୀତ୍ୱରେ ଥିବା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ସିହ୍ନା ପୂର୍ବ ସମିତି ବୈଠକରେ ବିବରଣୀ ପାଠ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ କାଳିଆ ଯୋଜନାକୁ ନେଇ ବ୍ଲକ ସହ କୃଷି ଅଧିକାରୀ ପୃଥିରାଜ ମଣ୍ଡଳ ବିସ୍ତୃତ ଭାବେ ତଥ୍ୟ ଉପସ୍ଥାପନା କରିଥିଲେ। ପରେ ଶିକ୍ଷା ସମ୍ପର୍କିତ ଆଲୋଚନା ସମୟରେ ସାଂସଦ ପ୍ରତିନିଧି ପରିକ୍ଷିତ ସାହୁଙ୍କ ପ୍ରଶ୍ନଥିଲା ନିକଟରେ କାର୍କାଟା ସ୍କୁଲରେ ଜନୈକ ଛାତ୍ରୀଙ୍କୁ ଏହି ସ୍କୁଲର ଜନୈକ ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଗଲା । ହେଲେ ସେଠିକାର ପ୍ରଧାନଶିକ୍ଷୟିତ୍ରୀଙ୍କୁ ମଧ ତୁରନ୍ତ ଅନ୍ୟତ୍ର ବଦଳି କରାଯିବାକୁ ସାହୁ ଦାବି କରିଛନ୍ତି। ସେଠାରୁ ପ୍ରଧାନଶିକ୍ଷୟତ୍ରୀଙ୍କୁ ବଦଳି କରାଯିବାକୁ ସର୍ବସମ୍ମତିକ୍ରମେ ରିଜ୍ୟୁଲେସନ କରାଯାଇଥିବା ଜଣାପଡିଛି। ସେହିଭଳି ହରିଶ୍ଚନ୍ଦ୍ର ଯୋଜନାରେ ମୃତକ ପରିବାରଙ୍କୁ ଟଙ୍କା ମିଳୁ ନ ଥିବା ବେଳେ ଏହା ଉପରେ ଦୃଷ୍ଟି ଦେବାକୁ ଦାବି ହୋଇଥିଲା ।ସାଧାରଣ ବଣ୍ଟନ ଶିଶୁ କଲ୍ୟାଣ ଯୋଜନା ଭଳି ଅନେକ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ହାତୀବାରୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୌଣସି ଅଧିକାରୀ ବୈଠକକୁ ଆସି ନ ଥିବାରୁ ଉଦବେଗ ପ୍ରକାଶ ପାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧରେ ନୂଆଗାଁ ସମିତି ସଭ୍ୟ ଗଜେନ୍ଦ୍ର ସାହୁ, ସରପଞ୍ଚ ଜନକାଣ୍ଡି ସରପଞ୍ଚ ବିନୋଦ ଦେହୁରୀ, ବ୍ଲକ ଆକାଉଣ୍ଟେଣ୍ଟ ପିଙ୍କି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ମୁକ୍ତ ଆକାଶ ବ୍ୟାୟାମଶାଳା ଉଦ୍‌ଘାଟିତ

**ଲହୁଣୀପଡା, ୩୦।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ପଡିଆଠାରେ ନବନିର୍ମିତ ମୁକ୍ତ ଆକାଶ ବ୍ୟାୟାମଶାଳା ମଙ୍ଗଳବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଏହାକୁବଣେଇ ଉପଜିଲାପାଳ ଡ. ୟେଦୁଲା ବିଜୟ, ବିଡିଓ ଧାନାଇଚରଣ ଟୁଡୁ, ସରପଞ୍ଚ ଜୁଲିଆନି କାଣ୍ଡିର ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ମୁକ୍ତ ଆକାଶ ବ୍ୟାୟାମଶାଳା ଦ୍ୱାରା ସର୍ବସାଧାରଣ ଉପକୃତ ହୋଇପାରିବେ। ବର୍ତ୍ତମାନ ସମୟରେ ସମସ୍ତଙ୍କୁ ବ୍ୟାୟାମ ଆବଶ୍ୟକତା ହୋଇପଡିଛି। ତେଣୁ ବ୍ୟାୟାମ କରି ସୁସ୍ଥ ହୋଇପାରିବେ। ଏହାକୁ ବିନା ଶୁଳ୍କରେ ସର୍ବସାଧାରଣ ବ୍ୟବହାର କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ସ୍ୱାଇଁ, ସୁଦର୍ଶନ ହାଁସଦା, ବରିଷ୍ଠ କିରାଣି କେଶବ ଚନ୍ଦ୍ର ଜେନା, ଜିପିଓ ସାରିଆ ଲାକ୍ରା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଭୋଳେଶ୍ୱର ପ୍ରଧାନ, ସସ୍ମିତା ସ୍ୱାଇଁଙ୍କ ସମେତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।



ମୁକ୍ତ ଆକାଶ ବ୍ୟାୟାମଶାଳା ଉଦ୍‌ଘାଟନ ଅବସରରେ ଉପଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ।

ବଡ଼ଗାଁ ଥାନାରେ ଆମ ପୋଲିସ କାର୍ଯ୍ୟକ୍ରମ

# ନିଜ କର୍ମଚାରୀଙ୍କୁ ଦୋଷ ଦେଲେ ଆଇଆଇସି

**ବଡଗାଁ, ୩୦।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ଥାନାରେ ସୋମବାର ସନ୍ଧ୍ୟାରେ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଇଆଇସି ସୂର୍ଯ୍ୟକାନ୍ତି ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପୋଲିସ ବିରୋଧରେ ଅଭିଯୋଗ ଉଠିଥିଲା। ଆଇଆଇସି ନିଜ କର୍ମଚାରୀଙ୍କୁ ଦୋଷ ଦେଇଥିଲେ। ବଡଗାଁ ଅଞ୍ଚଳରେ ଅବାଧ ମଦ ବିକ୍ରିକୁ ପୋଲିସ ଓ ଅବକାରୀ ନିୟନ୍ତ୍ରଣ କରିପାରି ନ ଥିବା, ବଡଗାଁର କେତେକ ହୋଟେଲ ଓ ରାସ୍ତା ଉପରେ କାର, ବାଇକ, ଟ୍ରକ ରଖାଯାଉଥିବାରୁ ଦୁର୍ଘଟଣା ହେଉଥିବା, ରାସ୍ତାର ଧଳା ଗାର ପାର୍ଶ୍ୱରେ ଗାଡି ରଖିବା ଦିଗରେ ପୋଲିସ ଦୃଷ୍ଟି ଦେବାକୁ କୁହାଯାଇଥିଲା। ରାଜ୍ୟ ବାହାରୁ ଆସି ବଡ଼ଗାଁ ଓ ଆଖପାଖ ଗାଁରେ ଭଡାରେ ରହୁଥିବା ଲୋକଙ୍କ ପରିଚୟପତ୍ର, ଆଧାର ଇତ୍ୟାଦି ଥାନା ଏବଂ ପଞ୍ଚାୟତରେ ରଖିବା ବ୍ୟବସ୍ଥା କରିବାକୁ କୁହାଯାଇଥିଲା। ଅଞ୍ଚଳରେ ଚଳିତବର୍ଷ ଗାଁଗୁଡିକର ରାସଯାତ୍ରାରେ ଜୁଆ ଖେଳିବାକୁ ଦିଆଯିବା ଓ ବାଇବାଇ ଗାଁରେ କୁକୁଡା ଲଢ଼େଇ ସହ ଜୁଆ ପୁଣି ୨ବର୍ଷ ପରେ ଆରମ୍ଭ ହୋଇଥିବାରୁ ଏଥିରେ ପୋଲିସ କାହିଁକି ନିରବଦ୍ରଷ୍ଟା ସାଜିଛି ପ୍ରଶ୍ନ ଉଠିଥିଲା। ଆଇଆଇସି ଦାସ, ପ୍ରଥମେ ଗାଁ ଲୋକେ ପାଣ୍ଠି ପାଇଁ ଜୁଆ କରାଉଥିବା ଓ ଏହା ପରମ୍ପରା ହୋଇଯାଇଥିବା କହି ହାଲୁକା ଭାବେ ନେବାରୁ ଲୋକଙ୍କ ଦାବି ଅନୁସାରେ କଣ ଅପରାଧକୁ ଭିନ୍ନ ରୂପରେ ଦେଖାଯାଇପାରିବ, କୁତ୍ସିତ କର୍ମକୁ କଣ ପରମ୍ପରା କରାଯାଇପାରିବ ପ୍ରଶ୍ନ ହୋଇଥିଲା। ସେଭଳି ହେବା କଥା ନୁହେଁ, କହିବା ସହ ଆମେ ଚଢ଼ାଉ ପାଇଁ ଚେଷ୍ଟା କରିଛୁ, କିନ୍ତୁ ଥାନାର କେହି କର୍ମଚାରୀ ଜୁଆଡିଙ୍କୁ ଫୋନରେ ପୂର୍ବରୁ ସୂଚନା ଦେଉଥିବା କହିଥିଲେ। ଏହା ଉପସ୍ଥିତ ବ୍ୟକ୍ତିଙ୍କୁ ଚକିତ କରିଥିଲା। ଜରଙ୍ଗଲୋଇ ଗ୍ରାମରେ ସେଣ୍ଟ୍ରାଲ ମଡେଲ ସ୍କୁଲରେ ନିଯୁକ୍ତି ଓ ଟ୍ରେନିଂ କରାଇଦେବାକୁ କହି ଏବଂ ଜିଲାରେ ୧୦ଟି ସ୍କୁଲ ଖୋଲି ୧୧୦ଜଣ ବେକାର ଯୁବତୀଯୁବକଙ୍କ ଠାରୁ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଠକିନେବା ଘଟଣାରେ ପୋଲିସ କେସ ନ କରି ଅପରାଧି ଓ ତାଙ୍କୁ ସହଯୋଗ କରିଥିବା ବ୍ୟକ୍ତିଙ୍କୁ ଘଣ୍ଟ ଘୋଡାଇଥିବା ବେଳେ ଅଭିଯୋଗକାରୀଙ୍କୁ ଥାନାରେ ଅପରାଧିଙ୍କ ଭଳି ଚପଲ ଓ ମୋବାଇଲ ବାହାରେ ରଖି ଥାନାରେ ପଶିବାକୁ ଦେବା ଘଟଣା ଉପରେ ଅଭିଯୋଗ ହୋଇଥିଲା। ଏହିପରି ଆଉ କେତେକ ଅଭିଯୋଗ ଲୋକେ ଉପସ୍ଥାପନ କରିଥିଲେ। ତେବେ ଠକାମୀର ଶିକାର ଯୁବତୀ ଯୁବକମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ, ଡିଆଇଜି, ଏସ୍‌ପି ଏବଂ ଥାନାରେ ଜଣାଇବା ସହ ବିଭାଗୀୟ ଅଧିକାରୀଙ୍କଠାରେ ଲିଖିତ ଜଣାଇଥିଲେ ସୁଦ୍ଧା ମାମଲା ରୁଜୁ କରାଯାଇ ନ ଥିବାରୁ ନବୀନ ସରକାର ଚିଟଫଣ୍ଡ ଠକେଇ ଭଳି ଏହି ଘଟଣାରେ ମଧ ଠକଙ୍କୁ ପ୍ରୋତ୍ସାହିତ କଲାଭଳି ନିରବଦ୍ରଷ୍ଟା ସାଜିଥିବାରୁ ଏହା ନିର୍ବାଚନ ସମୟରେ ନବୀନ ସରକାରଙ୍କୁ ଦାୟୀ କରାଯିବ ବୋଲି ସୂତ୍ରରୁ ସୂଚନା ମିଳିଛି।



ଆମ ପୋଲିସ କାର୍ଯ୍ୟକ୍ରମରେ ଉପସ୍ଥିତ ସଚେତନ ନାଗରିକ ଓ ପୋଲିସ କର୍ମଚାରୀ।